ISSN-0971-8400

# ଯୋଜନା

ଫେବୃଆରୀ ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ସାଧାରଣ ଅଭିଯୋଗ ନିରାକରଣ

### ସୁଶାସନ ଓ ସାଧାରଣ ଅଭିଯୋଗର ନିରାକରଣ
କେ. ଭି. ଇପେନ୍

### ସାଧାରଣ ଅଭିଯୋଗର ନିରାକରଣ ଓ ଶାସନଗତ ସମସ୍ୟା
ଡଲି ଆରୋଡା

### ଶାସନର କଳା - ଦାୟିତ୍ୱବୋଧ, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା
ଉଦୟ ଏସ୍ ମେହେଟା, ସିଦ୍ଧାର୍ଥ ନାରାୟଣ

**ବିଶେଷ ପ୍ରବନ୍ଧ**
### ନ୍ୟୁଇଣ୍ଡିଆ ପାଇଁ ନୂଆ ଶାସନ ବ୍ୟବସ୍ଥା
ଯୋଗେଶ ସୁରି, ଦେଶଗୌରବ ଶେଖରି

**ଫୋକସ୍**
### ମହିଳାଙ୍କ ପାଇଁ ଅଭିଯୋଗ ଅପନୋଦନ ବ୍ୟବସ୍ଥା
ଭି. ଅମୃତାଭାଲି

**ଭିନ୍ନ କଥା**
### ସ୍ୱଚ୍ଛ ଭାରତ: ଲୋକଙ୍କ ଅଭ୍ୟାସ ପରିବର୍ତ୍ତନରେ ଜନସଞ୍ଚାରର ଭୂମିକା
ପରମେଶ୍ୱରନ୍ ଆୟାର



## ବିକାଶର ନକ୍ସା

# ରେଳବାଇର 'ସ୍ଫୂର୍ତ୍ତି' ଆପ୍

ରେଳବାଇରେ ଟ୍ରେନ୍ ଚଳାଚଳ ଓ ମାଲ ପରିବହନ ବ୍ୟବସ୍ଥାର ସର୍ବାଧିକ ଉପଯୋଗ କରିବା ପାଇଁ ଏକ ଡିଜିଟାଲ ପଦ୍ଧତିର ଉପଯୋଗ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମର ନାମ ରଖାଯାଇଛି ସ୍ଫୂର୍ତ୍ତି ବା ସ୍ମାର୍ଟ ଫ୍ରେଟ୍ ଅପରେସନ ଅପ୍ଟିମାଇଜେସନ ଆଣ୍ଡ୍ ଇନଫରମେସନ ଆପ୍। ଏହି ଆପ୍ ଦ୍ୱାରା ରେଳ ଟ୍ରାଫିକ ଓ ମାଲ ପରିବହନ ତଥା ଟ୍ରେନ୍‌ଗୁଡ଼ିକର ଗତିବିଧିକୁ ଅନୁଧ୍ୟାନ କରିହେବ। ଏଥିରେ ଭୌଗୋଳିକ ସୂଚନା ବ୍ୟବସ୍ଥା (ଜିଆଇଏସ୍) ରହିଛି। ଜିଆଇଏସ୍ ବ୍ୟବସ୍ଥାରେ ଦେଶର ବିଭିନ୍ନ ରେଳଜୋନ୍, ଡିଭିଜନ ଓ ସେକସନ୍‌ରେ ଟ୍ରେନ୍‌ଗୁଡ଼ିକର ଚଳାଚଳକୁ ଠାବ କରିହେବ। କେଉଁ ଡିଭିଜନ ବା ଜୋନ୍‌ରେ ଟ୍ରେନ୍ ସବୁର ସ୍ଥିତି କ'ଣ ଏବଂ ମାଲ ପରିବହନ ବ୍ୟବସ୍ଥା କିଭଳି ହେଉଛି ତାହାକୁ ମଧ୍ୟ ଅନୁଧ୍ୟାନ କରାଯାଇପାରିବ। ଏହାଛଡ଼ା ଯାତ୍ରୀ ଓ ମାଲ ପରିବହନ କ୍ଷେତ୍ରରେ ପ୍ରତ୍ୟେକ ଡିଭିଜନ / ଜୋନର ସଫଳତା ବିଫଳତା ଏବଂ ସାମର୍ଥ୍ୟକୁ ମଧ୍ୟ ଏହି ଆପ୍ ମାଧ୍ୟମରେ ଆକଳନ କରିହେବ। ଅନେକ ସମୟରେ ମାଲ ପରିବହନ କ୍ଷେତ୍ରରେ ରେଳବାଇ ରେକ୍ ଅଭାବର ସମ୍ମୁଖୀନ ହେଉଛି। କେତେକ ସ୍ଥଳେ ରେକ୍‌ଗୁଡ଼ିକର ଉପଯୁକ୍ତ ବିନିଯୋଗ ହେଉନାହିଁ ଓ ଅନେକ ମାଲଗାଡ଼ି ଖାଲି ରେକ୍ ଧରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରୁଛନ୍ତି। ଏସବୁ କଥା ଏହି ଆପ୍ ଜରିଆରେ ଜାଣି ତାହାର ନିରାକରଣ କରିହେବ।

**ଏମ୍‌ପିଲ୍ୟାଡ୍ ପାଣ୍ଠି ଯୋଜନାର ମିଆଦ ବୃଦ୍ଧି**

ସାଂସଦମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମ୍‌ପିଲ୍ୟାଡ୍ ଫଣ୍ଡ) ଯୋଜନାର କାର୍ଯ୍ୟକାଳକୁ ୨୦୨୦ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ନିଷ୍ପତ୍ତି ଅନୁସାରେ ଚତୁର୍ଦ୍ଦଶ ଅର୍ଥକମିଶନଙ୍କ କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ୨୦୨୦ ମାର୍ଚ୍ଚ ୩୧ ଯାଏ ଏହି ଯୋଜନା ଚାଲିବ। ଏହାର ଅର୍ଥ ଦ୍ୱାଦଶ ଯୋଜନା କାଳ ପରେ ମଧ୍ୟ ଏହା କାର୍ଯ୍ୟକାରୀ ହେବ। ଆସନ୍ତା ତିନି ବର୍ଷ ପାଇଁ ଏହି ଯୋଜନାରେ ପ୍ରତ୍ୟେକ ବର୍ଷ ୩୯୫୦ କୋଟି ଟଙ୍କା ହିସାବରେ ମୋଟ ୧୧,୮୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଛଡ଼ା ବିଭିନ୍ନ ମନ୍ତ୍ରଣାଳୟ ପାଇଁ ଏହି ଯୋଜନାରେ ପ୍ରତି ବର୍ଷ ଅତିରିକ୍ତ ୫କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଅର୍ଥ ଏମ୍‌ପିଲ୍ୟାଡ୍ ଫଣ୍ଡ ବିନିଯୋଗର ତଦାରଖ, ଦକ୍ଷତା ନିର୍ମାଣ, ରାଜ୍ୟ ଓ ପ୍ରାଦେଶିକ ଅଧିକାରୀଙ୍କୁ ତାଲିମ ପ୍ରଦାନ ଆଦି କାର୍ଯ୍ୟରେ ବ୍ୟୟ ହେବ।

ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁସାରେ ଏମ୍‌ପିଲ୍ୟାଡ୍ ଫଣ୍ଡର ଅର୍ଥ ପ୍ରତ୍ୟେକ ଜିଲ୍ଲାକୁ ଯୋଗାଇ ଦିଆଯାଇଥାଏ। ସାଂସଦଙ୍କ ସୁପାରିଶକ୍ରମେ ଜିଲ୍ଲା ପ୍ରଶାସନ ଏହି ଅର୍ଥକୁ ପାନୀୟଜଳ, ଶିକ୍ଷା, ଜନସ୍ୱାସ୍ଥ୍ୟ, ପରିଚ୍ଛନ୍ନତା, ରାସ୍ତା ନିର୍ମାଣ ଆଦି କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ଭିତ୍ତିରେ ବ୍ୟୟ କରିଥାନ୍ତି। ସ୍ଥାୟୀ ଓ ଦୃଢ଼ ଭିତ୍ତିଭୂମି ନିର୍ମାଣ / ସମ୍ପତ୍ତି ସୃଷ୍ଟି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହା ଏକ କେନ୍ଦ୍ରୀୟ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ ଓ ୧୯୯୩-୯୪ରୁ କାର୍ଯ୍ୟକାରୀ ହେଉଛି। ଆରମ୍ଭ ଦିନରୁ ୨୦୧୭ ଅଗଷ୍ଟ ସୁଦ୍ଧା ଏହି ଯୋଜନାରେ ସମଗ୍ର ଦେଶରେ ମୋଟ ୧୮ ଲକ୍ଷ ୮୨ ହଜାର ୧୮୦ଟି କାର୍ଯ୍ୟ ପାଇଁ ୪୪ ହଜାର ୯୨୯ କୋଟି ୧୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

**ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ନୀତି ଅଧିକ କୋହଳ**

ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ନୀତିକୁ ଅଧିକ କୋହଳ କରିବାକୁ ଏକ ପ୍ରସ୍ତାବ ଅନୁମୋଦିତ ହୋଇଛି। ଏହାଫଳରେ ଏହି ନୀତିରେ ସଂଶୋଧନ କରାଯାଇ କେତେକ ନୂଆ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶକୁ ଅନୁମୋଦନ ମିଳିଛି। ଭାରତରେ ସୁଗମ ବ୍ୟବସାୟ ବ୍ୟବସ୍ଥା ପ୍ରବର୍ତ୍ତନ ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସଂଶୋଧିତ ଏଫ୍‌ଡିଆଇ ନୀତିର ଅନ୍ୟାନ୍ୟ ବିଶେଷତ୍ୱ ନିମ୍ନରେ ପ୍ରଦାନ କରାଯାଇଛି।

ଏକକ ବ୍ରାଣ୍ଡର ଖୁଚୁରା କାରବାର କ୍ଷେତ୍ରରେ ଶତପ୍ରତିଶତ ଏଫ୍‌ଡିଆଇ ସ୍ୱୟଂକ୍ରିୟ ବ୍ୟବସ୍ଥାରେ ନିବେଶ ହୋଇପାରିବ। ନିର୍ମାଣ ବିକାଶ କ୍ଷେତ୍ରରେ ସ୍ୱୟଂକ୍ରିୟ ପଥରେ ୧୦୦ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଂଜି ଲଗାଣ ହେବ। ବିଦେଶୀ ଉଡ଼ାଣ କମ୍ପାନୀମାନେ ଅନୁମୋଦନ ଭିତ୍ତିରେ ଏୟାର ଇଣ୍ଡିଆରେ ୪୯ ପ୍ରତିଶତ ପୁଂଜିନିବେଶ କରିପାରିବେ। ଏଫ୍‌ଆଇଆଇ/ଫିଏଫ୍‌ଆଇଙ୍କୁ ପ୍ରାଇମେରୀ ମାର୍କେଟ ରାସ୍ତାରେ ପାୱାର ଏକ୍ସଚେଞ୍ଜ ପାଇଁ ପୁଂଜି ନିବେଶର ସୁବିଧା ମିଳିବ। ଚିକିତ୍ସା କ୍ଷେତ୍ରରେ ବ୍ୟବହୃତ ସାମଗ୍ରୀର ସଂଜ୍ଞା ବଦଳାଇ ଏହାର ନିର୍ମାଣ କ୍ଷେତ୍ରରେ ଏଫ୍‌ଡିଆଇ ସୁଯୋଗ ଯୋଗାଇ ଦିଆଯିବ।

ଦେଶର ଆର୍ଥିକ ବିକାଶ ପାଇଁ ଏଫ୍‌ଡିଆଇର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶର ବିକାଶ କ୍ଷେତ୍ରରେ ଏହି ବ୍ୟବସ୍ଥାରେ ଯେଉଁ ଅର୍ଥ ବିନିଯୋଗ ହୁଏ ସେଥିପାଇଁ ସରକାରଙ୍କୁ ଋଣ କରିବାକୁ ପଡ଼େନାହିଁ କିମ୍ବା ତା' ଉପରେ ସୁଧ ଦେବାକୁ ହୁଏନାହିଁ। ସରକାର ଏବେ ପ୍ରତିରକ୍ଷା, ନିର୍ମାଣ ବିକାଶ, ବୀମା, ପେନ୍‌ସନ୍, ଅନ୍ୟାନ୍ୟ ବିତ୍ତୀୟ ସେବା, ଆସେଟ ରିକନ୍‌ଷ୍ଟ୍ରକସନ କମ୍ପାନୀ, ପ୍ରସାରଣ, ବେସାମରିକ ବିମାନ ସେବା, ଔଷଧପତ୍ର ଓ ବ୍ୟବସାୟ ଆଦି କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଂଜି ନିବେଶକୁ ଅନୁମତି ପ୍ରଦାନ କରିଛନ୍ତି।

ସରକାରଙ୍କର ଏସବୁ ସଂସ୍କାରବାଦୀ ନୀତି ଫଳରେ ଦେଶରେ ବିଦେଶୀ ପ୍ରତ୍ୟକ୍ଷ ପୁଂଜିନିବେଶ ପରିମାଣ ବଢ଼ିଛି। ୨୦୧୪-୧୫ ବର୍ଷରେ ଭାରତରେ ମୋଟ ୪୫.୧୫ ବିଲିୟନ (ଏକ ବିଲିୟନ=୧୦୦କୋଟି) ଆମେରିକୀୟ ଡଲାର ମୂଲ୍ୟର ପ୍ରତ୍ୟକ୍ଷ ବିଦେଶୀ ପୁଂଜି ନିବେଶ ହୋଇଥିଲା। ୨୦୧୩-୧୪ବର୍ଷରେ ଏହି ପରିମାଣ ଥିଲା ୩୬.୦୫ ବିଲିୟନ ଡଲାର। ୨୦୧୫-୧୬ରେ ଏହା ୫୫.୪୬ ବିଲିୟନ ଏବଂ ୧୬-୧୭ ଆର୍ଥିକ ବର୍ଷରେ ଏହା ବଢ଼ି ୬୦.୦୮ ବିଲିୟନ ଡଲାରରେ ପହଞ୍ଚିଥିଲା। ଏହା ଏକ ସର୍ବକାଳୀନ ରେକର୍ଡ।

ଫେବ୍ରୁଆରୀ ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ / ପଞ୍ଚମ ସଂଖ୍ୟା

## ଏ ସଂଖ୍ୟାରେ...


| ବିଷୟ / ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୦୪ |
| ● ସୁଶାସନ ଓ ସାଧାରଣ ଅଭିଯୋଗର ନିରାକରଣ<br>*କେ.ଭି. ଇପେନ୍* | ୫ |
| ● ସାଧାରଣ ଅଭିଯୋଗର ନିରାକରଣ ଓ ଶାସନଗତ ସମସ୍ୟା<br>*ଡଲି ଆରୋଡ଼ା* | ୯ |
| ● ଶାସନର କଳା-ଦାୟିତ୍ୱବୋଧ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା<br>*ଉଦୟ ଏସ୍. ମେହେଟା, ସିଦ୍ଧାର୍ଥ ନାରାୟଣ* | ୧୨ |
| ● ଭିନ୍ନ କଥା- ସ୍ୱଚ୍ଛ ଭାରତ ! ଲୋକଙ୍କ ଅଭ୍ୟାସ ପରିବର୍ତ୍ତନରେ ଜନସଂଚାରର ଭୂମିକା<br>*ପରମେଶ୍ୱରନ୍ ଆୟାର* | ୨୦ |
| ● ଦୁଇ ଦଶନ୍ଧିର ଯାତ୍ରା ପରେ ନାଗରିକ ସନନ୍ଦ<br>*ଡକ୍ଟର ମୀନା ନାୟାର* | ୨୮ |
| ● ଭାରତର ସ୍ୱାସ୍ଥ୍ୟସେବା ପାଇଁ ଅଭିନବ ଅର୍ଥଯୋଗାଣ ବ୍ୟବସ୍ଥା<br>*କବିତା ସିଂହ* | ୩୨ |
| ● ବୟନ ଉଦ୍ୟୋଗ ଉପରେ ଜିଏସ୍‌ଟିର ପ୍ରଭାବ- ଏକ ମୂଲ୍ୟାୟନ<br>*ସି. ଚିନ୍ନାପା* | ୩୭ |
| ● ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭିଯୋଗ ନିରାକରଣ ଏକ ଜରୁରୀ ଆବଶ୍ୟକତା<br>*ଡକ୍ଟର ସଞ୍ଜୀବ କୁମାର* | ୪୩ |
| ● ସ୍ୱଚ୍ଛତା-୨୦୧୭ର ଉଲ୍ଲେଖନୀୟ ଉପଲବ୍ଧି<br>ସ୍ୱଚ୍ଛ ଭାରତ ମିଶନ | ୪୬ |
| ● ଅର୍ଥନୀତିର ଊର୍ଦ୍ଧ୍ୱଗତି: ଭବିଷ୍ୟତ ବେଶ୍ ଉତ୍ସାହଜନକ<br>*ଡି.ଏସ୍. ମଲ୍ଲିକ* | ୪୮ |
| ● ଆପଣ ଜାଣନ୍ତି କି ? | ୫୦ |
| ● ସାମ୍ପ୍ରତିକୀ | ୫୧ |

**ଫୋକସ୍**
ମହିଳାଙ୍କ ପାଇଁ ଅଭିଯୋଗ ଅପନୋଦନ ବ୍ୟବସ୍ଥା
ଭି.ଅମୃତାଭାଲି: ୨୪

**ବିଶେଷ ପ୍ରବନ୍ଧ**
ନ୍ୟୁଇଣ୍ଡିଆ ପାଇଁ ନୂଆ ଶାସନ ବ୍ୟବସ୍ଥା
ଯୋଗେଶ ସୁରି, ଦେଶଗୌରବ ଶେଖରି: ୧୬



*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207


ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

ସମ୍ପାଦକୀୟ

# ସାନ୍ତ୍ୱନା ଲୋଡ଼ା

ଏକ ମୋଟା ଅଙ୍କର ବିଜୁଳି ବିଲ୍ ପାଇଲେ ଆପଣ ବ୍ୟସ୍ତ ହୋଇ କାରଣ ଜାଣିବାକୁ ବିଦ୍ୟୁତ୍ ଅଫିସକୁ ଯିବାବେଳେ ଆପଣଙ୍କୁ କର୍ତ୍ତୃପକ୍ଷ ଖରାପ ବ୍ୟବହାର କରି ଘଉଡ଼ାଇ ଦେଲେ ଆପଣ କ୍ଷୁବ୍ଧ ଓ ବ୍ୟଥିତ ହୁଅନ୍ତି। ସେହିଭଳି ଟେଲିଫୋନ୍ କରିବା ବେଳେ ବାରମ୍ବାର କଲ୍‌ଡ୍ରପ୍ ହେଲେ ପ୍ରତିକାର ପାଇଁ କାହାକୁ ଅଭିଯୋଗ କରିବେ ଆପଣ ତାହା ଜାଣି ନ'ପାରି ବ୍ୟସ୍ତ ହୋଇପଡ଼ନ୍ତି। ସେହିଭଳି ଆପଣଙ୍କ ସମ୍ପତ୍ତି ଆଇନାନୁମୋଦିତ ଭାବେ ନିଜ ନାମରେ ପଂଜୀକୃତ କରିବା ପାଇଁ ସଂପୃକ୍ତ ଦପ୍ତରକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ମଧ୍ୟ କାମ ହୋଇପାରୁ ନ ଥିବାରୁ ଆପଣ କି ମାନସିକ ଅବସ୍ଥା ଦେଇ ଗତି କରନ୍ତି ସେ କଥା ଭାବନ୍ତୁ। ଆମ ମଧ୍ୟରୁ ଅଧିକାଂଶ ଦୈନନ୍ଦିନ ଜୀବନରେ ଏମିତି କିଛି ସମସ୍ୟାର ସମ୍ମୁଖୀନ ପ୍ରାୟତଃ ହୁଅନ୍ତି ଯାହାର ସମାଧାନ, ଉପଶମ ଅପନୋଦନ, ସାନ୍ତ୍ୱନା ଲୋଡ଼ା। ସରକାରୀ ଅଧିକାରୀ, ସରକାରୀ ସଂସ୍ଥା, ଅନୁଷ୍ଠାନ ବା ଦପ୍ତର ଦ୍ୱାରା ଏଭଳି ସମସ୍ୟାର ସ୍ଥାୟୀ ପ୍ରତିବିଧାନ, ପ୍ରତିକାର ଲୋଡ଼ା; ଯ'ଦ୍ୱାରା ନାଗରିକର ସମସ୍ୟା ସହଜରେ ଦୂର ହୋଇପାରିବ। ହେଲେ ଏହି ସମସ୍ୟାର ସମାଧାନ ସହଜ ହୁଏନା। ଅଭିଯୋଗକାରୀଙ୍କ ଆପତ୍ତି କେହି ଶୁଣନ୍ତି ନାହିଁ, ସମାଧାନର ବାଟ ମିଳେନା। ଅଭିଯୋଗକାରୀଙ୍କୁ ଅଧିକାଂଶ ସମୟରେ ନିରାଶ ହେବାକୁ ପଡ଼ିଥାଏ।

ନାଗରିକର ଅଭିଯୋଗ ଶୁଣି ତା'ର ଦୁଃଖ ଅପନୋଦନ କରିବାକୁ କ'ଣ ଦେଶରେ କିଛି ବ୍ୟବସ୍ଥା ନାହିଁ ? ଏ ପ୍ରଶ୍ନ ଅସୁବିଧାର ସମ୍ମୁଖୀନ ନାଗରିକଙ୍କ ମନକୁ ଆସିବା ସ୍ୱାଭାବିକ। କଥା ସେୟା ନୁହେଁ। ଦେଶରେ ଏଥିପାଇଁ ବ୍ୟବସ୍ଥା ରହିଛି; ଏଥିରେ କିଛି ତ୍ରୁଟି ନାହିଁ। ବ୍ୟବସ୍ଥାର କାର୍ଯ୍ୟକାରିତାରେ ପ୍ରାୟତଃ ସମସ୍ୟା ଥାଏ। ଏହି ଦୋଷ ଦୁର୍ବଳତା ଯଦି ସର୍ବସାଧାରଣଙ୍କ ସ୍ୱାର୍ଥର ପରିପନ୍ଥୀ ହୁଏ, ତା ବିରୋଧରେ ଆଇନଗତ ପଦକ୍ଷେପ ନେଇ ଉପଶମ ପାଇବାର ରାସ୍ତା ରହିଛି। ଜଣେ ଅଭିଯୋଗକାରୀ ଉପଭୋକ୍ତା ବା ଗ୍ରାହକ ପ୍ରକାରାନ୍ତରେ ସେ କେତେ ଦକ୍ଷ୍ୟ ଓ ଯୋଗ୍ୟ ତାହା ପ୍ରମାଣିତ କରିବାର ସୁଯୋଗ ପାଏ। ସେଥିପାଇଁ ସାଧାରଣ ଅଭିଯୋଗର ନିରାକରଣ ବ୍ୟବସ୍ଥା ସୁଶାସିତ ଗଣତନ୍ତ୍ରର ଆଧାରଶୀଳା ହୋଇଛି।

ଆମ ସମ୍ବିଧାନ ନାଗରିକଙ୍କୁ ଅନେକ ଅଧିକାର ଦେଇଚି। ଏହାସତ୍ତ୍ୱେ ଏତେ ଲୋକଙ୍କ ଦୈନନ୍ଦିନ ଆପତ୍ତି ଅଭିଯୋଗ ଶୁଣି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାର ଏକ ସଫଳ ବ୍ୟବସ୍ଥାର ଅଭାବ ଭାରତୀୟ ଶାସନ ବ୍ୟବସ୍ଥାର ଗୋଟିଏ ବଡ଼ ଦୁର୍ବଳତା ହୋଇରହିଛି। ବିଭିନ୍ନ ସମୟରେ ବିଭିନ୍ନ ସରକାର ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ଶୁଣି ତାହାର ନିରାକରଣ ପାଇଁ ନାନାବିଧ ପଦେକ୍ଷପ ଗ୍ରହଣ କରିଛନ୍ତି। ଏହାକୁ ସୁଶାସନର ଏକ ଅଂଶବିଶେଷ ଭାବେ ଗ୍ରହଣ କରାଯାଇଛି। ନାଗରିକ ସଂହିତା ବା ସିଟିଜେନ୍ସ ଚାର୍ଟର ସେଥିମଧ୍ୟରୁ ଏକ ପ୍ରଥମ ପଦକ୍ଷେପ ଯାହା ୧୯୯୪ରେ ପ୍ରବର୍ତ୍ତିତ ହୋଇଥିଲା। ସାଧାରଣ ଅଭିଯୋଗ ବିଭାଗ (ଡିଏଆର୍‌ପିଜି) ପକ୍ଷରୁ ପ୍ରସ୍ତୁତ ଏହି ନାଗରିକ ସଂହିତାରେ ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ, ଅଭିଯୋଗ ନିରାକରଣ ବ୍ୟବସ୍ଥା ଓ ଅନ୍ୟାନ୍ୟ କଥା ଉଲ୍ଲେଖ ଅଛି। ତେବେ ଦୁର୍ଭାଗ୍ୟର ବିଷୟ ହେଲା ବିଭିନ୍ନ ସଂସ୍ଥା ଓ ସଂଗଠନର ନାଗରିକ ସଂହିତା କେବଳ ଏକ ଅଚଳ ନଥି ହୋଇ ପଡ଼ିରହିଛି ଓ ଖାଉଟି ବା ଉପଭୋକ୍ତା ଯେଉଁ ତିମିରେକୁ ସେଇ ତିମିରେ ରହିଛନ୍ତି।

୨୦୦୫ରେ ସୂଚନା ଅଧିକାର ଆଇନ ପ୍ରବର୍ତ୍ତନ ହେଲା। ଏହା ସାଧାରଣ ଅଭିଯୋଗର ଶୁଣାଣି ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଭୂମିକା ନିର୍ବାହ କଲା। ଏହି ଆଇନରେ ଅଭିଯୋଗ ଶୁଣାଣି ଓ ନ୍ୟାୟ ପ୍ରଦାନରେ ଅବହେଳା ଦଣ୍ଡନୀୟ ଅପରାଧ ଭାବେ ଗୃହୀତ ହେବା ପରେ ଅଭିଯୋଗ ଶୁଣାଣି ଓ ପ୍ରତିକାର ବ୍ୟବସ୍ଥା କରିବା ଦାୟିତ୍ୱରେ ଥିବା ଅଧିକାରୀ, କର୍ତ୍ତାଙ୍କ ଉପରେ ଚାପ ସୃଷ୍ଟି ହେଲା। ସେମାନେ ଆଉ ଅଭିଯୋଗକୁ ପକାଇ ରଖି ଖାମଖିଆଲ ଭାବେ କାମ କରିବାର ସୁଯୋଗ ପାଇଲେ ନାହିଁ। ଏହା ଯୋଗୁଁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗର ଶୁଣାଣି ଓ ପ୍ରତିବିଧାନ ବ୍ୟବସ୍ଥା ସମ୍ଭବ ହେଲା। ଏହାଦ୍ୱାରା ମଧ୍ୟ ଅଭିଯୋଗ ଶୁଣାଣିରେ ହେଉଥିବା ଦୁର୍ନୀତି ଅନେକାଂଶରେ ହ୍ରାସ ପାଇଲା। ନିଜର ଅଭିଯୋଗର ସର୍ବଶେଷ ସ୍ଥିତି, ବିଭିନ୍ନ ନଥିପତ୍ର ଦେଖିବା ଏବଂ ଅଭିଯୋଗ ଶୁଣାଣି କେଉଁଠି, କାହା ପାଖରେ ଅଟକିଛି ତାହା ଜାଣିବାର ଅଧିକାର ଅଭିଯୋଗକାରୀଙ୍କୁ ସୂଚନା ଅଧିକାର ଆଇନ ପ୍ରଦାନ କଲା। ଫଳରେ ଏ କ୍ଷେତ୍ରରେ ଦାୟିତ୍ୱ ନିର୍ବାହନ କାର୍ଯ୍ୟଟି ନିଶ୍ଚିତ ହୋଇଗଲା ଏବଂ ସଂପୃକ୍ତ ଅଧିକାରୀ ଓ କର୍ତ୍ତୃପକ୍ଷ ଏଥିପାଇଁ ଉତ୍ତରଦାୟୀ ରହିଲେ।

ଇ-ପ୍ରଶାସନ ମତବାଦ ତଥା ସର୍ବନିମ୍ନ ସରକାର, ସର୍ବାଧିକ ଶାସନ ତତ୍ତ୍ୱର କ୍ରମବର୍ଦ୍ଧିଷ୍ଣୁ ବିସ୍ତାର ଫଳରେ ଏବେ ଅଧିକାଂଶ ଅଭିଯୋଗ ଇଲେକ୍ରଟୋନିକ୍ସ ବ୍ୟବସ୍ଥା ଆଧାରିତ ହୋଇଛି। ଫଳରେ ୱେବ ଓ ମୋବାଇଲଭିତ୍ତିକ ଆପତ୍ତି ଅପନୋଦନ ବ୍ୟବସ୍ଥା ଅଗ୍ରାଧିକାର ପାଉଛି। ସରକାର ଏଥିପାଇଁ କେତେକ ଇ-ପ୍ଲାଟଫର୍ମ ତିଆରି କରିଛନ୍ତି। ସେଥି ମଧ୍ୟରୁ ସଦ୍ୟତମ ହେଉଛି କେନ୍ଦ୍ରୀକୃତ ସାଧାରଣ ଅଭିଯୋଗ ଅପନୋଦନ ଓ ତଦାରଖ ବ୍ୟବସ୍ଥା ବା ସିପିଜିଆର୍‌ଏମ୍‌ଏସ୍। ଏହା ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି। ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ଆପତ୍ତି ଅଭିଯୋଗ ସବୁକୁ ଏକତ୍ର କରି ତାହାକୁ ସୁସଂହତ କରିବା ସହ ସେସବୁର ତ୍ୱରିତ ଅପନୋଦନ କରିବା ଏହି ବ୍ୟବସ୍ଥାର ଲକ୍ଷ୍ୟ। ସାଧାରଣ ମଣିଷର ଆପତ୍ତି ଶୁଣି ତାକୁ ନ୍ୟାୟ ପ୍ରଦାନ କରିବାକୁ ସରକାର ପ୍ରୋଆକ୍ଟିଭ୍ ଗଭର୍ଣ୍ଣମେଣ୍ଟ ଆଣ୍ଡ ଟାଇମ୍‌ଲି ଇମ୍ପ୍ଲିମେଣ୍ଟେସନ ବା ପ୍ରଗତି ନାମରେ ଏକ ପ୍ଲାଟଫର୍ମ (ମଞ୍ଚ) ପ୍ରସ୍ତୁତ କରିଛନ୍ତି। ସେହିଭଳି ଏହି ପ୍ଲାଟଫର୍ମ ଯୁଗପତ୍ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକର କାର୍ଯ୍ୟକ୍ରମ ଓ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ନିୟମିତ ତଦାରଖ କରୁଛି। ଏହାଛଡ଼ା 'ମାଇଁଗଭ୍' ଓ ଇ-ନିର୍ବାଣ ନାମକ ଅନ୍ୟ ଦୁଇଟି ଆପତ୍ତି ଅଭିଯୋଗ ଶୁଣାଣି ପ୍ଲାଟଫର୍ମ ତିଆରି କରାଯାଇଛି। 'ମାଇଁ ଗଭ୍' ପ୍ଲାଟଫର୍ମରେ ନାଗରିକମାନଙ୍କୁ ସଂପୃକ୍ତ କରାଯାଇଥିବା ବେଳେ ଟିକସ ଜନିତ ଆପତ୍ତି ଅଭିଯୋଗର ଗ୍ରହଣ ଓ ସମାଧାନ ବ୍ୟବସ୍ଥା ଇଲେକ୍‌ଟ୍ରୋନିକ୍ସ ମାଧ୍ୟମରେ (କାଗଜବିହୀନ) ଇ-ନିର୍ବାଣ ବ୍ୟବସ୍ଥାରେ କରାଯାଉଛି। ସେହିଭଳି ଟେଲିଯୋଗାଯୋଗ କ୍ଷେତ୍ର ପାଇଁ 'ଟ୍ରାଇ', ବ୍ୟାଙ୍କ ନିମନ୍ତେ ଅମ୍ବୁଡ୍‌ସମ୍ୟାନ (ବ୍ୟାଙ୍କପାଳ), ସ୍ୱାସ୍ଥ୍ୟ ସେବା ସକାଶେ ଏମ୍‌ସିଆଇ ଭଳି ଅଭିଯୋଗ ଶୁଣାଣି କର୍ତ୍ତୃପକ୍ଷ ଗଠନ କରାଯାଇଛି ଏବଂ ଏସବୁ ସଂସ୍ଥା ସାଧାରଣ ଜନତାଙ୍କ ଅଭିଯୋଗ ଶୁଣି ପ୍ରତିବିଧାନ ବ୍ୟବସ୍ଥା କରୁଛନ୍ତି। ମହିଳାମାନେ ଜନସଂଖ୍ୟାର ସବୁଠୁ ଅଧିକ ଅସୁରକ୍ଷିତ ବର୍ଗ। ଏମାନେ ଘରେ ଓ କର୍ମକ୍ଷେତ୍ରରେ ବିବିଧ ଶୋଷଣ ଓ ଦୁର୍ବ୍ୟବହାରର ସମ୍ମୁଖୀନ ହୋଇଥାନ୍ତି। ମହିଳାଙ୍କୁ ସୁରକ୍ଷିତ କରିବା ପାଇଁ ସରକାର ଯୌନ ହରକତ ନିଷେଧ ଆଇନ ୨୦୧୩, ଘରେଇ ହିଂସା ନିବାରଣ ଆଇନ ୨୦୦୫, ଯୌତୁକ ନିରୋଧ ଆଇନ ୧୯୬୧ ଭଳି ବିଭିନ୍ନ ଆଇନଗତ ପ୍ରତିବିଧାନ କରିଛନ୍ତି। ଏହାସତ୍ତ୍ୱେ ମହିଳାମାନେ ନାନା ଭାବେ ନିର୍ଯାତିତ ଓ ଶୋଷିତ ହେଉଛନ୍ତି। ଏହାର ମୁକାବିଲା ପାଇଁ ସରକାର ନିକଟରେ ଯୌନଗତ ହରକତ ଇଲେକ୍‌ଟ୍ରୋନିକ୍ସ ବକ୍ସ ବା 'ଶିବକ୍ସ' ନାମରେ ଏକ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହା ଏକକ ବାତାୟନ (ସିଙ୍ଗଲ ଉଇଣ୍ଡୋ) ବ୍ୟବସ୍ଥା ଭିତ୍ତିକ ଏକ ପ୍ରୟାସ ଯାହା ମାଧ୍ୟମରେ ପ୍ରତ୍ୟେକ ମହିଳା ନିଜର ଦୁଃଖଦୁର୍ଦ୍ଦଶା ସମ୍ପର୍କରେ ସରକାର/କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରି ନିରାକରଣ ଲୋଡ଼ି ପାରିବେ।

ଗଣତନ୍ତ୍ରର ସାର କଥା ହେଲା ସରକାର ନିଜର ସବୁ ନୀତି ଓ କାର୍ଯ୍ୟକ୍ରମ ପାଇଁ ଜନତାଙ୍କ ପାଖରେ ଉତ୍ତରଦାୟୀ। ଏକ ସଫଳ ଓ ସୁଦକ୍ଷ ସାଧାରଣ ଅଭିଯୋଗ ଅପନୋଦନ ବ୍ୟବସ୍ଥା ହିଁ କେବଳ ଜନତାଙ୍କ ସହ ବିଶ୍ୱାସ ଗଢ଼ିବ ଏବଂ 'ସରକାର ଲୋକଙ୍କର ଓ ଲୋକଙ୍କ ପାଇଁ' ବୋଲି ବିଶ୍ୱାସ ଉଦ୍ରେକ କରିପାରିବ।

# ସୁଶାସନ ଓ ସାଧାରଣ ଅଭିଯୋଗର ନିରାକରଣ

କେ. ଭି ଇପେନ୍

ସୁଶାସନ ଦେଶର ବିକାଶର ଚାବିକାଠି। ଶାସନର ସମସ୍ତ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ସହ ବିଧି ବ୍ୟବସ୍ଥାକୁ ସହଜ, ସରଳ ତଥା ଲୋକାଭିମୁଖୀ କରିପାରିଲେ ଏହା ଅଧିକ ଲୋକପ୍ରିୟ ହୋଇଥାଏ। ଏବେ ସରକାର ଲୋକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେବା ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଏହା ମୁଖ୍ୟତଃ ନାଗରିକ କୈନ୍ଦ୍ରୀକ। ଏହି ବ୍ୟବସ୍ଥାର ସଫଳତା ଉପରେ ପ୍ରଶାସନର ପାରିବାପଣିଆ ନିର୍ଭର କରୁଛି। ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରି ସେମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାରେ ଶାସନ ବିଫଳ ହେଲେ ସୁଶାସନର ଲକ୍ଷ୍ୟ ବ୍ୟାହତ ହୋଇଥାଏ। ଅତଏବ ଏହି ଅନ୍‌ଲାଇନ୍ ବ୍ୟବସ୍ଥାରେ ବ୍ୟବହୃତ ଜ୍ଞାନ କୌଶଳ ଓ ସାଧନ (ଟୁଲ)କୁ ଯେପରି ସାଧାରଣ ଜନତା ସହଜରେ ବ୍ୟବହାର କରିପାରିବେ ତାହା ସରକାର ନିଶ୍ଚିତ କରିବା ଆବଶ୍ୟକ। ସବୁଠୁ ବଡ଼ କଥା ହେଲା ପ୍ରଶାସନିକ ଅଙ୍ଗୀକାର ଓ ସଦିଚ୍ଛା। ଅଭିଯୋଗଗୁଡ଼ିକର ଗ୍ରହଣ, ଉପଯୁକ୍ତ ଅନୁଧ୍ୟାନ ଏବଂ ଯଥାଶୀଘ୍ର ସମ୍ଭବ ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରା ନ ଗଲେ ଶାସନ ବ୍ୟବସ୍ଥା ପ୍ରତି ଜନତାଙ୍କ ଆସ୍ଥା ତୁଟିବାର ଆଶଙ୍କା ରହିଛି। ପ୍ରଧାନମନ୍ତ୍ରୀ ଯେଉଁ 'ସର୍ବନିମ୍ନ ସରକାର ଓ ସର୍ବାଧିକ ଶାସନ' ତତ୍ତ୍ୱ ଉପରେ ଗୁରୁତ୍ୱ ଦେଉଛନ୍ତି ତାହାର ଅନ୍ତଃସ୍ୱର ହେଲା କମ୍ ସରକାରୀ ହସ୍ତକ୍ଷେପ ବା ନିୟନ୍ତ୍ରଣରେ ଅଧିକ ଶାସନଗତ ସୁବିଧାସୁଯୋଗ ଲୋକଙ୍କୁ ଯୋଗାଇଦେବା। ତେଣୁ ଏହି ତତ୍ତ୍ୱକୁ ଗୁରୁତ୍ୱ ଦେଇ କାର୍ଯ୍ୟକରିବାକୁ ପଡ଼ିବ। ଅତଏବ ଟେକ୍‌ନୋଲୋଜି ବା ଜ୍ଞାନକୌଶଳକୁ ସଶକ୍ତ କରିବାକୁ ହେଲେ ବିଧିବ୍ୟବସ୍ଥା ଓ ପ୍ରକ୍ରିୟାକୁ ପ୍ରଥମେ ବଦଳାଇବାକୁ ପଡ଼ିବ। ଏକ ସମ୍ବେଦନଶୀଳ ସରକାର ପାଇଁ ସାଧାରଣ ହାରିଗୁହାରି ଶୁଣି ଲୋକଙ୍କୁ ନ୍ୟାୟ ପ୍ରଦାନ ଯଥାଶୀଘ୍ର କରିବା ବିଶେଷ ମହତ୍ତ୍ୱ ରଖେ। ଏହି ଅଭିଯୋଗ ଅପନୋଦନ ବ୍ୟବସ୍ଥାର ଦକ୍ଷତା ଓ ସଫଳତା ଉପରେ ଗୋଟିଏ ଶାସନ ବ୍ୟବସ୍ଥାର ପାରିବାପଣିଆ ନିର୍ଭର କରେ। ଭାରତ ସରକାର ଏକ ଇଣ୍ଟରନେଟ୍ ଭିତ୍ତିକ କେନ୍ଦ୍ରୀକୃତ ସାଧାରଣ ଅଭିଯୋଗ ନିରାକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏହା ସଂକ୍ଷେପରେ ସିପିଜିଆର୍‌ଏଏମ୍‌ଏସ୍ ନାମରେ ପରିଚିତ। ଏହା ମାଧ୍ୟମରେ ସବୁ ନାଗରିକ ନିଜର ଆପତ୍ତି ଅଭିଯୋଗ ଯେକୌଣସି ସ୍ଥାନରୁ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାର ସୁଯୋଗ ପାଇଛନ୍ତି। ଏକ ୟୁନିକ୍ ରେଜିଷ୍ଟ୍ରେସନ ନମ୍ବର ମାଧ୍ୟମରେ ଅଭିଯୋଗର ସ୍ଥିତି ସମ୍ପର୍କରେ ସଂପୃକ୍ତ ପୋର୍ଟାଲରୁ ଅଭିଯୋଗକାରୀଙ୍କୁ ଜାଣିବାର ସୁବିଧା ମଧ୍ୟ ଯୋଗାଇଦିଆଯାଇଛି। ହସ୍ତଲିଖିତ ଅଭିଯୋଗଗୁଡ଼ିକୁ ଡିଜିଟାଇଜ୍ କରାଯାଇ ତାହାକୁ ସିଷ୍ଟମରେ ଅପ୍‌ଲୋଡ କରିବାର ବ୍ୟବସ୍ଥା ହୋଇଛି। ଅଭିଯୋଗ ଉପରେ କିପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ସର୍ବଶେଷ ତଥ୍ୟ (ଏଟିଆର) ଉପସ୍ଥାପନ କରିବାକୁ ସଂପୃକ୍ତ ମନ୍ତ୍ରଣାଳୟ ଓ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ସମଗ୍ର ଦେଶରେ ଏକକ ସାଧାରଣ ଅଭିଯୋଗ ଅପନୋଦନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟମାନଙ୍କର ସହଯୋଗ ଲୋଡ଼ା। ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ସାଧାରଣ ଅଭିଯୋଗ ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ପାଇଁ ପ୍ରଥମ ଆବଶ୍ୟକତା ହେଲା ସମନ୍ୱୟ। ସିପିଜିଆରଏମ୍‌ଏସ୍‌ରେ ଏପରି ଉଭୟ ବ୍ୟବସ୍ଥା ସଂଯୁକ୍ତ ହେଲେ ଏହି କାର୍ଯ୍ୟଟି ସହଜରେ ସମ୍ଭବ ହୋଇପାରିବ। ଏହା ଫଳରେ କେନ୍ଦ୍ର ଓ ରାଜ୍ୟ ନିଜ ନିଜ କ୍ଷେତ୍ରର ଅଭିଯୋଗଗୁଡ଼ିକୁ ଅଲଗା କରି ତାହାର ଶୁଣାଣି ଓ ଦୂରୀକରଣ କରିବାକୁ ସହଜ ମାର୍ଗ ପାଇବେ। ସୂଚନାଯୋଗ୍ୟ ଯେ ସିପିଜିଆରଏମ୍‌ଏସ୍ ବ୍ୟବସ୍ଥାରେ ଦେଶର ସବୁ ରାଜ୍ୟ ସଂପୃକ୍ତ। ତେଣୁ ସଂପୃକ୍ତ ରାଜ୍ୟ ସରକାର ନିଜ ଅଧିକାରକ୍ଷେତ୍ରର ଆପତ୍ତି ଅଭିଯୋଗ ସହଜରେ ଶୁଣିପାରିବେ ଏବଂ ଏଥିପାଇଁ ସେମାନେ ଅଧିକୃତ। କେନ୍ଦ୍ରୀୟ ବ୍ୟାପାର ସମ୍ପର୍କରେ କୌଣସି ଅଭିଯୋଗର ଶୁଣାଣି କରିବାର ଅଧିକାର ରାଜ୍ୟର ନାହିଁ। ଓଡ଼ିଶା, ହରିୟାଣା, ରାଜସ୍ଥାନ, ମିଜୋରାମ୍, ମେଘାଳୟ, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ପଞ୍ଜାବ ଓ ପୁଡୁଚେରୀ ଭଳି ୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସ୍ଥାନୀୟ ଭାଷାରେ ସିପିଜିଆରଏମ୍‌ଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି।




ଏହାର ପରିପାଳନ ପାଇଁ କର୍ତ୍ତୃପକ୍ଷ ବାଧ୍ୟ। ଅଭିଯୋଗକାରୀ ବା ଜନସାଧାରଣ ୟୁନିକ୍ ରେଜିଷ୍ଟ୍ରେସନ ନମ୍ବର ବ୍ୟବହାର କରି ପୋର୍ଟାଲରୁ ଏଟିଆର ବିଷୟରେ ଜାଣିବାର ସୁବିଧା ପାଇଛନ୍ତି। ତେବେ ସାଧାରଣ ଅଭିଯୋଗ ଶୁଣାଣିବେଳେ ଅଦାଲତରେ ବିଚାରାଧୀନ ମାମଲା, ଅତିବ୍ୟକ୍ତିଗତ ପାରିବାରିକ ପ୍ରସଙ୍ଗ ଓ ଯେଉଁସବୁ ବିଷୟ ସୂଚନା ଅଧିକାର ଆଇନର ଅନ୍ତର୍ଭୁକ୍ତ ନୁହେଁ ତାହାକୁ ଗ୍ରହଣ ବା ଉତ୍ସାହିତ ନ'କରିବାର ନିୟମ ରହିଛି।

**ଦେଶରେ ସାଧାରଣ ଅଭିଯୋଗ ବ୍ୟବସ୍ଥା:**

ଭାରତରେ ସାଧାରଣ ଅଭିଯୋଗ ବ୍ୟବସ୍ଥାର ରୂପରେଖ ବେଶ୍ ସମନ୍ୱିତ। ପ୍ରଧାନମନ୍ତ୍ରୀଙ୍କ ଦପ୍ତର (ପିଏମ୍ଓ), ରାଷ୍ଟ୍ରପତିଙ୍କ ସଚିବାଳୟ, ସାଧାରଣ ଅଭିଯୋଗ ନିର୍ଦ୍ଦେଶାଳୟ (କ୍ୟାବିନେଟ୍ ସେକ୍ରେଟାରିଏଟ), ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ (ଡିଆର୍‌ପିଜି), ପେନ୍‌ସନରର୍ସ ପୋର୍ଟାଲ ଆଦି 'ସିପିଜିଆରଏଏମ୍‌ଏସ୍' ବ୍ୟବସ୍ଥା ସହ ସଂଯୁକ୍ତ ଓ ସମନ୍ୱିତ। ତେଣୁ ଏହି ବ୍ୟବସ୍ଥାରେ କୌଣସି ଅଭିଯୋଗ ମିଳିବା ମାତ୍ରେ ତାହାକୁ ସଂପୃକ୍ତ ବିଭାଗକୁ ପଠାଇବାର ସହଜ ଉପାୟ ରହିଛି। ଆବଶ୍ୟକସ୍ଥଳେ ଏହି ଅଭିଯୋଗଗୁଡ଼ିକୁ କେନ୍ଦ୍ର ମନ୍ତ୍ରଣାଳୟ / ବିଭାଗ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆଦାନପ୍ରଦାନ ଓ ଅଦଳବଦଳ କରାଯାଉଛି।

ଡିଏଆର୍‌ପିଜି ସାଧାରଣ ଅଭିଯୋଗ କ୍ଷେତ୍ରରେ ନୀତି ନିର୍ଦ୍ଧାରକ, ତଦାରଖକାରୀ ଏବଂ ସମନ୍ୱୟକାରୀ ସଂସ୍ଥା ଭାବେ କାର୍ଯ୍ୟ କରିଥାଏ। ୧୯୬୧ କାର୍ଯ୍ୟ ପରିଚାଳନା ଆଇନର ଧାରା ଅନୁସାରେ ଏହା କାର୍ଯ୍ୟକରୁଛି। ଅଭିଯୋଗର ଶୁଣାଣି ଓ ପ୍ରତିବିଧାନ ପାଇଁ ପ୍ରତ୍ୟେକ ମନ୍ତ୍ରଣାଳୟ ଓ ବିଭାଗରେ ନୋଡାଲ ଅଫିସର ଅବସ୍ଥାପିତ ହୋଇଛନ୍ତି। ସେମାନେ ଅଭିଯୋଗ ଶୁଣିବା ସହ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିଥାନ୍ତି। ଏହାଛଡ଼ା ପ୍ରତ୍ୟେକ ବିଭାଗ / ମନ୍ତ୍ରଣାଳୟରେ ଅଭିଯୋଗ ଅପନୋଦନ ନିର୍ଦ୍ଦେଶକମାନେ ମଧ୍ୟ ଅବସ୍ଥାପିତ ହୋଇଛନ୍ତି। କ୍ଷତିଗ୍ରସ୍ତ ବ୍ୟକ୍ତିବିଶେଷ ଏହି ଅଧିକାରୀଙ୍କୁ ଭେଟି ବ୍ୟକ୍ତିଗତ ଭାବେ ଆପତ୍ତି ଅଭିଯୋଗ କରି ନ୍ୟାୟ ମାଗିପାରିବେ। ଏଥିପାଇଁ ପ୍ରତି ସପ୍ତାହର 'ବୁଧବାର' ଅଭିଯୋଗ ଶୁଣାଣି ଦିବସ ଭାବେ ଧାର୍ଯ୍ୟ ହୋଇଛି। ଏହା ବ୍ୟତୀତ ମନ୍ତ୍ରଣାଳୟ/ ବିଭାଗ ପାଇଁ ସିପିଜିଆର୍‌ଏଏମ୍‌ଏସ୍‌ରେ ଏକ ଡ୍ୟାସ୍‌ବୋର୍ଡ ସୃଷ୍ଟି କରାଯାଇଛି। ଏହା ଜରିଆରେ ସଂପୃକ୍ତ ବିଭାଗ / ମନ୍ତ୍ରଣାଳୟ ନିଜ ନିଜ ବିଭାଗର ବିଚାରାଧୀନ ଅଭିଯୋଗର ସଂଖ୍ୟା ମଧ୍ୟ ସହଜରେ ଜାଣିପାରିବେ।

ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ମଧ୍ୟ 'ପ୍ରଗତି' କାର୍ଯ୍ୟକ୍ରମରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ପଡ଼ିରହିଥିବା ବିଚାରାଧୀନ ମାମଲାର ସଂଖ୍ୟା ଓ ନ୍ୟାୟ ପ୍ରଦାନର ସ୍ଥିତି ସମ୍ପର୍କରେ ନିୟମିତ ତଦାରଖ / ସମୀକ୍ଷା କରିଥାନ୍ତି।

**ନ୍ୟାୟପ୍ରଦାନ ହାର:**

ଗତ ତିନିବର୍ଷ ମଧ୍ୟରେ ଅଭିଯୋଗର ମୋଟ୍ ସଂଖ୍ୟା ବଢ଼ିଥିବା ବେଳେ ନ୍ୟାୟ ପ୍ରଦାନ ହାର ମଧ୍ୟ ଆନୁପାତିକ ଭାବେ ବୃଦ୍ଧି ପାଇଛି। ନିମ୍ନ ଟେବୁଲରୁ ଏହାର ସବିଶେଷ ସ୍ଥିତି ବୁଝି ହେବ।

| ବର୍ଷ | ଅଭିଯୋଗ ଗ୍ରହଣ | ସମାଧାନ | ସମାଧାନ ହାର (%) |
|---|---|---|---|
| ୨୦୧୫ | ୧୦୪୯୭୫୧ | ୭୯୭୪୫୩ | ୭୬ |
| ୨୦୧୬ | ୧୪୭୯୮୬୨ | ୧୨୨୯୪୨୮ | ୮୩ |
| ୨୦୧୭ (ନଭେମ୍ବର ସୁଦ୍ଧା) | ୧୭୨୮୧୯୪ | ୧୬୦୧୫୪୪ | ୯୩ |

*(ଉତ୍ସ - ସିପିଜିଆରଏମ୍ଏସ୍)*

ସମଗ୍ର ଦେଶରେ ଏକକ ସାଧାରଣ ଅଭିଯୋଗ ଅପନୋଦନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟମାନଙ୍କର ସହଯୋଗ ଲୋଡ଼ା। ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ସାଧାରଣ ଅଭିଯୋଗ ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ପାଇଁ ପ୍ରଥମ ଆବଶ୍ୟକତା ହେଲା ସମନ୍ୱୟ। ସିପିଜିଆରଏମ୍ଏସ୍‌ରେ ଏପରି ଉଭୟ ବ୍ୟବସ୍ଥା ସଂଯୁକ୍ତ ହେଲେ ଏହି କାର୍ଯ୍ୟଟି ସହଜରେ ସମ୍ଭବ ହୋଇପାରିବ। ଏହା ଫଳରେ କେନ୍ଦ୍ର ଓ ରାଜ୍ୟ ନିଜ ନିଜ କ୍ଷେତ୍ରର ଅଭିଯୋଗଗୁଡ଼ିକୁ ଅଲଗା କରି ତାହାର ଶୁଣାଣି ଓ ଦୂରୀକରଣ କରିବାକୁ ସହଜ ମାର୍ଗ ପାଇବେ। ସୂଚନାଯୋଗ୍ୟ ଯେ ସିପିଜିଆରଏମ୍ଏସ୍ ବ୍ୟବସ୍ଥାରେ ଦେଶର ସବୁ ରାଜ୍ୟ ସଂପୃକ୍ତ। ତେଣୁ ସଂପୃକ୍ତ ରାଜ୍ୟ ସରକାର ନିଜ ଅଧିକାରକ୍ଷେତ୍ରର ଆପତ୍ତି ଅଭିଯୋଗ ସହଜରେ ଶୁଣିପାରିବେ ଏବଂ ଏଥିପାଇଁ ସେମାନେ ଅଧିକୃତ। କେନ୍ଦ୍ରୀୟ ବ୍ୟାପାର ସମ୍ପର୍କରେ କୌଣସି ଅଭିଯୋଗର ଶୁଣାଣି କରିବାର ଅଧିକାର ରାଜ୍ୟର ନାହିଁ। ଓଡ଼ିଶା, ହରିୟାଣା, ରାଜସ୍ଥାନ, ମିଜୋରାମ୍, ମେଘାଳୟ, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ପଞ୍ଜାବ ଓ ପୁଡୁଚେରୀ ଭଳି ୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସ୍ଥାନୀୟ ଭାଷାରେ ସିପିଜିଆରଏମ୍ଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଫଳରେ ଲୋକେ ନିଜ ମାତୃଭାଷାରେ ଅଭିଯୋଗ ଉତ୍ଥାପନ କରିବା ସହ ତାହାର ରାୟ ଆଦି ପଢ଼ିବା ବୁଝିବାରେ ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି।

> ସାଧାରଣ ଅଭିଯୋଗ ଶୁଣି ତାହାର ତୁରନ୍ତ ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ସଂସ୍ଥା, ସଂଗଠନ, ବିଭାଗ ଓ ମନ୍ତ୍ରଣାଳୟ ପାଇଁ ସରକାର ପୁରସ୍କାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେମାନଙ୍କୁ ପ୍ରତି ତିନି ମାସରେ ଥରେ ପ୍ରଶଂସାପତ୍ର ପ୍ରଦାନ କରାଯାଉଛି। ଡିପିଆରଜି ଏହି ବ୍ୟବସ୍ଥା ପ୍ରବର୍ତ୍ତନ କରିଛି। ଏପର୍ଯ୍ୟନ୍ତ ୨୧ଟି ପ୍ରଶଂସାପତ୍ର ପ୍ରଦାନ କରାଗଲାଣି। ୨୦୧୬-୧୭ ଆର୍ଥିକ ବର୍ଷରେ ୧୨ଟି ମନ୍ତ୍ରଣାଳୟ / ବିଭାଗ ଏହି ପ୍ରଶଂସାପତ୍ର ପାଇଛନ୍ତି। ଏସବୁ ବାଦ୍ ସରକାର ଏକ ସାଧାରଣ ଅଭିଯୋଗ କଲ୍ ସେଣ୍ଟର ୨୦୧୬ ଫେବୃଆରୀରୁ କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗକୁ କେତେ ଅଭିଯୋଗ ଆସିଛି ଓ ସେଥିରୁ କେତେ ଅଭିଯୋଗର ସମାଧାନ କରାଯାଇଛି ତାହା ସହଜରେ ଜାଣିହେଉଛି।

**ନୂତନ ଉନ୍ନତ ବ୍ୟବସ୍ଥା:**

ଅନ୍‌ଲାଇନ୍‌ରେ ଅଭିଯୋଗ ଗ୍ରହଣ ଓ ତାହାର ବିଚାର କରିବା ପାଇଁ ସରକାର ନୂତନ ପ୍ରଯୁକ୍ତି ବିଦ୍ୟାର ସହାୟତା ନେଇ ନୂଆ ଅତ୍ୟାଧୁନିକ ସିପିଜିଆର୍ଏମ୍ଏସ୍ ସଫ୍ଟୱୟାର ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିରେ ଅତିରିକ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯାଉଛି। ଏହା ଫଳରେ ଅନ୍‌ଲାଇନ୍‌ରେ ଆସୁଥିବା ଅଭିଯୋଗଗୁଡ଼ିକୁ ସିପିଜିଆର୍ଏମ୍ଏସ୍ ମାଧ୍ୟମରେ ସିଧାସଳଖ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗକୁ ସମାଧାନ ପାଇଁ ପଠାଇହେବ। ସମାନ ଅଭିଯୋଗ ବାରମ୍ବାର ଯେପରି ନ'ଆସେ ସେଥିପାଇଁ ଏକକାଳୀନ ପଞ୍ଜୀକରଣ ବ୍ୟବସ୍ଥା ସହ ଅଭିଯୋଗଗୁଡ଼ିକୁ ଏକ ସମୟରେ ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରେରଣ, ସ୍ଥାନୀୟ ଭାଷାର ବ୍ୟବହାର ଆଦି ସୁବିଧା ଯୋଗାଇଦେଇଶର ବ୍ୟବସ୍ଥା କରାଯାଉଛି। ଏକ ସାଧାରଣ ସେବାକେନ୍ଦ୍ର (କମନ୍ ସର୍ଭିସସେଣ୍ଟର)ରୁ ଅଭିଯୋଗ ପତ୍ର ପିଜି ପୋର୍ଟାଲକୁ ଏଣିକି ପଠାଇହେବ। ଏହାଦ୍ୱାରା ନାମକୁ ମାତ୍ର ଖର୍ଚ୍ଚରେ ଅଭିଯୋଗକାରୀ ଘର ପାଖରୁ ଏହି ଅଭିଯୋଗ ପୋର୍ଟାଲକୁ ପଠାଇପାରିବେ। ଅଭିଯୋଗ ପହଞ୍ଚିଲା କି ନାହିଁ ତାହା ଜାଣିବା ପାଇଁ ନିଃଶୁଳ୍କ ସେବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଥିପାଇଁ ଏକ ମୋବାଇଲ ଆପ୍ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଛି ଯେଉଁଥିରେ ସାଧାରଣ ଅଭିଯୋଗ ପ୍ରେରଣ ଓ ତାହାର ସ୍ଥିତିକୁ ଚିହ୍ନଟ କରାଯାଇପାରିବ। ୨୦୧୫ରେ ଉତ୍ସର୍ଗୀକୃତ ଏହି 'ଆପ୍'କୁ ପିଜି ପୋଟାଲରୁ ଡାଉନ୍‌ଲୋଡ୍ କରିହେବ। ଏହାସହିତ ଅଧିକ ସୁବିଧାଥିବା ଏକ ନୂଆ ମୋବାଇଲ ଆପ୍ ପ୍ରସ୍ତୁତ କରାଯାଉଛି ଯାହାକୁ ବ୍ୟବହାରକାରୀ ଅତି ସହଜରେ କାମରେ ଲଗାଇ ପାରିବେ। ଏହାକୁ ନ୍ୟୁଏଜ୍ ଗଭର୍ଣ୍ଣାନ୍ସ ୟୁନିଫାଏଡ୍ ମୋବାଇଲ ଆପ୍ଲିକେସନ (ଉମଙ୍ଗ) ସହ ସଂଯୁକ୍ତ କରାଯାଇଛି।

**ଆପତ୍ତି ଅଭିଯୋଗ ଅନୁଶୀଳନ:**

କେବଳ ଅଭିଯୋଗ ପାଇଗଲେ ଆପତ୍ତି ଅଭିଯୋଗକାରୀର ଦୁଃଖ ଦୂର ହୁଏନାହିଁ। ଏସବୁ ଆବେଦନର ନିୟମିତ ଅନୁଶୀଳନ, ସମସ୍ୟା ଚିହ୍ନଟ, ତାହାର ସମାଧାନ ଉପରେ ସବୁ କିଛି ନିର୍ଭର କରେ। ସେଥିପାଇଁ ବ୍ୟବସ୍ଥାରେ ଉନ୍ନତି, ନୀତି ପ୍ରଣୟନ ଏବଂ ଆପତ୍ତି ଅଭିଯୋଗକାରୀଙ୍କୁ ଯଥା ଶୀଘ୍ର ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ତେଣୁ ସେବା ପ୍ରଦାନ ବ୍ୟବସ୍ଥା ଯେତେ ଶୀଘ୍ର ହେବ ଲୋକେ ସେତେ ଆଶ୍ୱସ୍ତ ହେବେ। ଏଥିପାଇଁ ତଦନ୍ତ, ଅନୁସନ୍ଧାନ ଓ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥାକୁ ମଧ୍ୟ ମଜବୁତ କରିବାକୁ ପଡ଼ିବ।

ଏସବୁ କଥାକୁ ବିଚାରକୁ ନେଇ ମାନ ପରିଷଦ (କ୍ୱାଲିଟି କାଉନସିଲ୍) ପକ୍ଷରୁ ଏକ ଆପତ୍ତି ଅଭିଯୋଗ ଅନୁଧ୍ୟାନ କାର୍ଯ୍ୟ ହାତକୁ ନିଆଯାଇଥିଲା। ସବୁ ତଥ୍ୟ ଅନୁଶୀଳନ କରିବା ପରେ ପରିଷଦ ଏ କ୍ଷେତ୍ରରେ ବ୍ୟବସ୍ଥିତ ସଂସ୍କାର ପାଇଁ ୨୦ଟି ପ୍ରମୁଖ ଆପତ୍ତି ଅଭିଯୋଗ ଗ୍ରହଣକାରୀ ମନ୍ତ୍ରଣାଳୟ/ସଂସ୍ଥା/ ବିଭାଗ ଆଦିଙ୍କୁ ସୁପାରିସ କରିଥିଲେ। ପରିଷଦ ଅଭିଯୋଗ ସମାଧାନ ପାଇଁ ମୋଟ୍ ୮୧ଟି ସଂସ୍କାର କଥା ସୁପାରିସ କରିଛି। ସେସବୁ ସମ୍ପୃକ୍ତ ସମସ୍ତ ମନ୍ତ୍ରଣାଳୟ, ବିଭାଗ, ସଂସ୍ଥା ଓ ସଂଗଠନଙ୍କୁ ଯୋଗାଇ ଦିଆଯାଇଛି। ଏହି ସଂସ୍କାରକୁ ତଦାରଖ କରିବାକୁ ଏକ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍ ଗଠନ କରାଯାଇଚି। ସୁପାରିସ ହୋଇଥିବା ୮୧ଟି ସଂସ୍କାର ମଧ୍ୟରୁ ୩୫ଟିକୁ କାର୍ଯ୍ୟକାରୀ କରାଯାଇଛି। ସେଥିମଧ୍ୟରୁ ରେଳଟିକଟ ବାତିଲ କ୍ଷେତ୍ରରେ ସ୍ୱୟଂକ୍ରିୟ ଅର୍ଥ ଫେରସ୍ତ, ବ୍ୟାଙ୍କ ଜରିଆରେ ସିଙ୍ଗଲ ଉଇଣ୍ଡୋ ପେନ୍‌ସନ୍ ପ୍ରଦାନ ବ୍ୟବସ୍ଥା, ରେଳ ଡବାର ଯାନ୍ତ୍ରିକ ସଫେଇ, ଆୟକର ରିଟର୍ଣ୍ଣର ଇ-ଭେରିଫିକେସନ ବ୍ୟବସ୍ଥା, ପଚାଶହଜାର ଟଙ୍କା ପର୍ଯ୍ୟନ୍ତ ଆୟକର ରିଟର୍ଣ୍ଣର ତୁରନ୍ତ ଫେରସ୍ତ ଇତ୍ୟାଦି। ଆଉ ୨୦ଟି ମନ୍ତ୍ରଣାଳୟ / ବିଭାଗ ଆଦି ପାଇଁ ଯେଉଁ ଆପତ୍ତି ଅନୁଶୀଳନ ଅଧ୍ୟୟନ କରାଯାଇଥିଲା ସେଥିରେ ୧୦୦ ବ୍ୟବସ୍ଥିତ ସଂସ୍କାର କର୍ଯ୍ୟକାରୀ କରିବାକୁ ୨୦୧୭ରେ ସୁପାରିସ କରାଯାଇଛି। ଏହା ଫଳରେ ଲୋକଙ୍କୁ ସେବା ଯୋଗାଣ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଘଟିବ ବୋଲି ଆଶା କରାଯାଏ।

**ପୁରସ୍କାର ଯୋଜନା :**

ସାଧାରଣ ଅଭିଯୋଗ ଶୁଣି ତାହାର ତୁରନ୍ତ ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ସଂସ୍ଥା, ସଂଗଠନ, ବିଭାଗ ଓ ମନ୍ତ୍ରଣାଳୟ ପାଇଁ ସରକାର ପୁରସ୍କାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେମାନଙ୍କୁ ପ୍ରତି ତିନି ମାସରେ ଥରେ ପ୍ରଶଂସାପତ୍ର ପ୍ରଦାନ କରାଯାଉଛି। ଡିପିଆର୍‌ଜି ଏହି ବ୍ୟବସ୍ଥା ପ୍ରବର୍ତ୍ତନ କରିଛି। ଏପର୍ଯ୍ୟନ୍ତ ୨୧ଟି ପ୍ରଶଂସାପତ୍ର ପ୍ରଦାନ କରାଗଲାଣି। ୨୦୧୬-୧୭ ଆର୍ଥିକ ବର୍ଷରେ ୧୨ଟି ମନ୍ତ୍ରଣାଳୟ / ବିଭାଗ ଏହି ପ୍ରଶଂସାପତ୍ର ପାଇଛନ୍ତି। ଏସବୁ ବାଦ୍ ସରକାର ଏକ ସାଧାରଣ ଅଭିଯୋଗ କଲ୍ ସେଣ୍ଟର ୨୦୧୬ ଫେବୃଆରୀରୁ କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗକୁ କେତେ ଅଭିଯୋଗ ଆସିଛି ଓ ସେଥିରୁ କେତେ ଅଭିଯୋଗର ସମାଧାନ କରାଯାଇଛି ତାହା ସହଜରେ ଜାଣିହେଉଛି। ଦୁଇ ମାସ ମଧ୍ୟରେ ଯେଉଁ ଅଭିଯୋଗଗୁଡ଼ିକର ସମାଧାନ ହୋଇନାହିଁ ସେ ସମ୍ପର୍କରେ ସଂପୃକ୍ତ ମନ୍ତ୍ରଣାଳୟ / ବିଭାଗକୁ ତୁରନ୍ତ ସମାଧାନ ନିମନ୍ତେ ଚେତେଇ ଦିଆଯାଉଛି। ଏହି କଲ୍ ସେଣ୍ଟରରୁ ମାସକୁ ୨୦ ରୁ ୨୨ ହଜାର କଲ୍ କରାଯାଉଛି। ବିଚାରାଧୀନ ଅଭିଯୋଗ ସମୂହର ସ୍ଥିତି ଜାଣିବା ପାଇଁ ଡିଏଆର୍‌ପିଜି ପକ୍ଷରୁ ବାରମ୍ବାର ସମୀକ୍ଷା ବୈଠକମାନ କରାଯାଉଛି। ୨୦୧୭ରେ ଏଭଳି ପାଞ୍ଚଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ୬୬ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ / ବିଭାଗ ଅଂଶଗ୍ରହଣ କରିଥିଲେ।

**ନାଗରିକ ସନନ୍ଦ (ସିଟିଜେନ୍ ଚାର୍ଟର) :**

ସୁଶାସନ ପାଇଁ ନାଗରିକ ସନନ୍ଦ ବା ସିଟିଜେନ୍ କ୍ଲାଏଣ୍ଟ ଚାର୍ଟର ଏକ ଗୁରୁତ୍ୱପୂର୍ଣ୍ଣ ସାଧନ। ସରକାର ବା ବିଭିନ୍ନ ମନ୍ତ୍ରଣାଳୟ / ବିଭାଗ ନାଗରିକଙ୍କୁ କି କି ସେବା, କେତେ ଦିନ ମଧ୍ୟରେ ପ୍ରଦାନ କରିବେ ଓ ତାହାର ଅବଧି କ'ଣ ହେବ ସେସବୁ ବିଷୟରେ ନାଗରିକ ସନନ୍ଦରେ ଉଲ୍ଲେଖ ଥାଏ। ଅତଏବ ନାଗରିକ ସନନ୍ଦ ସରକାରଙ୍କର ଏକ ଲିଖିତ ଘୋଷଣାନାମା। ଏହି ସନନ୍ଦ ଅନୁସାରେ ନାଗରିକ ସେବା ନ'ପାଇଲେ ଆପତ୍ତି ଅଭିଯୋଗ ସରକାରଙ୍କ ପାଖରେ କରିବାକୁ ହକ୍‌ଦାର। ଅଦାଲତରେ ଏହି ସନନ୍ଦକୁ ନେଇ ନାଗରିକ ମକଦ୍ଦମା କରିବାକୁ ଅଧିକୃତ ହୋଇ ନ ଥିଲେ ହେଁ ଏହାଦ୍ୱରା ନାଗରିକ/ କ୍ଲାଏଣ୍ଟ (ସେବା ଲୋଡୁଥିବା ବ୍ୟକ୍ତି) ନିଜର ସେବା, ଏହାର ମାନ, ସେବା ଯୋଗାଣର ଅବଧି ଧାରା ଏବଂ ଏଥିରେ ଅନିୟମିତତାର ପ୍ରତିକାର ବିଷୟରେ ସଚେତନ ହୋଇପାରୁଛନ୍ତି। ମୋଟାମୋଟି ଭାବେ ସାଧାରଣ ସେବାକୁ ନାଗରିକ କୈନ୍ଦ୍ରିକ କରିବା ଏବଂ ଏହାକୁ ଯୋଗାଣ ସର୍ବସ୍ୱ ନ'କରି ଚାହିଦା ସର୍ବସ୍ୱ କରିବା ଏହି ସନନ୍ଦର ଉଦ୍ଦେଶ୍ୟ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ / ବିଭାଗ ଓ ରାଜ୍ୟସରକାରଙ୍କ ବିଭାଗଗୁଡ଼ିକ ପକ୍ଷରୁ ପ୍ରସ୍ତୁତ ନାଗରିକ ସନନ୍ଦ ସମ୍ବଳିତ ଏକ ପୋର୍ଟାଲ ପ୍ରସ୍ତୁତ କରାଯାଇଛି। http://goicharter.nic.inରେ ଏହା ଉପଲବ୍ଧ।

ଏସବୁ ପ୍ରୟାସର ଉଦ୍ଦେଶ୍ୟ ହେଲା ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଣ ଏବଂ ସେମାନଙ୍କ ଆପତ୍ତି ଅଭିଯୋଗର ତ୍ୱରିତ ଓ ଫଳପ୍ରଦ ସମାଧାନ। ଏହାର ସଫଳ କାର୍ଯ୍ୟକାରିତା ଉପରେ ସୁଶାସନର ଭିତ୍ତିଭୂମି ପ୍ରସ୍ତୁତ ହେବ। ଏହା କହିବାବେଳେ ମନେ ରଖିବାକୁ ହେବ ଯେ ସରକାର ଏଭଳି ଏକ ବ୍ୟବସ୍ଥା ବା କ୍ଷେତ୍ର ଯେଉଁଠି ପ୍ରତ୍ୟେକ ସ୍ତରରେ ନାଗରିକର କିଛି ନିର୍ଦ୍ଦିଷ୍ଟ ଭୂମିକା ନିର୍ବାହ କରିବାର ଦାୟିତ୍ୱ ରହିଛି।

ଲେଖକ କେନ୍ଦ୍ରସରକାରଙ୍କ ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗର ସଚିବ।

# ସାଧାରଣ ଅଭିଯୋଗର ନିରାକରଣ ଓ ଶାସନଗତ ସମସ୍ୟା

ଡଲି ଅରୋଡ଼ା

ଯେକୌଣସି ଶାସନ ବ୍ୟବସ୍ଥାରେ ସାଧାରଣ ଅଭିଯୋଗ ଶାସନ ବ୍ୟବସ୍ଥାର ଏକ ସୂଚକ ଭାବେ ଗଣ୍ୟ ହୁଏ। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରଙ୍କ ବୈଧତା ମୁଖ୍ୟତଃ ସାଧାରଣ ବିଶ୍ୱାସ ଓ ସମର୍ଥନ ଉପରେ ନିର୍ଭର କରିଥାଏ। ସରକାର ଉତ୍ତମମାନର ଶାସନ କେତେ ପରିମାଣରେ ଦେବାକୁ ସକ୍ଷମ ତାହା ଲୋକଙ୍କ ବିଶ୍ୱାସ ଓ ସମର୍ଥନ ପ୍ରମାଣ କରେ। ଦକ୍ଷ ଓ ସଫଳ ସରକାରୀ ପ୍ରତିଷ୍ଠାନ ସାଧାରଣ ବିଶ୍ୱାସ ବୃଦ୍ଧିର ମୂଳଦୁଆ ପକାଏ। ଲୋକଙ୍କୁ ସେମାନଙ୍କର ଆଶା ଆକାଂକ୍ଷା ଅନୁସାରେ ସେବା ଯୋଗାଣ ଓ ଲୋକଙ୍କୁ ସନ୍ତୁଷ୍ଟ କରିବା ଭଳି ଶାସନବ୍ୟବସ୍ଥା ପ୍ରଦାନଦ୍ୱାରା ଶାସନ ବ୍ୟବସ୍ଥାର ସଫଳତା ନିର୍ଭର କରିଥାଏ। ଇତିହାସରେ ଏହାର ଅନେକ ପ୍ରମାଣ ରହିଛି। ଅସନ୍ତୁଷ୍ଟ ଜନତା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନେକ ସରକାରର ପତନ ଘଟାଇଛନ୍ତି ଶାନ୍ତିପୂର୍ଣ୍ଣ ଭୋଟ ବ୍ୟବସ୍ଥା ମାଧ୍ୟମରେ। ଅଣଗଣତାନ୍ତ୍ରିକ ସମାଜରେ ବିକ୍ଷୁବ୍ଧ ଜନତା ହିଂସାତ୍ମକ ଉପାୟ ଅବଲମ୍ବନ କରି ଲୋକବିରୋଧୀ ଶାସନର ଅନ୍ତ ଘଟାଇଛନ୍ତି। ଲୋକଙ୍କୁ ଆଶାନୁରୂପ ସେବା ଓ ଶାସନ ନ'ଦେଲେ ସେମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳେ। ସୁଯୋଗ ପାଇବା ମାତ୍ରେ ସେମାନେ ସରକାରଙ୍କ ବିରୋଧରେ ପ୍ରତିଶୋଧ ନେଇଥାନ୍ତି। ଅଭିଯୋଗର ସମାଧାନ ନ ହେଲେ ଅସନ୍ତୋଷ ବଢ଼ିଥାଏ। ତେଣୁ ଲୋକପ୍ରିୟ ସରକାରର ପ୍ରଥମ କର୍ତ୍ତବ୍ୟ ହେଲା ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣି ତାହାର ନିରାକରଣ କରିବା ଓ ଅସନ୍ତୋଷ ଦୂର କରିବା। ସେ ଦୃଷ୍ଟିରୁ ସରକାରଙ୍କ ପାଇଁ ସାଧାରଣ ଅଭିଯୋଗ ଶୁଣି ତାହାର ଆଶୁ ସମାଧାନ କରିବା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେବେ ସାଧାରଣ ଅଭିଯୋଗ ସବୁଶୁଣି ତାହାର ଆଶୁ ସମାଧାନ କରିବା ଏକ ସହଜ କାମ ନୁହେଁ। ଏଥିରେ ବିଭିନ୍ନ ପକ୍ଷ ଓ ବିଭାଗ ଜଡ଼ିତ। ସବୁ ପକ୍ଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ଅଭିଯୋଗଗୁଡ଼ିକର ଶୁଣାଣି କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସେସବୁର ନିରାକରଣ କରିବାକୁ ଏକ ଦକ୍ଷ ବ୍ୟବସ୍ଥା ନିର୍ମାଣ କରିବାକୁ ପଡ଼ିବ। ଆଉ ମଧ୍ୟ ଯେଉଁ କାରଣ ପାଇଁ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଏବଂ କେଉଁ କ୍ଷେତ୍ରରେ ଏହା ଅଧିକ ଘଟୁଛି ତାହାକୁ ଠାବ କରି ସଂସ୍କାର ବ୍ୟବସ୍ଥା ହାତକୁ ନେଲେ ଏହାର ସ୍ଥାୟୀ ସମାଧାନ ସମ୍ଭବ ହୋଇପାରିବ।

ଭାରତୀୟ ପ୍ରେକ୍ଷାପଟରେ ଅଭିଯୋଗର ସୂଚନା, ଏହାର ନିରାକରଣ ଏବଂ ଏକ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକ ଅନୁଧ୍ୟାନ କରି ଏକ ପୂର୍ଣ୍ଣାଙ୍ଗ ବ୍ୟବସ୍ଥା ଗ୍ରହଣର ଆବଶ୍ୟକତା ରହିଛି।

**ଅଭିଯୋଗର ସ୍ୱରୂପ:**

ଭାରତରେ ସେବାଯୋଗାଣ କ୍ଷେତ୍ରରେ ଉଠୁଥିବା ସାଧାରଣ ଅଭିଯୋଗର ପରିସର ବ୍ୟାପକ। ଏହା କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗ, ପ୍ରାଦେଶିକ ସରକାରଙ୍କ ବିଭିନ୍ନ ବିଭାଗ, ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥା ଓ ବିଭିନ୍ନ ବେସରକାରୀ ସେବା କ୍ଷେତ୍ରକୁ ସଂପ୍ରସାରିତ। ବିଧାନ ପ୍ରଣେତା, ପ୍ରଶାସକ, ପରିଚାଳକ, ନିଯୁକ୍ତିଦାତା, ନିୟନ୍ତ୍ରକ, ସେବାପ୍ରଦାନକାରୀ, ସେବା ଗ୍ରହଣକାରୀ ଆଦି ଅନେକ ପକ୍ଷ ଏଥିରେ ସମ୍ପୃକ୍ତ। ନିଯୁକ୍ତି, କାର୍ଯ୍ୟସ୍ଥଳୀର କାମ କରିବାର ଅବସ୍ଥା, ବେତନ, ଭତ୍ତା, ଚାକିରି ସର୍ତ୍ତାବଳୀ, ଚାକିରିରୁ ବହିଷ୍କାର ଆଦି ଅନେକ ପ୍ରସଙ୍ଗ ମଧ୍ୟ ଏହାର ଅନ୍ତର୍ଭୁକ୍ତ। ଏସବୁ କ୍ଷେତ୍ରରେ ଆଇନ ବା ନୀତିଗତ ବ୍ୟବସ୍ଥାମାନ ରହିଥିଲେ ମଧ୍ୟ ବିଭିନ୍ନ ସମୟରେ ଲୋକେ ନ୍ୟାୟ ପାଇ ନ ଥାନ୍ତି ଓ ସେଥିପାଇଁ ଆପତ୍ତି ଅଭିଯୋଗ କରିଥାନ୍ତି। ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣି ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରା ନ ଗଲେ ସେମାନେ ନ୍ୟାୟ ପାଇବାରୁ ବସ୍ତୁତଃ ବଞ୍ଚିତ ହୋଇଥାନ୍ତି। ସେହିଭଳି ସରକାରୀ ଯୋଜନା ସମୂହର ସୁଫଳରୁ ବଞ୍ଚିତ ନାଗରିକର ମଧ୍ୟ ତ୍ୱରିତ ନ୍ୟାୟ ପାଇବାର ଅଧିକାର ରହିଛି। ସେଥିପାଇଁ ସଫଳ ଅଭିଯୋଗ ଶୁଣାଣି ବ୍ୟବସ୍ଥା ନିର୍ମାଣର ଆବଶ୍ୟକତା ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାଙ୍କ ସେବା, ଯୋଗାଯୋଗ ଆଦି କ୍ଷେତ୍ରରେ ଉତ୍ତମ ସେବା ପାଇବାରୁ ବଞ୍ଚିତ ଲୋକଙ୍କୁ ମଧ୍ୟ ଜରୁରୀ ନ୍ୟାୟ ପ୍ରଦାନର ବ୍ୟବସ୍ଥା କରାଯିବା ଉଚିତ।

ମୋଟାମୋଟି କହିବାକୁ ଗଲେ ଏତିକି ବୁଝାପଡ଼େ ଯେ ସୁବିଧା ସୁଯୋଗ ବା ହକ୍‌ରୁ ବଞ୍ଚିତ ହେଲେ, କ୍ଷମତାର ଅପବ୍ୟବହାର କରାଗଲେ, ଭୁଲ ନିଷ୍ପତ୍ତି, ପ୍ରିୟାପ୍ରୀତି ତୋଷଣ, ବାଛବିଚାର, ଦୁର୍ନୀତି ଓ ଭୁଲ ଭଟକା ଆଦି ପ୍ରସଙ୍ଗରୁ ସାଧାରଣ ଅଭିଯୋଗ ସୃଷ୍ଟି ହୁଏ। ଏହାଦ୍ୱାରା ବ୍ୟକ୍ତିବିଶେଷ, ଗୋଷ୍ଠୀ, ସମୁଦାୟ ଆଦି କ୍ଷତିଗ୍ରସ୍ତ ହୋଇଥାନ୍ତି।

**ବ୍ୟବସ୍ଥାର ବିବର୍ତ୍ତନ:**

ସ୍ୱାଧୀନୋତ୍ତର ଭାରତରେ ସାଧାରଣ ଅଭିଯୋଗର ସଂଖ୍ୟା ଓ ପରିସର ବଢ଼ିବା ସହ ଏହାର ଚାପ ସରକାରୀ ସ୍ତରରେ ଅନୁଭୂତ ହେଲା। ରାଜନୈତିକ ବ୍ୟବସ୍ଥାରେ ପରିବର୍ତ୍ତନ ସହ ବିଭିନ୍ନ ସରକାରଙ୍କ ଦ୍ୱାରା ନୀତି ନିୟମ କାର୍ଯ୍ୟକାରୀତା କ୍ଷେତ୍ରରେ ତ୍ରୁଟି ବିଚ୍ୟୁତି ଯୋଗୁଁ ସାଧାରଣ ଅଭିଯୋଗ ବଢ଼ିବାରେ ଲାଗିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ଜନଅସନ୍ତୋଷକୁ ଦୂରକରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ସାଧାରଣ ଅଭିଯୋଗର ଶୁଣାଣି ଓ ନିରାକରଣ ପାଇଁ ପ୍ରୟାସ ଆରମ୍ଭ

ହୋଇଥିଲା। ଷାଠିଏ ଦଶକର ମଧ୍ୟଭାଗରେ ସରକାର ଏ କ୍ଷେତ୍ରରେ ଅଧିକ ତତ୍ପରତା ଦେଖାଇଲେ। ଏହାପରେ ସାଧାରଣ ଅଭିଯୋଗର ନିରାକରଣ ପାଇଁ ବ୍ୟବସ୍ଥାଗତ ପଦକ୍ଷେପମାନ ହାତକୁ ନିଆଗଲା। ୧୯୮୭ରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ସାଧାରଣ ଆପତ୍ତି ଅଭିଯୋଗର ଶୁଣାଣି ଓ ନିରାକରଣ ପାଇଁ ଏକ କାର୍ଯ୍ୟକ୍ରମ ଅନୁମୋଦିତ ହୋଇଥିଲା। ଏହାର ଲକ୍ଷ୍ୟ ଥିଲା 'ନାଗରିକ-କୈନ୍ଦ୍ରିକ ପ୍ରଶାସନ' ବ୍ୟବସ୍ଥା ପ୍ରବର୍ତ୍ତନ। ଏହାପରେ ସବୁ ମନ୍ତ୍ରଣାଳୟ / ବିଭାଗରେ ନାଗରିକ ସନନ୍ଦ ପ୍ରବର୍ତ୍ତନ, ସୂଚନା ଓ ସୁଗମ କେନ୍ଦ୍ର ପ୍ରତିଷ୍ଠା ତଥା ଅଭିଯୋଗ ନିରାକରଣ ବ୍ୟବସ୍ଥା ପ୍ରବର୍ତ୍ତନ ଗୁରୁତ୍ୱ ପାଇଲା। ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସରକାର ସ୍ତରରେ ଏହି ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଗଲା।

ପ୍ରାରମ୍ଭିକ ଅବସ୍ଥାରେ ଏହି କାର୍ଯ୍ୟକ୍ରମ ପ୍ରତି ବିଶେଷ ଉତ୍ସାହ ପ୍ରଦର୍ଶନ କରାଯାଇଥିଲା। ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ନିରାକରଣ ବିଭାଗ (ଡିଏଆର୍‌ପିଜି) ଗଠନ ହେବା ପରେ ଏହା ମାଧ୍ୟମରେ ଏ ସମ୍ପର୍କରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥିଲା। ସାଧାରଣ ଅଭିଯୋଗ ନିରାକରଣ କ୍ଷେତ୍ରରେ ଦେଶରେ ଯେଉଁସବୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ସେଥିମଧ୍ୟରୁ ଦୁଇଟି ଉଲ୍ଲେଖଯୋଗ୍ୟ। ତାହା ହେଲା ସବୁ ମନ୍ତ୍ରଣାଳୟ / ବିଭାଗରେ ସାଧାରଣ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ପ୍ରତିଷ୍ଠା ଓ କେନ୍ଦ୍ରୀକୃତ ସାଧାରଣ ଅଭିଯୋଗ ନିରାକରଣ ଓ ତଦାରଖ ବ୍ୟବସ୍ଥା ବା ସିପିଗ୍ରାମ୍ସ ବ୍ୟବସ୍ଥା ସୃଷ୍ଟି। ତଦନୁସାରେ କେନ୍ଦ୍ର ସରକାରଙ୍କ ୯୪ ମନ୍ତ୍ରଣାଳୟ / ବିଭାଗ / ପ୍ରତିଷ୍ଠାନ ସେମାନଙ୍କର ଅଭିଯୋଗ ନିରାକରଣ ବ୍ୟବସ୍ଥାକୁ ସୁସଂହତ କରିଥିଲେ। ଏହି ଦୁଇ ବ୍ୟବସ୍ଥାରେ ଅଭିଯୋଗ ଗ୍ରହଣକାରୀ ଅଧିକାରୀ ଓ ସମାଧାନ ପାଇଁ ନୋଡାଲ ଅଧିକାରୀ ନିଯୁକ୍ତି ସହ ଅଭିଯୋଗ ପ୍ରକୋଷ୍ଠମାନ ଖୋଲାଯାଇ ଅତ୍ୟାଧୁନିକ ଜ୍ଞାନକୌଶଳର ସହାୟତାରେ ଅଭିଯୋଗ ନିରାକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା।

ଏସବୁ ସତ୍ତ୍ୱେ ସାଧାରଣ ଅଭିଯୋଗ ନିରାକରଣର ଲକ୍ଷ୍ୟ ସାଧିତ ହୋଇପାରି ନ ଥିଲା ଏବଂ ଏ ସମସ୍ତ ପ୍ରୟାସ ବିଫଳ ପ୍ରମାଣିତ ହୋଇଥିଲା। ୨୦୦୮ରେ ହୋଇଥିବା ଏକ ସମୀକ୍ଷାରୁ ଏହା ଜଣାପଡ଼ିବା ପରେ ତାହାର କାରଣ ନିର୍ଦ୍ଧାରଣ କରାଗଲା। ଜଣାପଡ଼ିଲା ଯେ ପର୍ଯ୍ୟାପ୍ତ ଲୋକଶକ୍ତି ଓ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ଅଭାବ, ଅଧିକାରୀଙ୍କ ଖାମଖିଆଲ ଢଙ୍ଗ, ନାଗରିକ ସନନ୍ଦ ପ୍ରସ୍ତୁତିରେ ତ୍ରୁଟି ଯୋଗୁଁ ସାଧାରଣ ଅଭିଯୋଗର ନିରାକରଣ ସନ୍ତୋଷଜନକ ହେଉନାହିଁ। ସିପିଗ୍ରାମ୍ସ ଗଠନର ଲକ୍ଷ୍ୟ ଥିଲା ସାଧାରଣ ଅଭିଯୋଗ ନିରାକରଣରେ ପ୍ରଶାସନକୁ ଅଧିକ ଉତ୍ତରଦାୟୀ କରିବା। ହେଲେ କର୍ମଚାରୀ, ଲୋକଙ୍କ ମଧ୍ୟରେ ସଚେତନତା, ଟେକ୍‌ନୋଲୋଜି ଓ ସାଧାରଣ ବିଶ୍ୱାସ ଅଭାବରୁ ଏହା ବିଶେଷ ଫଳବତୀ ହୋଇପାରି ନ ଥିଲା।

**ନୂଆ ଦୃଶ୍ୟପଟ:**

ବେଶ୍ କିଛି କାଳର ବ୍ୟବଧାନ ପରେ ସୂଚନା ପ୍ରଯୁକ୍ତିର ବିକାଶ, ଇଣ୍ଟରନେଟର କ୍ରମବିକାଶ, ବ୍ୟବସ୍ଥା ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି ଓ ଦକ୍ଷ, ତାଲିମପ୍ରାପ୍ତ ଲୋକଶକ୍ତି ମିଳିବା ପରେ ସିପିଗ୍ରାମ୍ସର ଦକ୍ଷତା ଓ କାର୍ଯ୍ୟପରିସର ବଢ଼ିଲା। ବ୍ୟବସ୍ଥାକୁ ସୁଦୃଢ଼ ଓ ଦକ୍ଷ କରିବାକୁ ଟେକ୍‌ନୋଲୋଜିର ବ୍ୟବହାର ଅଧିକ କରାଗଲା। ପ୍ରୋଆକ୍ଟିଭ ଗଭର୍ଣ୍ଣାନ୍ସ ଆଣ୍ଡ ଟାଇମ୍‌ଲି ଇମ୍ପ୍ଲିମେଣ୍ଟେସନ୍ (ପ୍ରଗତି) ବ୍ୟବସ୍ଥା କାର୍ଯ୍ୟକାରୀ ହେବାପରେ ସାଧାରଣ ଅଭିଯୋଗ ନିରାକରଣ ବ୍ୟବସ୍ଥା ପ୍ରୋତ୍ସାହିତ ହେଲା। ଡିଏଆରପିଜି, ଡିପିଜି ଓ ପିଏମ୍‌ଓ ଭଳି ଅଫିସ ବା ଦପ୍ତର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନୋଡାଲ ସଂସ୍ଥା ଭାବେ ଅଧିକ ସକ୍ରୀୟ ହୋଇ ଦାୟିତ୍ୱ ନିର୍ବାହ କଲେ। ଫଳରେ ୨୦୧୪ରେ ସାଧାରଣ ଅଭିଯୋଗ ସଂଖ୍ୟା ପୂର୍ବବର୍ଷ ତୁଳନାରେ ହଠାତ୍ ୧୪ ଶତାଂଶ ବଢ଼ିଥିଲା। ଲୋକଙ୍କ ବିଶ୍ୱାସ ବୃଦ୍ଧି ଓ ବ୍ୟବସ୍ଥାର ଉନ୍ନତି ଯୋଗୁଁ ଅଭିଯୋଗ ଦାଖଲ ସଂଖ୍ୟା ବଢ଼ିଲା କି ନାହିଁ ତାହା କହିବା କଷ୍ଟ; କାରଣ ମିଳିଥିବା ଅଭିଯୋଗ ସବୁର ୪୦ ଶତାଂଶ କେବଳ ଦୁଇଟି ମନ୍ତ୍ରଣାଳୟରୁ ମିଳିଥିଲା। ଅର୍ଥମନ୍ତ୍ରଣାଳୟ ୨୩ ଶତାଂଶ ଅଭିଯୋଗ ପାଇଥିବାବେଳେ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟରୁ ୧୭ଶତାଂଶ ଅଭିଯୋଗ ଆସିଥିଲା। ତଥ୍ୟ ଅନୁସାରେ ମୋଟ୍ ଅଭିଯୋଗର ସମାଧାନ ହାର ୯୭ ଶତାଂଶ। ତେବେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ଯେଉଁ ସବୁ ଅଭିଯୋଗର ସମାଧାନ କରିଛନ୍ତି ସେଥିରେ କେତେକ କ୍ଷେତ୍ରରେ ବିଳମ୍ବ ମଧ୍ୟ ହୋଇଛି। ଅଭିଯୋଗ ସଂଖ୍ୟା ଓ ସମାଧାନ ଘଟଣାର ଅନୁଶୀଳନରୁ ମିଳୁଥିବା ତଥ୍ୟ ଅନୁସାରେ ଏବେ ମଧ୍ୟ ଅନେକ ଅଭିଯୋଗ ଅସମାହିତ ରହିଛି ଓ ମାମଲା ସଂଖ୍ୟା ବଢୁଛି। ଅନ୍‌ଲାଇନ୍ ଓ ଅନ୍ୟାନ୍ୟ ମାଧ୍ୟମରେ ଆସୁଥିବା ଅଭିଯୋଗ ସବୁର ବର୍ଗୀକରଣ କରାଯାଇ ବର୍ଗ ଅନୁସାରେ ଏବଂ ଆବଶ୍ୟକସ୍ଥଳେ ଏକକ ଭାବେ ମାମଲା ସବୁର ସମାଧାନ କରାଯିବାର ଆବଶ୍ୟକତା ରହିଛି।

ପ୍ରଧାନମନ୍ତ୍ରୀ ସାଧାରଣ ଅଭିଯୋଗର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେଇଆସୁଛନ୍ତି ଏବଂ ପଡ଼ିରହିଥିବା ମାମଲା ସଂଖ୍ୟା ଯଥାସମ୍ଭବ କମ୍ କରିବାକୁ ଆହ୍ୱାନ ଦେଉଛନ୍ତି। ଏପରିକି ଏକ ମାସ ମଧ୍ୟରେ ଅଭିଯୋଗର ସମାଧାନ କରିବାକୁ ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି ଓ ଏଥିପାଇଁ ବ୍ୟବସ୍ଥାର ଉନ୍ନତି ଓ ତ୍ୱରିତ ସମାଧାନ ଉପରେ ବିଭିନ୍ନ ବିଭାଗ / ମନ୍ତ୍ରଣାଳୟ ଓ ନୋଡାଲ ସଂସ୍ଥାମାନେ ଗୁରୁତ୍ୱ ଦେଉଛନ୍ତି। ତେବେ ସରକାରୀ ଭାବେ ଅଭିଯୋଗ ସମାଧାନ ସମ୍ପର୍କରେ ପୋର୍ଟାଲରେ ଯେଉଁ ତଥ୍ୟ ପ୍ରଦାନ କରାଯାଉଛି ତାହା ବାସ୍ତବତାଠାରୁ ଢେର ଦୂରରେ।

**ନିରାକରଣ ବନାମ ସମାଧାନ:**

କେତେକ କ୍ଷେତ୍ରରେ ଦେଖାଯାଉଛି ଯେ ଅଭିଯୋଗ ନିରାକରଣ ପାଇଁ ଯେଉଁ ପ୍ରୟାସ ହେଉଛି ତାହା ସମାଧାନରେ ପରିଣତ ହେବାକୁ ବହୁ ବିଳମ୍ବ ଘଟୁଛି। ଗୋଟିଏ ବିଭାଗରୁ ଆଉ ଗୋଟିଏ ବିଭାଗ, ବାରମ୍ବାର ବିଭିନ୍ନ ବିଭାଗ ଦ୍ୱାରା ପରୀକ୍ଷା ନିରୀକ୍ଷା, ମତାମତ ସଂଗ୍ରହ ଫଳରେ ଅଭିଯୋଗ ସମାଧାନ ବିଳମ୍ବିତ ହେଉଛି। ଆହୁରି ମଧ୍ୟ କେତେକ କ୍ଷେତ୍ରରେ ଯେଉଁ ସମାଧାନ କରାଯାଉଛି ତାହା ଅଭିଯୋଗକାରୀଙ୍କୁ ସନ୍ତୁଷ୍ଟ କରିପାରୁନାହିଁ। ଫଳରେ ସେମାନେ ନ୍ୟାୟ ପାଇବାରୁ ବସ୍ତୁତଃ ବଞ୍ଚିତ ହେଉଛନ୍ତି। ଅଭିଯୋଗକାରୀ ସମାଧାନରେ ସନ୍ତୁଷ୍ଟ ନ'ହେଲେ

ସେ ସମାଧାନ ମୂଲ୍ୟହୀନ । ସ୍ୱୟଂ ଡିଏଆର୍‌ପିଜି ମଧ୍ୟ ଅନେକ କ୍ଷେତ୍ରରେ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

**ସଙ୍ଘୀୟ ଜଟିଳତା:**

ସିପିଗ୍ରାମ୍ସରେ ଉପଲବ୍ଧ ଅନେକ ମାମଲା ରାଜ୍ୟ ସରକାରଙ୍କ ସମ୍ପର୍କିତ । ଏ କ୍ଷେତ୍ରରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ଦିଲ୍ଲୀ ଆଗରେ ଅଛନ୍ତି । ସେସବୁ ରାଜ୍ୟର ଅଭିଯୋଗ ଅଧିକ ସଂଖ୍ୟାରେ କାହିଁକି କେନ୍ଦ୍ର ପାଖକୁ ଯାଉଛି ତାହା ଅନୁଧ୍ୟାନର ବିଷୟ । ଯେଉଁ ଆପତ୍ତି ଅଭିଯୋଗ ରାଜ୍ୟ ସରକାରଙ୍କ ସ୍ତରରେ ହେବା କଥା ତାହା କେନ୍ଦ୍ରକୁ ଯିବାର କୌଣସି ଆବଶ୍ୟକତା ନାହିଁ । କେନ୍ଦ୍ରରୁ ସେସବୁ ଅଭିଯୋଗକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଇବାର ବ୍ୟବସ୍ଥା ଥିଲେ ମଧ୍ୟ ତା' ଉପରେ ରାଜ୍ୟ ସରକାରମାନେ ବିଶେଷ ଗୁରୁତ୍ୱ ଦେଉନାହାନ୍ତି । କେନ୍ଦ୍ରରୁ ଯେଉଁ ଅଭିଯୋଗ ରାଜ୍ୟକୁ ପଠାଯାଉଛି ତାହାକୁ ସମାଧାନ ହୋଇଯାଇଛି ବୋଲି ଉଲ୍ଲେଖ କରାଯାଉଥିଲେ ହେଁ ବାସ୍ତବରେ ଏହା ସମାହିତ ହୋଇନାହିଁ । ଏ କ୍ଷେତ୍ରରେ ସମନ୍ୱୟର ଅଭାବ ସହିତ କ୍ଷମତା ପରିସର ଓ ଅଧିକାର କ୍ଷେତ୍ର ନେଇ ଦ୍ୱନ୍ଦ୍ୱ ରହୁଛି ।

**ସାଧାରଣ ସେବାର ଘରୋଇ ବ୍ୟବସ୍ଥା:**

ଘରୋଇ ସେବା ପ୍ରଦାନ କ୍ଷେତ୍ରରେ ଅଭିଯୋଗ ଶୁଣାଣି ଓ ସମାଧାନ କ୍ଷେତ୍ରରେ ମଧ୍ୟ ଜଟିଳତା ରହିଛି । ଏ କ୍ଷେତ୍ରରେ ଅଭିଯୋଗ ସମାଧାନ ପାଇଁ ଯେଉଁ ନିୟାମକ ବ୍ୟବସ୍ଥା ରହିଛି ସେସବୁର କ୍ଷମତା ଓ ସ୍ୱୟଂଶାସନକୁ ମଧ୍ୟ ସେବା ପ୍ରଦାନକାରୀ ଚାଲେଞ୍ଜ କରି ନିର୍ଦ୍ଦେଶ ମାନୁନାହାନ୍ତି । ଫଳରେ ବେସରକାରୀ ସେବାରେ ଅସନ୍ତୁଷ୍ଟ ଉପଭୋକ୍ତା ନ୍ୟାୟ ପାଉନାହାନ୍ତି । ଏହାର ସମାଧାନ କରାଯିବା ଆବଶ୍ୟକ ।

ସେହିଭଳି ଉତ୍ତରାଦାୟିତ୍ୱ ନିର୍ଦ୍ଧାରଣଜନିତ ଦୁର୍ବଳତା ଯୋଗୁଁ କର୍ତ୍ତୃପକ୍ଷଙ୍କଠାରୁ ଅଭିଯୋଗକାରୀ ନ୍ୟାୟ ପାଉନାହାନ୍ତି । ଏଥିପାଇଁ ଆଇନକାନୁନ ଓ ନିୟମ ଅତ୍ୟନ୍ତ ସ୍ପଷ୍ଟ ହେବା ଆବଶ୍ୟକ । ଏକାଧିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଭିଯୋଗ ବିଚାର ହେଲେ ନ୍ୟାୟ ବିଳମ୍ବିତ ହେବା ସ୍ୱାଭାବିକ । ତେଣୁ ଏ କ୍ଷେତ୍ରରେ ସ୍ପଷ୍ଟ ନୀତିର ଆବଶ୍ୟକତା ରହିଛି । ଏଥିପାଇଁ ବ୍ୟବସ୍ଥା ନିର୍ମାଣ ଜରୁରୀ । ଯେଉଁମାନେ ସିପିଗ୍ରାମ୍ସ ବ୍ୟବସ୍ଥାରେ ଅଭିଯୋଗ ଦାଏର କରିପାରୁନାହାନ୍ତି ବା ସେମାନଙ୍କ ପାଖରେ ସେ ସୁବିଧା ନାହିଁ, ସେମାନଙ୍କ ପାଇଁ ଲୋକ ଅଦାଲତ, ଜନଶୁଣାଣି, ସାମାଜିକ ଅଡିଟ୍, ମୋବାଇଲ ଆପ୍ସ ଭଳି ବିକଳ୍ପ ମଞ୍ଚର ଆବଶ୍ୟକତା ରହିଛି । ତା'ଛଡ଼ା ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ, ଅତ୍ୟାଧୁନିକ ଟେକ୍ନୋଲୋଜିର ଉପଯୋଗ, କ୍ଷମତା ପରିସର ସ୍ପଷ୍ଟ ନିର୍ଦ୍ଧାରଣ ଓ ସୁଦକ୍ଷ ବ୍ୟବସ୍ଥା ତିଆରି କରିବା ଜରୁରୀ ।

**ଅଭିଯୋଗ ଓ ସୁଯୋଗ:**

ଗୋଟିଏ ସରକାର ବା ପ୍ରଶାସନ ଜନଅଭିଯୋଗରୁ ଶାସନର ଦକ୍ଷତା ଓ ଉତ୍ତରଦାୟିତ୍ୱ ବୁଝିବାକୁ ସୁଯୋଗ ପାଏ । ଶାସନ କେତେ ସମର୍ଥ ଓ ଦକ୍ଷ ତାହା ଅଭିଯୋଗର ସଂଖ୍ୟାରୁ ଜାଣିହୁଏ । ଏହାସତ୍ତ୍ୱେ ସରକାର ବା କର୍ତ୍ତୃପକ୍ଷ ଏହାର ସମାଧାନ ପାଇଁ ଯଦି ତତ୍ପର ନହୁଅନ୍ତି ତାହା ଲୋକଙ୍କୁ ଉତ୍ତେଜିତ କରି ସରକାର ବିରୋଧୀ ବିସ୍ଫୋରଣର ରୂପ ନିଏ । ତେଣୁ ଅଭିଯୋଗକୁ ଚାପି ରଖିବା ଅର୍ଥ ଲୋକଙ୍କ ସ୍ୱରକୁ ଚପାଇଦେବା । ଏହି ବିଚାର ଅନେକ ସମୟରେ ସରକାରଙ୍କ ପାଇଁ ଆତ୍ମଘାତୀ ସାବ୍ୟସ୍ତ ହୁଏ । ସେ ଦୃଷ୍ଟିରୁ ଜନଅଭିଯୋଗକୁ ନ'ଚପାଇ ତାହାର ପରିପ୍ରକାଶ ନିମନ୍ତେ କର୍ତ୍ତୃପକ୍ଷ ଅଧିକ ସୁଯୋଗ ଦେଇ ସମାଧାନ ଦିଗରେ କାର୍ଯ୍ୟ କରିବା ବୁଦ୍ଧିମାନର କାର୍ଯ୍ୟ । ଲୋକେ ସୁଶାସନ ପାଇଲେ ସରକାରଙ୍କ ଲୋକପ୍ରିୟତା ବଢ଼ିଥାଏ ।

ଜନସାଧାରଣଙ୍କ ଅଭିଯୋଗ ବିବିଧ । ସବୁ ଅଭିଯୋଗ ବ୍ୟବସ୍ଥିତ ମାଧ୍ୟମ ବା ମଞ୍ଚ ଜରିଆରେ ସରକାରଙ୍କ ଅଥବା କର୍ତ୍ତୃପକ୍ଷଙ୍କ ନିକଟକୁ ଆସିପାରେ ନାହିଁ । ଅନେକ ମଧ୍ୟ ଅଭିଯୋଗ ଦାଖଲ କରିବାକୁ ଉଦ୍ଦିଷ୍ଟ ମଞ୍ଚକୁ ବିଭିନ୍ନ କାରଣରୁ ଯାଇନଥାନ୍ତି; କିନ୍ତୁ ସେମାନଙ୍କ ଅଭିଯୋଗ ଓ ଅସନ୍ତୋଷ ଜଣାପଡ଼େ ଓ ସମାଜରେ ଚର୍ଚ୍ଚା ହୁଏ । ଏହାକୁ ଶୁଣିବା, ଅନୁଭବ କରିବା ଶାସକ, ଶାସନର କାମ । କେବଳ ଅଭିଯୋଗ ପଞ୍ଜୀକୃତ ହେଲେ ତାହାର ସମାଧାନ ପାଇଁ ଉଦ୍ୟମ ହେବ ଓ ଅଣପଞ୍ଜୀକୃତ ଅଭିଯୋଗ ସବୁର ସମାଧାନ ପାଇଁ ସରକାର ପ୍ରୟାସ କରିବେ ନାହିଁ, ଏହା ଉଚିତ୍ ବିଚାର ନୁହେଁ । ଅନେକ ସମୟରେ ଅଭିଯୋଗକାରୀର କଥା କ୍ଷମତା ବଳୟର ପ୍ରତିବନ୍ଧକ ଡେଇଁ ପାରେନାହିଁ । ସେ କ୍ଷେତ୍ରରେ ସରକାର, ଶାସନବ୍ୟବସ୍ଥା ଆଖିକାନ ଖୋଲା ରଖି ଅଣଆନୁଷ୍ଠାନିକ ଚାନେଲ ମାଧ୍ୟମରେ ଅଭିଯୋଗ ସବୁକୁ ସଂଗ୍ରହ କରି ତାହାର ସମାଧାନ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଏହାଦ୍ୱାରା ଶାସନର ଉଦ୍ଦେଶ୍ୟ ସଫଳ ହୋଇଥାଏ ।

**ଶେଷ କଥା:**

ଯେତେବେଳେ ଏକ ଅନୁଷ୍ଠାନ ମାଧ୍ୟମରେ ଅଭିଯୋଗ ଗୃହୀତ ହୁଏ ସେତେବେଳେ ଏଥିରୁ ସେବା ପ୍ରଦାନର ମାନ ଓ ଦକ୍ଷତା ସମ୍ପର୍କରେ ଯଥେଷ୍ଟ ସୂଚନା ମିଳେ । ତ୍ରୁଟି ବିଚ୍ୟୁତି ଓ ଅସଂଗତି କେଉଁଠି ରହୁଛି ତାହା ଜାଣିହୁଏ । ଏଇଠି ଶାସନର ଦୂରଦୃଷ୍ଟି ଓ ସତର୍କତା ପରୀକ୍ଷିତ ହୋଇଥାଏ । ଅଭିଯୋଗର ସମାଧାନ ସହିତ ତ୍ରୁଟି ବିଚ୍ୟୁତି ନିରାକରଣ ପାଇଁ ସୁଯୋଗ ମିଳିଥାଏ । ଆହୁରି ମଧ୍ୟ ଅଭିଯୋଗର ଅନୁପସ୍ଥିତିକୁ ମଧ୍ୟ ପ୍ରଶାସନ, ଶାସନ ଉପେକ୍ଷା କରିବା ଅନୁଚିତ । ଅନେକ ସମୟରେ ଆପତ୍ତି ଅଭିଯୋଗ ହେଉନଥିବାରୁ ସବୁ ଠିକ୍‌ଠାକ୍ ଚାଲିଛି ବୋଲି ଶାସନ ଓ ବ୍ୟବସ୍ଥା ଧରିନେଇଥାଏ । ହେଲେ ଏ କ୍ଷେତ୍ରରେ ଏକ ଅସନ୍ତୋଷର ଅନ୍ତଃସ୍ୱର ଥାଏ । ବ୍ୟବସ୍ଥାର ଅଭାବ, ଦାରିଦ୍ର୍ୟ, ଅସୁବିଧା, ସୁଯୋଗର ଅଭାବ, କାର୍ଯ୍ୟାନୁଷ୍ଠାନର ଭୟ ଆଦି କାରଣରୁ ଅସନ୍ତୁଷ୍ଟ ଲୋକ ଅଭିଯୋଗ କରିବାକୁ ସୁଯୋଗ ପାଇ ନ ଥାନ୍ତି । ସୁଯୋଗର ଅଭାବ ଓ ଭୟ ଯୋଗୁଁ ପ୍ରକାଶିତ ହୋଇପାରୁ ନ ଥିବା ସାଧାରଣ ଅଭିଯୋଗ ଲୁଚି ରହିଥାଏ । ଏହା ଶାସନ ପାଇଁ ବଡ଼ ବିପଦ ପାଲଟେ । ଅତଏବ ବ୍ୟବସ୍ଥା ତିଆରି କରି, ଲୋକଙ୍କ ସହ ବିଶ୍ୱାସ ବଢ଼ାଇ ଓ ଯୋଗାଯୋଗ ରଖି ଅଭିଯୋଗ ଶୁଣି, ବ୍ୟବସ୍ଥାର ଦୁର୍ବଳତା ଦୂର କରି ଅଭିଯୋଗ ନିରାକରଣ ନିମନ୍ତେ ବହୁବିଧ ପଦକ୍ଷେପ ନେବା ଶାସନବ୍ୟବସ୍ଥା ପାଇଁ ଏକାନ୍ତ ଅପରିହାର୍ଯ୍ୟ ।

ଲେଖିକା ଜଣେ ଶିକ୍ଷାବିତ୍ ।

# ଶାସନର କଳା-ଦାୟିତ୍ୱବୋଧ, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା

ଉଦୟ ଏସ୍ ମେହେତା, ସିଦ୍ଧାର୍ଥ ନାରାୟଣ

ଶାସନର ସାରମର୍ମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନିଟି ଇଂରାଜୀ ଶବ୍ଦର ପ୍ରଥମ ଅକ୍ଷରକୁ ନେଇ ଏଆର୍‌ଟି (ଆର୍ଟ ବା ART) ବୋଲି କହିଛନ୍ତି। ସେ ତିନିଟି ହେଲା - ଆକାଉଣ୍ଟେବିଲିଟି (ଉତ୍ତରଦାୟିତ୍ୱ), ରେସ୍ପନସିବିଲିଟି (ଦାୟିତ୍ୱବୋଧ) ଓ ଟ୍ରାନ୍ସପରେନ୍ସି (ସ୍ୱଚ୍ଛତା/ ପାରଦର୍ଶିତା)। ଏହି ତିନିଟି କଥାକୁ ଶାସନର କଳା କହିଲେ ଭୁଲ ହେବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଭାଷାରେ "ART for Governance – Accountability, Responsibility and Transparency.

ଦେଶ ୬୯ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ୧୩୦ କୋଟି ଭାରତୀୟ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଶୋଭା ଓ ବିଭାବନାକୁ ପୁନର୍ବାର ସ୍ମରଣ କରୁଛନ୍ତି। ଭାରତ 'ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ଓ ଲୋକଙ୍କ'ର ଶାସନ ବ୍ୟବସ୍ଥା ଦ୍ୱାରା ଶାସିତ। ଏଥିରେ ସରକାର ସର୍ବଦା ଲୋକଙ୍କ ପାଖରେ ଉତ୍ତରଦାୟୀ। ଭାରତୀୟ ଗଣତନ୍ତ୍ରର ଏହି ବିଶେଷତ୍ୱ ଅବଶ୍ୟ ସ୍ମରଣ ଯୋଗ୍ୟ; କାରଣ ଏହା ଲୋକଙ୍କୁ ଗଣତାନ୍ତ୍ରିକ କ୍ଷମତା ଦେଇ ସଶକ୍ତ କରିଛି ଯାହା ଆଗରେ ସରକାର ଉତ୍ତରଦେବାକୁ ବାଧ୍ୟ। ଏହା ସତ୍ତ୍ୱେ ଭାରତୀୟ ଶାସନ ବ୍ୟବସ୍ଥା ନିକମା ଅମଲାତନ୍ତ୍ରଦ୍ୱାରା ଆକ୍ରାନ୍ତ। ଫଳରେ ଭାରତୀୟ ନାଗରିକ ସେମାନଙ୍କର ଆପତ୍ତି ଅଭିଯୋଗର ନିରାକରଣ ପାଇଁ ବିଶେଷ ସୁଯୋଗ ପାଆନ୍ତି ନାହିଁ। ସେଦୃଷ୍ଟିରୁ ଗଣତନ୍ତ୍ରର ପ୍ରକୃତ ମହତ୍ୱର ପ୍ରତିପାଦନ, ପରିପୂରଣ ନିମନ୍ତେ ନାଗରିକଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣର ଜରୁରୀ ଆବଶ୍ୟକତା ରହିଛି।



ବର୍ତ୍ତମାନର କେନ୍ଦ୍ର ସରକାର ବିଭିନ୍ନ ଆପତ୍ତି ଅଭିଯୋଗ ନିରାକରଣ ବ୍ୟବସ୍ଥାକୁ ଡିଜିଟାଇଜଡ୍ କରିବା ସହିତ ନାଗରିକଙ୍କୁ ନିଜ ଅଭିଯୋଗର ଶୁଣାଣି ତଥା ନ୍ୟାୟ ପ୍ରଦାନ ପାଇଁ ନୂଆ ନୂଆ ପଦକ୍ଷେପମାନ ଗ୍ରହଣ କରିଥିଲେ ମଧ୍ୟ ସେସବୁର ସଫଳତା ବିତର୍କିତ ହୋଇରହିଛି। ଫଳରେ ନାଗରିକଙ୍କୁ ସଶକ୍ତ କରିବାର ପ୍ରୟାସ ବିଡ଼ମ୍ବିତ ହୋଇଛି। ଘରୋଇ ସେବାପ୍ରଦାନକାରୀ ନାଗରିକଙ୍କ ଆପତ୍ତି ଅଭିଯୋଗ ଶୁଣି ଉପଯୁକ୍ତ ନିରାକରଣ ବ୍ୟବସ୍ଥା ଗ୍ରହଣ କରିବା କ୍ଷେତ୍ରରେ ଯେଉଁ ତତ୍ପରତା ଦେଖାଇବା କଥା ତାହା ମଧ୍ୟ ହେଉନାହିଁ। ଏଥିପାଇଁ ଯେଉଁ ବ୍ୟବସ୍ଥାଗତ ପଦକ୍ଷେପ ଗ୍ରହଣ କରାଯିବା କଥା ତାହା ସମ୍ପୂର୍ଣ୍ଣ ହୋଇପାରିନି। ଟେଲିକମ୍, ବ୍ୟାଙ୍କ ଆଦି କ୍ଷେତ୍ରରେ ଯେଉଁ ନିୟାମକ ବ୍ୟବସ୍ଥା ବା ଅମ୍ବୁଡ୍‌ସମ୍ୟାନ ନିଯୁକ୍ତ ହେବା କଥା ତାହା ଅଧାପନ୍ତରିଆ କିମ୍ବା ହୋଇନାହିଁ।

ଖାଉଟିଙ୍କ ପାଇଁ ଏଯାବତ୍ ଏକ ସଫଳ କ୍ରିୟାଶୀଳ ଓ ଦକ୍ଷ ଅଭିଯୋଗ ନିରାକରଣ ବ୍ୟବସ୍ଥା ଗଠନ କରିବା କ୍ଷେତ୍ରରେ ଯାହା କିଛି ସରକାର କରିଛନ୍ତି ତାହା ସେମିତି ଉଲ୍ଲେଖଯୋଗ୍ୟ ନୁହେଁ। ବିଭିନ୍ନ କ୍ଷେତ୍ରରେ ଏହା ପରିଲକ୍ଷିତ ହେଉଛି। ଦ୍ରବ୍ୟ

ଓ ସେବା କ୍ଷେତ୍ରରେ ବିକ୍ରି ପରବର୍ତ୍ତୀ ସେବା ଓ ଅଭିଯୋଗ ନିରାକରଣ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ତଥା ସୀମିତ। ଭାରତୀୟ ଉପଭୋକ୍ତା ତିନି ପ୍ରକାର ସମସ୍ୟାର ସମ୍ମୁଖୀନ। ପ୍ରଥମତଃ ଅଭିଯୋଗ କରିବାର ମଞ୍ଚ ବିଷୟରେ ସେ ଅଜ୍ଞ। ଦ୍ୱିତୀୟରେ ଏହି ମଞ୍ଚ ବିଷୟରେ ଉପଭୋକ୍ତା ଅବଗତ ହେଲେ ମଧ୍ୟ ସେଠି ପହଞ୍ଚିବା ବା ସଂପୃକ୍ତ ମଞ୍ଚର ସାନ୍ନିଧ୍ୟ ପାଇବା ଅତ୍ୟନ୍ତ ଦୁରୁହ। ତୃତୀୟ ଓ ଶେଷଟି ହେଲା ଯେ ଅଭିଯୋଗକାରୀ ଏହି ମଞ୍ଚରେ କୌଣସି ପ୍ରକାର ପହଞ୍ଚି ଆପତ୍ତି ଅଭିଯୋଗ ଜଣାଇଲେ ମଧ୍ୟ ତାହା ଦୀର୍ଘ କାଳ ବିଚାର ନ'ହୋଇ ପଡ଼ିରହିବାର ଆଶଙ୍କା ବହୁ ଅଧିକ। ଏହି କାରଣ ବାହାରେ ଆଉ ଏକ ବଡ଼କଥା ହେଲା, ଭାରତୀୟ ଉପଭୋକ୍ତା ଅଭିଯୋଗ ଦାଖଲ ସଂସ୍କୃତି ବା ନୀତି ସହ ଅନଭିଜ୍ଞ। ତେଣୁ ସେମାନେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥାନ୍ତି। ସେସବୁକୁ ଦୃଷ୍ଟିରେ ରଖି ପ୍ରଥମେ ଦେଶରେ ଏକ ଅଭିଯୋଗ ଦାଖଲ ଓ ଏହାର ନିରାକରଣ ସଂସ୍କୃତି ସୃଷ୍ଟି କରିବାକୁ ପଡ଼ିବ।

ଏସବୁକୁ ଦୃଷ୍ଟିରେ ରଖି ନାଗରିକଙ୍କ ଆପତ୍ତି ଅଭିଯୋଗର ସହଜ ପଞ୍ଜୀକରଣ, ତ୍ୱରିତ ବିଚାର ଓ ତାହାର ନିରାକରଣ ପାଇଁ ବର୍ତ୍ତମାନର ସରକାର ଶାସନ ପାଇଁ ମାନଦଣ୍ଡ ବା 'ଆର୍ଟ ଫର୍ ଗଭର୍ଣ୍ଣାନ୍ସ' ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି ଯାହା ସରକାରଙ୍କ ଦାୟିତ୍ୱବୋଧ, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଛି। ତଦନୁସାରେ ଦେଶର ଅଭିଯୋଗ ଗ୍ରହଣ ବ୍ୟବସ୍ଥାକୁ ଡିଜିଟାଇଜଡ଼ କରାଯିବା ସହ ବିଭିନ୍ନ ଅଭିଯୋଗ ଗ୍ରହଣ ମଞ୍ଚ ଖୋଲାଯାଇଚି। ରେଳ ମନ୍ତ୍ରଣାଳୟ ପକ୍ଷରୁ ନିର୍ବାଣ, ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ଇ-ସେବା, ଠିକଣା ସମୟରେ କାର୍ଯ୍ୟକ୍ରମ ରୂପାୟନ ପାଇଁ ସରକାରୀ ପ୍ରୟାସ 'ପ୍ରଗତି' ଭଳି ଅନେକ ନୂଆ ମଞ୍ଚ ଖୋଲାଯାଇଛି। ଏସବୁ ମଞ୍ଚରେ ନାଗରିକ ସରକାରୀ ସେବା ସଂକ୍ରାନ୍ତ ନିଜର ଅଭିଯୋଗ ଦାଖଲ କରି ସେସବୁର ସମାଧାନ କରିବାର ସୁଯୋଗ ପାଇଛନ୍ତି। ସେହିଭଳି ବେସରକାରୀ ସେବା ପ୍ରଦାନକାରୀଙ୍କ ପାଇଁ କେତେକ ଅନ୍‌ଲାଇନ୍ ଅଭିଯୋଗ ଓ ପ୍ରତିବିଧାନ ମଞ୍ଚର ବ୍ୟବସ୍ଥା କରାଯାଇଛି।

ଅଭିଯୋଗ ଶୁଣାଣିର ଯେଉଁ ପୁରୁଣା ବ୍ୟବସ୍ଥା ଓ ନୀତି ଥିଲା ସରକାର ସେସବୁର ପୁନଃ ବିନ୍ୟାସ ଅଧିକାଂଶ ସ୍ଥଳେ କରି ତାହାକୁ ଅଧିକ ଲୋକାଭିମୁଖୀ କରିବାକୁ ଚେଷ୍ଟା କରିଛନ୍ତି। ଏଥିରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିର ଉପଯୋଗ ସହିତ ଏହାକୁ ସରଳ କରାଯାଇଛି। ଫଳରେ ଲୋକେ ଏସବୁକୁ ସହଜରେ ବ୍ୟବହାର କରିବାର ସୁଯୋଗ ପାଇଛନ୍ତି। ଏସବୁ ବ୍ୟବସ୍ଥା ମୁଖ୍ୟତଃ ସରକାରୀ କ୍ଷେତ୍ରର ସେବା ପାଇଁ କରାଯାଇଛି। ତେଣୁ ଲୋକେ ଆଉ ପୂର୍ବଭଳି ଅଭିଯୋଗ ମଞ୍ଚ ବିଷୟରେ ଅଜ୍ଞ ରହୁନାହାନ୍ତି କିମ୍ବା ସେଠାରେ ପହଞ୍ଚିବା ସେମାନଙ୍କ ପାଇଁ କଷ୍ଟସାଧ ହେଉନାହିଁ। ତେବେ ତୃତୀୟ ସମସ୍ୟା ଅଭିଯୋଗ ଶୁଣାଣି ଓ ପ୍ରତିକାର ମୁଖ୍ୟତଃ ପୂର୍ବଭଳି ବିଳମ୍ବିତ ଓ ଉପେକ୍ଷିତ ଅବସ୍ଥାରେ ରହିଛି। ଏହି ପ୍ରତିବନ୍ଧକ ଦୂର କରିବା ପାଇଁ ସରକାର ଏକ ଆଇନ ପ୍ରଣୟନ କରିବାକୁ ଯାଉଛନ୍ତି। ଲୋକପାଳ ବିଲ୍ ଭାବେ ପରିଚିତ ଏହି ବ୍ୟବସ୍ଥାରେ ନାଗରିକ/ଖାଉଟିର କୌଣସି ଆପତ୍ତି ଅଭିଯୋଗକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶୁଣି ଧାର୍ଯ୍ୟ ସମୟରେ ସେମାନଙ୍କୁ ନ୍ୟାୟ ଦେବା ପାଇଁ ସରକାର ବା ସମ୍ପୃକ୍ତ ଅଧିକାରୀ ବାଧ୍ୟ ହେବେ। ୨୦୧୧ରୁ ଏହି ବିଲ୍ ପ୍ରସ୍ତୁତ ହୋଇ ସଂସଦରେ ବିଚାରାଧୀନ ଅବସ୍ଥାରେ ରହିଛି। ଅବଶ୍ୟ ସରକାର ସେବା ଯୋଗାଣ ଓ ଅଭିଯୋଗ ନିରାକରଣ ପାଇଁ ଏକ ନୂଆ ଆଇନ ପ୍ରଣୟନ ଲକ୍ଷ୍ୟରେ ୨୦୧୫ରେ ଏକ ବିଲ୍ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ଯଦି ଆଇନରେ ପରିଣତ ହୁଏ ତାହା ସାଧାରଣ ଅଭିଯୋଗ ନିରାକରଣ ପାଇଁ ଯଥେଷ୍ଟ ହେବ ନାହିଁ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

ଆପତ୍ତି ଅଭିଯୋଗ ଗ୍ରହଣ ଓ ନିରାକରଣ ପାଇଁ ସରକାର ଯେଉଁସବୁ ଅନ୍‌ଲାଇନ୍ ବ୍ୟବସ୍ଥା କରିଛନ୍ତି ତାହା ସ୍ୱାଗତଯୋଗ୍ୟ ହୋଇଥିଲେ ହେଁ ଦୁର୍ବଳ ଭିତ୍ତିଭୂମି, ଜ୍ଞାନକୌଶଳର ଅଭାବ ଏ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଫଳରେ ଅଭିଯୋଗକାରୀ ଏହାର ଉପଯୋଗ କରିବାରେ ବିଫଳ ହେଉଛନ୍ତି। ତେଣୁ ଖାଉଟି ଅଭିଯୋଗର ସମାଧାନ ପାଇଁ ଅମ୍ବୁଡ଼ସମ୍ୟାନ ନିଯୁକ୍ତିର ଆବଶ୍ୟକତା ରହିଛି। ବ୍ୟାଙ୍କ, ବିଦ୍ୟୁତ୍, ବୀମା ଆଦି କ୍ଷେତ୍ରରେ ଅମ୍ବୁଡ଼ସମ୍ୟାନ୍ ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଛି ଏବଂ ତାହା ଆପତ୍ତି ଅଭିଯୋଗ ନିରାକରଣ କ୍ଷେତ୍ରରେ ଅନେକାଂଶରେ ସଫଳ ହେଉଥିବାରୁ ସେ ବ୍ୟବସ୍ଥାଟି ସାଧାରଣ ଖାଉଟିଙ୍କ ପାଇଁ କରାଯିବାର ଆବଶ୍ୟକତା ରହିଛି।

ସରକାରୀ ବ୍ୟବସ୍ଥା ବାହାରେ ଘରୋଇ କ୍ଷେତ୍ର ସବୁ ଲୋକଙ୍କୁ ଯେଉଁସବୁ ସେବା ଯୋଗାଉଛନ୍ତି ସେଥିରେ ଘଟୁଥିବା ତ୍ରୁଟି ବିଚ୍ୟୁତି ସଂକ୍ରାନ୍ତ ଅଭିଯୋଗ ଗ୍ରହଣ ତଥା ପ୍ରତିବିଧାନ ପାଇଁ ବିଭିନ୍ନ କ୍ଷେତ୍ରଭିତ୍ତିକ ନିୟନ୍ତ୍ରକ ବ୍ୟବସ୍ଥା ରହିବା ଆବଶ୍ୟକ। ସେମାନେ ଖାଉଟିଙ୍କ ସ୍ୱାର୍ଥ ରକ୍ଷା କରିବା ସହ ଅଭିଯୋଗ ନିରାକରଣ ପାଇଁ ଉତ୍ତରଦାୟୀ ରହିଲେ ନାଗରିକ ଶୋଷଣରୁ ସୁରକ୍ଷିତ ରହିପାରିବେ। ପ୍ରତି ପାଞ୍ଚବର୍ଷରେ ଜନତାଙ୍କ ଆସ୍ଥା ଓ ବିଶ୍ୱାସ ଲୋଡ଼ି ସରକାର କ୍ଷମତାକୁ ଆସିଥାନ୍ତି। ତେବେ ଏହି ଆସ୍ଥା ସ୍ଥାପନ ପଛରେ ସରକାରଙ୍କ ସଫଳତା ଓ ଦକ୍ଷତାକୁ ଲୋକେ ପ୍ରଥମେ ମାପିଥାନ୍ତି। ସେହିଭଳି ନିୟନ୍ତ୍ରକମାନଙ୍କୁ ଦକ୍ଷ ଓ କର୍ମଠ କରିବା ପାଇଁ ବ୍ୟବସ୍ଥା ରହିବା ଆବଶ୍ୟକ ଯଦ୍ୱାରା ସେମାନେ ଜନତାଙ୍କ ବିଶ୍ୱାସଭାଜନ ହୋଇପାରିବେ।

ଟେଲିକମ୍ ନିୟନ୍ତ୍ରକ ବା ଟ୍ରାଇ ଭଳି ବିଭିନ୍ନ କ୍ଷେତ୍ର ଭିତ୍ତିକ ଯେଉଁସବୁ ନିୟାମକ ରହିଛି ସେମାନଙ୍କର କ୍ଷମତା ସୀମିତ। ଏସବୁ ନିୟାମକ ନିଜ ନିଜର ଦୁର୍ବଳ ଦକ୍ଷତା ବିଷୟରେ ମଧ୍ୟ ଅବଗତ। ସେଥିପାଇଁ ସେମାନେ ବିଭିନ୍ନ ସମୟରେ ବାହ୍ୟ ପରାମର୍ଶ ଲୋଡ଼ିଥାନ୍ତି। ୨୦୧୬ରେ ଟ୍ରାଇ ପ୍ରସ୍ତାବ ଦେଇଥିଲା ଯେ ଟେଲିକମ୍ କ୍ଷେତ୍ରରେ ଅଭିଯୋଗ ଗ୍ରହଣ ଓ ପ୍ରତିକାର ପାଇଁ ଏକ ତିନି

ସ୍ତରୀୟ ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ। ଏହି ବ୍ୟବସ୍ଥା ଟେଲିକମ୍ ସେବା ପ୍ରଦାନକାରୀ, ଖାଉଟି ଅଭିଯୋଗ ନିରାକରଣ ମଞ୍ଚ ଏବଂ ଅମ୍ବୁଡ୍‌ସମାନ ତିନିସ୍ତରରେ କରିବାକୁ ଟ୍ରାଇପ୍ରସ୍ତାବ ଦେଇଥିଲା। ତେବେ ଏହି ପ୍ରସ୍ତାବରେ ଏଯାଏ ବିଶେଷ କରି ପ୍ରଗତି ପରିଲକ୍ଷିତ ହୋଇନାହିଁ। ଫଳରେ ଟେଲିକମ୍ ବିବାଦମାନ ଏକୀକୃତ ଭାବେ ନ'ହୋଇ ଏ ମଞ୍ଚରୁ ସେମାନଙ୍କୁ ଯାଇ ଗଡୁଛି ଏବଂ ସମାଧାନ ହୋଇପାରୁନାହିଁ। ଅନ୍ୟାନ୍ୟ କ୍ଷେତ୍ର ବା ବିଭାଗରେ ମଧ୍ୟ ଏକାଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ଅମ୍ବୁଡ୍‌ସ୍‌ମ୍ୟାନ ନିଯୁକ୍ତି କରିଦେଲେ ଖାଉଟିଙ୍କ ସମସ୍ୟାର ତତ୍‌କାଳ ସମାଧାନ ହୋଇଯିବ ତାହା କୁହାଯାଇ ନ'ପାରେ। ଭାରତର ବିଶାଳ ଓ ବିବିଧ ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ଅମ୍ବୁଡ୍‌ସମ୍ୟାନ ବ୍ୟବସ୍ଥାକୁ ସଫଳ କରିବା ପାଇଁ କେନ୍ଦ୍ରୀୟ ଏବଂ ପ୍ରାଦେଶିକ ସ୍ତରରେ ସହଯୋଗୀ/ ସହାୟକ ଅନୁଷ୍ଠାନ ଓ ବ୍ୟବସ୍ଥା ରହିବା ଜରୁରୀ। ଉଦାହରଣ ସ୍ୱରୂପ କେନ୍ଦ୍ର ଖାଉଟି ବ୍ୟାପାର ବିଭାଗ ଅଧୀନରେ ଗ୍ରାହକ ସୁବିଧା କେନ୍ଦ୍ର ସ୍ଥାପନ କରି ଏକକ ଅଭିଯୋଗ ଗ୍ରହଣ ଓ ପ୍ରତିବିଧାନ ବ୍ୟବସ୍ଥା ପ୍ରବର୍ତ୍ତନର ଯେଉଁ ପରିକଳ୍ପନା ଥିଲା ଏବେ ତାହା ବିଳମ୍ବିତ ଅବସ୍ଥାରେ ରହିଛି। ଏଥିରେ ଆଇଟି, କେନ୍ଦ୍ର ଓ ରାଜ୍ୟ ଖାଉଟି ହେଲ୍‌ପ୍ ଲାଇନ୍‌କୁ ସଂପୃକ୍ତ କରିବାର ପରିକଳ୍ପନା ଥିଲା। ଏହି ବ୍ୟବସ୍ଥାଟି କାର୍ଯ୍ୟକାରୀ ହେଲେ ଖାଉଟିଙ୍କ ଉପକାରରେ ଆସନ୍ତା।

କଟ୍‌ସ୍ ଇଣ୍ଟର ନେଶନାଲ ସଂସ୍ଥା ଦ୍ୱାରା ଗ୍ରାହକ ସୁବିଧାକେନ୍ଦ୍ର ଜୟପୁରରେ କାର୍ଯ୍ୟକାରୀ ହେଉଛି। ଏହାର ୧୮ମାସର କାର୍ଯ୍ୟକାଳ ମଧ୍ୟରେ ଏହି କେନ୍ଦ୍ର ବିଭିନ୍ନ କ୍ଷେତ୍ରରୁ ଅଭିଯୋଗମାନ ପାଇଛି। ସେଥିମଧ୍ୟରୁ ଆର୍ଥିକ କ୍ଷେତ୍ରରୁ ୧୧ପ୍ରତିଶତ ଅଭିଯୋଗ ଆସିଛି। ଏହାର କାରଣ ହେଲା ବିମୁଦ୍ରାୟନ ପରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ପ୍ରବର୍ତ୍ତନ ଯୋଗୁଁ ଏ କ୍ଷେତ୍ରରେ ଥିବା ଅଭାବ ଅସୁବିଧା ନେଇ ଉପଭୋକ୍ତା ଅଭିଯୋଗ କରିବା ସ୍ୱାଭାବିକ। ତେବେ ଉପଭୋକ୍ତା ବା ଖାଉଟି ବିଭିନ୍ନ ମାଧ୍ୟମ ଓ ଭାଷାରେ ଅଭିଯୋଗମାନ ଦାଖଲ କରୁଥିବାରୁ ସେସବୁର ସମାଧାନ କରିବା ଗ୍ରାହକସେବା କେନ୍ଦ୍ରର ଦକ୍ଷତା ଉପରେ ନିର୍ଭର କରୁଛି। ବ୍ୟାଙ୍କିଙ୍ଗ୍ ଅମ୍ବୁଡ୍‌ସମ୍ୟାନ ବ୍ୟବସ୍ଥା ସତ୍ତ୍ୱେ ଗ୍ରାହକସେବା କେନ୍ଦ୍ରକୁ ଆର୍ଥିକ କାରବାର ଜନିତ ଅଭିଯୋଗ ଆସିବା ଆଉ ଏକ ବିଶେଷତ୍ୱ ଯାହା ସ୍ୱତନ୍ତ୍ର ଅନୁଧ୍ୟାନ ଲୋଡ଼େ। ଏହି କେନ୍ଦ୍ରରୁ ଲୋକେ ମଧ୍ୟ ଖାଉଟି ଅଧିକାର, ଦିଗ୍‌ଦର୍ଶନ, ସହାୟତା ଆଦି ବିଭିନ୍ନ ଖାଉଟି ମାମଲାରେ ଲୋଡୁଛନ୍ତି। କେତେକ ମାମଲାର ବୁଝାମଣା ଭିତ୍ତିକ ସମାଧାନ ପାଇଁ ମଧ୍ୟ କେନ୍ଦ୍ରର ପରାମର୍ଶ ଚାହୁଁଛନ୍ତି। ଏଥିରୁ ଗୋଟିଏ ବାର୍ତ୍ତା ଆସୁଛି ଯେ ବିକଳ୍ପ ଖାଉଟି ବିବାଦ ସମାଧାନ ମଞ୍ଚ ପ୍ରତି ଲୋକଙ୍କର ଆସ୍ଥା ଓ ବିଶ୍ୱାସ ରହିଛି। ତେଣୁ ଅଧିକରୁ ଅଧିକ ସ୍ୱେଚ୍ଛାସେବୀ ଖାଉଟି ବିବାଦ ସମାଧାନ ମଞ୍ଚକୁ ଏ କ୍ଷେତ୍ରରେ ଉତ୍ସାହିତ କରାଯିବା ଆବଶ୍ୟକ। ଏହା ହେଲେ ଖାଉଟି ସୁରକ୍ଷା ଆଇନ ୧୯୮୬ (କୋପ୍ରା) ଅନୁସାରେ ଗଠିତ ଜାତୀୟ ଖାଉଟି ଆୟୋଗ, ରାଜ୍ୟ ଖାଉଟି ଆୟୋଗ ଓ ଜିଲା ଫୋରମ୍ ଭଳି ବିବାଦ ସମାଧାନ ସଂସ୍ଥା ସବୁର କାମ ବୋଝ ହାଲକା ହୋଇପାରନ୍ତା। ଖାଉଟିଙ୍କ ସ୍ୱାର୍ଥ ରକ୍ଷା ଓ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଏସବୁ ଖାଉଟି ଅଦାଲତ ଯଦିଓ ୩୦ବର୍ଷ ତଳେ ପ୍ରତିଷ୍ଠା ହୋଇଥିଲା ତାହା ଲକ୍ଷ୍ୟ ପୂରଣରେ ସଫଳ ହୋଇପାରିନାହିଁ। ଏହା ସିଭିଲ କୋର୍ଟର ବିକଳ୍ପ ଭାବେ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ବାସ୍ତବରେ ଏବେ ସିଭିଲ କୋର୍ଟ ଭଳି କାମ କରୁଛି, ଯେଉଁଠି ମାମଲା ଦୀର୍ଘକାଳ ଧରି ଗଡୁଛି। ଜାତୀୟ ଖାଉଟି ବିବାଦ ସମାଧାନ ଆୟୋଗ ନିଜ ୱେବ୍‌ସାଇଟ୍‌ରେ ମାମଲା ସମାଧାନରେ ବଡ଼ ସଫଳ ତଥ୍ୟ ଦେଉଛନ୍ତି। ପଞ୍ଜୀକୃତ ମାମଲା ମଧ୍ୟରୁ ୮୬.୨୫ ଶତାଂଶର ସମାଧାନ ହୋଇଛି ବୋଲି ଆୟୋଗଙ୍କ ୱେବ୍‌ସାଇଟ୍ ତଥ୍ୟ କହୁଛି। ସେହିଭଳି ପ୍ରାଦେଶିକ ଖାଉଟି ଅଦାଲତଗୁଡ଼ିକରେ ମାମଲା ସମାଧାନ ହାର ୮୫.୬୭ ଶତାଂଶ ଓ ଜିଲା ଖାଉଟି ଅଦାଲତଗୁଡ଼ିକରେ ୯୨.୪୩% ମାମଲା ସମାଧାନ ହୋଇଥିବା ଦାବି କରାଯାଉଛି। ଏସବୁ ଦାବି ସତ୍ତ୍ୱେ ସତକଥା ହେଲା ବିଭିନ୍ନ ଖାଉଟି ଅଦାଲତରେ ଏବେ ମଧ୍ୟ ଚାରି ଲକ୍ଷ୍ୟରୁ ଅଧିକ ମାମଲା ବିଚାର ନ' ହୋଇ ପଡ଼ିରହିଛି। ଏଥିରୁ ସେଇ ପୁରୁଣା କଥାଟି ମନେ ପଡ଼େ, ବିଳମ୍ବିତ ନ୍ୟାୟ ନ୍ୟାୟ ପ୍ରଦାନ ନ'କରିବା ସଙ୍ଗେ ସମାନ। ଅତଏବ ଭାରତର ଖାଉଟି ଅଦାଲତ ସମୂହ ଏହାର ଖାଉଟିଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ଲୋକଙ୍କ ଆଶା ଭରସା ପୂରଣରେ ବିଫଳ ହୋଇଛି। ୨୦୧୮ ଖାଉଟି ସୁରକ୍ଷା ବିଲ୍ ପ୍ରଚଳିତ 'କୋପ୍ରା' ଆଇନର ଅବସାନ ଘଟାଇବାକୁ ଉଦ୍ଦିଷ୍ଟ। ଏହି ବିଲ୍‌ରେ ଏକ କେନ୍ଦ୍ରୀୟ ଖାଉଟି ସୁରକ୍ଷା ପ୍ରାଧିକରଣ (ସିସିପିଏ) ଗଠନର ବ୍ୟବସ୍ଥା ରହିଛି। ଏହା ବିଭିନ୍ନ ମାମଲାକୁ ଶ୍ରେଣୀଭୁକ୍ତ କାର୍ଯ୍ୟାନୁଷ୍ଠାନ ବା କ୍ଲାସ ଆକ୍ସନ ଢାଞ୍ଚାରେ ବିଚାର କରି ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବ। କ୍ଲାସ ଆକ୍ସନ ବ୍ୟବସ୍ଥାରେ

ଗ୍ରାହକ ସୁବିଧା କେନ୍ଦ୍ର




ଏକ ପ୍ରକାର ମାମଲାଗୁଡ଼ିକର ବିଚାର ଏକ ସଙ୍ଗରେ ବା ଏକ ପ୍ରକାର ବିଚାର ଆଧାରରେ କରାଯାଇ ନ୍ୟାୟ ପ୍ରଦାନ କରାଯିବ।

ଯେତେସବୁ ଖାଉଟି ମାମଲା ବିଚାରାଧୀନ ଅଛି ତାହାକୁ କେତେ ଶୀଘ୍ର ସମାଧାନ କରିହେବ ତାହା 'ସିସିପିଏ'ର ଦକ୍ଷତାକୁ ମାପିବ। ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଖାଉଟି ଅଦାଲତରେ ବିଚାରପତି ଓ କର୍ମଚାରୀ ପଦ ଅଧିକ ସଂଖ୍ୟାରେ ଖାଲି ପଡ଼ୁଥିବାରୁ ମାମଲା ଶୁଣାଣି ବିଳମ୍ବିତ ହେଉଛି। ଭିତ୍ତିଭୂମିର ଘୋର ଅଭାବ ପରିସ୍ଥିତିକୁ ଅଧିକ ଜଟିଳ କରୁଛି। ସର୍ବୋପରି ମାମଲା ନେଇ କେନ୍ଦ୍ର-ରଜ୍ୟ ଟଣାଓଟରା ଓ ଦୋଷ ଠେଲାଠେଲି ବିଚାର ପ୍ରକ୍ରିୟାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ଅଦାଲତର ଆର୍ଥିକ ଆବଶ୍ୟକତା ପୂରଣ ମଧ୍ୟ ଆଉ ଏକ ବଡ଼ ସମସ୍ୟା ସୃଷ୍ଟି କରୁଛି। ରାଜ୍ୟମାନେ ଅର୍ଥାଭାବର ଆଳ ଦେଖାଉଥିବାବେଳେ କେନ୍ଦ୍ର ସରକାର ଏଥିପାଇଁ ଆବଶ୍ୟକ ଅର୍ଥ ଦେଉନାହାନ୍ତି। ତେଣୁ ଏ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ମାମଲା ପରିଚାଳନା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରନ୍ତା ଏବଂ ଖାଉଟିଙ୍କୁ ନ୍ୟାୟ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ ହୁଅନ୍ତା।

ଏ କ୍ଷେତ୍ରରେ ଆଉ ଏକ ସମସ୍ୟା ହେଲା ଅଭିଯୋଗ ସମାଧାନର ବହୁ ବିଭାଗୀୟ ବା ବହୁ ମନ୍ତ୍ରଣାଳୟ ବ୍ୟବସ୍ଥା। ଗୋଟିଏ କ୍ଷେତ୍ରର ଅଭିଯୋଗ / ମାମଲା ଯଦି ଏକାଧିକ ମନ୍ତ୍ରଣାଳୟ/ ବିଭାଗ ମଧ୍ୟରେ ସମାଧାନ ପାଇଁ ଛନ୍ଦି ହୋଇରହିବ ତାହା ବିଳମ୍ବିତ ହେବା ସ୍ୱାଭାବିକ। ଇ-କମର୍ସ ଏଭଳି ଏକ ବ୍ୟାପାର। ଏଥିରେ ବିଭିନ୍ନ ପକ୍ଷଙ୍କର ସଂପୃକ୍ତି ଓ ଦାୟିତ୍ୱ ରହୁଥିବାରୁ ଏସବୁ ଅଭିଯୋଗ ବିଚାର ହେବାରେ ବହୁ ବିଳମ୍ବ ଘଟୁଛି ଓ ମାମଲା ସଂଖ୍ୟା ବଢ଼ୁଛି। ଜାତୀୟ ଖାଉଟି ହେଲ୍ପ-ଲାଇନ୍‌ରେ ଏଭଳି ଅଭିଯୋଗର ସଂଖ୍ୟା ବଢ଼ୁଛି ସିନା, ସମାଧାନ ହାର ଅତି କମ୍ ରହୁଛି। ୨୦୧୪-୧୫ରେ ଖାଉଟି ହେଲ୍ପ ଲାଇନରେ ପଞ୍ଜୀକୃତ ଅଭିଯୋଗ ସଂଖ୍ୟା ୧୩,୧୮୨ ଥିବାବେଳେ ୨୦୧୪-୧୫ରେ ଏହା ୨୩,୯୫୫କୁ ବୃଦ୍ଧି ପାଇଥିଲା। ୨୦୧୬-୧୭ରେ ଏହି ସଂଖ୍ୟା ୫୦,୭୬୭ରେ ପହଞ୍ଚିଥିଲା। ଏହା ସତ୍ତ୍ୱେ ଇ-କମର୍ସ ମାମଲାର ବିଚାର ପାଇଁ ସରକାର ଏକ ଉତ୍ସର୍ଗୀକୃତ ନିୟନ୍ତ୍ରକ ଗଠନ କରୁନାହାନ୍ତି। ସିସିପିଏ ଖାଉଟିଙ୍କ ଦୁର୍ଦ୍ଦଶା ଅପନୋଦନ କରିବ ବୋଲି ଆଶା କରାଯାଉଥିଲେ ହେଁ ଏକକ ନିୟନ୍ତ୍ରକର ଅଭାବରୁ ଡିଜିଟାଲ ଟେକ୍‌ନୋଲୋଜିର ବ୍ୟବହାର କରି ଇ-କମର୍ସବାଲା ସେମାନଙ୍କ ନକରାତ୍ମକ ମତାମତ ବିଭିନ୍ନ ମାଧ୍ୟମରେ ପ୍ରକାଶ କରି ସରକାରୀ ବ୍ୟବସ୍ଥାର ଦୋଷଦୁର୍ବଳତାକୁ ପଦାରେ ପକାଉଛନ୍ତି।

ଖାଉଟି ଅଭିଯୋଗ ମାମଲାଗୁଡ଼ିକର ବିଚାର ବିଳମ୍ବ ଓ ଅଭିଯୋଗ ବୃଦ୍ଧି ଘେନି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ନିଜର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏସବୁ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ପ୍ରଶାସନିକ ଓ ଅନ୍ୟାନ୍ୟ ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସିସିପିଏ ବ୍ୟବସ୍ଥାର ପ୍ରବର୍ତ୍ତନ ସହିତ ସରକାର କ୍ଷେତ୍ରୀୟ ନିୟନ୍ତ୍ରକ / ନିୟାମକ,ସ୍ୱାଧୀନ ଅମ୍ବୁଡ୍ସମ୍ୟାନ୍, ଗ୍ରାହକ ସେବା କେନ୍ଦ୍ର ଭଳି ବିକଳ୍ପ ଅଭିଯୋଗ ଶୁଣାଣି ଓ ପ୍ରତିବିଧାନ ବ୍ୟବସ୍ଥା କଲେ ଖାଉଟିଙ୍କ ସ୍ୱାର୍ଥ ସୁରକ୍ଷିତ ହୋଇପାରିବ। ଏଥିସହିତ ଆନ୍ତଃ ମନ୍ତ୍ରଣାଳୟ/ ବିଭାଗ ସମନ୍ୱୟ ମଧ୍ୟ ଏହି ସମସ୍ୟାର ସମାଧାନରେ ଅଧିକ ଗୁରୁତ୍ୱ ରଖେ। ଖାଉଟି ତା'ର ଅଭିଯୋଗ ନିରାକରଣ ପାଇଁ ଏବେ ଯେଉଁ ତିନି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛି ତାହାର ସମାଧାନ କ୍ଷେତ୍ରରେ ମୋଦିଙ୍କ 'ଏଆର୍‌ଟି' ମଡେଲ ନିଶ୍ଚୟ ଏକ କଠୋର ପରୀକ୍ଷାର ସମ୍ମୁଖୀନ ହେବ।

ଲେଖକ ଉଦୟ ଏସ୍ ମେହେଟା 'କଟ୍‌ସ' ଇଣ୍ଟରନ୍ୟାସନାଲ ଉପକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଦ୍ଧାର୍ଥ ନାରାୟଣ ସେହି ସଂସ୍ଥାର ଜଣେ ସହଯୋଗୀ ଗବେଷକ।

‘ସର୍ବନିମ୍ନ ସରକାର ଓ ସର୍ବାଧିକ ଶାସନ’ ନୀତିରେ ସାଧାରଣ ଅଭିଯୋଗ ଶୁଣାଣି ଓ ତାହାର ସମାଧାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ୨୦୨୨ ସୁଦ୍ଧା ଯେଉଁ ‘ନ୍ୟୁଇଣ୍ଡିଆ’ର ପରିକଳ୍ପନା କରାଯାଇଛି ସେଥିରେ ସାଧାରଣ ଅଭିଯୋଗର ତ୍ୱରିତ ସମାଧାନ ଉପରେ ଶାସନଗତ ସଫଳତାର ଅନେକ କିଛି ନିର୍ଭର କରେ। ଏହା ସହିତ ଇ-ପ୍ରଶାସନ ବ୍ୟବସ୍ଥାଟି ନିବିଡ଼ଭାବେ ସଂପୃକ୍ତ। ବିଗତ କେଇବର୍ଷରେ ଭାରତ ଏହି ଇ-ପ୍ରଶାସନ ବା ଇଲେକ୍‌ଟ୍ରୋନିକ୍-ଗଭର୍ଣ୍ଣାନ୍ସ ଉପରେ ବିଶେଷ ଗୁରୁତ୍ୱ ଦେଇଆସୁଛି। ଏହାର ସଫଳତା ପାଇଁ ଅଭିନବ କୌଶଳ ତଥା ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ସରକାର କରି ଶାସନର ଦକ୍ଷତା ବୃଦ୍ଧି ଦିଗରେ ପ୍ରୟାସ ଅବ୍ୟାହତ ରଖିଛନ୍ତି।

**ବିଶେଷ ପ୍ରବନ୍ଧ**

# ନ୍ୟୁଇଣ୍ଡିଆ ପାଇଁ ନୂଆ ଶାସନ ବ୍ୟବସ୍ଥା
# ଇ-ପ୍ରଶାସନଦ୍ୱାରା ସାଧାରଣ ଅଭିଯୋଗର ସମାଧାନ

**ଯୋଗେଶ ସୁରି, ଦେଶଗୌରବ ଶେଖରି**

ସୂଚନା ଓ ଯୋଗାଯୋଗ ଜ୍ଞାନକୌଶଳ (ଆଇସିଟି)ର ଉଲ୍ଲେଖନୀୟ ବିକାଶ ଏ କ୍ଷେତ୍ରରେ ଏକ ସୁଯୋଗ ଆଣିଛି। ଅନ୍‌ଲାଇନ୍ ବ୍ୟବସ୍ଥାରେ ଅନେକ ସାଧାରଣ ସେବା ଯୋଗାଣ ଏବେ ସମ୍ଭବ ହେଉଛି। ଇଲେକ୍‌ଟ୍ରୋନିକ୍ସ ଓ ଇନ୍‌ଫରମେସନ ଟେକ୍‌ନୋଲୋଜି ବିଭାଗର ଇ-ଗଭର୍ଣ୍ଣାନ୍ସ ଡିଭିଜନର ଆକଳନ ଅନୁସାରେ ଦେଶର ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ତଥା ବିଭିନ୍ନ ରାଜ୍ୟ ସରକାରଙ୍କଦ୍ୱାରା ଜନସାଧାରଣଙ୍କୁ ୩୫୦୦ରୁ ଅଧିକ ଇ-ସେବା ଯୋଗାଇଦିଆଯାଉଛି। ଏଥିପାଇଁ ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସରକାର ବିଭିନ୍ନ ପ୍ରକାରର ୮୦୦୦ ପୋର୍ଟାଲ ଓ ୱେବ୍‌ସାଇଟ୍ ଖୋଲିଛନ୍ତି।

**ସେବୋତ୍ତମ ଓ ସିପିଗ୍ରାମ୍ସ:**

ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ (ଡିଏଆର୍‌ପିଜି) ସାଧାରଣ ଅଭିଯୋଗ ଗ୍ରହଣ, ଏହାର ଶୁଣାଣି ଓ ସମାଧାନ ଆଦି କ୍ଷେତ୍ରରେ ନୀତିଗତ ନିଷ୍ପତ୍ତି ଗ୍ରହଣରେ ସର୍ବୋଚ୍ଚ ସଂସ୍ଥା। ଏହା କେନ୍ଦ୍ରସରକାରଙ୍କ ସବୁ ବିଭାଗ ଓ ମନ୍ତ୍ରଣାଳୟ ସହ ସମନ୍ୱୟ ରକ୍ଷା କରିଥାଏ। ଡିଏଆର୍‌ପିଜି ‘ସେବୋତ୍ତମ’ ନାମକ ଏକ ଢାଞ୍ଚା ତିଆରି କରିଛି। ସାଧାରଣ କ୍ଷେତ୍ରରେ ସେବା ଯୋଗାଣରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ଏହାର ଲକ୍ଷ୍ୟ। ଏହି ଯୋଜନା ଅନୁସାରେ ପ୍ରତ୍ୟେକ ସରକାରୀ ବିଭାଗର ନାଗରିକ ସନନ୍ଦ ବା ସିଟିଜେନ୍ସ ଚାର୍ଟର ରହିବ। ଏଥିରେ ଲୋକଙ୍କୁ ପ୍ରଦାନ କରାଯାଉଥିବା ପ୍ରମୁଖ ସେବା, ସେବାର ମାନ, ସେସବୁର ସମୟସୀମା, ଆପତ୍ତି ଅଭିଯୋଗ ଗ୍ରହଣ ଓ ନିରାକରଣ ବ୍ୟବସ୍ଥା ତଥା ସେବା ପ୍ରଦାନରେ ଉନ୍ନତି ବିଧାନ ନୀତି ଆଦି ଉଲ୍ଲେଖ କରାଯିବ। ଏହାଛଡ଼ା ଏଥିରେ ଗ୍ରାହକଙ୍କ ମତାମତ ସଂଗ୍ରହ, କର୍ମଚାରୀଙ୍କ ପ୍ରୋତ୍ସାହନ ଓ ଭିତ୍ତିଭୂମି ବିକାଶ ଆଦି ମଧ୍ୟ ଅଗ୍ରାଧିକାର ପାଇବ।

ଡିଏଆର୍‌ପିଜି ଏଥିପାଇଁ ଏକ କେନ୍ଦ୍ରୀକୃତ ଅଭିଯୋଗ ନିରାକରଣ ଓ ତଦାରଖ ବ୍ୟବସ୍ଥା ୨୦୦୭ରୁ କାର୍ଯ୍ୟକାରୀ କରିଛି। ଏହା ସେଣ୍ଟ୍ରାଲ ପବ୍ଲିକ୍ ଗ୍ରିଭାନ୍ସ ରିଡ୍ରେସାଲ ଆଣ୍ଡ ମନିଟରିଂ ସିଷ୍ଟମ ବା ସିପିଗ୍ରାମ୍ସ ନାମରେ ପରିଚିତ। ଏହା ଭାରତ ସରକାରଙ୍କର ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ। ସାଧାରଣ ଅଭିଯୋଗର ସହଜ ପଞ୍ଜୀକରଣ, ତ୍ୱରିତ ଶୁଣାଣି ଓ ନ୍ୟାୟ ପ୍ରଦାନ, କେନ୍ଦ୍ରୀୟ ସ୍ତରରେ ଏସବୁର ଶୁଣାଣି ଓ ପଦକ୍ଷେପ ଗ୍ରହଣ, ସଂପୃକ୍ତ ବିଭାଗ ବା ସରକାରୀ କର୍ମଚାରୀଙ୍କୁ ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ



ପ୍ରଦାନ ପାଇଁ ଦକ୍ଷ, ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ଏହି କାର୍ଯ୍ୟକ୍ରମର ଅଂଶ ବିଶେଷ। 'ସିପିଗ୍ରାମ୍ସ' ଏକ ଷ୍ଟାଣ୍ଡାର୍ଡ ୱେବଭିତ୍ତିକ ସମାଧାନ ବ୍ୟବସ୍ଥା। ବ୍ୟକ୍ତିଗତ, ଡାକ କିମ୍ବା ଇ-ବ୍ୟବସ୍ଥାରେ ପ୍ରାପ୍ତ ଅଭିଯୋଗ ସବୁକୁ ଏହା ଗ୍ରହଣ କରି ତାହାକୁ ପଞ୍ଜୀକୃତ କରିବା ସହ ସମାଧାନ ବ୍ୟବସ୍ଥା ଗ୍ରହଣ କରିଥାଏ। ଏବେ ୧୩୯ ମନ୍ତ୍ରଣାଳୟ / ବିଭାଗ / ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଅନ୍ୟାନ୍ୟ ସର୍ବୋଚ୍ଚ ସଂସ୍ଥା 'ସିପିଗ୍ରାମ୍ସ' ବ୍ୟବସ୍ଥା ସହ ସଂପୃକ୍ତ। ଏହା ମଧ୍ୟ ହିନ୍ଦିରେ ଉପଲବ୍ଧ। ଓଡ଼ିଶା, ହରିଆଣା, ମିଜୋରାମ, ରାଜସ୍ଥାନ, ମେଘାଳୟ, ପୁଡୁଚେରୀ, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ ଓ ପଞ୍ଜାବ ଆଦି ନ'ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ଥାନୀୟ ଭାଷାରେ ସିପିଗ୍ରାମ୍ସ ସେବା ଉଲବ୍ଧ।

ସିପିଗ୍ରାମ୍ସ ବ୍ୟବସ୍ଥାରେ ସଂଗୃହୀତ ଆପତ୍ତି ଅଭିଯୋଗ ସବୁକୁ ସଂପୃକ୍ତ ମନ୍ତ୍ରଣାଳୟ ଓ ବିଭାଗକୁ ପଠାଯାଇଥାଏ। ଏହା ଉପରେ ବିଚାର ଆଲୋଚନା କରି ସଂପୃକ୍ତ ମନ୍ତ୍ରଣାଳୟ / ବିଭାଗ ବିକେନ୍ଦ୍ରୀତ ବ୍ୟବସ୍ଥାରେ ନିରାକରଣ ପଦକ୍ଷେପ ନେଇଥାନ୍ତି। ଆପତ୍ତି ଅଭିଯୋଗ ସମୂହର ସ୍ଥିତି, ନିରାକରଣ ବ୍ୟବସ୍ଥା ଓ ନ୍ୟାୟ ପ୍ରଦାନ ଆଦି ସମ୍ପର୍କରେ ସଂପୃକ୍ତ ବିଭାଗ ପକ୍ଷରୁ ନିୟମିତ ଭାବେ ସମୀକ୍ଷା କରାଯାଇଥାଏ। କେନ୍ଦ୍ର ସରକାର ମଧ୍ୟ ନିୟମିତ ଭାବେ ଅଭିଯୋଗ ନିରାକରଣ ବ୍ୟବସ୍ଥାର ତଦାରଖ କରିଥାନ୍ତି। ବିଭିନ୍ନ ରାଜ୍ୟ ସରକାର ମଧ୍ୟ ନିଜର ପ୍ରାଦେଶିକ ମାମଲାଗୁଡ଼ିକର ସମାଧାନ ପାଇଁ ଏହି ବ୍ୟବସ୍ଥାର ସହାୟତା ନେଇଆସୁଛନ୍ତି।

ଅନୁଭୂତି କହୁଛି ଯେ ସିପିଗ୍ରାମ୍ସ ସାଧାରଣ ଅଭିଯୋଗ ନିରାକରଣ କ୍ଷେତ୍ରରେ ଏକ ସଫଳ ବ୍ୟବସ୍ଥା ଭାବେ କାମ କରୁଛି। ତେଣୁ ଏହାକୁ ଏକ ବୃହତ୍ ସଫଳ ବ୍ୟବସ୍ଥାରେ ପରିଣତ କରିବାକୁ ହେଲେ ଏହାର କାର୍ଯ୍ୟ ପରିସରକୁ ବଢ଼ାଇବାକୁ ପଡ଼ିବ। ସିପିଗ୍ରାମ୍ସରୁ ଯେଉଁ ଡାଟା ବା ତଥ୍ୟାବଳୀ ମିଳୁଛି ତାହାକୁ ଭିତ୍ତି କରି ଅଭିଯୋଗର ମୂଳ କାରଣକୁ ସହଜରେ ଚିହ୍ନଟ କରି ପ୍ରତିକାର କରାଯାଇପାରିବ। ଏହା ଫଳରେ ଅଭିଯୋଗ ହାର କମିବ। ଏହି




ବ୍ୟବସ୍ଥା ଅଧିକ ସମନ୍ୱୟ ଓ ବିଭିନ୍ନ ବିଭାଗ / ମନ୍ତ୍ରଣାଳୟରେ ସମାନ୍ତରାଳ ଢାଞ୍ଚା ଲୋଡ଼େ।

**ସାଧାରଣ ସେବା ପ୍ରଦାନ ଆଇନ:**

ଭାରତ ସରକାର ନାଗରିକଙ୍କୁ ସମୟବଦ୍ଧ ଭିତ୍ତିରେ ସେବା ଯୋଗାଣ ପାଇଁ ଅଧିକୃତ କରିବାକୁ ପ୍ରୟାସ କରିଆସୁଛନ୍ତି। ଏଥିପାଇଁ ଡିସେମ୍ବର ୨୦୧୧ରେ ଲୋକସଭାରେ ଏକ ବିଲ୍ ଉପସ୍ଥାପିତ ହୋଇଥିଲା। ଏଥିରେ ଲୋକଙ୍କୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସରକାରୀ ସେବା ଓ ସୁବିଧା ଯୋଗାଣ, ନାଗରିକ ସନନ୍ଦର ବାଧ୍ୟତାମୂଳକ ପ୍ରବର୍ତ୍ତନ, ନାଗରିକ ସନନ୍ଦ ପ୍ରବର୍ତ୍ତନ ନ'କଲେ ତା'ବିରୋଧରେ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା, ସଂପୃକ୍ତ ଦୋଷୀ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କ ବିରୋଧରେ ଦଣ୍ଡବିଧାନ ଆଦି ବ୍ୟବସ୍ଥା ଥିଲା। ତେବେ ପଞ୍ଚଦଶ ଲୋକସଭାର କାର୍ଯ୍ୟକାଳ ଶେଷ ହେବା ସହ ଏହି ବିଲ୍‌ର ମଧ୍ୟ ସତ୍ତାବସାନ ଘଟିଲା। ତେବେ ସରକାର ଏ ନେଇ ଏକ ନୂଆ ଆଇନ ପ୍ରଣୟନ କରୁଛନ୍ତି ଏବଂ ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି।

**ଉମଙ୍ଗ:**

ଇ-ଗଭର୍ଣ୍ଣାନ୍ସ କ୍ଷେତ୍ରରେ ମୋବାଇଲ ଫୋନ୍ କ୍ରମଶଃ ଅଧିକ ଗୁରୁତ୍ୱ ଲାଭ କରୁଛି। ନୂଆଯୁଗର ଶାସନ ପାଇଁ ସରକାର ନିକଟରେ ଏକ ଏକୀକୃତ ମୋବାଇଲ ଆପ୍ଲିକେସନ ବିକଶିତ କରିଛନ୍ତି। ଏହାକୁ ୟୁନିଫାଏଡ ମୋବାଇଲ ଆପ୍ଲିକେସନ ଫର୍ ନ୍ୟୁଏଜ୍ ଗଭର୍ଣ୍ଣାନ୍ସ ବା 'ଉମଙ୍ଗ' କୁହାଯାଉଛି। ସୂଚନା ଓ ଆଇଟି ମନ୍ତ୍ରଣାଳୟ ଏବଂ ଜାତୀୟ ଇ-ଗଭର୍ଣ୍ଣାନ୍ସ ବା 'ଉମଙ୍ଗ' କୁହାଯାଉଛି। ସୂଚନା ଓ ଆଇଟି ମନ୍ତ୍ରଣାଳୟ ଏବଂ ଜାତୀୟ ଇ-ଗଭର୍ଣ୍ଣାନ୍ସ ଡିଭିଜନ ଦ୍ୱାରା ଏହା ମିଳିତ ଭାବେ ପ୍ରସ୍ତୁତ ହୋଇଛି। ଏହାର ବିଶେଷତ୍ୱ ହେଲା 'ଉମଙ୍ଗ' ମାଧ୍ୟମରେ ଦେଶର ନାଗରିକ ଗୋଟିଏ ପ୍ଲାଟଫର୍ମ ବା ମଞ୍ଚରେ ସାରା ଦେଶର ଇ-ଗଭ୍ ସେବା ଦେଖିବାକୁ ସକ୍ଷମ। ସ୍ଥାନୀୟ, ପ୍ରାଦେଶିକ ଓ କେନ୍ଦ୍ରୀୟ ସ୍ତରରେ ସାଧାରଣ ସେବା ଯୋଗାଣ କିପରି ଚାଲିଛି ଓ ତାହାର ବାସ୍ତବସ୍ଥିତି କ'ଣ ତାହା ଏଥିରୁ ସହଜରେ ଜାଣି ହେଉଛି। ଏଥିରେ ସେବା ଯୋଗାଣ କରି ଘରୋଇ ସଂସ୍ଥା ଓ ପ୍ରତିଷ୍ଠାନ ସମୂହର ତଥ୍ୟ ଏବଂ ପ୍ରଦର୍ଶନ ମଧ୍ୟ ଉପଲବ୍ଧ। ଏହା ଏକ ଏକୀକୃତ ବ୍ୟବସ୍ଥା ହୋଇଥିବାରୁ ଅଭିଯୋଗକାରୀ ଗୋଟିଏ ଆପ୍ଲିକେସନକୁ ଇନ୍‌ଷ୍ଟଲ କରି ବହୁବିଧ ସରକାରୀ ସେବାର ଲାଭ ଉଠାଇପାରିବେ। ଏହା ସ୍ମାର୍ଟଫୋନ୍, ଟାବଲେଟ୍ସ ଓ ଡେସ୍କଟପ୍ ମାଧ୍ୟମରେ ଆକ୍‌ସେସ୍ କରିହେବ।

**ମାଇଁ ଗଭ୍:**

ମାଇଁ ଗଭ୍. ଇନ୍ (My Gov.in) ଏକ ଅତ୍ୟାଧୁନିକ ଇ-ଶାସନ ବ୍ୟବସ୍ଥା ଯେଉଁଠି ସହଯୋଗ ବା ଅଂଶଗ୍ରହଣ ବ୍ୟବସ୍ଥା ଅଗ୍ରାଧିକାର ପାଏ। ଏଥିରେ ସାଧାରଣ ନାଗରିକଙ୍କୁ ଅଧିକ ସଂଖ୍ୟାରେ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ଲାଟଫର୍ମଟି ୨୦୧୪ରେ ଆରମ୍ଭ ହୋଇଥିଲା। ତଥ୍ୟ ପ୍ରସାରଣ ଓ ମତାମତ ଗ୍ରହଣ କ୍ଷେତ୍ରର 'ମାଇଁ ଗଭ୍' ପ୍ଲାଟଫର୍ମ ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସବୁ ସରକାରୀ ବ୍ୟବସ୍ଥା ଓ ନିଷ୍ପତ୍ତିରେ ସଂପୃକ୍ତ ହେବା ସହ ଏ କ୍ଷେତ୍ରରେ ନିଜର ପକ୍ଷ ରଖିବାକୁ ଏହା

ନାଗରିକଙ୍କୁ ଏକ ଉତ୍ତମ ସୁଯୋଗ ପ୍ରଦାନ କରିଛି । ଏବେ ୧.୭୮ ନିୟୁତ ନାଗରିକ ଏହି ପୋର୍ଟାଲକୁ ଆକ୍‌ସେସ୍ କରୁଛନ୍ତି । ଏହାର ବିକାଶ ଓ କାର୍ଯ୍ୟ ପରିସରରେ ଉନ୍ନତି ଆଣିବା ପାଇଁ ସପ୍ତାହକୁ ୧୦ହଜାରରୁ ଅଧିକ ମେଲ୍ ଏଥିରେ ଆସୁଛି ।

**ଅନ୍ୟାନ୍ୟ ନାଗରିକ ଭିତ୍ତିକ ସେବା:**

ନାଗରିକଙ୍କ ଅଭିଯୋଗ ଗ୍ରହଣ ଓ ସେମାନଙ୍କ ଆପତ୍ତିର ନିରାକରଣ ପାଇଁ ବିଭିନ୍ନ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିବା ଏକ ଭଲ କଥା । ସୁଖର କଥା ଅନେକ ପ୍ରାଦେଶିକ ସରକାର ଇତିମଧ୍ୟରେ ଏ ନେଇ ଅନ୍‌ଲାଇନ୍ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଉତ୍ତରପ୍ରଦେଶରେ 'ଲୋକବାଣୀ' ପ୍ରକଳ୍ପ ନାମରେ ଏଭଳି ଏକ ପ୍ରୟାସ ଭଲ କାମ କରୁଛି । ଅଭିଯୋଗ ମିଳିବାର ୧୫ ଦିନ ମଧ୍ୟରେ ପ୍ରତିବିଧାନ ପାଇଁ ରାଜ୍ୟ ସରକାର ଏହି ଯୋଜନାରେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି । ଏହାଛଡ଼ା ଉତ୍ତରପ୍ରଦେଶ ସରକାର 'ଜନ ଶୁନ୍‌ୱାଇ' ବା ଇ-ସଂବାଦ ପୋର୍ଟାଲ ମଧ୍ୟ କାର୍ଯ୍ୟକାରୀ କରିଛନ୍ତି ଯାହା ଲୋକଙ୍କ ଅଭିଯୋଗ ଗ୍ରହଣ ଓ ଆପତ୍ତି ଅଭିଯୋଗ ନିରାକରଣ କ୍ଷେତ୍ରରେ ବିଶେଷ ସହାୟକ ହେଉଛି ।

ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ଏଥିପାଇଁ 'ଏପିଅନ୍‌ଲାଇନ୍ ଡଟ୍ କମ୍' ନାମରେ ଏକ ଇ-ସେବା ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଲୋକେ ଏହି ପୋର୍ଟାଲରେ ନିଜର ଅଭିଯୋଗ ଦାଖଲ କରି ପ୍ରତିକାର ଲୋଡୁଛନ୍ତି । ଏହାକୁ ପିପୁଲ ଫାଷ୍ଟ ବା 'www.meekosam.ap.gov.in' ଚାନେଲ୍ ମଧ୍ୟ କୁହାଯାଉଛି । ୨୦୧୭ରେ ଆନ୍ଧ୍ରପ୍ରଦେଶ ସରକାର ଏଥିପାଇଁ 'ପିପୁଲ ଫାଷ୍ଟ ମୋବାଇଲ୍ ଆପ୍' ପ୍ରବର୍ତ୍ତନ କରିଛନ୍ତି । କେରଳ ସରକାର ସର୍ବସାଧାରଣ ଅଭିଯୋଗର ଅପନୋଦନ ପାଇଁ ଇ-ପରିହରଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏଥିରେ ଆପତ୍ତି ଅଭିଯୋଗର ପଞ୍ଜୀକରଣ ଓ ସମାଧାନ ବ୍ୟବସ୍ଥା ରହିଛି । ଏସ୍‌ଏମ୍‌ଏସ୍, ହ୍ୱାଟ୍‌ସଆପ୍, ଇମେଲ୍ ବ୍ୟବସ୍ଥାରେ ଅଭିଯୋଗମାନ ମଧ୍ୟ ଗ୍ରହଣ କରାଯାଉଛି ।

**ସରକାରୀ ସେବା ବାହାରେ ସାଧାରଣ ଅଭିଯୋଗ:**

ସାଧାରଣ ଅଭିଯୋଗ କେବଳ ସରକାରୀ ସେବା ଓ କାର୍ଯ୍ୟ ଯୋଗାଣ ମଧ୍ୟରେ ସୀମିତ ନୁହେଁ । ବିଭିନ୍ନ ବେସରକାରୀ କ୍ଷେତ୍ରରେ କ୍ରୟ ବିକ୍ରୟ, ସେବା ଓ ସାମଗ୍ରୀ ଯୋଗାଣରେ ଖାଉଟି ବା ଉପଭୋକ୍ତା ମଧ୍ୟ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛି । ସେ କ୍ଷେତ୍ରରେ ଖାଉଟି / ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ମଧ୍ୟ କେତେକ ବ୍ୟବସ୍ଥା ହାତକୁ ନେଇଛନ୍ତି । ସମନ୍ୱିତ ଅଭିଯୋଗ ନିରାକରଣ ବ୍ୟବସ୍ଥା (ଇନ୍‌ଗ୍ରାମ୍) ପୋର୍ଟାଲ କେନ୍ଦ୍ର ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ପ୍ରବର୍ତ୍ତନ କରାଯାଇଛି । ଖାଉଟି ନିଜର ଅସନ୍ତୋଷ ସମ୍ପର୍କରେ ଏହି ପ୍ଲାଟଫର୍ମରେ ଅଭିଯୋଗ ଦାଖଲ କରି ପ୍ରତିକାର ଲୋଡ଼ିପାରିବେ । ଏହି ପ୍ଲାଟଫର୍ମ (ଇନ୍‌ଗ୍ରାମ୍) - ଖାଉଟି, ସରକାରୀ ସଂସ୍ଥା, ଘରୋଇ କମ୍ପାନୀ, ନିୟନ୍ତ୍ରକ ଓ କଲ୍‌ସେଣ୍ଟର ସମସ୍ତ ସଂପୃକ୍ତ ପକ୍ଷଙ୍କୁ ଗୋଟିଏ ମଞ୍ଚକୁ ଆଣିପାରିଛି ।

**ଭବିଷ୍ୟତ:**

ଉପର ବର୍ଣ୍ଣିତ ତଥ୍ୟାବଳୀ ଆଧାରରେ ଆମେ ସାଧାରଣ ଅଭିଯୋଗ ଓ ତାହାର ସମାଧାନର ଭବିଷ୍ୟତ ଘେନି କି ଆଶା ପୋଷଣ କରିପାରିବା ? ଆମେ ଦେଖୁଛୁ ଯେ ଏହି ବ୍ୟବସ୍ଥାରେ କିଛି ମୌଳିକ ବିଷୟବସ୍ତୁ ରହୁଛି ଯେଉଁଠି କିଛି ସ୍ଥାୟୀ ବ୍ୟବସ୍ଥା ଓ ନୂଆ ନୀତି ଅବଲମ୍ବନର ଆବଶ୍ୟକତା ରହିଛି । ସେସବୁ ହେଲା ଲୋକଙ୍କୁ ଫେସଲେସ୍, କ୍ୟାସ୍‌ଲେସ୍ ଓ ପେପରଲେସ୍ ବ୍ୟବସ୍ଥାରେ ସେବା ଯୋଗାଣ । ଫେସ୍‌ଲେସ୍ ବ୍ୟବସ୍ଥାରେ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନର ଆବଶ୍ୟକତା ପଡ଼େନାହିଁ । ତେଣୁ ଦୁର୍ନୀତିର ସୁଯୋଗ ନ'ଥାଏ । ସେହିଭଳି ଅନ୍‌ଲାଇନ୍ ବ୍ୟବସ୍ଥାରେ ନଗଦ ଟଙ୍କା ଓ କାଗଜପତ୍ର ଆଦି ଉପସ୍ଥାପନର ସୁଯୋଗ ନ ଥିବାରୁ ଏ କ୍ଷେତ୍ରରେ ବାଟମାରଣା ବା ଦୁର୍ନୀତିର ଅବକାଶ ପ୍ରାୟ ନ ଥାଏ । ଏଥିରେ ଡିଜିଟାଲ ପରିଚୟ ଓ ସଂଯୋଗ ବ୍ୟବସ୍ଥା ପ୍ରାଧାନ୍ୟ ଲାଭ କରେ । ଆଧାରଭିତ୍ତିକ ପ୍ରତ୍ୟେକ୍ଷ ସୁବିଧା ହସ୍ତାନ୍ତର ବ୍ୟବସ୍ଥାରେ ସରକାରୀ ସେବା ଲୋକଙ୍କୁ ଇ-ପ୍ଲାଟଫର୍ମ ମାଧ୍ୟମରେ ଯୋଗାଇଦେବାକୁ ପଡ଼ିବ ।

ସୁଶାସନ ସଂକ୍ରାନ୍ତ ସଚିବସ୍ତରୀୟ ଗୋଷ୍ଠୀର ରିପୋର୍ଟରେ କୁହାଯାଇଛି ଯେ ସେବା ପ୍ରଦାନକାରୀ ଅଧିକାରୀ ସ୍ତରରେ ଦକ୍ଷତା ବିକାଶ, ଜ୍ଞାନର ଉନ୍ନତ (ଅପ୍‌ଡେସନ), ପ୍ରକ୍ରିୟାର ସୁସଂହତିକରଣ, ଉପଯୁକ୍ତ ନିରୀକ୍ଷଣ ଏବଂ ସରକାରୀ କର୍ମଚାରୀଙ୍କ ମନୋଭାବରେ ପରିବର୍ତ୍ତନର ବିଶେଷ ଆବଶ୍ୟକତା ରହିଛି । ସେବା ପାଇବାର ଅଧିକାର ଆଇନବଳରେ ସର୍ବସାଧାରଣଙ୍କ ମଧ୍ୟରେ ନିଜର ଅଧିକାର ସାବ୍ୟସ୍ତ କରିବାର ସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି । ଆଉ ଏକ କଥା ହେଲା ଇ-ଅଭିଯୋଗ ଦାଖଲ ବ୍ୟବସ୍ଥା ଯାହା ଅଧିକ ସଫଳ ଓ ସହଜ ହେବା ଉଚିତ । ଆଇନରେ ଥିବା ଅଭିଯୋଗ ଦାଖଲ ବ୍ୟବସ୍ଥାକୁ ବିଭିନ୍ନ ବିକଳ୍ପ ଭିତ୍ତିକ କରାଯିବା ଆବଶ୍ୟକ । ଅଭିଯୋଗ ନିରାକରଣ ବ୍ୟବସ୍ଥାରେ ନାଗରିକ ସମାଜ, ଗଣମାଧ୍ୟମ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ସଂପୃକ୍ତ କରି ସମଗ୍ର ବ୍ୟବସ୍ଥାଟିକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ରହିଛି । ଅଭିଯୋଗ ଦାଖଲ ବ୍ୟବସ୍ଥା ଯେପରି ସମ୍ପୂର୍ଣ୍ଣ ଝଂଜାଳମୁକ୍ତ ହୋଇପାରିବ ସେଥିପାଇଁ ବ୍ୟବସ୍ଥାର ପୁନର୍ବିନ୍ୟାସ (ସିଷ୍ଟମ ରି ଇଞ୍ଜିନିୟରିଂ) ଲୋଡ଼ା । କେନ୍ଦ୍ର ଏବଂ ରାଜ୍ୟ ସରକାର ସମୂହ ଅଗ୍ରାଧିକାର ଭିତ୍ତିରେ ଏ କ୍ଷେତ୍ରରେ କାମ କରିବା ଉଚିତ ।

ଆଇସିଟି ବା ସୂଚନା ଓ ଯୋଗାଯୋଗ ଟେକ୍‌ନୋଲୋଜି ସରକାରର ବିଭିନ୍ନ ସ୍ତରରେ ଉଲ୍ଲେଖନୀୟ ପ୍ରସାର ଲାଭ କରିଛି । ସରକାରୀ କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ୍ସ, ସବୁ ଯୋଜନାର ହିତାଧିକାରୀଙ୍କ ଡିଜିଟାଇଜଡ୍ ତଥ୍ୟାବଳୀ, ସେସବୁକୁ ସଂପୃକ୍ତ ହିତାଧିକାରୀଙ୍କ ଆଧାର ନମ୍ବର ସହ ସଂଯୁକ୍ତ କରିବା, ପିଓଏସ୍ ମେସିନର ପ୍ରବର୍ତ୍ତନ, ହିତାଧିକାରୀଙ୍କ ପ୍ରମାଣନ ଏବଂ ସରକାରୀ ଯୋଜନାର ପ୍ରତ୍ୟକ୍ଷ ଲାଭ ସେମାନଙ୍କ ଆଧାର ସଂପୃକ୍ତ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରେରଣ ଆଦି ପଦକ୍ଷେପ ସେବା ପ୍ରଦାନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପ୍ରଗତି ଆଣିଛି । ଏହା ଫଳରେ

ହିତାଧିକାରୀଙ୍କ ଅର୍ଥର ବାଟମାରଣା ବ୍ୟବସ୍ଥା ବନ୍ଦ ହେବା ସହ ନକଲି ହିତାଧିକାରୀ ବା ଭୂତ ହିତାଧିକାରୀଙ୍କ ଆତ୍ମପ୍ରକାଶର ସୁଯୋଗ ଦୂର ହୋଇଛି। ଏହା ଫଳରେ ରନ୍ଧନଗ୍ୟାସ ଓ ଖାଦ୍ୟ ସାମଗ୍ରୀ ଆଦିରେ ସରକାର ଦେଉଥିବା 'ରିଆତି' ବାସ୍ତବ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁଛି। ଡିବିଟିଭାରତ ଡଟ୍ ଗଭ୍ ଡଟ୍ ଇନ୍ ଯୋଜନାରେ ଏହି ସୁବିଧା ହିତାଧିକାରୀ ପାଉଛନ୍ତି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଆଧାର ସଂପୃକ୍ତ ହେବା ପରେ ଅଧିକ ସଫଳ ପ୍ରମାଣିତ ହୋଇଛି।

ଇ-ତାଲ (e-Taal) ୱେବ୍ ପୋର୍ଟାଲ, ଇ-ଗଭର୍ଣ୍ଣାନ୍ସ ପ୍ରୋଜେକ୍ଟ ସବୁର ଇଲେକଟ୍ରୋନିକ୍ସ ଟ୍ରାନ୍‌ଜାକସନ୍ ସଂକ୍ରାନ୍ତ ତଥ୍ୟ ସର୍ବସାଧାରଣଙ୍କୁ ପ୍ରେରଣ କରୁଛି। ୨୦୧୭ କ୍ୟାଲେଣ୍ଡର ବର୍ଷରେ ଏହା କାର୍ଯ୍ୟକାରୀ ହୋଇଛି। ଏହି ବ୍ୟାପ୍ଟାରେ ଦୈନିକ ୮୨ ନିୟୁତ କାରବାର ହୋଇଥିବାବେଳେ ୨୦୧୩ରେ ଏହି କାରବାର ସଂଖ୍ୟାଥିଲା ମାତ୍ର ୬.୫ ନିୟୁତ। ଟେବୁଲ-୧ରେ ଇ-ତାଲ୍‌ରେ ହୋଇଥିବାର କାରବାର ସମ୍ପର୍କିତ କେତେକ ତଥ୍ୟ ଦର୍ଶାଯାଇଛି। ଏଥିରୁ ସ୍ପଷ୍ଟ ସୂଚନା ମିଳେ ଯେ ଦେଶରେ ଇ-ସେବା ବଢୁଛି ଓ ଲୋକେ ଏହା ଉପରେ ଅଧିକରୁ ଅଧିକ ଆସ୍ଥା ସ୍ଥାପନ କରୁଛନ୍ତି। ଗ୍ରାମାଞ୍ଚଳ ଓ ଦୂରଦୂରାନ୍ତ କ୍ଷେତ୍ରରେ ମୋବାଇଲ୍ ଫୋନ୍, ସ୍ମାର୍ଟ ଫୋନ୍, ହ୍ୱାଟସ୍‌ଆପ୍ ଭଳି ଟେକ୍‌ନୋଲୋଜିର ଉପଯୋଗ ଫଳରେ ସେବା ପ୍ରଦାନ ବ୍ୟବସ୍ଥା ଅଧିକ ସହଜ ଏବଂ ସଫଳ ହୋଇଛି। ଆଶା କରାଯାଉଛି ଯେ ଆଉ ଅଳ୍ପ ଦିନ ମଧ୍ୟରେ ସବୁ ସେବା ପ୍ରଦାନ କ୍ଷେତ୍ରରେ ଟେକ୍‌ନୋଲୋଜିର ଉପଯୋଗ ସମ୍ଭବ ହେବ ଏବଂ ଆଉ ମଣିଷର ପ୍ରତ୍ୟକ୍ଷ ହସ୍ତକ୍ଷେପ ରହିବ ନାହିଁ।

ସିପିଜିଆର୍‌ଏସ୍ ଏବେ ସରକାରଙ୍କର ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମର ମାନ୍ୟତା ପାଇଛି। ଖୁବ୍ ଶୀଘ୍ର ଏହା ସରକାରୀ ସେବା ପ୍ରଦାନର ପ୍ରମୁଖ ମଞ୍ଚ ହେବାକୁ ଯାଉଛି। କେବଳ କେନ୍ଦ୍ର ନୁହେଁ ରାଜ୍ୟ ସରକାର ଏବଂ ଉପ-ପ୍ରାଦେଶିକ କ୍ଷେତ୍ରରେ ଏହା ନାଗରିକଙ୍କ ଅଭିଯୋଗ ଗ୍ରହଣ କରି ତ୍ୱରିତ ନ୍ୟାୟ ଓ ସେବା ପ୍ରଦାନର ପ୍ରମୁଖ ମଞ୍ଚର ମାନ୍ୟତା ଲାଭ କରିବ ଏହା ନିଶ୍ଚିତ। ସବୁ ଅଭିଯୋଗ ଗୋଟିଏ ପୋର୍ଟାଲକୁ ସଂଯୁକ୍ତ ହୋଇ ବିବିଧ ସମାଧାନ ସୂତ୍ର ଯୋଗାଇବାରେ ସହାୟକ ହେବ। ଏହାର ଦ୍ରୁତ ପ୍ରସାର ଓ ଦକ୍ଷତା ଦୃଷ୍ଟିରୁ ସବୁ ପ୍ରାଦେଶିକ ଭାଷାରେ ଏହା ଉପଲବ୍ଧ ହେବା ଆବଶ୍ୟକ।

ଯଦି ଆଗାମୀ ୧୫ବର୍ଷକୁ ଲକ୍ଷ୍ୟ ଭାବେ ଧରାଯାଏ, ତା'ଭିତରେ ଭାରତ ଏଭଳି ଏକ ଦକ୍ଷ ଓ ସଫଳ ସରକାରୀ ସେବା ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବାକୁ ସକ୍ଷମ ବୋଲି ମନେହୁଏ। ସବୁ ଜି୨ସି (ସରକାରରୁ ନାଗରିକ) ସେବା ଅନ୍‌ଲାଇନ୍ ବ୍ୟବସ୍ଥାରେ ସମ୍ପନ୍ନ ହେବା ଉଚିତ। ଲୋକେ ସେବା ପାଇବା ପାଇଁ ସିଧାଯାଇ କର୍ତ୍ତୃପକ୍ଷଙ୍କ ନିକଟରେ ହାଜର ହେବାର ଆବଶ୍ୟକତା ନାହିଁ। ଲାଇସେନ୍ସ, ଅନୁମତିପତ୍ର ହାସଲ, ପ୍ରମାଣପତ୍ର, ବିଭିନ୍ନ ସାର୍ଟିଫିକେଟ, ପଞ୍ଜୀକରଣ, ସାମାଜିକ ଲାଭ ଆଦି ପାଇବା ପାଇଁ ଅନ୍‌ଲାଇନ୍ ସେବା ପ୍ରଦାନ ବ୍ୟବସ୍ଥା ହେଲେ ଦୁର୍ନୀତି ଓ ବିଳମ୍ବର ଅବକାଶ ରହିବ ନାହିଁ। ଇତିମଧ୍ୟରେ ୨୦ଟି ରାଜ୍ୟ ସରକାର ସାଧାରଣ ସେବା ଆଇନ ପ୍ରଣୟନ କରିସାରିଛନ୍ତି। ଅବଶିଷ୍ଟ ରାଜ୍ୟ ସରକାର ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

**ଟେବୁଲ-୧ : ଇ-ତାଲ୍‌ରେ ହୋଇଥିବା କାରବାର (ନିୟୁତରେ)**

| ବର୍ଷ | ମୋଟ୍ କାରବାର | ମାସିକ କାରବାର |
|---|---|---|
| ୨୦୧୩ | ୨୪୧୮ | ୬.୫ |
| ୨୦୧୪ | ୩୫୭୭ | ୯.୬ |
| ୨୦୧୫ | ୭୬୦୮ | ୨୦.୭ |
| ୨୦୧୬ | ୧୦,୮୯୮ | ୨୯.୬ |
| ୨୦୧୭ | ୩୦,୧୯୧ | ୮୨.୫ |

**ଉତ୍ସ : e-Taal.gov.in**

ଖାଉଟି ଅଭିଯୋଗ କ୍ଷେତ୍ରରେ ଆଇଟି ସାଧନର ଉପଯୋଗ କରି ବ୍ୟବସ୍ଥାକୁ ଅଧିକ ଦକ୍ଷ ଓ ସ୍ୱଚ୍ଛ କରିବାର ଲକ୍ଷ୍ୟ ଏ ଯାଏ ସମ୍ପୂର୍ଣ୍ଣ ସାଧିତ ହୋଇନାହିଁ। ଏହି ଲକ୍ଷ୍ୟ ପୂରଣ ପାଇଁ ନାଗରିକଙ୍କୁ ଅଧିକ ସଚେତନ କରିବାକୁ ପଡ଼ିବ। 'ଜାଗୋ ଗ୍ରାହକ ଜାଗୋ' ଭଳି ନାଗରିକଙ୍କୁ ସଚେତନ କରିବାର ପ୍ରୟାସ ଅଧିକରୁ ଅଧିକ ଆରମ୍ଭ ହେବା ଉଚିତ। ସେହିଭଳି କନ୍‌ଫୋନେଟ୍ (CONFONET) ଯୋଜନାରେ ସବୁ ଖାଉଟି ମଞ୍ଚକୁ କମ୍ପ୍ୟୁଟରାଇଜଡ୍ କରି ଅନ୍‌ଲାଇନ୍ ବ୍ୟବସ୍ଥାରେ ସୂଚନା ପ୍ରଦାନ ପୂର୍ବକ ମାମଲା ସବୁର ତ୍ୱରିତ ବିଚାର କରିବା ଆବଶ୍ୟକ।

ତେଣୁ ୨୦୨୨ର ନ୍ୟୁ-ଇଣ୍ଡିଆ ପାଇଁ ଯେଉଁ ଇ-ଗଭର୍ଣ୍ଣାନ୍ସର ରଣକୌଶଳ ଚୂଡ଼ାନ୍ତ ହୋଇଛି ସେଥିରେ ସର୍ବାଧୁନିକ ଜ୍ଞାନକୌଶଳ ଗୁରୁତ୍ୱଲାଭ କରିଛି। ତାହାର ଉପଯୋଗ କରି ସର୍ବସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣି ପ୍ରତିବିଧାନର ବ୍ୟବସ୍ଥା କରାଯାଉଛି। ଏହି ବ୍ୟବସ୍ଥାରେ ଅଭିନବତା, ନୂତନତ୍ୱ, ନବପ୍ରୟାସ ଓ ଲକ୍ଷ୍ୟ ଅଗ୍ରାଧିକାର ପାଇଛି। ଏହା ସହିତ ସଚେତନତା ଓ ସୂଚନା ବ୍ୟବସ୍ଥାର ସଂପ୍ରସାରଣ ଏବଂ ଜନସହଯୋଗକୁ ମିଶାଇ ଏକ ସୁସଂହତ ବ୍ୟବସ୍ଥା ନିର୍ମାଣ ଚାଲିଛି ଯାହା ସାଧାରଣ ଅଭିଯୋଗ ଗ୍ରହଣ ଓ ତାହାର ନିରାକରଣ ବ୍ୟବସ୍ଥାକୁ ଅଧିକ ସଫଳ ଏବଂ ଦକ୍ଷ କରିପାରିବ। ଏହା ସଫଳ ହେଲେ ଭାରତ ଇ-ଗଭର୍ଣ୍ଣାନ୍ସ କ୍ଷେତ୍ରରେ ବିଶ୍ୱର ପ୍ରମୁଖ ରାଷ୍ଟ୍ରଙ୍କ ମଧ୍ୟରେ ନିଜ ପାଇଁ ସ୍ଥାନ ନିରୁପିତ କରିପାରିବ।

**ଲେଖକ ଶ୍ରୀ ସୁରି ଓ ଶ୍ରୀ ଶେଖରି ନୀତି ଆୟୋଗର ଶାସନ ଓ ଗବେଷଣା ବିଷୟକ ପରାମର୍ଶଦାତା।**

ଭିନ୍ନ କଥା

# ସ୍ୱଚ୍ଛଭାରତ : ଲୋକଙ୍କ ଅଭ୍ୟାସ ପରିବର୍ତ୍ତନରେ ଜନସଂଚାରର ଭୂମିକା

ପରମେଶ୍ୱରନ୍ ଆୟାର

ପ୍ରାୟ ୪୦ବର୍ଷ ଧରି ବିଭିନ୍ନ ସରକାର ବିଭିନ୍ନ ସମୟରେ ନାନାବିଧ ଗ୍ରାମ୍ୟ ପରିମଳ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି। ୧୯୮୧ରେ ଏ କ୍ଷେତ୍ରରେ କେନ୍ଦ୍ର ସରକାର ପ୍ରଥମ ପଦକ୍ଷେପ ଗ୍ରହଣ କରି ଗ୍ରାମାଞ୍ଚଳରେ ପରିମଳ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ଏହାର ନାମ ଥିଲା କେନ୍ଦ୍ରୀୟ ଗ୍ରାମୀଣ ପରିମଳ କାର୍ଯ୍ୟକ୍ରମ। ୧୯୯୯ରେ ଏହି ପ୍ରୟାସରେ ପରିବର୍ତ୍ତନ କରାଯାଇ କାର୍ଯ୍ୟକାରୀ ହେଲା ପୁନର୍ଗଠିତ ପୂର୍ଣ୍ଣାଙ୍ଗ ପରିମଳ ଅଭିଯାନ ବା ଟିଏସ୍‌ସି। ଏହାପରେ ବହୁ ଆଡ଼ମ୍ବରରେ କାର୍ଯ୍ୟକାରୀ ହୋଇଥିଲା ନିର୍ମଳ ଭାରତ ଅଭିଯାନ। ଏବେ ଚାଲିଛି ସ୍ୱଚ୍ଛ ଭାରତ ମିଶନ। ଏହି ମିଶନରେ ଯେଉଁ ପରିମାଣରେ ଜନତାଙ୍କୁ ସାମିଲ କରାଯାଉଛି ଓ କାର୍ଯ୍ୟକ୍ରମକୁ ଯେତେ ବ୍ୟାପକ କରାଯାଉଛି ତାହା ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ସ୍ୱଚ୍ଛ ଭାରତ ବିଶ୍ୱର ସର୍ବବୃହତ୍ ପରିମଳ କାର୍ଯ୍ୟକ୍ରମ। ଏହା ବସ୍ତୁତଃ ଏକ ଗୋଷ୍ଠୀଭିତ୍ତିକ ଗଣ ଆନ୍ଦୋଳନରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଏହି ପ୍ରବନ୍ଧରେ ସ୍ୱଚ୍ଛଭାରତ ମିଶନ (ଗ୍ରାମୀଣ)ର ଗତିବିଧି ଓ ସଫଳତା ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିରେ ସ୍ୱଚ୍ଛଭାରତ କିପରି ଏକ ଗଣଆନ୍ଦୋଳନର ରୂପନେଇଛି ଓ ଲୋକଙ୍କ ଅଭ୍ୟାସରେ କିପରି ଏକ ବଡ଼ଧରଣର ପରିବର୍ତ୍ତନ ଆସିଛି ସେ ସମ୍ପର୍କରେ ଆଲୋକପାତ କରାଯାଇ ଏଥିରେ ଜନସଂଚାର ବା ଗଣ ଯୋଗାଯୋଗ ଭୂମିକାର ଗୁରୁତ୍ୱକୁ ପରଖିବାର ପ୍ରୟାସ ହୋଇଛି।

୨୦୧୪ ମସିହାରେ ଦିଲ୍ଲୀର ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ସ୍ୱଚ୍ଛଭାରତର ଐତିହାସିକ ଆହ୍ୱାନ ଦେଇଥିଲେ। ଏହାପରେ ଏହି ଅଭିଯାନକୁ ଆଗେଇ ନେବାକୁ ସେ ଅସାଧାରଣ ନେତୃତ୍ୱ ଦେଇଆସୁଛନ୍ତି। ଇତିମଧ୍ୟରେ ଏହି ଯୋଜନାରେ ଦେଶରେ ଶୌଚାଳୟଥିବା ପରିବାର ସଂଖ୍ୟା ଦ୍ୱିଗୁଣିତ ହୋଇଛି। ମାତ୍ର ତିନିବର୍ଷ ମଧ୍ୟରେ ଛ'କୋଟି ଘରେ ପାଇଖାନା ତିଆରି ହୋଇ ବ୍ୟବହୃତ ହେଉଛି। ୨୦୧୪ରେ ଦେଶରେ ଘରୋଇ ଶୌଚାଳୟ ସଂଖ୍ୟା ମାତ୍ର ୩୯ ଶତାଂଶ ଥିବାବେଳେ ଏବେ ଏହା ୭୬ ଶତାଂଶକୁ ବୃଦ୍ଧି ପାଇଛି। ପରିମଳ କ୍ଷେତ୍ରରେ ଗତ ତିନିବର୍ଷରେ ଭାରତର ଏହି ଉପଲବ୍ଧି ସ୍ୱାଧୀନତାର ୬୭ବର୍ଷରେ ମିଳିଥିବା ସଫଳତାଠାରୁ ଅଧିକ। ସିକିମ୍, କେରଳ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ହରିୟାଣା, ଗୁଜରାଟ ଓ ଆନ୍ଧ୍ରପ୍ରଦେଶର ଗ୍ରାମାଞ୍ଚଳ ତଥା କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ଓ ଡାମନ-ଡିଉ ସମ୍ପୂର୍ଣ୍ଣ ଖୋଲାମଳତ୍ୟାଗମୁକ୍ତ ହୋଇପାରିଛି।

ମୁକ୍ତ ମଳତ୍ୟାଗ ଅଭ୍ୟାସ ହ୍ରାସ କରିବାରେ ସ୍ୱଚ୍ଛଭାରତ ମିଶନ ଏକାଧିକ ଉଲ୍ଲେଖନୀୟ ସଫଳତା ଲାଭ କରିଛି। ଏହାର ସଫଳତା ପଛରେ ରହିଛି ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ, ଆବଶ୍ୟକତାଭିତ୍ତିକ ଦକ୍ଷତା ନିର୍ମାଣ ଓ ଫଳାଫଳର ନିରନ୍ତର ନିରୀକ୍ଷଣ। ଖାଲି ପାଇଖାନା ବା ଶୌଚାଳୟ ନିର୍ମାଣ ନୁହେଁ ଏହାର ନିୟମିତ ବ୍ୟବହାର ଏବଂ ଏଥିପାଇଁ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ ଉପରେ ଅଧିକ ଗୁରୁତ୍ୱ ଦିଆଯିବାରୁ ଯୋଜନାଟି ସଫଳ ହେଉଛି। ଏ କ୍ଷେତ୍ରରେ ଗୋଟିଏ କଥା ଲକ୍ଷ୍ୟଣୀୟ। ପୂର୍ବରୁ ଯେତେସବୁ ସ୍ୱଚ୍ଛ ବା ପରିମଳ ଅଭିଯାନ ହାତକୁ ନିଆଯାଉଥିଲା ସେଥିରେ ଲୋକ ବା ସମୁଦାୟର ସଂପୃକ୍ତି ଏବଂ ସେମାନଙ୍କ ଅଭ୍ୟାସ ପରିବର୍ତ୍ତନ ବିଶେଷ ଅଗ୍ରାଧିକାର ପାଉ ନ ଥିଲା। ତେଣୁ ସେସବୁ କାର୍ଯ୍ୟକ୍ରମ ବିଶେଷ ସଫଳ ହୋଇ ନ ଥିଲା। ସ୍ୱଚ୍ଛଭାରତ ଯୋଜନାରେ ଲୋକଙ୍କ ବ୍ୟବହାର ପରିବର୍ତ୍ତନ ପାଇଁ ନିରନ୍ତର ପ୍ରୟାସ ଏବଂ ଗଣ ସମ୍ପୃକ୍ତି ଏହାକୁ ସଫଳତା ଦେଇଛି। ଏହି ଅଭିଯାନ ଆଗକୁ ବଢ଼ିବା ବେଳେ ଏବେ ବ୍ୟକ୍ତିବିଶେଷ ଓ ସଂପ୍ରଦାୟ /ଗୋଷ୍ଠୀ ନିଜର ପରିମଳ ଓ ପରିଚ୍ଛନ୍ନତା ଦାୟିତ୍ୱ ନିଜେ ହାତକୁ ନେଇ ନିଜ ଘର ଓ ପରିବେଶକୁ ସ୍ୱଚ୍ଛ, ନିର୍ମଳ ରଖିବାର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ। ବାହାରେ ମଳମୂତ୍ର ତ୍ୟାଗ କରିବାର ଯେଉଁ ପୁରୁଣା କାଳିଆ ଅଭ୍ୟାସ, ବିଚାରଧାରା ରହିଛି ତାହାକୁ ଲୋକେ ପ୍ରଥମେ ବଦଳାଇବାର ଆବଶ୍ୟକତା ରହିଛି। ଏହି ଅଭ୍ୟାସ ଓ ବିଚାରଧାରା ବଦଳିଲେ ସ୍ୱଚ୍ଛଭାରତ ଅଭିଯାନ ଆପଣାଛାଏଁ ଆଗକୁ ବଢ଼ିବ। ପାରସ୍ପରିକ ଯୋଗାଯୋଗ (ଇଣ୍ଟରପର୍ସନାଲ କମ୍ୟୁନିକେଶନ) ସେ ଦୃଷ୍ଟିରୁ ସ୍ୱଚ୍ଛଭାରତ ମିଶନର ଏକ ଅତିଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ଯୋଗାଯୋଗ ବ୍ୟବସ୍ଥାରେ ଘରକୁ ଘର ବୁଲି ପ୍ରଚାର ଓ

ସଚେତନତା ଅଭିଯାନ ତଥା ସକାଳୁ ମଳତ୍ୟାଗ ପଡ଼ିଆରେ ଉପସ୍ଥିତ ରହି ଲୋକଙ୍କୁ ଏଥିରୁ ନିରୁତ୍ସାହିତ କରିବା ଆଦି ଅନ୍ୟତମ। ଲୋକଙ୍କୁ ଖୋଲାମଳତ୍ୟାଗରୁ ନିବୃତ ରଖିବା ପାଇଁ ଦେଶବ୍ୟାପୀ ସଚେତନତା ଅଭିଯାନ ଚାଲିଛି। ଏଥିରେ ନାଗରିକମାନଙ୍କୁ ବହୁସଂଖ୍ୟାରେ ସାମିଲ କରାଯାଇଛି। ସ୍ୱେଚ୍ଛାଗ୍ରହୀ ନାମରେ ଏଥିପାଇଁ ଏକ ସ୍ୱେଚ୍ଛାସେବୀ ବାହିନୀ ଗଠନ କରାଯାଇ ସେମାନଙ୍କୁ ତାଲିମ ଦିଆଯାଉଛି। ଏ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ଦେଶବ୍ୟାପୀ କାର୍ଯ୍ୟକ୍ରମମାନ ଆୟୋଜନର ବ୍ୟବସ୍ଥା କରାଯାଇଛି। ସ୍ୱଚ୍ଛତା ପାଇଁ ପଦାତିକ ସୈନିକ ପ୍ରସ୍ତୁତ କରିବାକୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେମାନେ ମୁଖ୍ୟତଃ ସଚେତନତା ସୃଷ୍ଟି କରିବେ ଏବଂ ଖୋଲା ମଳ ତ୍ୟାଗ ଅଭ୍ୟାସ ପରିହାର କରି ଶୌଚାଳୟ ବ୍ୟବହାର ପାଇଁ ଲୋକଙ୍କୁ ସାହାଯ୍ୟ ସହଯୋଗ ଓ ଦିଗଦର୍ଶନ ଦେବେ। ଏଥିପାଇଁ ପାରସ୍ପରିକ କଥାବାର୍ତ୍ତା, ଯୋଗାଯୋଗ ଓ ଆଲୋଚନା ହେବ ପ୍ରମୁଖ ମାଧ୍ୟମ। ଏବେ ସାରାଦେଶରେ ପ୍ରାୟ ସାଢ଼େ ତିନିଲକ୍ଷ ସ୍ୱେଚ୍ଛାଗ୍ରହୀ ପଞ୍ଜୀକୃତ ହୋଇଛନ୍ତି ଏବଂ ପ୍ରତିଦିନ ସେମାନଙ୍କ ସଂଖ୍ୟା ବଢୁଛି।

ଗ୍ରାମସଭା ବା ବୈଠକରେ ସ୍ୱେଚ୍ଛାଗ୍ରହୀମାନେ ସ୍ୱଚ୍ଛତା ସପକ୍ଷରେ ସାଧାରଣ ମନୋଭାବ ଉଦ୍ରେଗ କରାଇବା ପାଇଁ ପ୍ରତ୍ୟକ୍ଷ ହସ୍ତକ୍ଷେପ ନୀତି ଆପଣାଉଛନ୍ତି। ସବୁ ଜିଲ୍ଲାରେ ମାଷ୍ଟର ଟ୍ରେନର୍ସଙ୍କ ଜରିଆରେ ନିୟମିତ ସର୍ଭେ ଓ ବୈଠକ କରାଯାଉଛି। ପରିଚ୍ଛନ୍ନତା ସମ୍ପର୍କରେ ଥିବା ଗୋଷ୍ଠୀଗତ ବିଚାର ବୈଠକମାନ ମଧ୍ୟ ଆୟୋଜିତ ହେଉଛି। ସେଥିରେ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ ଉପରେ ଗୁରୁତ୍ୱ ଆରୋପ କରାଯାଉଛି। ଏସବୁ ଉଦ୍ୟମ ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଏକ ମନୋଭାବର ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ସେମାନେ ସ୍ୱଚ୍ଛତା ଓ ପରିମଳ ରକ୍ଷାର ବାର୍ତ୍ତା ବୁଝୁଛନ୍ତି। ନିଜ ପରିବାରର ସଦସ୍ୟଙ୍କ ନିରାପତ୍ତା ଭାବନା ସେମାନଙ୍କ ମଧ୍ୟରେ ଉଦ୍ରେକ ହେଉଛି। ପିଲାମାନଙ୍କ ସୁସ୍ଥ ଭବିଷ୍ୟତ, ସାମାଜିକ ସ୍ଥିତି ଆଦି ବିଷୟରେ ସେମାନେ ସଚେତନ ହେଉଛନ୍ତି। ସବୁଠୁ ବଡ଼ କଥା ହେଲା ସ୍ୱଚ୍ଛତା ସହ ବ୍ୟକ୍ତିଗତ, ପାରିବାରିକ ଓ ଗୋଷ୍ଠୀଗତ ମର୍ଯ୍ୟାଦା ଯୋଡ଼ି ହେଉଥିବା କଥା ସେମାନେ ଅନୁଭବ କରିବା ପରେ ପରିଚ୍ଛନ୍ନତା ପ୍ରତି ସେମାନଙ୍କର ଆଗ୍ରହ ବଢୁଛି। ସ୍ୱେଚ୍ଛାଗ୍ରହୀଙ୍କର ଲୋକଙ୍କୁ ଗୋଟିଏ ପ୍ରଶ୍ନ ଏଠାରେ ଉଦାହରଣ ରୂପେ ନିଆଯାଇପାରେ। ସେମାନେ ଲୋକଙ୍କୁ ସରଳ ପ୍ରଶ୍ନ ପଚାରୁଛନ୍ତି; "ଜଣେ ଲୋକ ଥରକେ କେତେ ମଳତ୍ୟାଗ କରେ?" ଉତ୍ତର ପାଇଁ କୁହାଯାଉଛି- "୨୦୦ ରୁ ୪୦୦ଗ୍ରାମ, ୪୦୦ ରୁ ୬୦୦ଗ୍ରାମ କିମ୍ବା ତା'ଠାରୁ ଅଧିକ?" କେଉଁଟା ଠିକ୍ ତାହା କହିବାକୁ ଲୋକଙ୍କୁ ପ୍ରଶ୍ନ କରାଯାଉଛି। ଅଧିକାଂଶ ଲୋକ ଉତ୍ତର ଦେଉଛନ୍ତି ଜଣେ ଥରକେ ୫୦୦ଗ୍ରାମ ଓଜନର ମଳ ତ୍ୟାଗ କରେ। ତା'ପରେ ପଚରାଯାଉଛି ଜଣେ ଲୋକ ଯଦି ଥରକେ ୫୦୦ଗ୍ରାମ ମଳତ୍ୟାଗ କରେ ପାଞ୍ଚଜଣିଆ ପରିବାର କେତେ ମଳତ୍ୟାଗ କରିବ? ଉତ୍ତର ମିଳୁଛି - ଅଢ଼େଇ କେଜି। ଏଭଳି ସେମାନଙ୍କୁ ପ୍ରଶ୍ନ ଛଳରେ ହିସାବ ଜାଲରେ ପକାଇ ଦିଆଯାଉଛି। ଯଦି ଚାରିଟି ପରିବାରର ମୋଟ ୧୦ କେଜି ମଳ ବାହାରେ ପଡ଼ିବ ତାହା ମାଛିଙ୍କ ଦ୍ୱାରା ଲୋକଙ୍କ ଖାଦ୍ୟକୁ ବାହିତ ହେବ ଏବଂ ଏହାର ପରିଣାମ କ'ଣ ହେବ ବୋଲି ଲୋକଙ୍କୁ ବୁଝାଇ ଦିଆଯାଉଛି। ଏଭଳି ସରଳ ପ୍ରଶ୍ନୋତ୍ତର ଛଳରେ ଲୋକେ ଅନେକ କଥା ଜାଣିବା ପରେ ସଚେତନ ହେଉଛନ୍ତି ଏବଂ ସ୍ୱଚ୍ଛଭାରତ ଅଭିଯାନ ପ୍ରତି ଆଗ୍ରହ ଦେଖାଉଛନ୍ତି। ଗ୍ରାମାଞ୍ଚଳରେ ଏହାର ପ୍ରଭାବ ବେଶ୍ ଭଲ ପଡୁଛି।



ସ୍ୱେଚ୍ଛାଗ୍ରହୀଙ୍କ ମଧ୍ୟରେ ସବୁ ବୟସ, ଲିଙ୍ଗ ଓ ଜାତିର ଲୋକ ଅଛନ୍ତି। ପରିମଳ ଅଭିଯାନରେ ପିଲାମାନେ ସବୁଠୁ ଅଧିକ ଉତ୍ସାହ ପ୍ରଦର୍ଶନ କରୁଛନ୍ତି। ଏମାନେ ବାନରସେନା ଭଳି କାମ କରି ଗାଁ ଗାଁରେ ଖୋଲା ମଳତ୍ୟାଗ ବିରୋଧରେ ସଚେତନତା ସୃଷ୍ଟି କରୁଛନ୍ତି। ସେମାନେ ଏ କ୍ଷେତ୍ରରେ ବେଶ୍ ଅଭିନବ କୌଶଳ ପ୍ରଦର୍ଶନ କରୁଛନ୍ତି। ଗୀତଗାଇ, ଶୁଖୁରି ବଜାଇ ସେମାନେ ଖୋଲା ମଳ ତ୍ୟାଗ ବିରୋଧରେ ଅଭିଯାନ ଚଳାଉଛନ୍ତି। ସକାଳୁ ଗାଁର ଝାଡ଼ା ପଡ଼ିଆକୁ ଆସି ସେମାନେ ଲୋକଙ୍କୁ ଏଥିରୁ ନିବୃତ୍ତ କରୁଛନ୍ତି। ଘରେ ପାଇଖାନା, ଶୌଚାଳୟ କରିବାକୁ ସେମାନେ ଲୋକଙ୍କୁ ବୁଝାଇବା ସହ ଏଥିପାଇଁ ଥିବା ସରକାରୀ ସୁବିଧା ସୁଯୋଗ ବିଷୟରେ ଅବଗତ କରାଉଛନ୍ତି। କେତେକ କ୍ଷେତ୍ରରେ ବିକଳ୍ପ ନ'ପାଇ ଯେଉଁମାନେ ଖୋଲାରେ ମଳତ୍ୟାଗ କରୁଛନ୍ତି ସେହି ମଳକୁ ମାଟି, ବାଲି ପକାଇ ଘୋଡ଼ଇ ଦେବାକୁ ଏହି ପିଲାମାନେ ମଧ୍ୟ ପରାମର୍ଶ ଦେଉଛନ୍ତି। ଏହାଦ୍ୱାରା ପ୍ରଦୂଷଣ ଓ ସଂକ୍ରମଣକୁ ରୋକିହେବ ବୋଲି ସେମାନେ ଲୋକଙ୍କୁ ବୁଝାଉଛନ୍ତି। ପିଲାମାନଙ୍କୁ ନିଜ ସଂପ୍ରଦାୟ ଭିତରେ ସ୍ୱଚ୍ଛଭାରତର ବାର୍ତ୍ତା ପ୍ରଚାର କରିବାକୁ କୁହାଯାଇଛି। ଏହାଫଳରେ ପିଲାମାନେ ସଂପ୍ରଦାୟ ଓ ଗୋଷ୍ଠୀର ବିରାଗଭାଜନ ହେବାର ସୁଯୋଗ ପ୍ରାୟତଃ ରହୁନାହିଁ। ଏହି ବାନରସେନା ସ୍ୱଚ୍ଛଭାରତ ଅଭିଯାନରେ ଏକ ଶକ୍ତିଶାଳୀ ପରିବର୍ତ୍ତନର ବାହକ ହୋଇଛି। ସଂପ୍ରଦାୟ ଓ ଗୋଷ୍ଠୀ ଭିତରୁ କେହି ସଚେତନତା ବା ପରିବର୍ତ୍ତନର ବାହକ ହେଲେ ତାହାକୁ ସେହି ସମୁଦାୟ ଅଧିକ ଗ୍ରହଣ କରିଥାଏ। ସେଥିପାଇଁ ପିଲାମାନଙ୍କୁ ଏହି କାର୍ଯ୍ୟ ପାଇଁ ନିଜ ସମୁଦାୟରେ ବିନିଯୋଗ କରାଯାଉଛି।




ଜାତୀୟ ସ୍ତରରେ ଯେଉଁ ପ୍ରଚାର ଓ ସଚେତନତା ଅଭିଯାନ ସ୍ୱଚ୍ଛଭାରତ ନେଇ ଚାଲିଛି ସେହି କ୍ଷେତ୍ରରେ ଚାଲିଥିବା କାର୍ଯ୍ୟକ୍ରମର ସଫଳତାକୁ ସୁଦୃଢ଼ କରିବା ବିଚାର ଗୁରୁତ୍ୱ ପାଉଛି। ଏହାର ପ୍ରଧାନ ଲକ୍ଷ୍ୟ ହେଲା ସ୍ୱଚ୍ଛଭାରତ ଅଭିଯାନକୁ ଏକ ସ୍ଥାୟୀ ଜନ ଆନ୍ଦୋଳନର ରୂପ ଦେବା। ୨୦୧୭ ମଇ ମାସରେ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ପକ୍ଷରୁ 'ଦରଜା ବନ୍ଦ' ନାମକ ଏକ ଅଭିଯାନ ଆରମ୍ଭ ହୋଇଥିଲା। ଏହାର ଉଦ୍ଦେଶ୍ୟ ହେଲା ମୁକ୍ତ ମଳତ୍ୟାଗ ବନ୍ଦ ଓ ଶୌଚାଳୟ ବ୍ୟବହାର। ଏହି ପ୍ରତୀକାତ୍ମକ ପ୍ରଚାର ଅଭିଯାନର ନେତୃତ୍ୱ ନେଇଛନ୍ତି ପ୍ରଖ୍ୟାତ ଚିତ୍ରାଭିନେତା ଅମିତାଭ ବଚ୍ଚନ। ଯେଉଁମାନଙ୍କର ଶୌଚାଳୟ ଅଛି; କିନ୍ତୁ ସେମାନେ ତାହାକୁ ବ୍ୟବହାର ନ'କରି ଖୋଲାରେ ମଳତ୍ୟାଗ କରିବାକୁ ଯାଉଛନ୍ତି ସେମାନଙ୍କ ଅଭ୍ୟାସ ବଦଳାଇବା ଏହି ପ୍ରଚାର ଅଭିଯାନର ଲକ୍ଷ୍ୟ। ଏହି ପ୍ରଚାର ଅଭିଯାନରେ ଅଭିନେତ୍ରୀ ଅନୁଷ୍କା ଶର୍ମା ମଧ୍ୟ ସାମିଲ ହୋଇଛନ୍ତି। ମହିଳାମାନେ ନିଜ ଗାଁରେ କିପରି ସ୍ୱଚ୍ଛଭାରତ ଅଭିଯାନର ନେତୃତ୍ୱ ନେଇପାରିବେ ସେ ତାହା ଏହି ପ୍ରଚାର ଅଭିଯାନରେ ଦେଖାଉଛନ୍ତି।

ବିଶିଷ୍ଟ ଅଭିନେତା, ଅଭିନେତ୍ରୀ, ବ୍ୟକ୍ତିବିଶେଷ ଯେଉଁମାନେ ସ୍ୱଚ୍ଛଭାରତ ଅଭିଯାନରେ ସଦିଚ୍ଛାଦୂତ ହୋଇଛନ୍ତି ମୋନଙ୍କର କାର୍ଯ୍ୟ ହେଲା ନିଜର ବ୍ୟକ୍ତିତ୍ୱ ବଳରେ ଲୋକଙ୍କୁ ଏହି କାର୍ଯ୍ୟକ୍ରମ ପ୍ରତି

ଆକୃଷ୍ଟ ଓ ସଂଗଠିତ କରିବା। 'ଟଏଲେଟ-ଏକ ପ୍ରେମ କାହାଣୀ' ନାମରେ ଏକ ମନୋରଂଜନଧର୍ମୀ ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି ଯେଉଁଥିରେ ଅକ୍ଷୟ କୁମାର ଓ ଭୂମି ପେଡ୍‌ନେକର ପ୍ରମୁଖ ଅଭିନୟ କରିଛନ୍ତି। ସ୍ୱଚ୍ଛଭାରତର ବାର୍ତ୍ତା ପ୍ରଚାର ଓ ଲୋକଙ୍କୁ ଏଥିପ୍ରତି ଆକୃଷ୍ଟ କରିବା ଏହି ଚଳଚ୍ଚିତ୍ରର ମୁଖ୍ୟ ଉଦ୍ଦେଶ୍ୟ। ଶୌଚାଳୟ ନ ଥିବାରୁ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଛାଡ଼ି ବାପଘରକୁ ଚାଲିଯିବା ଏକ ଅସାଧାରଣ ଘଟଣା ହୋଇପାରେ; ମାତ୍ର ଏଭଳି ବାର୍ତ୍ତା ପ୍ରଚାର କରିବା ପଛରେ ଅସଲରେ ରହିଛି ଏକ ମହାନ ଉଦ୍ଦେଶ୍ୟ। ଗ୍ରାମାଞ୍ଚଳରେ ଶୌଚାଳୟ ଅଭାବରୁ ମହିଳାମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେଥିପାଇଁ ପରିବାର ମଧ୍ୟରେ ସ୍ୱର ଉଠାଇବା ଏବଂ ଏହାକୁ ସଂପ୍ରଦାୟ ଓ ଗାଁର ପ୍ରସଙ୍ଗ କରିବା ମହିଳା ସଶକ୍ତୀକରଣର ଏକ ଉପଲବ୍ଧି ବୋଲି କୁହାଯାଇପାରେ। ୨୦୧୭ ସେପ୍ଟେମ୍ବରରେ ପାଳିତ 'ସ୍ୱଚ୍ଛତା ହିଁ ସେବା' ପକ୍ଷ ଅବସରରେ ୯କୋଟିରୁ ଅଧିକ ଲୋକ ସ୍ୱେଚ୍ଛାକୃତ ଭାବେ ବାହାରି ସ୍ୱଚ୍ଛଭାରତ ପାଇଁ ଶ୍ରମଦାନ କରିବା ଏକ ଉଲ୍ଲେଖନୀୟ ଘଟଣା। ଏମାନେ ସ୍ୱଚ୍ଛ ଶପଥ ନେବା ସହ ସ୍ୱଚ୍ଛତା ସମ୍ପର୍କିତ ଚିତ୍ର ଓ ରଚନା ଲେଖିବା ସହ ଚଳଚ୍ଚିତ୍ରରେ ଭାଗନେଇଥିଲେ। ଏତେ ସଂଖ୍ୟକ ଲୋକଙ୍କ ସହଯୋଗ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବାରେ ଏକ ଆଧାରଶୀଳା କହିଲେ ଭୁଲ ହେବ ନାହିଁ। ଭାରତୀୟ ହକି, କ୍ରିକେଟ ଦଳର ସଦସ୍ୟ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ବିଭିନ୍ନ ସ୍ଥାନରେ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମରେ ସଂପୃକ୍ତ ହୋଇ ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ପ୍ରୋତ୍ସାହନ ଦେଇଆସୁଛନ୍ତି।

ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ଦେଶରେ ସ୍ୱଚ୍ଛତା ଓ ପରିମଳ ଲକ୍ଷ୍ୟ ହାସଲ କରିବା ସହଜ କାମ ନୁହେଁ। ତେଣୁ ଦେଶର ସବୁ ପ୍ରାନ୍ତ, ସବୁ ସମୁଦାୟ, ସମସ୍ତ ଗ୍ରାମକୁ ଏହି ଅଭିଯାନର ବାର୍ତ୍ତାକୁ ସଂପ୍ରସାରିତ କରି ଲକ୍ଷ୍ୟ ପଥରେ ଆଗେଇବାକୁ ପଡ଼ିବ। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆନ୍ତରିକ ସହଯୋଗ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତା'ଛଡ଼ା ଶୌଚାଳୟ ନିର୍ମାଣର ଶୈଳୀ ସବୁବର୍ଗ ଓ ସବୁ ବୟସର ଆବଶ୍ୟକତାକୁ ଦୃଷ୍ଟିରେ ରଖି କରିବାକୁ ପଡ଼ିବ। ବୟସ୍କ ନାଗରିକ ଓ ଭିନ୍ନକ୍ଷମ, ଯେପରି ଏହାକୁ ସହଜରେ ବ୍ୟବହାର କରିପାରିବେ ଏବଂ ଆବଶ୍ୟକତା ଅନୁସାରେ ପାଣି ମିଳିବ ତାହାକୁ ମଧ୍ୟ ନିଶ୍ଚିତ କରିବାକୁ ହେବ।

ଏପର୍ଯ୍ୟନ୍ତ ଦେଶର ତିନି ଲକ୍ଷ ଗ୍ରାମ ଖୋଲା ମଳତ୍ୟାଗ ମୁକ୍ତ ଗ୍ରାମର ମାନ୍ୟତା ଲାଭ କରିଛି। ଏସବୁ ଗାଁରେ ଏହା କିପରି ସମ୍ଭବ ହୋଇଛି ତାହା ଭବିଷ୍ୟତ କାର୍ଯ୍ୟକ୍ରମ ପାଇଁ ଅନେକ ସୂତ୍ର ଯୋଗାଉଛି। ସେହି ଅନୁଭୂତିକୁ ନେଇ ଏହି ଅଭିଯାନକୁ ଆଗେଇବାକୁ ପଡ଼ିବ। ସଫଳତାର ସୂତ୍ରକୁ ଶିଖିବା ଓ ଏହାକୁ ଅନ୍ୟତ୍ର କାର୍ଯ୍ୟରେ ଲଗାଇବା ଏ କ୍ଷେତ୍ରରେ ବିଶେଷ ମହତ୍ୱ ରଖେ। ସେହିଭଳି ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ଯେଉଁସବୁ ପ୍ରାକୃତିକ ପ୍ରତିବନ୍ଧକ ରହିଛି ତାହାର ମୁକାବିଲା କରି କିପରି ସ୍ୱଚ୍ଛଭାରତ ଅଭିଯାନକୁ ସଫଳ କରିହେବ ତାହାକୁ ମଧ୍ୟ ଅନୁଭୂତିରୁ ଶିଖିବାକୁ ପଡ଼ିବ। ଉଦାହରଣସ୍ୱରୂପ ରାଜସ୍ଥାନର ବିକାନେର ଜିଲ୍ଲା ଥର ମରୁଭୂମିରେ ଅବସ୍ଥିତ। ସେଠାରେ ପାଣିର ଘୋର ଅଭାବ। ସେଠାରେ ଯେତେବେଳେ 'ବାଙ୍କୋବିକାନୋ' ଅଭିଯାନ ଆରମ୍ଭ ହେଲା ଏହା ସମସ୍ତଙ୍କୁ ଚକିତ କରିଥିଲା। ଏହି ଯୋଜନାଟି ଗୋଷ୍ଠୀ ନେତୃତ୍ୱରେ ପରିଚାଳିତ ହୋଇଥିଲା ଏବଂ ସରକାର ଏଥିପାଇଁ ସହାୟତା ଯୋଗାଇଦେଇଥିଲେ। ଆଶ୍ଚର୍ଯ୍ୟର କଥା ଏହି ଯୋଜନାଟି ଗୋଷ୍ଠୀଗତ ସହଯୋଗ ଏବଂ ବିଶେଷକରି ମହିଳାଙ୍କ ଉଲ୍ଲେଖନୀୟ ଭୂମିକା ଯୋଗୁଁ ସଫଳ ହୋଇଥିଲା। ଏହା କ୍ରମଶଃ ବିକାନେର ଗ୍ରାମାଞ୍ଚଳର ମହିଳା, ପରିବାର, ଗ୍ରାମ ଓ ସମୁଦାୟଙ୍କ ପାଇଁ ଏକ ସ୍ୱାଭିମାନ ଓ ଗୌରବର କାହାଣୀ ପାଲଟିଥିଲା। ତେଣୁ ସମନ୍ୱିତ ଓ ଅଭିନବ ପଦକ୍ଷେପ ଦ୍ୱାରା ସ୍ୱଚ୍ଛଭାରତ ମିଶନ କିପରି ବିଭିନ୍ନ ପ୍ରତିକୂଳ ପରିବେଶ ଓ ପରିସ୍ଥିତିରେ ସଫଳ ହୋଇପାରିବ ବିକାନେର ତାହାର ଏକ ପ୍ରକୃଷ୍ଟ ଉଦାହରଣ। ଭାରତର ବିବିଧ ସମସ୍ୟାଭରା ଗ୍ରାମାଞ୍ଚଳରେ ଏହା ମଧ୍ୟ ସମ୍ଭବ ହୋଇପାରିବ। ସଫଳତା ପ୍ରାପ୍ତି ସହିତ ବ୍ୟବହାର ପରିବର୍ତ୍ତନରେ ଯୋଗାଯୋଗର ଅନ୍ତ ଘଟେ ନାହିଁ। ଖୋଲା ମଳମୁକ୍ତ ଲକ୍ଷ୍ୟ ହାସଲ ହୋଇଗଲେ କାମ ସେଇଠି ସରେନାହିଁ। ଏହି ଉପଲବ୍ଧିଟି କିପରି ଚିରସ୍ଥାୟୀ ହେବ ସେଥିପାଇଁ କାର୍ଯ୍ୟ କରିବାକୁ ହେବ। ଅଭ୍ୟାସ ପରିବର୍ତ୍ତନ ଘଟି ଏକ ନୂଆ ଅଭ୍ୟାସ ଧାରାରେ ପଡ଼ିଗଲେ ଏ କାମଟି ସହଜ ହୋଇପାରିବ। ସ୍ୱଚ୍ଛଭାରତ ଅଭିଯାନ ତାହା ଆଶାକରେ।

ପ୍ରଧାନମନ୍ତ୍ରୀ ବାରମ୍ବାର କହିଆସୁଛନ୍ତି ଯେ ସ୍ୱଚ୍ଛଭାରତ ଅଭିଯାନର ସଫଳତା ଓ ତାହାକୁ ବଜାୟ ରଖିବାର ଧାରା ସମଗ୍ର ଦେଶର ଦାୟିତ୍ୱ। ସବୁ ନାଗରିକଙ୍କୁ ଏଥିରେ ସଂପୃକ୍ତ ହେବାକୁ ପଡ଼ିବ। ତା' ନ ହେଲେ ଏ କାର୍ଯ୍ୟଟି ସମ୍ଭବ ହେବ ନାହିଁ। ଏସବୁ ସତ୍ତ୍ୱେ ସ୍ୱଚ୍ଛଭାରତ ଅଭିଯାନ ଲୋକଙ୍କ ବିଚାରକୁ ଛୁଇଁଛି। ଏଥିରେ ସମସ୍ତେ ସାମିଲ ହୋଇ ଏହା 'ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ' ମନୋଭାବ ନେଇ କାମ କଲେ ଲକ୍ଷ୍ୟ ସ୍ଥଳରେ ସହଜରେ ପହଞ୍ଚି ହେବ। ତିନିବର୍ଷରୁ କମ୍ ସମୟ ମଧ୍ୟରେ ୩୦କୋଟି ଗ୍ରାମୀଣ ଭାରତୀୟ ଶୌଚାଳୟ ବ୍ୟବହାର କରିବା ଆରମ୍ଭ କରିଛନ୍ତି। ୨୦୧୯ ଅକ୍ଟୋବର ୨ ତାରିଖ ସୁଦ୍ଧା ଏକ ସ୍ୱଚ୍ଛ ଓ ଖୋଲା ମଳମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ପହଞ୍ଚିବା ପାଇଁ ସ୍ୱଚ୍ଛଭାରତ ଅଭିଯାନ ଦ୍ରୁତଗତିରେ ଆଗେଇ ଚାଲିଛି। ଏହା ସଫଳ ହେଲେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏହା ତାଙ୍କ ପ୍ରତି ହେବ ଏକ ଯଥାର୍ଥ ଶ୍ରଦ୍ଧାଞ୍ଜଳି।

ଲେଖକ ହେଉଛନ୍ତି ଭାରତ ସରକାରଙ୍କ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟର ସଚିବ।

ଫୋକସ୍

# ମହିଳାଙ୍କ ପାଇଁ ଅଭିଯୋଗ ଅପନୋଦନ ବ୍ୟବସ୍ଥା

ଭି. ଅମୃତାଭାଲି

ସାଧାରଣ ଜନତାଙ୍କ ହାରିଗୁହାରୀ ଓ ଆପତ୍ତି ଅଭିଯୋଗ ଶୁଣି ସେମାନଙ୍କୁ ନ୍ୟାୟ ଦେବା ଓ ସେମାନଙ୍କ ଦୁଃଖ ଅପନୋଦନ କରିବା ପ୍ରଶାସନିକ ଦକ୍ଷତା ଓ ପ୍ରଭାବଶାଳୀ ଶାସନର ଏକ ପ୍ରମୁଖ ସୂଚକାଙ୍କ। ଯେକୌଣସି ସରକାର ଓ ଶାସନଠାରୁ ଲୋକଙ୍କ ଆପତ୍ତି ଅଭିଯୋଗର ଯଥାଯଥ ଶୁଣାଣି ସହିତ ତାହାର ସମାଧାନ ପାଇଁ ବ୍ୟବସ୍ଥା ଗ୍ରହଣ ଆଶା କରାଯାଏ। ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣି ଯଥାଶୀଘ୍ର ପ୍ରତିବିଧାନ ବ୍ୟବସ୍ଥା କଲେ ଶାସନ ଲୋକପ୍ରିୟତା ଲାଭ କରିଥାଏ। ଭାରତ ସରକାର ଏଥିପାଇଁ ସଚେତନ ଓ ଏ ଦିଗରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ସର୍ବୋଚ୍ଚ ସ୍ତରରେ କେନ୍ଦ୍ରସରକାର ଦୁଇଟି ନୋଡାଲ ଏଜେନ୍ସି ଗଠନ କରି ଅଭିଯୋଗ ଶୁଣାଣି ଓ ଏହାର ନିରାକରଣର ବ୍ୟବସ୍ଥା ଗ୍ରହଣ କରିଛନ୍ତି।

ସେଥିମଧ୍ୟରୁ ଗୋଟିଏ ହେଲା ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ। ଏହା କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକରୁଛି। ଦ୍ୱିତୀୟଟି ହେଲା କ୍ୟାବିନେଟ୍ ସେକ୍ରେଟାରିଏଟ୍ ଅଧୀନରେ ଥିବା ସାଧାରଣ ଅଭିଯୋଗ ନିର୍ଦ୍ଦେଶାଳୟ। ଏଥିରେ ଅଭିଯୋଗ ନିରାକରଣ ପାଇଁ ଗଠିତ ସ୍ଥାୟୀ କମିଟିର ସଚିବଗଣ କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରନ୍ତି। ଏହି କମିଟି ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ଅଭିଯୋଗ ନିରାକରଣ ବ୍ୟବସ୍ଥାର ସମୀକ୍ଷା କରିବା ସହ ପ୍ରତିବିଧାନ ବ୍ୟବସ୍ଥା କରିଥାଏ।

ମିଳିଥିବା ଅଭିଯୋଗ ଭିତ୍ତିରେ ସଂପୃକ୍ତ ବିଭାଗ ସମସ୍ୟା ଓ ତତ୍‌ସହିତ ସଂପୃକ୍ତ କାରଣଗୁଡ଼ିକ ଚିହ୍ନଟ କରେ। ଏହାର ସମୀକ୍ଷା କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଏ। ସରକାରୀ ବିଭାଗସମୂହ ସାଧାରଣ ଅଭିଯୋଗଗୁଡ଼ିକର ଶୁଣାଣି କରି ପ୍ରତିକାର ବ୍ୟବସ୍ଥା କରିବାକୁ କ୍ଷମତାପ୍ରାପ୍ତ ଅଧିକାରୀମାନଙ୍କୁ ନିଯୁକ୍ତି ଦେଇଛନ୍ତି। ସଂପୃକ୍ତ ଅଧିକାରୀଙ୍କ ନାମ, ଠିକଣା ଓ ଟେଲିଫୋନ୍ ନମ୍ବର ଆଦି ଲୋକେ ସହଜରେ ଦେଖିପାରିବା ସ୍ଥାନରେ ଏବଂ ଦପ୍ତରର ପ୍ରକୋଷ୍ଠରେ ଲଗାଇଛନ୍ତି।



ଉଭୟ ଘରେ ଓ କାର୍ଯ୍ୟସ୍ଥଳୀରେ ମହିଳାମାନେ ସମ୍ମୁଖୀନ ହେଉଥିବା ଅଭାବ ଅସୁବିଧାର ଅଭିଯୋଗ ଶୁଣି ପ୍ରତିବିଧାନ କରିବା ପାଇଁ କେନ୍ଦ୍ର ସରକାର ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ (ଏମ୍‌ଡିଜି), ଜାତୀୟ ମହିଳା ସଶକ୍ତୀକରଣ ନୀତି ଓ ନିରନ୍ତର ବିକାଶ ଲକ୍ଷ୍ୟ (ଏମ୍‌ଡିଜି)ରେ ମହିଳାମାନଙ୍କୁ ସମସ୍ତ ଭେଦଭାବରୁ ମୁକ୍ତ କରିବାକୁ ଯେଉଁସବୁ ନୀତି ରହିଛି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ବିବିଧ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ପ୍ରୟାସ ଉପରେ ଅସ୍ତିବାଚକ ପ୍ରଭାବ ପଡ଼ିଛି।

ମହିଳା ଓ ଶିଶୁ ବିକାଶ ବିଭାଗ ତଥା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ କନ୍ୟାଭ୍ରୁଣ ହତ୍ୟାର ବିଲୋପ, ଲିଙ୍ଗଗତ ସମତା ପ୍ରତିଷ୍ଠା ଏବଂ ଶିଶୁ ଲିଙ୍ଗଗତ ଅନୁପାତ ବୃଦ୍ଧି ପାଇଁ ଉଲ୍ଲେଖନୀୟ କର୍ଯ୍ୟ କରିଆସୁଛି। ବିଭାଗ ପକ୍ଷରୁ

ଶିଶୁ, ମହିଳା, ବରିଷ୍ଠ ନାଗରିକ, ତୃତୀୟଲିଙ୍ଗୀମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ନାନାବିଧ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେଥିମଧ୍ୟରୁ କର୍ମଜୀବୀ ମହିଳା ହଷ୍ଟେଲ, ୱାନ୍‌ଷ୍ଟେପ୍ ସେଣ୍ଟର, ସର୍ଟ ଷ୍ଟେ ହୋମ୍, ଜରାଶ୍ରମ, ମହିଳା, ଶିଶୁ ଓ ବୟସ୍କ ହେଲ୍ପଲାଇନ ଆଦି ଅନ୍ୟତମ। ଏହି ବିଭାଗ ଦ୍ୱାରା ଘରୋଇ ହିଂସା ଆଇନ ୨୦୦୫, ଯୌତୁକ ନିରୋଧୀ ଆଇନ ୧୯୬୧, ବାଲ୍ୟ ବିବାହ ନିରାକରଣ ଆଇନ ୨୦୦୬, କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଯୌନଗତ ହରକତରୁ ସୁରକ୍ଷା ଦେବା ଆଇନ ୨୦୧୩ ଓ ପିତାମାତା ଓ ବରିଷ୍ଠ ନାଗରିକଙ୍କୁ ଦେଖାଶୁଣା ଓ କଲ୍ୟାଣ ଆଇନ ୨୦୦୭ ଭଳି ସାମାଜିକ ଆଇନକୁ କାର୍ଯ୍ୟକାରୀ କରାଯାଉଛି। ଏସବୁ ବୈଧାନିକ ବ୍ୟବସ୍ଥା ମୁଖ୍ୟତଃ ମହିଳା, ଶିଶୁ ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ତଥା କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ଏହା ସଂପୃକ୍ତ ନାଗରିକଙ୍କୁ ସମ୍ବିଧାନ ପ୍ରଦାନ କରିଛି।

ଭାରତୀୟ ସମ୍ବିଧାନରେ ନାଗରିକଙ୍କ ପାଇଁ ସମାନ ବିଚାର ଓ ଅଧିକାର ଅଗ୍ରାଧିକାର ପାଇଛି। ଧାରା ୧୫(୧) ଓ ୧୫ (୩)ରେ ଏସବୁ ଅଧିକାର ବର୍ଣ୍ଣିତ। ଧାରା ୧୪ ସମାନତା ଅଧିକାର ପାଇଁ ସ୍ୱତନ୍ତ୍ର ଭାବେ ଉଦ୍ଦିଷ୍ଟ। ଏହି ଧାରା ଅନୁସାରେ କୌଣସି ନାଗରିକ ପ୍ରତି ବାଛବିଚାର କରାଯାଇପାରିବ ନାହିଁ। ସେହିଭଳି ଧାରା ୧୫ରେ ରାଜ୍ୟମାନଙ୍କୁ ମହିଳାଙ୍କ ସୁରକ୍ଷା ଓ ବିକାଶ ପାଇଁ ଆବଶ୍ୟକ ବିଧିବିଧାନ ଓ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଛି। ମହିଳାମାନେ ସମ୍ବିଧାନର ୧୪ ଧାରାରେ ପାଇଥିବା ସମାନତା ଅଧିକାରରୁ ଯେପରି ବଂଚିତ ନ'ହୁଅନ୍ତି ସେଥିପାଇଁ ରାଜ୍ୟ ସରକାରମାନେ ଆବଶ୍ୟକ ପଦକ୍ଷେପ ନିଶ୍ଚିତ କରିବାକୁ ବାଧ୍ୟ। ଧାରା ୨୧ ଅନୁସାରେ ପ୍ରତ୍ୟେକ ନାଗରିକର ଜୀବନଧାରଣ ଓ ବ୍ୟକ୍ତିଗତ ସ୍ୱାଧୀନତା ରହିଛି। ଜଣେ ନାଗରିକ ଯେପରି ମର୍ଯ୍ୟାଦାର ସହ ବଂଚିପାରିବ ସେଥିପାଇଁ ରାଷ୍ଟ୍ର ସବୁ ସୁବିଧା ସୁଯୋଗ ଯୋଗାଇଦେବା ଧାରା ୨୧ର ମୁଖ୍ୟ ଲକ୍ଷ୍ୟ।



**ଘରୋଇ ହିଂସା ଓ ମହିଳା :**
ଘରେ ମର୍ଯ୍ୟାଦାର ସହ ବଂଚିବା କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେଉଛି ଘରୋଇ ହିଂସା ଓ ମହିଳାଙ୍କୁ ଉତ୍ପୀଡ଼ନ। ଅତଏବ ମହିଳାଙ୍କୁ ଘରୋଇ ହିଂସାରୁ ସୁରକ୍ଷିତ ରଖିବା ପାଇଁ ସମ୍ବିଧାନର ଧାରା ୨୧ କେବଳ ଆଇନଗତ ବ୍ୟବସ୍ଥା କରିନାହିଁ, ଏହାର ଯଥାର୍ଥ ଉପଯୋଗ ଓ ଏ କ୍ଷେତ୍ରରେ ଆବଶ୍ୟକ ଅଭିନିବେଶ କରିବାର ପରିସର ଯୋଗାଇଛି। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଦାୟିତ୍ୱ ଅଧିକ। ଯେହେତୁ ଘରୋଇ ହିଂସା ଘରେ ହୁଏ ଓ ଏଥିରେ ଘରୋଇ ବ୍ୟକ୍ତିବିଶେଷ ସଂପୃକ୍ତ ତାହାକୁ ରୋକିବା ସହଜ ନୁହେଁ। ଏହା ଫଳରେ ମହିଳାଙ୍କ ପ୍ରତି ନ୍ୟାୟ ପ୍ରଦର୍ଶନର ବିଚାରଟି ଏ କ୍ଷେତ୍ରରେ ବିଡ଼ମ୍ବିତ ହୁଏ। ଅତଏବ ଘରୋଇ ହିଂସାର ପରିସର ନିର୍ଦ୍ଧାରଣ କରି ଏଥିପାଇଁ ଆଇନଗତ ସୁରକ୍ଷା ବ୍ୟବସ୍ଥା ସ୍ପଷ୍ଟ କରିବା ସହ ସରକାର ଏ କ୍ଷେତ୍ରରେ ଅଧିକ ତତ୍ପର ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି।

୨୦୧୨ରେ ଦିଲ୍ଲୀରେ ଘଟିଥିବା କୁଖ୍ୟାତ ଗଣଧର୍ଷଣର ଘଟଣା ପରେ ଭାରତ ସରକାର 'ନିର୍ଭୟା ପାଣ୍ଠି' ନାମରେ ଏକ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ଏହି ପାଣ୍ଠି ଗଠନର ମୌଳିକ ଲକ୍ଷ୍ୟ ହେଲା ମହିଳାଙ୍କ ସୁରକ୍ଷା ଓ ଅଧିକାର ସାବ୍ୟସ୍ତ ପାଇଁ ଯେଉଁ ସାମ୍ବିଧାନିକ ବ୍ୟବସ୍ଥା ଅଛି ତାହାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାରମାନଙ୍କୁ ଆବଶ୍ୟକ ଅର୍ଥ ଯୋଗାଇଦେବା ଓ ଏ କ୍ଷେତ୍ରରେ ନୂଆକରି କିଛି କାର୍ଯ୍ୟ କରିବା। କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ଏବଂ ପ୍ରାଦେଶିକ ସରକାରଙ୍କ ସଂପୃକ୍ତ ବିଭାଗ ଏ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ହାତକୁ ନେଇଛନ୍ତି।

ମହିଳାଙ୍କ ସୁରକ୍ଷା ଓ ଅଧିକାର ରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ କମିଶନମାନ ଗଠିତ ହୋଇଛି। କେନ୍ଦ୍ରରେ ଜାତୀୟ ମହିଳା କମିଶନ ଓ ରାଜ୍ୟରେ ପ୍ରାଦେଶିକ ମହିଳା କମିଶନମାନ ଗଠିତ ହୋଇ ଏ ଦିଗରେ କାର୍ଯ୍ୟକରୁଛନ୍ତି। ଯେଉଁ ମହିଳାମାନେ ଯୌତୁକ, ଘରୋଇ ହିଂସା, ଯୌନଗତ ହଇରାଣ ହରକତ, ଅପହରଣ, ଦୁର୍ବ୍ୟବହାର ଓ ଅନ୍ୟାନ୍ୟ ପାରିବାରିକ ବିବାଦଯୋଗୁଁ ନିର୍ଯାତିତା, ସେମାନେ ମହିଳା କମିଶନଙ୍କ ପାଖରେ ନିଜର ଆପତ୍ତି ଅଭିଯୋଗ ଜଣାଇ ନ୍ୟାୟ ମାଗିପାରିବେ। ଏସବୁ ମାମଲାର ତ୍ୱରିତ ଶୁଣାଣି କରି ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ରାଜ୍ୟ ମହିଳା କମିଶନମାନେ ମଧ୍ୟ ଜନଶୁଣାଣି କରି

ସର୍ବସାଧାରଣଙ୍କ ମତାମତ ଓ ଅଭିଯୋଗ ବିଭିନ୍ନ ମାମଲାରେ ସଂଗ୍ରହ କରୁଛନ୍ତି।

ଏହାଛଡ଼ା ମାନବାଧିକାର କମିଶନ, ରାଜ୍ୟ ଶିଶୁ ଅଧିକାର କମିଶନ ଭଳି ସ୍ୱାଧୀନ ମଞ୍ଚମାନ ମଧ୍ୟ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ, ଲାଂଛିତ, ନିଷ୍ପେସିତ ଓ ନିର୍ଯାତିତମାନଙ୍କ ଆପତ୍ତି ଅଭିଯୋଗ ଶୁଣୁଛନ୍ତି, କିମ୍ବା ନିଜପଟୁ ମାମଲା ହାତକୁ ନେଇ ନ୍ୟାୟ ପ୍ରଦାନ କରୁଛନ୍ତି।

**କାର୍ଯ୍ୟସ୍ଥଳୀରେ ମହିଳାଙ୍କ ଆପତ୍ତି ଶୁଣିବା ବ୍ୟବସ୍ଥା:**

କାର୍ଯ୍ୟସ୍ଥଳୀରେ ମହିଳାମାନେ ନାନା ପ୍ରକାର ଶୋଷଣ, ଅତ୍ୟାଚାର ଓ ଅବିଚାରର ସମ୍ମୁଖୀନ ହୁଅନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ସହ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣି ନ୍ୟାୟ ପ୍ରଦାନ କରିବାକୁ ସରକାର ଆଇନଗତ ବ୍ୟବସ୍ଥା କରିଛନ୍ତି। ସେଥିପାଇଁ ସାମାଜିକ ଆଇନ ସମୂହର ଏକ 'ହ୍ୟାଣ୍ଡ୍ ବୁକ୍' ପ୍ରସ୍ତୁତ କରାଯାଇଛି ଓ ବିଭିନ୍ନ ବିଭାଗର କାର୍ଯ୍ୟ କରୁଥିବା ସଂପୃକ୍ତ ସମସ୍ତ ପକ୍ଷଙ୍କୁ ଏଥିପାଇଁ ଆବଶ୍ୟକ ତାଲିମ ପ୍ରଦାନ କରାଯାଉଛି। କାର୍ଯ୍ୟସ୍ଥଳୀରେ ଜଣେ ମହିଳା କର୍ମଚାରୀଙ୍କୁ କିପରି ବ୍ୟବହାର ପ୍ରଦର୍ଶନ କରିବାକୁ ହେବ ସେଥିପାଇଁ ପୋଷ୍ଟରମାନ ଲଗାଇବାର ବ୍ୟବସ୍ଥା ବାଧ୍ୟତାମୂଳକ ହୋଇଛି। ଏଥିରେ ମହିଳାଙ୍କ ସହିତ ଆଚରଣ ସଂକ୍ରାନ୍ତ ଉଚିତ ଅନୁଚିତ କଥାଗୁଡ଼ିକ ବର୍ଣ୍ଣନା କରାଯାଇଛି। ସର୍ବସାଧାରଣ ସ୍ଥାନରେ ଏସବୁ ସଚେତନତା ପୋଷ୍ଟର ମରାଯିବା ସହିତ ପ୍ରାଦେଶିକ, ଜିଲ୍ଲା ଓ ବିଭିନ୍ନ ତଳିଆ ଦପ୍ତର ଓ କର୍ମକ୍ଷେତ୍ରରେ ଏହାକୁ ଲଗାଯାଇଛି। ଲୋକଙ୍କୁ ସଚେତନ କରିବା ଏହାର ପ୍ରମୁଖ ଲକ୍ଷ୍ୟ, ଭାରତ ସରକାର ମଧ୍ୟ କାର୍ଯ୍ୟସ୍ଥଳୀରେ ମହିଳାଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏକ ଅନ୍‌ଲାଇନ୍ କମ୍ପଲେନ୍ ବ୍ୟବସ୍ଥା କରିଛନ୍ତି। ଏହା ଶି-ବକ୍ସ (୫ଐର-ଭକ୍ଟଙ୍ଘ) ନାମରେ ପରିଚିତ। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏହି ଶି-ବକ୍ସର ଆଇଡି ହେଲା - (www.mwcdshebox.nic.in)

ଯୌନଗତ ହରକତ ରୋକିବାକୁ ଇକେଟ୍ରୋନିକ୍ସ ବକ୍ସ (SHe-Box) ଭାରତ ସରକାରଙ୍କ ଏକ ଅଭିନବ ଉଦ୍ୟମ ଯାହାଦ୍ୱାରା ପ୍ରତ୍ୟେକ ମହିଳା ତାଙ୍କ କାମର ପାହ୍ୟା ନିର୍ବିଶେଷରେ ନିଜର ଅଭିଯୋଗ ଦରଜ କରି ନ୍ୟାୟ ମାଗିପାରିବେ। ଏହା ଏକ ସିଙ୍ଗଲ୍ ଉଇଣ୍ଡୋ ବ୍ୟବସ୍ଥା ଏବଂ ଏଥିରେ ସରକାରୀ ଓ ବେସରକାରୀ, ସଂଗଠିତ ଓ ଅଣସଂଗଠିତ ପ୍ରତ୍ୟେକ କ୍ଷେତ୍ରର ମହିଳା ନିଜର ଅଭିଯୋଗ ଏହି ପୋର୍ଟାଲ ମାଧମରେ ଦାଏର କରିପାରିବେ।

ଭାରତ ସରକାର ମଧ୍ୟ 'ସଖି' ନାମରେ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ଚିନ୍ତା କରୁଛନ୍ତି। ଏହାକୁ 'ୱାନଷ୍ଟପ୍ ସେଣ୍ଟର' (ଓଏସ୍‌ସି) କରିବାର ଲକ୍ଷ୍ୟ ରହିଛି। ଏହାଦ୍ୱାରା ହିଂସାରେ ପ୍ରଭାବିତ ମହିଳାଙ୍କୁ ଏକ ସମୟରେ ଚିକିତ୍ସାଗତ, ଆଇନଗତ ଓ ପୁଲିସ ସହାୟତା (ସୁରକ୍ଷା) ଏଭଳି ତିନିଟି ସାହାଯ୍ୟ ଯୋଗାଇଦେବାକୁ ବିଚାର କରାଯାଉଛି। ଏଥିରେ ଘରୋଇ ହିଂସା, ସରକାରୀ, ବେସରକାରୀ, ସଂଗଠିତ ଓ ଅଣସଂଗଠିତ ସବୁ କ୍ଷେତ୍ରର ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯିବ।

ୱାନ୍‌ଷ୍ଟପ୍ ସେଣ୍ଟର ସହ ସଂପୃକ୍ତ କର୍ମଚାରୀ, ଅଧିକାରୀ ଓ ବିଭାଗସମୂହକୁ ଏଥିପାଇଁ ତାଲିମ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଯୋଜନାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସୁରକ୍ଷା ଅଧିକାରୀ, ସ୍ଥାନୀୟ ପୁଲିସ, ଜିଲ୍ଲା ଆଇନଗତ ସେବା କର୍ତ୍ତୃପକ୍ଷ, ଗୋଷ୍ଠୀ ଭିତ୍ତିକ ସଂଗଠନର କର୍ମକର୍ତ୍ତା, ଆଇସିଡିଏସ୍ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ସେବା ପ୍ରଦାନର ସଂଯୋଗ ବ୍ୟବସ୍ଥାରେ ସାମିଲ କରାଯାଇଛି।



ପୀଡ଼ିତା ବା ନିର୍ଯାତିତା ତାଙ୍କର ଅଭିଯୋଗ ଦାଖଲ କରିବା ପରେ କର୍ତ୍ତୃପକ୍ଷ ଏହାକୁ ତଦନ୍ତକାରୀ / କାର୍ଯ୍ୟାନୁଷ୍ଠାନ ଗ୍ରହଣକାରୀଙ୍କ ପାଖକୁ ତତ୍‌କାଳ ପଠାଇବେ।

ଭାରତ ସରକାର ମଧ୍ୟ 'ସଖି' ନାମରେ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ଚିନ୍ତା କରୁଛନ୍ତି। ଏହାକୁ 'ୱାନଷ୍ଟପ୍ ସେଣ୍ଟର' (ଓଏସ୍‌ସି) କରିବାର ଲକ୍ଷ୍ୟ ରହିଛି। ଏହାଦ୍ୱାରା ହିଂସାରେ ପ୍ରଭାବିତ ମହିଳାଙ୍କୁ ଏକ ସମୟରେ ଚିକିତ୍ସାଗତ, ଆଇନଗତ ଓ ପୁଲିସ ସହାୟତା (ସୁରକ୍ଷା) ଏଭଳି ତିନିଟି ସାହାଯ୍ୟ ଯୋଗାଇଦେବାକୁ ବିଚାର କରାଯାଉଛି। ଏଥିରେ ଘରୋଇ ହିଂସା, ସରକାରୀ, ବେସରକାରୀ, ସଂଗଠିତ ଓ ଅଣସଂଗଠିତ ସବୁ କ୍ଷେତ୍ରର ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯିବ।

ୱାନ୍‌ଷ୍ଟପ୍ ସେଣ୍ଟର ସହ ସଂପୃକ୍ତ କର୍ମଚାରୀ, ଅଧିକାରୀ ଓ ବିଭାଗସମୂହକୁ ଏଥିପାଇଁ ତାଲିମ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଯୋଜନାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସୁରକ୍ଷା ଅଧିକାରୀ, ସ୍ଥାନୀୟ ପୁଲିସ, ଜିଲ୍ଲା ଆଇନଗତ ସେବା କର୍ତ୍ତୃପକ୍ଷ, ଗୋଷ୍ଠୀ ଭିତ୍ତିକ ସଂଗଠନର କର୍ମକର୍ତ୍ତା, ଆଇସିଡିଏସ୍ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ସେବା ପ୍ରଦାନର ସଂଯୋଗ ବ୍ୟବସ୍ଥାରେ ସାମିଲ କରାଯାଇଛି। ଏହି ସେଣ୍ଟରରେ ପରାମର୍ଶଦାତାଙ୍କୁ ମଧ୍ୟ ନିଯୁକ୍ତି ଦେବା ସହ ପୀଡ଼ିତାଙ୍କୁ ମନସ୍ତାତ୍ତ୍ୱିକ ଓ ସାମାଜିକ ସେବା ଯୋଗାଣର ବ୍ୟବସ୍ଥା ହୋଇଛି। ଏହାଛଡ଼ା ସରକାର ମହିଳା ହେଲ୍ପ ଲାଇନକୁ ସାର୍ବଜନୀନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇ ପୀଡ଼ିତାଙ୍କୁ ୨୪ ଘଣ୍ଟିଆ ସେବା ପ୍ରଦାନ, ଯୋଗାଣର ବ୍ୟବସ୍ଥା କରିଛନ୍ତି। ଗୋଟିଏ ନମ୍ବରକୁ ପୀଡ଼ିତା ମହିଳା ଟେଲିଫୋନ୍ କରିବା ମାତ୍ରେ ତାଙ୍କୁ ଉଦ୍ଧାର, ସହାୟତା, ଥଇଥାନ, ନ୍ୟାୟ ପ୍ରଦାନ ଆଦି ସମସ୍ତ ସୁବିଧା ଅବିଳମ୍ବେ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି। ସାରା




ଦେଶରେ ଏଥିପାଇଁ ଏକକ ନମ୍ବର ପ୍ରଚଳନ ବ୍ୟବସ୍ଥା କରାଯାଇଛି। ଏ କ୍ଷେତ୍ରରେ ତଥ୍ୟ ଆଦାନପ୍ରଦାନ ଓ ଜ୍ଞାନ ପରିଚାଳନା ନିମନ୍ତେ ସହଜରେ ବ୍ୟବହାର କରି ହେଉଥିବା ୱେବସାଇଟ ବିକଶିତ ହେଉଛି। ଏହା ଅନ୍‌ଲାଇନ୍ ମିସ୍ (ଏମ୍‌ଆଇଏସ୍) ନାମରେ ପରିଚିତ। ଏହି ୱେବସାଇଟରେ ସମସ୍ତ ନିୟମ କାନୁନ, ଦଣ୍ଡବିଧାନ, ପ୍ରତିକାର ବ୍ୟବସ୍ଥା, କର୍ତ୍ତୃପକ୍ଷ, କାହାର କେଉଁ ଦାୟିତ୍ୱ ତାହା ସବୁ ଉଲ୍ଲେଖ ଅଛି।

**ଅନ୍ୟାନ୍ୟ ବ୍ୟବସ୍ଥା:**

ମହିଳାମାନଙ୍କୁ ହିଂସା, ନିର୍ଯାତନା ଓ ବାଛବିଚାରରୁ ସୁରକ୍ଷିତ କରିବା ପାଇଁ ସୂଚନା ଅଧିକାର ଆଇନ, ସିଟିଜେନ୍ ଚାର୍ଟର (ନାଗରିକ ସଂହିତା), ଗ୍ରାମସଭା, ବାଳ ଅପରାଧ ଆଇନ, ହଷ୍ଟେଲ ଆଇନ, ବରିଷ୍ଠ ନାଗରିକ ଆଇନ ଆଦିର ଯଥାର୍ଥ ଉପଯୋଗ ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏସବୁ ନିୟମ ଓ ଆଇନର ଉପଯୁକ୍ତ ପରିପାଳନ ଦ୍ୱାରା ମହିଳାଙ୍କ ଅଧିକାର ଓ ସୁରକ୍ଷା ନିଶ୍ଚିତ ହୋଇପାରିବ।

**ଉପସଂହାର:**

ସବୁ କଥାର ସମାଧାନ ଆଇନ ଦ୍ୱାରା ହୋଇପାରିବ ନାହିଁ। ଆଇନର ପରିପାଳନ ପାଇଁ ଉପଯୁକ୍ତ ବ୍ୟବସ୍ଥାର ଆବଶ୍ୟକତା ରହିଛି। ତା'ଛଡ଼ା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ସୂଚନା ସଂଗ୍ରହ ଓ ଏହାର ତର୍ଜମା ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେବା ଆବଶ୍ୟକ। କେତେ ଅଭିଯୋଗ ଆସୁଛି, ସେଥିରୁ କେତେ ବିଚାର ହେଉଛି, ବିଚାର ପ୍ରକ୍ରିୟା କେତେ ଶୀଘ୍ର ସରୁଛି ଓ କେତେ ଅଭିଯୋଗକାରିଣୀ ନ୍ୟାୟ ପାଉଛନ୍ତି ତାହାର ସମୀକ୍ଷା କରିବାକୁ କମିଟିମାନ ଗଠନ କରିବାକୁ ହେବ। ସରକାର ବା କର୍ତ୍ତୃପକ୍ଷ ଅନେକ ସମୟରେ ତଦନ୍ତ ଚାଲିଛି, ତଥ୍ୟ ମିଳୁନାହିଁ, ଅଭିଯୁକ୍ତ ଫେରାର ଆଦି ଭଳି ବାରମ୍ବାର ଯେଉଁସବୁ ଉତ୍ତର ଦେଇ ନ୍ୟାୟ ପ୍ରଦାନରେ ବିଳମ୍ବ କରୁଛନ୍ତି ସେସବୁର ସମୀକ୍ଷା କରାଯାଇ ରେକର୍ଡ କରାଯିବା ଉଚିତ। ତା' ନହେଲେ ନ୍ୟାୟ ବିଳମ୍ବିତ ହେବ। ବିଳମ୍ବିତ ନ୍ୟାୟ ନ୍ୟାୟ ନ'ଦେବା ସହ ସମାନ, ଅତଏବ ଅଭିଯୋଗ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡ଼ିବ।

ଶେଷ ତଥା ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା - ସରକାରୀ ଅନୁଷ୍ଠାନସମୂହ ପାଇଁ ଅଭିଯୋଗମାନ ଅତି ମୂଲ୍ୟବାନ। ଏହାକୁ ତର୍ଜମା କରି ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ଏହା ଶାସନକୁ ସୁଦୃଢ଼ କରିବା ସହ ଅନୁଷ୍ଠାନର ଆସ୍ଥା ଓ ସୁନାମ ବଢ଼ାଇବାରେ ସହାୟକ ହେବ। ତେଣୁ ଅଭିଯୋଗକାରୀଙ୍କୁ ବନ୍ଧୁ ଦୃଷ୍ଟିରେ ଦେଖି ତାଙ୍କୁ ସହାୟତା ପ୍ରଦାନ କଲେ ବ୍ୟବସ୍ଥାଟି ବିଶ୍ୱାସଭାଜନ ହୋଇପାରିବ ଓ ସଂପୃକ୍ତ କର୍ତ୍ତୃପକ୍ଷ ଏଥିରୁ ବହୁ ଅଭିଜ୍ଞତା ଲାଭ କରିବେ।

ଲେଖିକା ତାମିଲନାଡୁ ସରକାରଙ୍କ ସମାଜ କଲ୍ୟାଣ ବିଭାଗର ନିର୍ଦ୍ଦେଶିକା।

# ଦୁଇ ଦଶନ୍ଧିର ଯାତ୍ରା ପରେ ନାଗରିକ ସନନ୍ଦ

ଡଃ. ମୀନା ନାୟର

କିଛି ସୁବିଧା ସୁଯୋଗ ହାସଲ କରିବା ପାଇଁ ସରକାରୀ ଦପ୍ତରର ବିଭିନ୍ନ ଅଳିନ୍ଦକୁ ଧାଁ ଦଉଡ଼ କରି ଆବେଦନପତ୍ର ଦାଖଲ କରିବା ଓ ଶେଷରେ ଉଦ୍ଦେଶ୍ୟରେ ସଫଳ ହେବା ସହଜକାମ ନୁହେଁ। ଏହା ମୁଖ୍ୟତଃ ଏକ ନୈରାଶ୍ୟଜନକ ଓ ବିରକ୍ତିକର ପ୍ରକ୍ରିୟା। ଦଉଡ଼ି ଦଉଡ଼ି ନୟାନ୍ତ ହେବା ପରେ ଲୋକଟିଏ କିଛି ପାଇଥାଏ, ଅନେକ ସମୟରେ ନିରାଶ ମଧ୍ୟ ହୁଏ। ଏହି ଅସୁବିଧାର ମୂଳ କାରଣ ହେଲାଆବେଦନକାରୀ ବା ଖାଉଟି ଏବଂ ସରକାରୀ ବିଭାଗ ମଧ୍ୟରେ ଥିବା ସୂଚନାଗତ ବିସଂଗତି। ସରକାରଙ୍କ ପାଖରେ ଥିବା ସୂଚନା ଓ ତଥ୍ୟ ସାଧାରଣଙ୍କ ଜ୍ଞାତ ପାଇଁ ସର୍ବସାଧାରଣ ସ୍ଥାନ ବା ମଞ୍ଚରେ ପ୍ରକାଶ ପାଇ ନ ଥାଏ କିମ୍ବା ହିତାଧିକାରୀ ବା ନାଗରିକ ଯିଏ କିଛି ଚାହୁଁଛି ସେ ସଂପୃକ୍ତ ତଥ୍ୟ ବିଷୟରେ ଅବଗତ ନଥାଏ ବା ସେ ସମ୍ପର୍କରେ ଯଥେଷ୍ଟ ସଚେତନ ନୁହେଁ। ଏ କ୍ଷେତ୍ରରେ ତଥ୍ୟ ପ୍ରକାଶ ଓ ସର୍ବସାଧାରଣଙ୍କ ଗୋଚରାର୍ଥେ ତାହା ପ୍ରକାଶ କରିବାର ଯେଉଁ ବ୍ୟବସ୍ଥା ରହିଛି ତାହା ମଧ୍ୟ ଠିକଣା ଭାବେ ପାଳନ ନ'ହେଲେ ବିଭ୍ରାନ୍ତି ଘଟିବା ସ୍ୱାଭାବିକ। ଆଉ ଏକ କଥା ହେଲା ଖାଉଟିଙ୍କ ଅଭିଯୋଗ ନିରାକରଣ ପାଇଁ ଆବଶ୍ୟକ ବ୍ୟବସ୍ଥାର ଅଭାବ। ଏହା ଫଳରେ ଉପଭୋକ୍ତା ଅନ୍ୟ ବିକଳ୍ପ ନ'ଦେଖି ନିଜର କାମ ହାସଲ ପାଇଁ ଦଲାଲଙ୍କ ସାହାଯ୍ୟ ନେଇଥାନ୍ତି ଏବଂ ଏଥିପାଇଁ ତାଙ୍କୁ ବିଶେଷ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।

୧୯୯୦ ଦଶରେ ଭାରତରେ ନାଗରିକ ସନନ୍ଦ ବା ସିଟିଜେନ୍ ଚାର୍ଟର୍ସ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଥିଲା। ଏହାର ଲକ୍ଷ୍ୟ ଥିଲା ଉପଭୋକ୍ତାଙ୍କୁ ସେବା ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଥିବା ବ୍ୟବସ୍ଥାଗତ ତ୍ରୁଟିର ଅବସାନ ଘଟାଇବା। ତେବେ ଏହି ବ୍ୟବସ୍ଥାଟି ଯେତେ ସବଳ ଓ ପ୍ରଭାବଶାଳୀ ହେବା କଥା ତାହା ଏପର୍ଯ୍ୟନ୍ତ ହୋଇପାରିନାହିଁ। ଏହାକୁ ସଫଳ କରିବା ପାଇଁ ଦୁଇଟି କଥା ୧) ସୂଚନା ପ୍ରଦାନ ବ୍ୟବସ୍ଥା ଓ ୨) ଅଭିଯୋଗ ନିରାକରଣ ବ୍ୟବସ୍ଥାକୁ ପ୍ରଭାବଶାଳୀ କରିବା ଉପରେ ନିର୍ଭର କରେ। ତେବେ ଏହି ଦୁଇଟି ଯାକ ବ୍ୟବସ୍ଥା ଯେପରି ମଜବୁତ ହେବା କଥା ତାହା ହୋଇପାରୁନାହିଁ। ଫଳରେ ନାଗରିକ ସନନ୍ଦ ବ୍ୟବସ୍ଥା ସେତେ ସଫଳତାର ସହ କାମ କରିପାରୁନି। ଗତ ୨୦ବର୍ଷ ଧରି ଏ କ୍ଷେତ୍ରରେ ପ୍ରୟାସ ଚାଲିଛି। ସୂଚନା ଅଧିକାର ଆଇନ, ସାଧାରଣ ସେବା ଅଧିକାର ଆଇନର ପ୍ରବର୍ତ୍ତନ ଫଳରେ ସୂଚନା ଆଦାନପ୍ରଦାନ ଆଇନଗତ ମାନ୍ୟତା ପାଇଛି। ସେ ଦୃଷ୍ଟିରୁ ନାଗରିକ ସନନ୍ଦର ଗୁରୁତ୍ୱ ବଢ଼ିଛି ଏବଂ ଏହାକୁ ନ୍ୟୁନ କରି ଆଉ ଦେଖିବା ସହଜ ନୁହେଁ। ଅତଏବ ଏବେ ସବୁ ସରକାରୀ ବିଭାଗ, ସେବା ଓ ମନ୍ତ୍ରଣାଳୟରେ ନାଗରିକ ସନନ୍ଦକୁ ବାଧ୍ୟତାମୂଳକ କରି ଧାର୍ଯ୍ୟ ସମୟସୀମା ମଧ୍ୟରେ ନାଗରିକଙ୍କ ଆପତ୍ତି ଅଭିଯୋଗ ଶୁଣି ତାହାର ସମାଧାନ କରିବା ଉଚିତ। ଏହାଦ୍ୱାରା ଉଚିତ ସମୟରେ ଅଭିଯୋଗ ଶୁଣାଣି, ପ୍ରତିକାର ଓ ସେବା ପ୍ରଦାନ ପାଇଁ ସରକାର ଓ ଶାସନବ୍ୟବସ୍ଥା ବାଧ୍ୟ ହେବ।

> 'ନାଗରିକ ସଂହିତା ଏକ ଦସ୍ତାବିଜ୍ ଯାହା ନାଗରିକଙ୍କୁ ସେବାର ମାନ, ସୂଚନା, ପସନ୍ଦ, ପରାମର୍ଶ, ଭେଦଭାବ ହୀନ ସାନ୍ନିଧ୍ୟ ଯୋଗାଣ, ଅଭିଯୋଗର ନିରାକରଣ, ସୌଜନ୍ୟ ଓ ଅର୍ଥର ମୂଲ୍ୟ ଦେବାକୁ ଅଙ୍ଗୀକୃତ।' ନିର୍ଦ୍ଦିଷ୍ଟ ବ୍ୟବସ୍ଥାରେ ଅଭିଯୋଗ ଶୁଣି ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହାର ଦୂରୀକରଣ ପାଇଁ ଏହି ସନନ୍ଦ ଅନୁସାରେ ମଧ୍ୟ ସରକାର ଉତ୍ତରଦାୟୀ ରହିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି କାର୍ଯ୍ୟରେ ଡିଏପିଆର୍‌ଜି ଖାଉଟି ସଂଗଠନ, ନାଗରିକ ଗୋଷ୍ଠୀ ଓ ଅନ୍ୟାନ୍ୟ ସଂପୃକ୍ତ ପକ୍ଷଙ୍କର ସହଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ସେମାନଙ୍କ ସହଯୋଗ ଓ ପରାମର୍ଶ ବିନା ନାଗରିକ ସନନ୍ଦ ପ୍ରସ୍ତୁତି ସଫଳ ହେବ ନାହିଁ ବୋଲି ଏହି ବିଭାଗର ମତ।

**ନାଗରିକ ସନନ୍ଦ ପ୍ରୟାସର କ୍ରମବିବର୍ତ୍ତନ:**

୧୯୯୧ରେ ବ୍ରିଟେନରେ ପ୍ରଥମ କରି ନାଗରିକ ସନନ୍ଦ ବ୍ୟବସ୍ଥା ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜନ ମେଜରଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଥିଲା। ଦେଶର ନାଗରିକଙ୍କୁ ସେମାନଙ୍କ ଆଶା ଆକାଂକ୍ଷା ମୁତାବକ ସେବା ଯୋଗାଣ ଓ ଆପତ୍ତି ଅଭିଯୋଗ ଶୁଣି ନିର୍ଦ୍ଧାରିତ ସମୟରେ ପ୍ରତିକାର କରିବାକୁ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏଥିପାଇଁ ସରକାର କେତେକ ବୈଧାନିକ ଓ ପଦ୍ଧତିଗତ ବ୍ୟବସ୍ଥା ଗ୍ରହଣ କରିଥିଲେ। ନାଗରିକ ସନନ୍ଦରେ ସେସବୁ ସନ୍ନିବେଶିତ ହୋଇଥିଲା। ଏହିସବୁ ପଦକ୍ଷେପଗୁଡ଼ିକ ହେଲା - ୧) ସେବାର ମାନ ନିର୍ଦ୍ଧାରଣ, ୨) ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉନ୍ମୁକ୍ତତା, ୩) ଉପଭୋକ୍ତାଙ୍କ ସହ ପରାମର୍ଶ ଓ ସଂପୃକ୍ତି, ୪) ବ୍ୟବସ୍ଥାର ଉପଯୋଗ ପାଇଁ ନାଗରିକଙ୍କ ନିମନ୍ତେ ସହଜ ବ୍ୟବସ୍ଥା ଓ ପସନ୍ଦକୁ ପ୍ରୋତ୍ସାହନ, ୫) ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି (ବାଛବିଚାରମୁକ୍ତ) ଅଭିଯୋଗ ନିରାକରଣ ପଦକ୍ଷେପ, ୬) କୌଣସି କଥା ବିଗୁଡୁଥିଲେ ସେଥିରେ ସୁଧାର ଆଣିବା , ୭) ସମ୍ବଳର ସଫଳ ଉପଯୋଗ, ୮) ଅଭିନବତା ଓ ଉନ୍ନୟନ, ୯) ଅନ୍ୟାନ୍ୟ ସେବା ଯୋଗାଣକାରୀଙ୍କ ସହ ମିଶି କାମ କରିବା।

ବ୍ରିଟେନର ଏହି ସଫଳତାରୁ ଅନ୍ୟାନ୍ୟ ଦେଶ ସୂତ୍ର ନେଇ ନିଜ ନିଜର ସାଧାରଣ ସେବା ଯୋଗାଣ ଓ ଅଭିଯୋଗ ନିରାକରଣ ବ୍ୟବସ୍ଥା ବିଭିନ୍ନ ନାମରେ ଆରମ୍ଭ କରିଥିଲେ। ଏଥିରେ ଅନେକ ଦେଶ ବ୍ରିଟେନଠାରୁ କେଇ ପାଦ ଆଗରେ ରହି ବ୍ୟବସ୍ଥାଟିକୁ ବେଶ୍ ସଫଳତାର ସହ କାର୍ଯ୍ୟକାରୀ କରିପାରିଛନ୍ତି। ବେଲଜିୟମରେ ଏହା ପବ୍ଲିକ ସର୍ଭିସ ଚାର୍ଟର, ଫ୍ରାନ୍ସରେ ସର୍ଭିସ ଚାର୍ଟର, ସ୍ପେନରେ କ୍ୱାଲିଟି ଅବ୍‌ଜରଭେଟିଭ ନାମରେ ୧୯୯୨ରେ କାର୍ଯ୍ୟକାରୀ ହୋଇଥିଲା। ୧୯୯୩ରେ ମାଲେସିଆ ଏହାକୁ କ୍ଲାଏଣ୍ଟ ଚାର୍ଟର ଓ ପର୍ତ୍ତୁଗାଲରେ କ୍ୱାଲିଟି ଚାର୍ଟର ଇନ୍ ପବ୍ଲିକ୍ ସର୍ଭିସ୍ ନାମରେ କାର୍ଯ୍ୟକାରୀ କରାଗଲା। ଜାମାଇକାରେ ଏହା ସିଟିଜେନ୍ସ ଚାର୍ଟର ଭାବେ ୧୯୯୪ ଓ କାନାଡ଼ାରେ ସର୍ଭିସ ଷ୍ଟାଣ୍ଡାର୍ଡ ଇନିସିଏଟିଭ ନାମରେ ୧୯୯୫ରେ କାର୍ଯ୍ୟକାରୀ ହୋଇଥିଲା। ଅଷ୍ଟ୍ରେଲିଆ ୧୯୯୭ରେ ଏହାକୁ ସର୍ଭିସ ଚାର୍ଟର ନାମରେ କାର୍ଯ୍ୟକାରୀ କରିଛି। ୧୯୯୮ରେ ବ୍ରିଟେନର ତତ୍‌କାଳୀନ ଶ୍ରମିକଦଳ ସରକାର ଏହି ଆଇନକୁ କିଞ୍ଚିତ ପରିବର୍ତ୍ତନ କରି 'ସର୍ଭିସ୍ ଫାଷ୍ଟ' ନାମରେ ଏକ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ ହେଁ ଏହାର ମୌଳିକତା ଅପରିବର୍ତ୍ତିତ ରହିଛି।




ଭାରତରେ ୧୯୯୪ରେ ନାଗରିକ ସନନ୍ଦ ପ୍ରଥମେ ପ୍ରବର୍ତ୍ତିତ ହେଲା। ଖାଉଟି ସୁରକ୍ଷା କର୍ମୀମାନେ ପ୍ରଥମେ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଦିଲ୍ଲୀର କେନ୍ଦ୍ରୀୟ ଖାଉଟି ସୁରକ୍ଷା ପରିଷଦରେ ଏକ ସନନ୍ଦ (ଚାର୍ଟର) ପ୍ରସ୍ତୁତ କରିଥିଲେ। ୧୯୯୭ରେ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ଏହା ଆଦୃତ ଓ ଅନୁମୋଦିତ ହୋଇଥିଲା। ଏଥିସହିତ ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ଏକ ସଫଳ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ପାଇଁ ନାଗରିକ ସନନ୍ଦ ପ୍ରସ୍ତୁତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହା ପରେ କେନ୍ଦ୍ର ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ (ଡିଏଆର୍‌ପିଜି)

ଡିଏଆର୍‌ପିଜି, ନୂଆଦିଲ୍ଲୀସ୍ଥ ଖାଉଟି ସମନ୍ୱୟ ପରିଷଦ ସହ ମିଶି ନାଗରିକ ସନନ୍ଦ କାର୍ଯ୍ୟକ୍ରମର ଏକ ସମୀକ୍ଷା ୧୯୯୮ରେ କରିଥିଲା। ଏହାପରେ ଏକ ମାନକ (ଷ୍ଟାଣ୍ଡାର୍ଡ) ନାଗରିକ ସନନ୍ଦ ପ୍ରସ୍ତୁତ କରିବା ପାଇଁ ଗୋଟିଏ ପେସାଦାର ସଂସ୍ଥାକୁ ୨୦୦୨ରେ ଦୁଇବର୍ଷ ପାଇଁ ନିଯୁକ୍ତି ଦିଆଯାଇଥିଲା। ସାଧାରଣ ବ୍ୟାପାର କେନ୍ଦ୍ର (ପିଏସି) କର୍ଣ୍ଣାଟକ ସରକାରଙ୍କ ଆଠଟି ବିଭାଗଦ୍ୱାରା ପ୍ରସ୍ତୁତ ନାଗରିକ ସନନ୍ଦର ଚିଠାଗୁଡ଼ିକର ମଧ୍ୟ ପ୍ରାଥମିକ ଆକଳନ ହୋଇଥିଲା। ଏସବୁ କରିବାର ପ୍ରମୁଖ ଲକ୍ଷ୍ୟ ଥିଲା ସନନ୍ଦର ମାନନିର୍ଦ୍ଧାରଣ ଓ ଏହାର ସଫଳ କାର୍ଯ୍ୟକାରିତା ବା ବ୍ୟାବହାରିକ ଦିଗକୁ ଦେଖିବା। ସେହି ଏକା ଲକ୍ଷ୍ୟରେ ଦିଲ୍ଲୀ ଓ ଗୁଜରାଟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କେତେକ ନାଗରିକ ସନନ୍ଦର ମଧ୍ୟ ମୂଲ୍ୟାୟନ କରାଯାଇଛି।

ନାଗରିକ ସନନ୍ଦ ପ୍ରସ୍ତୁତି, ରୂପାୟନ ଓ ସମନ୍ୱୟ କାର୍ଯ୍ୟ ହାତକୁ ନେଲା।

ଡିଏପିଆର୍‌ଜି ନାଗରିକ ସଂହିତାକୁ ନିମ୍ନମତେ ବ୍ୟାଖ୍ୟା କରିଛି। 'ନାଗରିକ ସଂହିତା ଏକ ଦସ୍ତାବିଜ୍ ଯାହା ନାଗରିକଙ୍କୁ ସେବାର ମାନ, ସୂଚନା, ପସନ୍ଦ, ପରାମର୍ଶ, ଭେଦଭାବ ହୀନ ସାନ୍ନିଧ ଯୋଗାଣ, ଅଭିଯୋଗର ନିରାକରଣ, ସୌଜନ୍ୟ ଓ ଅର୍ଥର ମୂଲ୍ୟ ଦେବାକୁ ଅଙ୍ଗୀକୃତ।' ନିର୍ଦ୍ଦିଷ୍ଟ ବ୍ୟବସ୍ଥାରେ ଅଭିଯୋଗ ଶୁଣି ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହାର ଦୂରୀକରଣ ପାଇଁ ଏହି ସନନ୍ଦ ଅନୁସାରେ ମଧ୍ୟ ସରକାର ଉତ୍ତରଦାୟୀ ରହିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି କାର୍ଯ୍ୟରେ ଡିଏପିଆର୍‌ଜି ଖାଉଟି ସଂଗଠନ, ନାଗରିକ ଗୋଷ୍ଠୀ ଓ ଅନ୍ୟାନ୍ୟ ସଂପୃକ୍ତ ପକ୍ଷଙ୍କର ସହଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ସେମାନଙ୍କ ସହଯୋଗ ଓ ପରାମର୍ଶ ବିନା ନାଗରିକ ସନନ୍ଦ ପ୍ରସ୍ତୁତି ସଫଳ ହେବ ନାହିଁ ବୋଲି ଏହି ବିଭାଗର ମତ। ବ୍ରିଟିଶ ମଡେଲ (ଢାଞ୍ଚା)କୁ ଭିତ୍ତି କରି ଡିଏଆର୍‌ପିଜି ନିମ୍ନଲିଖିତ ଛ'ଟି ବିଷୟକୁ ସରକାରୀ ସଂସ୍ଥାଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ସନନ୍ଦରେ ସନ୍ନିବେଶିତ କରିବାକୁ ପ୍ରସ୍ତାବ ଦେଇଛି। ସେଗୁଡ଼ିକ ହେଲା - ୧) ଲକ୍ଷ୍ୟ ଓ ଅଭିଯାନ (ଭିଜନ ମିଶନ) ସଂକ୍ରାନ୍ତ କଥନ, ୨) ସଂସ୍ଥାଦ୍ୱାରା ହେଉଥିବା କାରବାର ବା କାର୍ଯ୍ୟର ସବିଶେଷ ବିବରଣୀ, ୩) ଉପଭୋକ୍ତାଙ୍କ ସବିଶେଷ ତଥ୍ୟ, ୪) ପ୍ରତ୍ୟେକ ଉପଭୋକ୍ତା ଗୋଷ୍ଠୀଙ୍କୁ ଦିଆଯାଉଥିବା ସେବାର ସବିଶେଷ ବିବରଣୀ ଓ ଅଭିଯୋଗ ନିରାକରଣ ବ୍ୟବସ୍ଥାର ପୂର୍ଣ୍ଣାଙ୍ଗ ତଥ୍ୟ ତଥା ସେସବୁର ଉପଯୋଗ/ବ୍ୟବହାରର ପଦ୍ଧତି, ୫) ଉପଭୋକ୍ତାଙ୍କ ଆଶା ଆକାଂକ୍ଷା।

ଡିଏପିଆର୍‌ପିର ୱେବସାଇଟ୍‌ରେ ତଥ୍ୟ ଅନୁସାରେ ୨୦୧୩ ସୁଦ୍ଧା ଏଥିରେ ୧୪୪ଟି ନାଗରିକ ସନନ୍ଦ ସ୍ଥାନପାଇଛି ଏବଂ ସେସବୁ କେନ୍ଦ୍ରର ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗ ପକ୍ଷରୁ ଏସବୁ ସନନ୍ଦ ପ୍ରସ୍ତୁତ ହୋଇଥିଲା। ତେବେ ଏବେ ଏହି ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ; କାରଣ ଗତବର୍ଷ ବିଭିନ୍ନ ସେବାପ୍ରଦାନକାରୀ ସଂସ୍ଥା ମିଶି ଏକ ହୋଇଛନ୍ତି ଏବଂ କେତେକ ନାଗରିକ ସନନ୍ଦକୁ ମିଶାଇ ଗୋଟିଏ କରାଯାଇଛି। ଷ୍ଟେଟ୍ ବ୍ୟାଙ୍କର ସହଯୋଗୀ ବ୍ୟାଙ୍କ ସମୂହ ଏଥିରେ ମିଶିଯାଇଥିବାରୁ ସନନ୍ଦ ସଂଖ୍ୟା ମଧ୍ୟ ହ୍ରାସ ପାଇଛି। ସେହିଭଳି ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗର ୭୨୯ଟି ନାଗରିକ ସନନ୍ଦ ୨୦୧୧ ଜାନୁଆରୀ ୨୪ ସୁଦ୍ଧା ପ୍ରସ୍ତୁତ ହୋଇଥିଲା। ଯେଉଁ ଢଙ୍ଗରେ ନାଗରିକ ସନନ୍ଦମାନ ପ୍ରସ୍ତୁତ ହେଉଛି ଓ ତାହାର ବିଲୟ ଘଟି ନୂଆ ସନନ୍ଦ ପ୍ରସ୍ତୁତ କରାଯାଉଛି ତାହାକୁ ଦେଖିଲେ ମନେହୁଏ ଏହାର ପ୍ରସ୍ତୁତି ଓ ରୂପାୟନ ସତରେ କ'ଣ ଏତେ କଷ୍ଟସାଧ୍ୟ? ତେବେ ପ୍ରଶ୍ନ ଉଠୁଛି ଏ କ୍ଷେତ୍ରରେ ଏତେ ଉଦାସୀନତା କାହିଁକି ? ଏହିପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତା' ନ ହେଲେ ଅନନ୍ତ କାଳ ପର୍ଯ୍ୟନ୍ତ ଏମିତି ଭଙ୍ଗା ଗଢ଼ା ଚାଲିଥିବ।




**ନାଗରିକ ସନନ୍ଦର ପ୍ରସ୍ତୁତି ପଦ୍ଧତି:**

ଡିପିଏଆର୍‌ଜି ଦ୍ୱାରା ପ୍ରସ୍ତୁତ ହେଉଥିବା ନାଗରିକ ସନନ୍ଦ ଲୋକଙ୍କ ସେବା ଯୋଗାଣର ଏକ ପୂର୍ଣ୍ଣାଙ୍ଗ ଦଲିଲ। ଏହା ଏକ 'ହ୍ୟାଣ୍ଡବୁକ୍ ଆକାରରେ ତିଆରି କରାଯାଉଛି। ସବୁଠୁ ବଡ଼ କଥା ହେଲା ଏହି ସନନ୍ଦଟି ଯେପରି ବାସ୍ତବତା ଦୃଷ୍ଟିରୁ କାର୍ଯ୍ୟକାରୀ ହୋଇପାରିବ ତାହାର ବ୍ୟବହାରିକ ଦିଗକୁ ବିଚାରକୁ ନେଇ ଏହା ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଯେଉଁ ପଦ୍ଧତି ଅନୁସରଣ କରାଯାଉଛି ସେଥି ମଧ୍ୟରେ ରହିଛି, ୧) ଟାସ୍କଫୋର୍ସ ଗଠନ ୨) ସଂପୃକ୍ତ ସମସ୍ତ ପକ୍ଷ ଏବଂ ସେବା ଯୋଗାଇବାକୁ ଥିବା ଅନୁଷ୍ଠାନଗୁଡ଼ିକର ଚିହ୍ନିତିକରଣ, ୩) ଉପଭୋକ୍ତା, ସେବାପ୍ରଦାନକାରୀ ଓ କର୍ମଚାରୀଙ୍କ ସହ ପରାମର୍ଶ, ୪) ଚିଠା ସନନ୍ଦ ପ୍ରସ୍ତୁତି ଏବଂ ଏହାଉପରେ ବିଚାରବିମର୍ଶ ତଥା ପ୍ରସ୍ତାବ ଆହ୍ୱାନ, ୫) ଆବଶ୍ୟକ ସ୍ଥଳେ ସଂଶୋଧନ ବା ନୂଆ ପରାମର୍ଶକୁ ସନନ୍ଦରେ ସ୍ଥାନିତ କରିବା, ୬) କୋର ଗ୍ରୁପ୍‌ଦ୍ୱାରା ସନନ୍ଦର ବିଚାର, ୭) ମନ୍ତ୍ରଣାଳୟ/ବିଭାଗଦ୍ୱାରା ଆବଶ୍ୟକ ସଂଶୋଧନ, ୮) ମନ୍ତ୍ରୀଙ୍କ ଦ୍ୱାରା ଚିଠା ସନନ୍ଦର ଅନୁମୋଦନ, ୯) ପ୍ରଶାସନିକ ସଂସ୍କାର ବିଭାଗକୁ ଚିଠା ସନନ୍ଦ ପ୍ରଦାନ, ୧୦) ସନନ୍ଦର ଆନୁଷ୍ଠାନିକ ଅନୁମୋଦନ ଓ ଏହାକୁ ୱେବସାଇଟରେ ଉପସ୍ଥାପନ, ୧୧) ଏହାର ନକଲ ଲୋକପ୍ରତିନିଧି ଓ ସଂପୃକ୍ତ ପକ୍ଷଙ୍କୁ ପ୍ରଦାନ ଏବଂ ୧୨) ଏହାର ସଫଳ କାର୍ଯ୍ୟକାରିତା ପାଇଁ ନୋଡାଲ ଅଫିସର ନିଯୁକ୍ତି। ଏହା ଏକ ବହୁପାକ୍ଷିକ ଦସ୍ତାବିଜ ହୋଇଥିବାରୁ ଏଥିରେ ସବୁ ପକ୍ଷଙ୍କର ସଂପୃକ୍ତ ରହିଛି। ସନନ୍ଦ ସଂବଳିତ ହ୍ୟାଣ୍ଡବୁକ୍‌ରେ ନାଗରିକଙ୍କୁ ସେବା ଯୋଗାଣ ସଂକ୍ରାନ୍ତ ଆଦର୍ଶ ନିର୍ଦ୍ଦେଶାବଳୀ, କ'ଣ କରଣୀୟ ଓ କ'ଣ ବର୍ଜନୀୟ ସେ କଥା, ଏହାର ଢାଞ୍ଚାଗତ ରୂପରେଖ, ଆଦର୍ଶ ଫର୍ମାଟ ଆଦି ସ୍ଥାନିତ ହେବ। ଏହାକୁ ଲୋକେ

୧୯୯୦ ଦଶରେ ଭାରତରେ ନାଗରିକ ସନନ୍ଦ ବା ସିଟିଜେନ୍ ଚାର୍ଟର୍ସ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଥିଲା। ଏହାର ଲକ୍ଷ୍ୟ ଥିଲା ଉପଭୋକ୍ତାଙ୍କୁ ସେବା ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଥିବା ବ୍ୟବସ୍ଥାଗତ ତ୍ରୁଟିର ଅବସାନ ଘଟାଇବା। ତେବେ ଏହି ବ୍ୟବସ୍ଥାଟି ଯେତେ ସବଳ ଓ ପ୍ରଭାବଶାଳୀ ହେବା କଥା ତାହା ଏପର୍ଯ୍ୟନ୍ତ ହୋଇପାରିନାହିଁ। ଏହାକୁ ସଫଳ କରିବା ପାଇଁ ଦୁଇଟି କଥା ୧) ସୂଚନା ପ୍ରଦାନ ବ୍ୟବସ୍ଥା ଓ ୨) ଅଭିଯୋଗ ନିରାକରଣ ବ୍ୟବସ୍ଥାକୁ ପ୍ରଭାବଶାଳୀ କରିବା ଉପରେ ନିର୍ଭର କରେ। ତେବେ ଏହି ଦୁଇଟି ଯାକ ବ୍ୟବସ୍ଥା ଯେପରି ମଜବୁତ ହେବା କଥା ତାହା ହୋଇପାରୁନାହିଁ। ଫଳରେ ନାଗରିକ ସନନ୍ଦ ବ୍ୟବସ୍ଥା ସେତେ ସଫଳତାର ସହ କାମ କରିପାରୁନି। ଗତ ୨୦ବର୍ଷ ଧରି ଏ କ୍ଷେତ୍ରରେ ପ୍ରୟାସ ଚାଲିଛି। ସୂଚନା ଅଧିକାର ଆଇନ, ସାଧାରଣ ସେବା ଅଧିକାର ଆଇନର ପ୍ରବର୍ତ୍ତନ ଫଳରେ ସୂଚନା ଆଦାନପ୍ରଦାନ ଆଇନଗତ ମାନ୍ୟତା ପାଇଛି।

ଅନୁକରଣ କରିବେ। ଏଥିରେ ମଧ୍ୟ ବିଭିନ୍ନ ସେବା ସଂକ୍ରାନ୍ତ ଆପତ୍ତି ଅଭିଯୋଗର ଶୁଣାଣି ଓ ପ୍ରତିବିଧାନ ବ୍ୟବସ୍ଥା ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶ ରହିବ। ଏହାପରେ ଏହି ସନନ୍ଦକୁ 'ସିପିଗ୍ରାମ୍ସ' ଓ 'ସେବୋତ୍ତମ' ଢାଞ୍ଚାରେ ପକାଯାଇ ସରକାରୀ ସେବା ଯୋଗାଣ ବ୍ୟବସ୍ଥାକୁ ନିର୍ଦ୍ଧାରିତ ସମୟରେ ନିଶ୍ଚିତ କରିବାକୁ ହେବ।

**ମୂଲ୍ୟାୟନ ବ୍ୟବସ୍ଥା:**

ଡିଏଆର୍‌ପିଜି, ନୂଆଦିଲ୍ଲୀସ୍ଥ ଖାଉଟି ସମନ୍ୱୟ ପରିଷଦ ସହ ମିଶି ନାଗରିକ ସନନ୍ଦ କାର୍ଯ୍ୟକ୍ରମର ଏକ ସମୀକ୍ଷା ୧୯୯୮ରେ କରିଥିଲା। ଏହାପରେ ଏକ ମାନକ (ଷ୍ଟାଣ୍ଡାର୍ଡ) ନାଗରିକ ସନନ୍ଦ ପ୍ରସ୍ତୁତ କରିବା ପାଇଁ ଗୋଟିଏ ପେସାଦାର ସଂସ୍ଥାକୁ ୨୦୦୨ରେ ଦୁଇବର୍ଷ ପାଇଁ ନିଯୁକ୍ତି ଦିଆଯାଇଥିଲା। ସାଧାରଣ ବ୍ୟାପାର କେନ୍ଦ୍ର (ପିଏସି) କର୍ଣ୍ଣାଟକ ସରକାରଙ୍କ ଆଠଟି ବିଭାଗଦ୍ୱାରା ପ୍ରସ୍ତୁତ ନାଗରିକ ସନନ୍ଦର ଚିଠାଗୁଡ଼ିକର ମଧ୍ୟ ପ୍ରାଥମିକ ଆକଳନ ହୋଇଥିଲା। ଏସବୁ କରିବାର ପ୍ରମୁଖ ଲକ୍ଷ୍ୟ ଥିଲା ସନନ୍ଦର ମାନନିର୍ଦ୍ଧାରଣ ଓ ଏହାର ସଫଳ କାର୍ଯ୍ୟକାରିତା ବା ବ୍ୟାବହାରିକ ଦିଗକୁ ଦେଖିବା। ସେହି ଏକା ଲକ୍ଷ୍ୟରେ ଦିଲ୍ଲୀ ଓ ଗୁଜରାଟ ସରକାରଙ୍କଦ୍ୱାରା ପ୍ରସ୍ତୁତ କେତେକ ନାଗରିକ ସନନ୍ଦର ମଧ୍ୟ ମୂଲ୍ୟାୟନ କରାଯାଇଛି। ଏସବୁ ଅନୁଧ୍ୟାନ ପରେ ଯାହା ଜଣାପଡ଼ିଛି ତାହା ହେଲା - ଏହି ସନନ୍ଦର ସହଜ ବ୍ୟବହାରିକ ଓ ପ୍ରୟୋଗ ଦିଗ, ଏହାର ବ୍ୟବସ୍ଥା, ଭାଷା, ଅଭିଯୋଗ ଗ୍ରହଣ ଓ ନିର୍ଦ୍ଧାରିତ ସମୟରେ ସମାଧାନ, ବ୍ୟବସ୍ଥା, ସରକାରୀ ଉତ୍ତରଦାୟିତ୍ୱ, ସେବା ଯୋଗାଣର ତାଲିକା ଓ ବିଧି ଆଦିକୁ ପରଖିବା। ମୋଟାମୋଟି ଅଧିକାଂଶ ସନନ୍ଦ ଗ୍ରହଣୀୟ ହୋଇଥିବା ଆକଳନରୁ ଜଣାପଡ଼ିଛି। ତେବେ ଅନୁଧ୍ୟାନକାରୀଙ୍କ ରିପୋର୍ଟ ହେଲା, ଏ କ୍ଷେତ୍ରରେ ଦୁଇସ୍ତରୀୟ ପଦକ୍ଷେପର ଆବଶ୍ୟକତା ରହିଛି। ପ୍ରଥମଟି ହେଲା ପ୍ରତ୍ୟେକ ବିଭାଗର ଏକ ନାଗରିକ ସନନ୍ଦ ରହିବା ସହିତ ସେଗୁଡ଼ିକ ୧୦ଟି ସର୍ବନିମ୍ନ ମାନକୁ ପୂରଣ କରିବା ଉଚିତ। ଦ୍ୱିତୀୟଟି ହେଲା ସନନ୍ଦରେ କେବଳ ପ୍ରତିଶ୍ରୁତି ବା ଆଦର୍ଶର କଥା ନରହି ଏହା ବ୍ୟାବହାରିକ ଦୃଷ୍ଟିରୁ ବାସ୍ତବବାଦୀ ହେବା ଆବଶ୍ୟକ। ତା'ନ ହେଲେ ସନନ୍ଦର ପ୍ରତିଶ୍ରୁତି ବା ବ୍ୟବସ୍ଥା ଅନୁସାରେ ଲୋକେ ସେବା ବା ନ୍ୟାୟ ପାଇପାରିବେ ନାହିଁ।

ଏ କ୍ଷେତ୍ରରେ ବିଭାଗ ବା ସରକାରୀ ଦାପ୍ତରିକ ନିଷ୍ଠା ଏବଂ ପ୍ରତିବଦ୍ଧତା ଉପରେ ଅନେକ କିଛି ନିର୍ଭର କରୁଛି। ଯଦି ବିଭାଗ ଭିତରୁ ବା ସଂପୃକ୍ତ କର୍ମଚାରୀଙ୍କ ଆଡ଼ୁ ସନନ୍ଦର ସଫଳ କାର୍ଯ୍ୟକାରିତା ନେଇ ଉତ୍ସାହ ଓ ସଂପୃକ୍ତି ଉଦ୍ରେକ ନ'ହୁଏ ତା'ହେଲେ ଏହା ଏକ ଅଚଳ ଦସ୍ତାବିଜରେ ପରିଣତ ହେବ। ତେଣୁ ଏହାକୁ ମିଶନ ବା ଏକ ଲକ୍ଷ୍ୟ ଭିତ୍ତିରେ ଗ୍ରହଣ କରାଯିବା ଉଚିତ। ସେହିଭଳି ସନନ୍ଦର ସଫଳ କାର୍ଯ୍ୟକାରିତା ପାଇଁ ବାହ୍ୟ ବିଶେଷଜ୍ଞ ଓ ନାଗରିକ ସମାଜକୁ ଅଧିକରୁ ଅଧିକ ସଂପୃକ୍ତ କରି ସେମାନଙ୍କ ମତାମତ ଗ୍ରହଣ କରାଯିବା ଆବଶ୍ୟକ। ଏହାଛଡ଼ା ଆପତ୍ତି ଅଭିଯୋଗ ନିରାକରଣ ବ୍ୟବସ୍ଥାର ନିୟମିତ ତଦାରଖ ଏବଂ ତଥ୍ୟ ସଂଗ୍ରହ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିପାଇଁ ଏକ ଆକଳନ / ମୂଲ୍ୟାୟନ ବ୍ୟବସ୍ଥା କରି ନିୟମିତ ଭାବେ ସେବାଯୋଗାଣ ଓ ଆପତ୍ତି ଅଭିଯୋଗ ନିରାକରଣ ପ୍ରକ୍ରିୟାରେ ଉନ୍ନତି ଆଣିବାକୁ ହେବ। ନାଗରିକ ଯେପରି ନ୍ୟାୟ ପାଏ ଏବଂ ସେବା ଯୋଗାଣ କ୍ଷେତ୍ରରେ ହରକତ ନ ହୁଏ ସେଥିପାଇଁ ଆଇନଗତ ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ରହିଛି। ସରକାର ଅବଶ୍ୟ ଏଥିପାଇଁ ଏକ ନୂଆ ସେବା ପ୍ରଦାନ ଓ ଅଭିଯୋଗ ନିରାକରଣ ଆଇନ ପ୍ରସ୍ତୁତ କରୁଛନ୍ତି। ଏହା ଭଲ କଥା। ଆଗାମୀ ଦୁଇ ବର୍ଷ ମଧ୍ୟରେ ଏଥିପାଇଁ ରିତିମତ୍ କସରତ କରି ଏକ ପୂର୍ଣ୍ଣାଙ୍ଗ ଓ ସଫଳ ଆଇନ ପ୍ରବର୍ତ୍ତନ କଲେ ନାଗରିକ ସନନ୍ଦ ବ୍ୟବସ୍ଥା ସଫଳ ହେବା ସହ ଲୋକେ ସୁବିଧାରେ ସେବା ପାଇପାରିବେ। ତା' ନ ହେଲେ ଏହି କାର୍ଯ୍ୟକ୍ରମଟିର ଅପମୃତ୍ୟୁ ହୋଇପାରେ। ନାଗରିକ ସନନ୍ଦ ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକାରୀ କରିବାକୁ ଦୀର୍ଘ ଦୁଇ ଦଶନ୍ଧିର ଯାତ୍ରା ପରେ ମଧ୍ୟ ଏହା ଏଯାଏ ସମ୍ପୂର୍ଣ୍ଣ ହୋଇ ନ'ପାରିବା ବାସ୍ତବିକ ଚିନ୍ତାଜନକ।

ଲେଖିକା ପବ୍ଲିକ ଆଫେୟାର୍ସ ସେଣ୍ଟରର ଗବେଷଣା ବିଭାଗ ମୁଖ୍ୟ।

# ଭାରତର ସ୍ୱାସ୍ଥ୍ୟସେବା ପାଇଁ ଅଭିନବ ଅର୍ଥଯୋଗାଣ ବ୍ୟବସ୍ଥା

**କବିତା ସିଂହ**

ପ୍ରତ୍ୟେକ ଦେଶର ବିକାଶ ଲକ୍ଷ୍ୟ ହେଲା ଲୋକଙ୍କ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଏବଂ ସୁସ୍ଥସବଳ ଲୋକଙ୍କ ସଂଖ୍ୟା ବଢ଼ାଇବା। ଭାରତ ଭଳି ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ସ୍ୱାସ୍ଥ୍ୟସେବା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଥିବାବେଳେ ସେଥିପାଇଁ ଯଥେଷ୍ଟ ସମ୍ବଳ ନାହିଁ। ବାହ୍ୟ ସହାୟତା ଉପରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିଶେଷ ନିର୍ଭର କରୁଥିବା ସମୟରେ ତାହା କ୍ରମଶଃ କମିକମି ଆସୁଛି। ଏହା ଫଳରେ ମୁଣ୍ଡପିଛା ସ୍ୱାସ୍ଥ୍ୟସେବା ବାବଦ ବ୍ୟୟ ବୃଦ୍ଧି ପାଇଁ ଅର୍ଥାଭାବ ଦେଖାଦେଉଛି। ଏଥିପାଇଁ ସମ୍ବଳ ଯୋଗାଡ଼ ନିମନ୍ତେ ଟିକସ ବ୍ୟବସ୍ଥା କରିବାର ସମ୍ଭାବନା ମଧ୍ୟ କ୍ଷୀଣତର ହେଉଛି।

ଭାରତରେ ସ୍ୱାସ୍ଥ୍ୟସେବା ପାଇଁ ଅତିରିକ୍ତ ପାଣ୍ଠିର ବ୍ୟବସ୍ଥା କରିବାକୁ ହେଲେ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରୁ ଅର୍ଥ କାଟ କରିବାକୁ ପଡ଼ିବ। ସେସବୁ କ୍ଷେତ୍ରରୁ ଅର୍ଥ କାଟିଲେ ତାହା ମଧ୍ୟ ବିଶେଷ ଭାବେ ବ୍ୟାହତ ହେବ। ତେଣୁ ସଂବଳ ଅଭାବକୁ ଦୃଷ୍ଟିରେ ରଖି ଭାରତରେ ସ୍ୱାସ୍ଥ୍ୟସେବା ଭଳି ଏକ ଅଗ୍ରାଧିକାର କ୍ଷେତ୍ର ପାଇଁ ଅର୍ଥ ଯୋଗାଡ଼ କରିବାକୁ ହେଲେ ଅଭିନବ ପନ୍ଥା ବାହାର କରିବାକୁ ପଡ଼ିବ। ଏହି କ୍ଷେତ୍ର ପାଇଁ ଅଭିନବ ବ୍ୟବସ୍ଥାରେ ଅଧିକ ପାଣ୍ଠି ନ ଆସିଲେ ସହସ୍ରାବ୍ଦ ବିକାଶ ଲକ୍ଷ୍ୟ (ଏମ୍‌ଡିଜି) ଏବଂ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ପୂରଣ ହୋଇପାରିବ ନାହିଁ।

ସହସ୍ରାବ୍ଦ ବିକାଶ ଲକ୍ଷ୍ୟରେ ଥିବା କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରୁ ଦାରିଦ୍ର୍ୟ ହ୍ରାସ, ଶିକ୍ଷାରେ ଉନ୍ନତି ଏବଂ ସମସ୍ତଙ୍କ ପାଇଁ ନିରାପଦ ପାନୀୟଜଳ ଯୋଗାଣ କ୍ଷେତ୍ରରେ ଭାରତର ପ୍ରଗତି ଉଲ୍ଲେଖନୀୟ ହୋଇଛି। ଏହାର ଅନ୍ୟତମ ଲକ୍ଷ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଭାରତର ବିକାଶ ମନ୍ଦ ନୁହେଁ। ବିଶ୍ୱବ୍ୟାପୀ ଏଚ୍‌ଆଇଭି, ଟିବି ଓ ମେଲେରିଆ ଭଳି ମହାମାରୀକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିଛି। ୧୯୯୦ରୁ ଶିଶୁ ଓ ମାତୃମୃତ୍ୟୁହାର ଯଥାକ୍ରମେ ୫୩ ଓ ୪୪ ଶତାଂଶ ହ୍ରାସ ପାଇଛି।



ଭାରତର ଲକ୍ଷ୍ୟ ଥିଲା ୨୦୧୫ସୁଦ୍ଧା ଶିଶୁଙ୍କ ମୃତ୍ୟୁହାର ଏକ ହଜାର ପିଛା ୩୫କୁ ହ୍ରାସ କରିବା। ୧୯୯୦ରେ ଏହି ହାର ଥିଲା ୮୮। ସେହିଭଳି ମାତୃମୃତ୍ୟୁହାର (୧୯୯୦ ହାର ୫୫୬ରୁ) ୧୬୭କୁ କମାଇବାର ଲକ୍ଷ୍ୟ ରଖାଯାଇଥିଲା। ଏପର୍ଯ୍ୟନ୍ତ ଏ ଦୁଇଟି ଲକ୍ଷ୍ୟ ସାଧିତ ହୋଇପାରିନାହିଁ।

ଏମ୍‌ଡିଜି କାଳରେ ଭାରତରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମିଳିଥିବା ଉପଲବ୍ଧି ସମ୍ପର୍କରେ ଏହି ଲେଖାରେ ମୁଖ୍ୟତଃ ଆଲୋଚନା କରାଯାଇଛି। ଏହି ସମୟରେ କିପରି ଅଭିନବ ଉପାୟରେ ସ୍ୱାସ୍ଥ୍ୟସେବା ପାଇଁ ଅର୍ଥ ବରାଦ କରାଯାଇଥିଲା ଏବଂ ଏମ୍‌ଡିଜିର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ପ୍ରୟାସ ହୋଇଥିଲା ସେ ବିଷୟରେ ଏଥିରେ ଆଲୋକପାତ କରାଯାଇଛି। ଭାରତ ଇତିମଧ୍ୟରେ ଜନସଂଖ୍ୟା, ମହାମାରୀ ଓ ପୁଷ୍ଟିସାଧନ କ୍ଷେତ୍ରରେ ଏକ ସନ୍ଧିକ୍ଷଣ ଦେଇ ଗତିକରୁଛି। ୨୦୧୪ତଥ୍ୟ ଅନୁସାରେ ଦେଶରେ ସ୍ୱାସ୍ଥ୍ୟସେବା ପାଇଁ ଉଭୟ ସରକାରୀ ଓ ଘରୋଇ ଭାବେ ଜିଡିପିର ମାତ୍ର ୪.୭ ଭାଗ ଅର୍ଥ ଖର୍ଚ୍ଚ ହେଉଛି। ଅର୍ଥାତ୍ ମୁଣ୍ଡପିଛା ସ୍ୱାସ୍ଥ୍ୟସେବା ବାବଦ



ବ୍ୟୟ ପ୍ରାୟ ୭୫ ଆମେରିକୀୟ ଡଲାର। ଏହାର ତିନି ଚତୁର୍ଥାଂଶ ଘରୋଇ କ୍ଷେତ୍ର ବ୍ୟୟ କରୁଛି। ୨୦୧୩-୧୪ର ଜାତୀୟ ସରକାରୀ ସ୍ୱାସ୍ଥ୍ୟ ବ୍ୟୟ ମୋଟ୍ ସରକାରୀ ବ୍ୟୟର ୩.୮ ଶତାଂଶ ଥିଲା। ଏହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଖର୍ଚ୍ଚ କରିଛନ୍ତି। ଭାରତର ସଙ୍ଘୀୟ ଢାଞ୍ଚା ଦୃଷ୍ଟିରୁ ରାଜ୍ୟ ସମୂହଙ୍କ ସ୍ୱାସ୍ଥ୍ୟବାବଦ ବ୍ୟୟ ୬୬%। ୨୦୧୭ର ଜାତୀୟ ସ୍ୱାସ୍ଥ୍ୟ ନୀତିରେ ୨୦୨୪-୨୫ ସୁଦ୍ଧା ସ୍ୱାସ୍ଥ୍ୟସେବା ପାଇଁ ଜିଡିପିର ୨.୪ ଶତାଂଶ ଅର୍ଥ ସରକାର ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି।

**ଉପଲବ୍ଧି ଓ ସମସ୍ୟା:**

୨000 ସେପ୍ଟେମ୍ବରରେ ମିଳିତ ଜାତିସଂଘର ସାଧାରଣ ପରିଷଦ ସହସ୍ରାବ୍ଦ ଘୋଷଣାନାମାକୁ ଅନୁମୋଦନ କରିଥିଲା। ଏଥିରେ ରାଷ୍ଟ୍ର-ରାଷ୍ଟ୍ରଙ୍କ ମଧ୍ୟରେ ସହଯୋଗ ଭିତ୍ତିରେ ଆଠଟି କ୍ଷେତ୍ରରେ ବିକାଶ ଲକ୍ଷ୍ୟ ଧାର୍ଯ୍ୟ ହୋଇ ୨୦୧୫ସୁଦ୍ଧା ତାହାକୁ ହାସଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହି ଲକ୍ଷ୍ୟଗୁଡ଼ିକ ହେଲା ୧) ଉତ୍କଟ ଦାରିଦ୍ର୍ୟ ଓ କ୍ଷୁଧାର ଦୂରୀକରଣ, ୨) ସାର୍ବଜନିକ ଶିକ୍ଷାପ୍ରଦାନ ଲକ୍ଷ୍ୟ ହାସଲ, ୩) ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରି ମହିଳାଙ୍କୁ ସଶକ୍ତ କରିବା, ୪) ଶିଶୁ ମୃତ୍ୟୁହାର ହ୍ରାସ, ୫) ମାତୃ ସ୍ୱାସ୍ଥ୍ୟରେ ଉନ୍ନତି, ୬) ଏଚ୍ଆଇଭି/ ଏଡ୍ସ, ମେଲେରିଆ ଓ ଅନ୍ୟାନ୍ୟ ବ୍ୟାଧିର ମୁକାବିଲା, ୭) ପରିବେଶର ଉନ୍ନତି, ୮) ବିକାଶ ପାଇଁ ବିଶ୍ୱସ୍ତରୀୟ ଅଂଶୀଦାରୀ ବ୍ୟବସ୍ଥାର ପ୍ରୋତ୍ସାହନ।

ଏହି ଆଠଟି ଲକ୍ଷ୍ୟ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା। ଭାରତରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ କିମ୍ବା ରାଜ୍ୟସରକାରଙ୍କ ହାତରେ ସୀମିତ ନୁହେଁ। ଏହା ସହିତ ଜଳ ଓ ପରିମଳ ବ୍ୟବସ୍ଥା, ମହିଳା ଓ ଶିଶୁକଲ୍ୟାଣ ପ୍ରସଙ୍ଗ, ସାମାଜିକ କଲ୍ୟାଣ, ଆଦିବାସୀଙ୍କ ବିକାଶ, ସହରାଞ୍ଚଳ ଉନ୍ନୟନ, କୃଷି, ଶିଳ୍ପ, ପରିବେଶ, ଗ୍ରାମ୍ୟ ଉନ୍ନୟନ ଓ ପରିବହନ ଭଳି ପ୍ରସଙ୍ଗ ମଧ୍ୟ ଜଡ଼ିତ। ତେଣୁ ସ୍ୱାସ୍ଥ୍ୟସେବା ବାବଦ ବ୍ୟୟବରାଦ ସ୍ୱାସ୍ଥ୍ୟ କ୍ଷେତ୍ରର ବାହାରେ ଥିବା କ୍ଷେତ୍ର ଉପରେ ମଧ୍ୟ ବହୁଳ ଭାବେ ନିର୍ଭରଶୀଳ। ତେଣୁ ଅନ୍ୟ କ୍ଷେତ୍ରର ସହଯୋଗ ଓ ଅବଦାନ ମଧ୍ୟ ସ୍ୱାସ୍ଥ୍ୟସେବା ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରେ। ଭାରତରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ନିମନ୍ତେ ଅଧିକ ସମ୍ବଳ ସୃଷ୍ଟି କରିବା ପାଇଁ ଟିକସ ଓ ସବ୍ସିଡି ବ୍ୟବସ୍ଥାର ସମୀକ୍ଷା ଦରକାର। ଉଦାହରଣ ସ୍ୱରୂପ ଯେଉଁ ସାମଗ୍ରୀ ଜନସ୍ୱାର୍ଥ ପ୍ରତି ବିପଦ ସୃଷ୍ଟି କରୁଛି ତା' ଉପରେ ଅତି ଅଧିକ ଟିକସ ଲଗାଇବା ସହିତ ତାହାକୁ କ୍ଷତିକାରକ ଦ୍ରବ୍ୟ ଭାବେ ଘୋଷଣା କରାଯିବା ଉଚିତ। ସେହି ଟିକସକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ କରାଯିବାର ଆବଶ୍ୟକତା ରହିଛି। ସେହିଭଳି ଯେଉଁ ସାମଗ୍ରୀ ସ୍ୱାସ୍ଥ୍ୟ ଅନୁକୂଳ ତାହାକୁ ରିଆତି ମୂଲ୍ୟରେ ଲୋକଙ୍କୁ ଯୋଗାଇ ଦିଆଯିବା ଦରକାର। ଭାରତରେ ୨୦୧୭-୧୮ ବଜେଟରେ ଖାଦ୍ୟ, ସାର ଓ ପେଟ୍ରୋଲିୟମ ଭଳି ପଦାର୍ଥ ଉପରେ ସରକାର ନିଜସ୍ୱ ଖର୍ଚ୍ଚର ୧୦ଭାଗ ସବ୍ସିଡି ଆକାରରେ ବହନ କରୁଛନ୍ତି। ଏହାର ସ୍ୱାସ୍ଥ୍ୟ ସେବା ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ରହୁଛି। ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା କାଳ (୨୦୧୨-୧୩ରୁ ୨୦୧୬-୧୭)ରେ ସରକାର ସବ୍ସିଡି ଆକାରରେ ବାର୍ଷିକ ୨,୪୩,୧୫୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅର୍ଥ କେନ୍ଦ୍ର ଓ ରାଜ୍ୟ ସରକାରମାନେ ମିଳିତଭାବେ ସ୍ୱାସ୍ଥ୍ୟସେବା ପାଇଁ କରୁଥିବା ମୋଟ ଖର୍ଚ୍ଚର ୧.୭୪ଗୁଣ ଅଧିକ। ଏହି ସବ୍ସିଡି ବ୍ୟବସ୍ଥାର ପୁନଃ ସମୀକ୍ଷା କରି ସେବାବଦ ଅର୍ଥକୁ ସ୍ୱାସ୍ଥ୍ୟସେବା ପାଇଁ ବିନିଯୋଗ କରାଯାଇପାରେ।

ସେହିଭଳି କ୍ଷତିକାରକ ପଦାର୍ଥ ଉପରେ ଅଧିକ ଟିକସ ବସିଲେ ଏହା ସେସବୁ ସାମଗ୍ରୀର ବ୍ୟବହାରକୁ ନିୟନ୍ତ୍ରିତ କରିବା ସହ ସଂପୃକ୍ତ ଅର୍ଥକୁ ସ୍ୱାସ୍ଥ୍ୟସେବା ପାଇଁ ବିନିଯୋଗ କରିହେବ। ଭାରତରେ ମଦ, ତମାଖୁ, ଲୁଣ ଓ ଚିନି ଉପରେ ଅଧିକ ଟିକସ ବସା ଗଲେ ସେବାବଦରେ ଯେଉଁ ଅତିରିକ୍ତ ରାଜସ୍ୱ ମିଳିବ ତାହାକୁ ସ୍ୱାସ୍ଥ୍ୟସେବା ପାଇଁ ବ୍ୟବହାର କରାଯାଇପାରିବ। ଏବେ ଭାରତରେ ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗ ଯୋଗୁଁ ୬୫ ଶତାଂଶ ଲୋକଙ୍କର ମୃତ୍ୟୁ ଘଟୁଛି। ତେବେ ସରକାର ଅନେକ ସମୟରେ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ କାରଣ ଯୋଗୁଁ ଅନେକ କ୍ଷତିକାରକ ସାମଗ୍ରୀ ଉପରେ ଅତ୍ୟଧିକ ଟିକସ ବସାଇ ପାରୁନାହାନ୍ତି। ତମାଖୁ ବା ଧୂଆଁପତ୍ର ଏବେ ଅନେକ ବ୍ୟାଧିର କାରଣ। ଏହି ଚାଷ ମଧ୍ୟ ପରିବେଶ ଅନୁକୂଳ ନୁହେଁ। ଏହାସତ୍ତ୍ୱେ ଏହାର ଚାଷକୁ ଭାରତରେ ଏଯାଏଁ ନିଷିଦ୍ଧ କରାଯାଇନାହିଁ। ଏହା ଏକ ଲାଭଜନକ ଫସଲ ହୋଇଥିବାରୁ ଅର୍ଥଲାଭ ଆଶାରେ ଏହାକୁ ସୁରକ୍ଷିତ କରାଯାଉଛି।

ଏମ୍‌ଡିଜି କାଳରେ ଭାରତରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମିଳିଥିବା ଉପଲବ୍ଧି ସମ୍ପର୍କରେ ଏହି ଲେଖାରେ ମୁଖ୍ୟତଃ ଆଲୋଚନା କରାଯାଇଛି। ଏହି ସମୟରେ କିପରି ଅଭିନବ ଉପାୟରେ ସ୍ୱାସ୍ଥ୍ୟସେବା ପାଇଁ ଅର୍ଥ ବରାଦ କରାଯାଇଥିଲା ଏବଂ ଏମ୍‌ଡିଜିର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ପ୍ରୟାସ ହୋଇଥିଲା ସେ ବିଷୟରେ ଏଥିରେ ଆଲୋକପାତ କରାଯାଇଛି। ଭାରତ ଇତିମଧ୍ୟରେ ଜନସଂଖ୍ୟା, ମହାମାରୀ ଓ ପୁଷ୍ଟିସାଧନ କ୍ଷେତ୍ରରେ ଏକ ସନ୍ଧିକ୍ଷଣ ଦେଇ ଗତିକରୁଛି। ୨୦୧୪ତଥ୍ୟ ଅନୁସାରେ ଦେଶରେ ସ୍ୱାସ୍ଥ୍ୟସେବା ପାଇଁ ଉଭୟ ସରକାରୀ ଓ ଘରୋଇ ଭାବେ ଜିଡିପିର ମାତ୍ର ୪.୭ ଭାଗ ଅର୍ଥ ଖର୍ଚ୍ଚ ହେଉଛି। ଅର୍ଥାତ୍ ମୁଣ୍ଡପିଛା ସ୍ୱାସ୍ଥ୍ୟସେବା ବାବଦ ବ୍ୟୟ ପ୍ରାୟ ୭୫ ଆମେରିକୀୟ ଡଲାର। ଏହାର ତିନି ଚତୁର୍ଥାଂଶ ଘରୋଇ କ୍ଷେତ୍ର ବ୍ୟୟ କରୁଛି। ୨୦୧୩-୧୪ର ଜାତୀୟ ସରକାରୀ ସ୍ୱାସ୍ଥ୍ୟ ବ୍ୟୟ ମୋଟ୍ ସରକାରୀ ବ୍ୟୟର ୩.୮ ଶତାଂଶ ଥିଲା। ଏହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଖର୍ଚ୍ଚ କରିଛନ୍ତି।

ସେହିଭଳି ମଦରୁ ଆଦାୟ ହେଉଥିବା ଟିକସକୁ ସ୍ୱାସ୍ଥ୍ୟସେବା ପାଇଁ ବିନିଯୋଗ କରିହେବ। ତମାଖୁ, ମଦ ଏବଂ ଅନ୍ୟାନ୍ୟ କ୍ଷତିକାରକ ତଥା ଅସ୍ୱାସ୍ଥ୍ୟକର ପଦାର୍ଥରୁ ଆଦାୟ ହେଉଥିବା ଟିକସ ଦେଶର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ଏହା ନିଃସନ୍ଦେହରେ କୁହାଯାଇପାରେ। ଏହାସତ୍ତ୍ୱେ ମହାମାରୀ ବିଜ୍ଞାନ ଏବେ ଏପରି ଏକ ସନ୍ଧିକ୍ଷଣରେ ପହଞ୍ଚିଛି ଯେଉଁଠି ସମାଜରେ ୬୨ ଶତାଂଶ ଲୋକ ଅଣସଂକ୍ରାମକ ବ୍ୟାଧିରେ ପ୍ରାଣ ହରାଇଛନ୍ତି ଏବଂ ଏହାର କାରଣ ହେଉଛି ତମାଖୁ, ମଦ, ଲୁଣ, ଚିନି, ମିଠାଜାତୀୟ ଖାଦ୍ୟ ଓ ପାନୀୟର ମାତ୍ରାଧିକ ବ୍ୟବହାର। ଏସବୁ ବ୍ୟତୀତ ଆଳସ୍ୟପୂର୍ଣ୍ଣ ଜୀବନଚର୍ଯ୍ୟା, ଶାରୀରିକ ପରିଶ୍ରମର ଅଭାବ, ପୃଥୁଳତା, ରକ୍ତଚାପ ଆଦି କାରଣ ଏହି ସମସ୍ୟାକୁ ଅଧିକ ଜଟିଳ କରୁଛି।

ତେଣୁ ଚିନି, ଡିଜେଲ, କିରାସିନି ଓ କୋଇଲା ଆଦି ସାମଗ୍ରୀ ଉପରେ ସରକାର ଯେଉଁ ରିଆତି ଦେଉଛନ୍ତି ତାହାର ସମୀକ୍ଷା କରିବା ଉଚିତ। ଏବାବଦରେ ଦିଆଯାଉଥିବା ସବ୍‌ସିଡି ଅର୍ଥକୁ ପୁଷ୍ଟିକର ଖାଦ୍ୟ, ସ୍ୱଚ୍ଛଇନ୍ଧନ ଯୋଗାଣ ଦିଗରେ ବ୍ୟୟ କଲେ ସମାଜର ଅଶେଷ କଲ୍ୟାଣ ସାଧନ ହୁଅନ୍ତା। ସରକାର ଡିଜେଲ, କିରାସିନି ଓ କୋଇଲା ପରିବର୍ତ୍ତେ ରନ୍ଧନଗ୍ୟାସ ଉପରେ ଅଧିକରୁ ଅଧିକ ରିଆତି ପ୍ରଦାନ କରିବା ଉଚିତ୍। ଆହୁରି ମଧ୍ୟ ଫଳ, ଦୁଗ୍ଧଜାତ ସାମଗ୍ରୀ ଓ ଅନ୍ୟାନ୍ୟ ପ୍ରୋଟିନ ଜାତୀୟ ଖାଦ୍ୟ ଉପରେ ସରକାର ସବ୍‌ସିଡି ଦେବା ଯୁକ୍ତିଯୁକ୍ତ ମନେହୁଏ। ଏହାଦ୍ୱାରା ଲୋକେ ସୁସ୍ଥଜୀବନ ବଞ୍ଚିପାରିବେ।

ସରକାର ତମାଖୁ, ମଦ, ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ମିଠା ପାନୀୟ ଉପରେ ଟିକସ ଲାଗୁ କରିଛନ୍ତି। ଏହାର ମୁଖ୍ୟ ଲକ୍ଷ୍ୟ ହେଲା ଅଧିକ ରାଜସ୍ୱ ସଂଗ୍ରହ କରିବା। ତେବେ ଏହି ଟିକସ ପରିମାଣ ଆହୁରି ଅଧିକ ହେବା ଆବଶ୍ୟକ ଯା'ହାଦ୍ୱାରା ସାଧାରଣ ଜନତା ଯେପରି ଏହାକୁ ସହଜରେ କିଣିପାରିବେ ନାହିଁ। ଏସବୁକୁ ପାପ ଦ୍ରବ୍ୟ ଭାବେ ବିବେଚିତ କରାଯାଇ ସୁସ୍ଥ ସମାଜର ପହଞ୍ଚ ବାହାରେ ରଖିବାକୁ ପଡ଼ିବ। ଭାରତର ବିପୁଳ ଲୋକସଂଖ୍ୟାକୁ ସରକାର ଏକ ସଂପଦ / ସଂବଳ ଭାବେ ବିବେଚନା କରୁଛନ୍ତି। ସେ ମାନବସମ୍ବଳ ଯଦି ବ୍ୟାଧିମୁକ୍ତ, କର୍ମଠ ଓ ଦୀର୍ଘଜୀବୀ ନ'ହୁଏ ତାହା ଦେଶ ପାଇଁ ବିପତ୍ତିରେ ପରିଣତ ହେବ। ସେଥିପାଇଁ ସମାଜର କ୍ଷତିସାଧନ କରୁଥିବା ସାମଗ୍ରୀଗୁଡ଼ିକୁ ମାତ୍ରାଧିକ ଟିକସ ଲଗାଇ ଦୁର୍ମୂଲ୍ୟ କରାଯିବା ଯୁକ୍ତିଯୁକ୍ତ ମନେହୁଏ। ଅଧିକ ଟିକସ ଲଗାଇବା ଫଳରେ ଯେଉଁ ଅତିରିକ୍ତ ରାଜସ୍ୱ ସରକାର ପାଇବେ ତାହାକୁ ସ୍ୱାସ୍ଥ୍ୟସେବା ପାଇଁ ବିନିଯୋଗ କରାଯାଇପାରିବ। ତେବେ ଏ କ୍ଷେତ୍ରରେ ଏବେ କେତେକ କଥା ଘଟୁଛି ଯାହା ବେଶ୍ ବିଡ଼ମ୍ବିତ ମନେହୁଏ। ସରକାର ତମାଖୁ ଓ ମଦ ଭଳି ସାମଗ୍ରୀ ଉପରୁ ଟିକସ ଆଦାୟ କରି ତାହାକୁ କ୍ୟାନସର୍ ହସ୍‌ପିଟାଲ୍, ଚିକିତ୍ସା ଓ ଥଇଥାନ କେନ୍ଦ୍ରମାନ ନିର୍ମାଣ କରୁଛନ୍ତି। ଉଦ୍ଦେଶ୍ୟ ଭଲ ହେଲେ ମଧ୍ୟ ଏଥିପାଇଁ ଯେଉଁ ଉତ୍ସରୁ ଅର୍ଥ ଆସୁଛି ତାହା ଅମାନବୀୟ ମନେହୁଏ।

ଟିକସର ସାମାନ୍ୟ ବୃଦ୍ଧି ପାଇଁ ନୀତି ନିର୍ଦ୍ଧାରଣ ବା ନିଷ୍ପତ୍ତି ଗ୍ରହଣ ଦ୍ୱାରା ସମସ୍ୟାର ସମାଧାନ ହେବନାହିଁ। ଏହା ଯଥେଷ୍ଟ ଅଧିକ ହେବା ଆବଶ୍ୟକ, ଯଦ୍ୱାରା କ୍ଷତିକାରୀ ସାମଗ୍ରୀର ବିକ୍ରିବଟା କମିବ ଓ ସାଧାରଣ ଲୋକ ଏହାକୁ ସହଜରେ କିଣି ବ୍ୟବହାର କରିପାରିବେ ନାହିଁ। ପର୍ଯ୍ୟାୟକ୍ରମେ ଏସବୁ ସାମଗ୍ରୀକୁ ନିଷିଦ୍ଧ କରିବାକୁ ପଡ଼ିବ। ଭାରତ ଭଳି ଦେଶରେ ମୁଦ୍ରାସ୍ଫୀତି ଦୈନନ୍ଦିନ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ।



## ସ୍ୱାସ୍ଥ୍ୟ ଉଦ୍ୟୋଗର ସଂସ୍କାର : ସ୍ୱାସ୍ଥ୍ୟସେବା ପାଇଁ ଅଭିନବ ଅର୍ଥଯୋଗାଣ ବ୍ୟବସ୍ଥା

| କ୍ରମିକ ସଂଖ୍ୟା | ଉତ୍ପାଦ | ସମ୍ଭାବ୍ୟ ବିପଦ ଓ ଆଶଙ୍କା | ପରିଣତି | ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ବୋଝ | ସମାଧାନ ପାଇଁ ନିବାରଣମୂଳକ ପଦକ୍ଷେପ |
|---|---|---|---|---|---|
| ୧ | ତମାଖୁ | ଧୂମପାନ, ଚୋବାଇବା, ପାଟିରେ ପକାଇବା | କ୍ୟାନ୍‌ସର, ହୃଦ୍‌ରୋଗ | ପ୍ରତିକାରକ୍ଷମ, ଚିକିତ୍ସା ଯୋଗ୍ୟ ଓ ଥଇଥାନ ଯୋଗ୍ୟ | ଅତି ଅଧିକ ଟିକସ ଲାଗୁ ଯୋଗ୍ୟ |
| ୨ | ମଦ | ନିଶାଗ୍ରସ୍ତ ଗାଡ଼ିଚାଳନା, ଅସୁରକ୍ଷିତ ଯୌନକ୍ରିୟା, ଡ୍ରଗ ସେବନ | ସଡ଼କ ଦୁର୍ଘଟଣା, କ୍ୟାନ୍‌ସର, ଲିଭରବ୍ୟାଧି ଓ ଯୌନ ରୋଗ | ପ୍ରତିକାରଯୋଗ୍ୟ | ଅତି ଅଧିକ ଟିକସ ଲାଗୁ ଯୋଗ୍ୟ |
| ୩ | ଲୁଣ | ଉଚ୍ଚରକ୍ତଚାପ | ହୃଦ୍‌ଘାତ | ପ୍ରତିକାରଯୋଗ୍ୟ | ଅତି ଅଧିକ ଟିକସ ଲାଗୁ ଯୋଗ୍ୟ |
| ୪ | ମିଠା ପାନୀୟ | ପୃଥୁଳତା | କ୍ୟାନସର, ହୃଦ୍‌ରୋଗ, ଡାଇବେଟିସ୍ | ପ୍ରତିକାର, ଚିକିତ୍ସା ଓ ଥଇଥାନ ଯୋଗ୍ୟ | ଅତି ଅଧିକ ଟିକସ ଲାଗୁ ଯୋଗ୍ୟ |
| ୫ | ଖାଦ୍ୟଶସ୍ୟ | ପୃଥୁଳତା | ଡାଇବେଟିସ | ପ୍ରତିକାର ଓ ଚିକିତ୍ସାଯୋଗ୍ୟ | ଅତି ଅଧିକ ଟିକସ ଲାଗୁ ଯୋଗ୍ୟ |
| ୬ | ଟ୍ରାନ୍ସଫ୍ୟାଟ୍ ଚର୍ବିଜାତୀୟ ଖାଦ୍ୟ | ପୃଥୁଳତା | ଡାଇବେଟିସ୍, ହୃଦ୍‌ରୋଗ | ପ୍ରତିକାର ଓ ଉପଶମଯୋଗ୍ୟ | ଅତି ଅଧିକ ଟିକସ ଲାଗୁ ଯୋଗ୍ୟ |
| ୭ | ଡିଜେଲ ଇନ୍ଧନ | ବାୟୁପ୍ରଦୂଷଣ | ଦୀର୍ଘ ସଂକ୍ରମଣଜନିତ ଛାତିରୋଗ (ସିଓପିଡି) | ପ୍ରତିକାର ବା ଉପଶମଯୋଗ୍ୟ | ଅତି ଅଧିକ ଟିକସ ଲାଗୁ ଯୋଗ୍ୟ |
| ୮ | କଣ୍ଡୋମ | ଅସୁରକ୍ଷିତ ଯୌନ ସମ୍ପର୍କ, ଅନିଚ୍ଛାକୃତ ଗର୍ଭଧାରଣ | ଯୌନ ସମ୍ପର୍କଜନିତ ବ୍ୟାଧି | ପ୍ରାଥମିକ, ମାଧ୍ୟମିକ ଓ ଅନ୍ୟାନ୍ୟ | ସବ୍‌ସିଡି ପ୍ରଦାନଯୋଗ୍ୟ |
| ୯ | ଟିକା | ମିଳିମିଳା ଓ ଅନ୍ୟାନ୍ୟ ନିବାରଣକ୍ଷମ ନ୍ୟୁମୋନିକ ରୋଗ ପ୍ରସଙ୍ଗ | ସଂକ୍ରାମକ ରୋଗ | ପ୍ରାଥମିକ, ମାଧ୍ୟମିକ ଓ ଅନ୍ୟାନ୍ୟ | ସବ୍‌ସିଡି ପ୍ରଦାନଯୋଗ୍ୟ |
| ୧୦ | ସଂକ୍ରାମକ ରୋଗ ଚିକିତ୍ସା ପାଇଁ ବ୍ୟବହୃତ ଔଷଧ | ଚିକିତ୍ସାର ଅଭାବ ପ୍ରସଙ୍ଗ | ଏଚ୍‌ଆଇଭି / ଟିବି / ମେଲେରିଆ ଓ ବ୍ୟାକ୍ଟିରିଆ ସଂକ୍ରମଣ | ପ୍ରାଥମିକ, ମାଧ୍ୟମିକ ଓ ଅନ୍ୟାନ୍ୟ | ସବ୍‌ସିଡି ପ୍ରଦାନଯୋଗ୍ୟ |
| ୧୧ | ଟିବିର ଆଗୁଆ ନିଦାନ | ନିଦାନର ଅଭାବ | ଚିହ୍ନଟ ହୋଇପାରୁ ନ ଥିବା ଗୁପ୍ତ ଟିବି | ପ୍ରାଥମିକ, ମାଧ୍ୟମିକ ଓ ଅନ୍ୟାନ୍ୟ | ସବ୍‌ସିଡି ପ୍ରଦାନଯୋଗ୍ୟ |
| ୧୨ | କିରାସିନି ପରିବର୍ତ୍ତେ ରନ୍ଧନ ଗ୍ୟାସ୍ | ବାୟୁପ୍ରଦୂଷଣ ପ୍ରସଙ୍ଗ | ଟିବି / ସିଓପିଡି | ପ୍ରାଥମିକ, ମାଧ୍ୟମିକ ଓ ଅନ୍ୟାନ୍ୟ | ସବ୍‌ସିଡି ପ୍ରଦାନଯୋଗ୍ୟ |

କ୍ଷତିସାଧନକାରୀ ସାମଗ୍ରୀଗୁଡ଼ିକୁ ମୁଦ୍ରାସ୍ଫୀତି ବ୍ୟବସ୍ଥାରେ ଏମିତି ସଂପୃକ୍ତ କରିବାକୁ ପଡ଼ିବ ଯ'ଦ୍ୱାରା ଏହାର ମୂଲ୍ୟ ଯଥେଷ୍ଟ ବଢ଼ିବ। ଏହା ଫଳରେ ଲୋକେ ଏହାଠାରୁ ଦୂରେଇ ରହିବାକୁ ବାଧ୍ୟ ହେବେ। ସେଥିପାଇଁ ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ରରେ ଟିକସକୁ ମୁଦ୍ରାସ୍ଫୀତି ଆଧାରିତ କରିବାକୁ ହେବ। କେବଳ ଉଚ୍ଚ ଟିକସ ବ୍ୟବସ୍ଥା କରିଦେଲେ କ୍ଷତିକାରକ ସାମଗ୍ରୀର ବ୍ୟବହାର ଓ ପ୍ରଚଳନ ହ୍ରାସ ପାଇବ ନାହିଁ। ଏହାର ଚୋରା କାରବାର ଓ

କଳାବଜାରକୁ ମଧ୍ୟ ଦୃଢ଼ହସ୍ତରେ ଦମନ କରିବାକୁ ପଡ଼ିବ। ଏଥିପାଇଁ କଠୋର ଆଇନ ଏବଂ ଦୃଢ଼ ସମର୍ପିତ ବ୍ୟବସ୍ଥା କରିବାକୁ ହେବ। କେବଳ ଜାତୀୟ ସ୍ତରରେ ସରକାର ଆଇନ ପ୍ରଣୟନ କରିଦେଲେ ଯଥେଷ୍ଟ ହେବ ନାହିଁ, ପ୍ରାଦେଶିକ ସ୍ତରରେ ମଧ୍ୟ ଏଥିପାଇଁ ସୁଦୃଢ଼ ବ୍ୟବସ୍ଥା ଗ୍ରହଣ ଏକାନ୍ତ ଅପରିହାର୍ଯ୍ୟ।

ମାନକ ଦ୍ରବ୍ୟ ଓ ପାପ ସାମଗ୍ରୀ ବ୍ୟତୀତ ଯେଉଁସବୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମଣିଷର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇ ରକ୍ତଚାପ, ମଧୁମେହ, ହୃଦ୍‌ରୋଗ, ଅନ୍ୟାନ୍ୟ ବ୍ୟାଧି ସୃଷ୍ଟିର କାରଣ ହେଉଛି ଏବଂ ପୃଥୁଳତା ଏଡ଼ାଇବାରେ ସାହାଯ୍ୟ କରୁଛି ସେଗୁଡ଼ିକୁ ଚିହ୍ନଟ କରି ତା’ଉପରେ ଅଧିକ ଟିକସ ବସାଇବା ଏହି ପରିପ୍ରେକ୍ଷୀରେ ଯୁକ୍ତିଯୁକ୍ତ। ସେବାବଦ ଅର୍ଥକୁ ସ୍ୱାସ୍ଥ୍ୟସେବା ପାଇଁ ବ୍ୟବହାର କଲେ ଭଲ ହେବ। ଏଭଳି ଟିକସ ସମ୍ବଳକୁ ଯଥାର୍ଥ ଭାବେ ବିନିଯୋଗ କରାଯିବା ଆବଶ୍ୟକ। ସେହି ଅର୍ଥକୁ ସ୍ୱାସ୍ଥ୍ୟସେବା, ଜଳ ଓ ବାୟୁର ମାନରେ ଉନ୍ନତି, ପୁଷ୍ଟିସାଧନ, ମଧୁମେହ, ହୃଦ୍‌ରୋଗ, କ୍ୟାନ୍‌ସର, ଫୁସ୍‌ଫୁସ୍ ଓ ଛାତି ସଂକ୍ରମଣ ଆଦି ବ୍ୟାଧିର ନିରାକରଣ ଏବଂ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଭାବେ ଖର୍ଚ୍ଚ କରିବାକୁ ବାଟ ବାହାର କରିବାକୁ ପଡ଼ିବ। ସ୍ୱାସ୍ଥ୍ୟସେବା ପାଇଁ ଅଧିକ ସମ୍ବଳ ସଂଗ୍ରହ କରିବା ପାଇଁ ଅନ୍ୟାନ୍ୟ କ୍ଷେତ୍ରରେ ସରକାର ଯୋଗାଉଥିବା ଅନାବଶ୍ୟକ ସବ୍‌ସିଡିକୁ ଉଚ୍ଛେଦ କରିବାକୁ ହେବ। ଉଦାହରଣ ସ୍ୱରୂପ ସୁପରଫାଇନ ଓ ରିଫାଇନ ଚାଉଳ, ଅଟା ଭଳି କିଛି ସାମଗ୍ରୀ ଉପରେ ସରକାର ମଧ୍ୟ ଯଥେଷ୍ଟ ସବ୍‌ସିଡି ପ୍ରଦାନ କରୁଛନ୍ତି। ଏସବୁ ଜିନିଷ କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହା ପୃଥୁଳତା ବଢ଼ାଏ ଓ ନାନାଦି ବ୍ୟାଧି ସୃଷ୍ଟି କରିଥାଏ। ତାହାର ସମୀକ୍ଷା ହେବା ଆବଶ୍ୟକ।

ଭାରତରେ ଏବେ ଡାଲିଜାତୀୟ ଖାଦ୍ୟ ପଦାର୍ଥର ଉତ୍ପାଦନ ଓ ବ୍ୟବହାର ଏକ ପ୍ରକାର କମିଥିବା ବେଳେ ଚିନିର ବ୍ୟବହାର ବଢ଼ିଛି। ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ (୨୦୧୩) ସରକାର ଦର୍ଶାଇଛନ୍ତି ଯେ ସରକାର ପ୍ରତିବର୍ଷ ଖାଦ୍ୟଶସ୍ୟ ଯୋଗାଣରେ ୨୫ ବିଲିୟନ ଡଲାର ମୂଲ୍ୟର ରିଆତି ଲୋକଙ୍କୁ ପ୍ରଦାନ କରିବେ। ତେବେ ଏଇ ରିଆତିକୁ ଡାଲି, ଫଳ, ପନିପରିବା ଓ ଦୁଧ ଆଦି ସାମଗ୍ରୀ ଉପରେ ପ୍ରଦାନ କଲେ ପୁଷ୍ଟିସାଧନ ଦୃଷ୍ଟିରୁ ଲୋକେ ଅଧିକ ଉପକୃତ ହୁଅନ୍ତେ। ମଣିଷ ଯାହା ଖାଉଛି, ପିଉଛି ବା ଧୂମପାନ କରୁଛି ତାହା ଯେ କେବଳ ସ୍ୱାସ୍ଥ୍ୟ ଉପରେ କ୍ଷତିକର ପ୍ରଭାବ ପକାଉଛି ତାହା ନୁହେଁ। ତେଣୁ ଏସବୁ ଉପରେ ଟିକସ ବଢ଼ାଇ ଦେଲେ ସ୍ୱାସ୍ଥ୍ୟ ସମସ୍ୟାର ଦୂରୀକରଣ ସମ୍ଭବ ନୁହେଁ। ଖାଦ୍ୟ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା ରିଆତି ମୂଲ୍ୟର କୋଇଲା, କିରାସିନି, ଗ୍ୟାସୋଲିନ ଓ ଜୈବିକ ଇନ୍ଧନ ମଧ୍ୟ ନାନା ପ୍ରକାର ରୋଗ ସୃଷ୍ଟି କରୁଛି। ସେସବୁର ବ୍ୟବହାରକୁ ସୀମିତ କରିବା ସହ ସ୍ୱଚ୍ଛ ଇନ୍ଧନ ଯୋଗାଇ ସେବାବଦରେ ଲୋକଙ୍କୁ ସବ୍‌ସିଡି ଦେବା ଅଧିକ ଯୁକ୍ତିଯୁକ୍ତ ମନେହୁଏ। ଏହାଦ୍ୱାରା ପ୍ରାକୃତିକ ସମ୍ବଳ ଓ ଜନସ୍ୱାସ୍ଥ୍ୟ ଅଧିକ ସୁରକ୍ଷିତ ହୋଇପାରିବ।

୨୦୧୫ର ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ରିପୋର୍ଟ ଅନୁସାରେ ବିଶ୍ୱ ଜିଡିପିର ୬.୫ ଶତାଂଶ ଅର୍ଥ ସରକାର ଉର୍ଜା ସବ୍‌ସିଡି ବାବଦରେ ବ୍ୟୟ କରିଥାନ୍ତି। ଏବାବଦ ସବ୍‌ସିଡି ପରିମାଣ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ବ୍ୟୟ ହେଉଥିବା ଅର୍ଥ ଠାରୁ ଅଧିକ। ଇନ୍ଧନ ଉପରେ ଦିଆଯାଉଥିବା ସବ୍‌ସିଡିକୁ ପ୍ରତ୍ୟାହାର କରି ତାହାକୁ ସ୍ୱଚ୍ଛ ଇନ୍ଧନ ପାଇଁ ବ୍ୟବହାର କରିବା ଏବଂ ଜନସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଥିବା ସାମଗ୍ରୀ ସମୂହ ଉପରେ ଦିଆଯାଉଥିବା ସବ୍‌ସିଡିକୁ ଉଚ୍ଛେଦ କରାଗଲେ ଯେଉଁ ବିପୁଳ ଅର୍ଥ ମିଳିବ ତାହାକୁ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ବିନିଯୋଗ କରିହେବ। ଏହାଦ୍ୱାରା ଦୁର୍ମୂଲ୍ୟ ସମ୍ବଳର ଉଚିତ ଉପଯୋଗ ସହ ଦେଶ ସୁସ୍ଥ ରହିବ।

ସବ୍‌ସିଡି ନୀତିର ସମୀକ୍ଷା ଓ ତାହାର ପ୍ରତ୍ୟାହାର ସହିତ କେତେକ କ୍ଷତିକାରକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଅଧିକ ଟିକସ ବସାଇବା ଆଜିକାଲିର ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରଙ୍କ ପାଇଁ ସହଜ କାମ ନୁହେଁ। ତଥାପି ଆମକୁ ମନେରଖିବାକୁ ହେବ ଯେ ତମାଖୁ, ମଦ ଭଳି ସାମଗ୍ରୀର ବ୍ୟବହାରର କୁପରିଣାମ ସବୁଠୁ ଅଧିକ ଗରିବ ଲୋକେ ଭୋଗନ୍ତି ଏବଂ ଏହା ମଧ୍ୟ ଦେଶର ଅର୍ଥନୀତିକୁ ପ୍ରଭାବିତ କରେ। ହୃଦ୍‌ରୋଗ, ହୃଦ୍‌ଘାତ ଓ କ୍ୟାନ୍‌ସର ଭଳି ବ୍ୟାଧି ଯୋଗୁଁ ଗରିବ ଏବଂ ନିମ୍ନମଧ୍ୟବିତ୍ତ ବର୍ଗର ଲୋକେ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି ଏବଂ ସେମାନଙ୍କର ପରିବାର ଉଚ୍ଛନ୍ନ ହୋଇଥାଏ।

ଆଉ ଏକ କଥା ହେଲା କୃଷି କ୍ଷେତ୍ରକୁ ଦିଆଯାଉଥିବା ସବ୍‌ସିଡି। ଏହାକୁ ପ୍ରତ୍ୟାହାର କରାଗଲେ ଚାଷୀ, କ୍ଷୁଦ୍ର ଉଦ୍ୟୋଗୀ, ବିଡ଼ି ପ୍ରସ୍ତୁତକାରୀ, ସିଗାରେଟ ଶିଳ୍ପ ବିଶେଷ କ୍ଷତିଗ୍ରସ୍ତ ହେବେ। ଆଖୁ ଓ ଧୂଆଁପତ୍ର ଚାଷୀ ବିପୁଳ କ୍ଷତି ସହିବେ। ତେଣୁ ସେମାନଙ୍କୁ ଏହି ଚାଷରୁ ନିବୃତ୍ତ କରାଇ ଅନ୍ୟାନ୍ୟ ଲାଭଜନକ ଚାଷରେ ମନୋନିବେଶ କରାଇବାକୁ ସରକାରୀ ସ୍ତରରେ ପ୍ରୟାସ କରାଯିବା ଉଚିତ। ସେଥିପାଇଁ ସେମାନେ ଯେପରି ଆର୍ଥିକ ଅସୁବିଧାର ସମ୍ମୁଖୀନ ନ’ହୁଅନ୍ତି ସେଥିପାଇଁ ସରକାର ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କଲେ ଏ କାମଟି ସହଜ ହେବ। ଅତଏବ ସବ୍‌ସିଡିର ପୁନର୍ବିନ୍ୟାସ ଓ ସମୀକ୍ଷା ପାଇଁ ସରକାର ତଥା ନୀତି ନିର୍ଦ୍ଧାରକମାନେ ଗୁରୁତ୍ୱର ସହ ବିଚାର କରିବାର ସମୟ ଆସିଛି। ସବ୍‌ସିଡି ଉଚ୍ଛେଦ ଦ୍ୱାରା ଯେଉଁମାନେ ବିଶେଷ କ୍ଷତିଗ୍ରସ୍ତ ହେବେ ସେମାନଙ୍କୁ କିପରି ଉପଯୁକ୍ତ ଭାବେ ଥଇଥାନ କରିହେବ ସେ ବାଟ ବାହାର କରିବାକୁ ପଡ଼ିବ। ତେବେ ଯାଇଁ ସ୍ୱାସ୍ଥ୍ୟସେବା ପାଇଁ ଅଭିନବ ଉପାୟରେ ଅଧିକ ଅର୍ଥ ବରାଦ କରିହେବ।

ଲେଖିକା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟର ବିତ୍ତୀୟ ନିର୍ଦ୍ଦେଶିକା।

# ବୟନ ଉଦ୍ୟୋଗ ଉପରେ ଜିଏସ୍‌ଟିର ପ୍ରଭାବ-ଏକ ମୂଲ୍ୟାୟନ

ସି. ଚିନ୍ନାପା

ବୟନ ଉଦ୍ୟୋଗ ଭାରତର ମାନୁଫାକଚରିଙ୍ଗ (ବିନିର୍ମାଣ) କ୍ଷେତ୍ରକୁ ୧୩.୫ ଶତାଂଶ ଅବଦାନ ଦିଏ। ଦେଶର ଜିଡିପିକୁ ଏହାର ଅବଦାନ ୨.୧ ଶତାଂଶ। କୃଷି ପରେ ଏହି କ୍ଷେତ୍ରରେ ସର୍ବାଧିକ ଲୋକ ନିଯୁକ୍ତ। ୨୦୧୧ ଜନଗଣନା ଅନୁସାରେ ଏହି କ୍ଷେତ୍ରରେ ୪୫ ନିୟୁତ ଲୋକ ସିଧାସଳଖ ନିଯୁକ୍ତ ହୋଇଥିବା ବେଳେ ମୋଟ୍ ୧୦୫ ନିୟୁତ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ନିଯୁକ୍ତ। ୨୦୧୬-୧୭ରେ ଦେଶର ମୋଟ୍ ରପ୍ତାନୀରେ ଏହି ଉଦ୍ୟୋଗର ଅଂଶ ଥିଲା ୧୪ ଶତାଂଶ। ପୋଷାକ ପ୍ରସ୍ତୁତି ଶିଳ୍ପରେ ଯେତେ ଲୋକଶକ୍ତି ନିଯୁକ୍ତ ତାହାର ୭୦ଭାଗ ମହିଳା। ଭାରତର ବୟନ ଉଦ୍ୟୋଗ ନାନାବିଧ ସମସ୍ୟାର ସମ୍ମୁଖୀନ। ଏହି ଉଦ୍ୟୋଗର ସାମଗ୍ରୀ ବିଶ୍ୱବଜାରରେ ବଡ଼ ମୁକାବିଲାର ସମ୍ମୁଖୀନ। ଅନ୍ୟାନ୍ୟ ଦେଶଙ୍କ ତୁଳନାରେ ଭାରତରେ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି, ପ୍ରତିକୂଳ ଟିକସ ବ୍ୟବସ୍ଥା ଆଦି କାରଣରୁ ଭାରତର ବୟନ ସାମଗ୍ରୀ ବିଦେଶୀ ବଜାରରେ ଭଲ ପ୍ରତିଯୋଗିତା କରିପାରୁନାହିଁ। ଏହାର ମୂଲ୍ୟ ଅଧିକ ରହୁଥିବାରୁ ଅନ୍ୟ ଦେଶର ପ୍ରସ୍ତୁତ ସାମଗ୍ରୀ ଶସ୍ତା ଯୋଗୁଁ ଅଧିକ ବିକ୍ରି ହେଉଛି। ଏହି ଉଦ୍ୟୋଗ ନିଜର ସ୍ଥିତିରେ ଉନ୍ନତି ଆଣିବା ପାଇଁ ନିରନ୍ତର ଏକକ ସ୍ୱଳ୍ପ ଟିକସ ବ୍ୟବସ୍ଥା ଦାବି କରିଆସୁଛି। ଇତିମଧ୍ୟରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ୨୦୧୭ ଜୁଲାଇ ପହିଲାରୁ ଦେଶରେ ଲାଗୁ ହେବା ପରଠାରୁ ବୟନଶିଳ୍ପ ଉପରେ ଏହାର ଅନୁକୂଳ ପ୍ରଭାବ ପଡ଼ିବା ସମ୍ଭାବନା ଉଜ୍ଜ୍ୱଳ ହୋଇଥିଲା। ଉତ୍ପାଦନକାରୀଠାରୁ ଉପଭୋକ୍ତା ପର୍ଯ୍ୟନ୍ତ ସମସ୍ତେ ଏହି ନୂଆ ଟିକସ ବ୍ୟବସ୍ଥାରେ ଆନୁପାତିକ ଭାବେ ଆବଦ୍ଧ। ଉତ୍ପାଦନର ପ୍ରତ୍ୟେକ କ୍ଷେତ୍ରରେ ଏହି ବ୍ୟବସ୍ଥାରେ ମୂଲ୍ୟ ମିଶ୍ରଣ କରୁଥିବା ପକ୍ଷଙ୍କ ପାଇଁ ଟିକସ ହିସାବ ହୋଇଥାଏ। ସେଥିପାଇଁ ନିବେଶ ଟିକସ (ଇନ୍‌ପୁଟ୍ ଟ୍ୟାକ୍ସ ଦେବାକୁ ହୁଏ); ତେଣୁ ବୟନ ଉଦ୍ୟୋଗ ଯେଉଁ ଏକକ ଟିକସ ବ୍ୟବସ୍ଥା ଚାହୁଁଥିଲା ତାହାକୁ ସେ ସୁଯୋଗ ମିଳିଯାଇଛି।

**ବୟନ ପାଇଁ ଜିଏସ୍‌ଟି ଟିକସ ହାର:**

ରେଶମ (ସିଲ୍କ) ଓ ଝୋଟକୁ ଛାଡ଼ି ଆଉ ସମସ୍ତ ବୟନ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ହୋଇଛି। ପ୍ରାରମ୍ଭିକ ଭାବେ ଏହା କାର୍ପାସ ଓ ଅନ୍ୟାନ୍ୟ ପ୍ରାକୃତିକ ତନ୍ତୁ ଉପରେ ୫ ଶତାଂଶ ଥିଲା। ସେହିଭଳି ମଣିଷ ତିଆରି (କୃତ୍ରିମ) ସୂତା ଉପରେ ୧୮% ଓ ଏକ ହଜାର ଟଙ୍କାରୁ କମ୍ ଅନ୍ୟ ସବୁ ବୟନସାମଗ୍ରୀ ଉପରେ ଏହା ୫ ଶତାଂଶ ଧାର୍ଯ୍ୟ ହୋଇଥିଲା। ଏକ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବୟନ ସାମଗ୍ରୀ ଉପରେ ଜିଏସ୍‌ଟି ଟିକସ ହାର ୧୨ ଶତାଂଶ ଧାର୍ଯ୍ୟ କରାଯାଇଥିଲା। ତେବେ ଏ କ୍ଷେତ୍ରରେ କେତେକ ବିସଂଗତି ଓ ଅଧିକ ଟିକସ ହାର ନେଇ ଉତ୍ପାଦନକାରୀଙ୍କଦ୍ୱାରା ଗଠିତ ମହାସଂଘ ଆପତ୍ତି ଉଠାଇବାରୁ ଏହି ହାରକୁ ସଂଶୋଧନ କରିବାକୁ ଜିଏସ୍‌ଟି ପରିଷଦ ଗ୍ରହଣ କରିଛି।

**ବୟନ ଉପରେ ଜିଏସ୍‌ଟିର ପ୍ରଭାବ:**

ବୟନ ଉଦ୍ୟୋଗ ଉପରେ ଜିଏସ୍‌ଟିର କିପ୍ରକାର ପ୍ରଭାବ ପଡ଼ିଛି ତାହା ଜାଣିବା ପାଇଁ ସାମଗ୍ରୀର ମୂଲ୍ୟ, ଉତ୍ପାନ, ରପ୍ତାନୀ-ଆମଦାନୀ, ନିଯୁକ୍ତି ଆଦିର ତଥ୍ୟକୁ ହିସାବକୁ ନେବାକୁ ପଡ଼ିବ। ବୟନ ଶିଳ୍ପ ମହାସଂଘର ଦାବି ହେଲା ଜିଏସ୍‌ଟିର ବିଭିନ୍ନ ଟିକସହାର ଓ ନୀତି ଉଦ୍ୟୋଗ ପାଇଁ ବିଶେଷ ଲାଭଜନକ ହେଉନାହିଁ। ତେବେ ଜିଏସ୍‌ଟି ପ୍ରବର୍ତ୍ତନର ମାତ୍ର ତିନି ମାସ ମଧ୍ୟରେ ଏହାର ପ୍ରଭାବ ଠିକଣା ଭାବେ ଆକଳନ କରିବା ସହଜ ହେବନାହିଁ। ମୁମ୍ବାଇସ୍ଥିତ ବୟନ ଆୟୁକ୍ତ, ବ୍ୟବସାୟିକ ଗୁଇନ୍ଦା ଓ ପରିସଂଖ୍ୟାନ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ (ଡିଜିସିଆଇ ଆଣ୍ଡ୍ ଏସ୍) କେନ୍ଦ୍ରୀୟ ସିଲ୍କ ବୋର୍ଡ, କେନ୍ଦ୍ରୀୟ କୁଟୀର ଶିଳ୍ପ ନିଗମ, ଭାରତୀୟ କାର୍ପାସ ନିଗମ, ଭାରତୀୟ ଝୋଟ ନିଗମ ଓ ଜାତୀୟ ହସ୍ତତନ୍ତ ଉନ୍ନୟନ ନିଗମର ତଥ୍ୟାବଳୀକୁ ସଂଗ୍ରହ କରି ବୟନ ଉଦ୍ୟୋଗ ଉପରେ ଜିଏସ୍‌ଟିର କିପ୍ରକାର ପ୍ରଭାବ ପଡ଼ିଛି ତାହା ଜାଣିବା ପାଇଁ ଏହି ଲେଖାରେ ଉଦ୍ୟମ କରାଯାଇଛି।

**ବୟନ ସାମଗ୍ରୀ ମୂଲ୍ୟ ଉପରେ ଜିଏସ୍‌ଟିର ପ୍ରଭାବ:**

ଆକଳନରୁ ଜଣାପଡ଼ିଛି ଯେ ପ୍ରମୁଖ ବୟନ ସାମଗ୍ରୀ ଯଥା ସୂତା, ହୋଜେରି ସାମଗ୍ରୀ (ଗଞ୍ଜି, ଜଙ୍ଘିଆ, ବାନିୟାନ, ମୋଜା ଆଦି) ଭିସ୍‌କୋଜ ବା ସେମି ସିନ୍ଥେଟିକ୍ସ ଓ ପଲିଷ୍ଟରରେ ପ୍ରସ୍ତୁତି ପୋଷାକପତ୍ର ଆଦିର ମୂଲ୍ୟ ୨୦୧୭ ଜୁନ୍‌ରୁ ଜୁଲାଇ ମଧ୍ୟରେ ୧୫ ଶତାଂଶ ବଢ଼ିଛି। ସେହି ସମୟରେ ସର୍ବନିମ୍ନ ବିକ୍ରିଯୋଗ୍ୟ (ଏମ୍‌ଏମ୍‌ଏଫ୍) ସାମଗ୍ରୀର ମୂଲ୍ୟ ୫ରୁ ୧୫ ଶତାଂଶ ବୃଦ୍ଧିପାଇଛି। ଏ ସଂକ୍ରାନ୍ତ ସବିଶେଷ ତଥ୍ୟ ଟେବୁଲ-୧ରେ ଦିଆଯାଇଛି।

ଟେବୁଲ -୧

| କ୍ରମିକ | ବୟନ ସାମଗ୍ରୀ | ହାରାହାରି ମୂଲ୍ୟ (ଟଙ୍କାରେ) ଜୁନ୍ ୨୦୧୭ | ଜୁଲାଇ ୨୦୧୭ | ବୃଦ୍ଧି/ହ୍ରାସ (ସ୍ତମ୍ଭ-୪) ଓ ସ୍ତମ୍ଭ ୩ ତୁଳନାରେ) | ହାରାହାରି ମୂଲ୍ୟ (ଟଙ୍କାରେ) ସେପ୍ଟେମ୍ବର ୨୦୧୭ | ବୃଦ୍ଧି-ହ୍ରାସ (ସ୍ତମ୍ଭ ୬)ଓ (ସ୍ତମ୍ଭ ୩) ତୁଳନାରେ |
|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) |
| ୧ | ତୁଳା ସୂତା (୨୦ଏସ୍) | ୨୦୦ | ୧୯୫ | (-) ୫ (-୨.୫%) | ୧୯୦ | (-) ୧୦ (-୫%) |
| ୨ | ତୁଳା ହୋଜେରୀ ସୂତା (୩୦ଏସ୍ କମ୍ବ) | ୨୨୯ | ୨୨୯ | ୦ | ୨୧୨ | (-)୧୭ (- ୭.୪%) |
| ୩ | ପଲି/ଭିସକୋଜ୍ | ୧୯୯ | ୨୧୪.୭୬ | (+)୧୫.୮ (+ ୭.୯%) | ୨୧୫ | (+) ୧୬ (+୮%) |
| ୪ | ପଲିକଟନ (୭୦:୩୦%) ସୂତା | ୧୬୧.୨୮ | ୧୭୩/୨୩ | (+)୧୧.୯ (+୭%) | ୧୪୩.୪ | (-)୧୭.୯ (-୧୧%) |
| ୫ | ଏମ୍ଏମ୍ଏଫ୍ ୩୦ଏସ୍ ଭିସ୍‌କୋଜ ସୂତା | ୨୧୦ | ୨୧୭ | (+) ୭ (+ ୩.୩%) | ୨୨୦ | (+) ୧୦ (+୫%) |
| ୬ | ଏମ୍ଏମ୍ଏପ୍ ୩୦୦ଡି ପଲିଷ୍ଟର | ୧୪୭ | ୧୭୩ | (+)୨୬ (+୧୮%) | ୧୭୩ | (+) ୨୬ (+୧୮%) |
| ୭ | ଲିଣ୍ଟ ତୁଳା ଏକ କଣ୍ଡା : ୩୫୫.୬୨ କେଜି | ୪୨,୬୪୨ | ୪୨,୪୨୨ | (-) ୨୨୦ (- ୦.୫%) | ୪୦,୯୩୦ | (-) ୧୭୧୨ (-୪%) |

*ସୂତ୍ର : ବୟନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ମୁମ୍ବଇ*

**ବୟନସାମଗ୍ରୀ ଉତ୍ପାଦନ ଉପରେ ପ୍ରଭାବ:** ମାସିକଓ୍ୱାରି ଭିତ୍ତିରେ ବୟନ ସାମଗ୍ରୀର ଜିଏସ୍‌ଟି ପ୍ରାକ୍ ଓ ପରବର୍ତ୍ତୀ ଉତ୍ପାଦନ ସଂକ୍ରାନ୍ତ ତଥ୍ୟ ମିଳିନାହିଁ। ତେବେ ୨୦୧୬ ଏପ୍ରିଲରୁ ୨୦୧୭ ଜୁଲାଇ ମଧ୍ୟରେ ବୟନସାମଗ୍ରୀ ଉତ୍ପାଦନର ଯେଉଁ ତଥ୍ୟ ମିଳିଛି ତାହାକୁ ଆକଳନ ପାଇଁ ବ୍ୟବହାର କରାଯାଇଛି। ନିମ୍ନରେ ପ୍ରଦତ୍ତ ଟେବୁଲରେ ପ୍ରଦତ୍ତ ତଥ୍ୟ ଅନୁସାରେ ମଣିଷ ତିଆରି ତନ୍ତୁ ଉତ୍ପାଦନ ୦.୮% ହ୍ରାସ ପାଇଥିବା ବେଳେ ଫିଲାମେଣ୍ଟ (ଅତି ସରୁ) ସୂତାର ଉତ୍ପାଦନ ୬.୪ ଶତାଂଶ ୨୦୧୭ ଏପ୍ରିଲ-ଜୁଲାଇ ମଧ୍ୟରେ କମିଥିଲା। ସେହିଭଳି ଏହି ସମୟ ମଧ୍ୟରେ କପା ସୂତା, ମିଶ୍ରିତ ଶତପ୍ରତିଶତ ଅଣ କପାସୂତାର ଉତ୍ପାଦନ ଯଥାକ୍ରମେ ୨.୭% ଓ ୧.୮% ହ୍ରାସ ପାଇଥିଲା। ସେହିଭଳି କପଡ଼ା (ଲୁଗା) ଉତ୍ପାଦନ ୦.୧% କରିଥିବାବେଳେ ବିକେନ୍ଦ୍ରୀକୃତ ଉଦ୍ୟୋଗର ଉତ୍ପାଦନ ୦.୨ ଶତାଂଶ ବଢ଼ିଥିଲା। ଯାହାର ସମସ୍ତ ତଥ୍ୟ ଟେବୁଲ୍ ୨ରେ ଦର୍ଶାଯାଇଛି।

**ରପ୍ତାନୀ ଉପରେ ପ୍ରଭାବ:**

ଟେବୁଲ ୩ରେ ପ୍ରଦତ୍ତ ତଥ୍ୟାବଳୀ ଅନୁସାରେ ୨୦୧୭ ଜୁନ୍‌ରେ ସାମଗ୍ରିକ ବୟନ ସାମଗ୍ରୀ ଓ କପଡ଼ାର ରପ୍ତାନୀ ପରିମାଣ ଥିଲା ୩୦୦୮.୭ ନିୟୁତ ଡଲାର। ଏହା ଜୁଲାଇ ୨୦୧୭ରେ ୧୦.୭ ଶତାଂଶ କମି ୨୬୮୬.୮୦ ନିୟୁତ ଡଲାରରେ ପହଞ୍ଚିଥିଲା। ଏହାପରେ ଅଗଷ୍ଟରେ ଏହା ବଢ଼ି ୫.୭୧ ଶତାଂଶ ଅଭିବୃଦ୍ଧି ସହ ୨୮୪୦.୩୩ ନିୟୁତ ଡଲାରରେ ପହଞ୍ଚିଥିଲା। ମୋଟମୋଟି ଦେଖିଲେ ଏହି ସମୟରେ ଉତ୍ଥାନ ପତନ ସତ୍ତ୍ୱେ ବୟନ ରପ୍ତାନୀରେ ବୃଦ୍ଧି ଘଟିଛି। ଟେବୁଲ୍ ୩ରେ ରପ୍ତାନି ହୋଇଥିବା ବୟନ ସାମଗ୍ରୀ ଓ କପଡ଼ାର ପରିମାଣ ଦର୍ଶାଯାଇଛି।

**ବୟନ ଆମଦାନୀ ଉପରେ ପ୍ରଭାବ:**

ନିମ୍ନରେ ପ୍ରଦତ୍ତ ଟେବୁଲ ୪ର ତଥ୍ୟ କହୁଛି ଯେ ୨୦୧୭ ଜୁଲାଇରେ ବୟନ ସାମଗ୍ରୀ ଓ କପଡ଼ା ଆମଦାନୀ ୨୪.୫୯ ଶତାଂଶ କମିଛି। ପରେ ଏହା ଅଗଷ୍ଟ ୨୦୧୭ରେ ବଢ଼ି ୩୮.୬୧ ଶତାଂଶରେ ପହଞ୍ଚିଛି। ସ୍ୱଳ୍ପ ଆମଦାନୀ ଶୁଳ୍କ ଓ ବଜାର ଶକ୍ତିର ପ୍ରଭାବରୁ ଏହା ହୋଇଥିବା ଅନୁମିତ ହୁଏ।

**ଉଦ୍ୟୋଗ ଭିତ୍ତିକ ପ୍ରଭାବ:**

ରେଶମ (ସିଲ୍କ) : ୨୦୧୭ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ କଞ୍ଚା ରେଶମ ଉତ୍ପାଦନ ଓ ଏହି ଉଦ୍ୟୋଗରେ ନିଯୁକ୍ତି ସୃଷ୍ଟି ୭୦ ଶତାଂଶ ବଢ଼ିଛି। ତଳେ ଦିଆଯାଇଥିବା ଟେବୁଲ ୫ର ତଥ୍ୟାବଳୀରୁ ଏହା ସ୍ପଷ୍ଟ ହେଉଛି।

୨୦୧୭ଜୁନ୍ -ସେପ୍ଟେମ୍ବର ମଧ୍ୟରେ କୋକୁନର ମୂଲ୍ୟ କମିଛି। ତେବେ ଏହି

ଟେବୁଲ -୨

| କ୍ରମିକ | ବୟନ ସାମଗ୍ରୀ | ଉତ୍ପାଦନ (ସଂଖ୍ୟା ନିୟୁତରେ) | | | |
|---|---|---|---|---|---|
| | | ୨୦୧୬-୧୭ (ପି) | ୨୦୧୬ -ପି) (ଏପ୍ରିଲ-ଜୁଲାଇ) | ୨୦୧୭ (ପି) (ଏପ୍ରିଲ-ଜୁଲାଇ) | ସ୍ତମ୍ଭ ୪ ଓ ୫ ମଧ୍ୟରେ ଥିବା ପାର୍ଥକ୍ୟ % |
| (୧) | (୨) | (୩) | (୪) | (୫) | (୬) |
| ୧ | ମନୁଷ୍ୟକୃତ ତନ୍ତୁ | ୧୩୬୪ | ୪୫୯ | ୪୫୫ | -୦.୯ |
| ୨ | ମନୁଷ୍ୟକୃତ ଅତି ସରୁ ସୂତା | ୧୧୫୯ | ୩୭୭ | ୪୦୧ | +୬.୪ |
| ୩ | ତୁଳା ସୂତା | ୪୦୫୬ | ୧୩୮୮ | ୧୩୫୧ | -୨.୭ |
| ୪ | ମିଶ୍ରିତ ଏବଂ ଶତ ପ୍ରତିଶତ ଅଣ ତୁଳା ସୂତା | ୧୬୦୬ | ୫୪୩ | ୫୩୩ | -୧.୮ |
| ୫ | ମୋଟ କଟା ସୂତା | ୫୬୬୨ | ୧୯୩୧ | ୧୮୮୪ | -୨.୪ |
| ୬ | କପଡ଼ା | | | | |
| (କ) | ମିଲ୍ ଉଦ୍ୟୋଗ | ୨୨୬୪ | ୭୮୫ | ୭୩୧ | -୬.୯ |
| (ଖ) | ବିକେନ୍ଦ୍ରୀତ ଉଦ୍ୟୋଗ | ୬୧୬୩୦ | ୨୦୮୯୬ | ୨୦୯୩୦ | +୦.୨ |
| | ୬ ର ଉପ ସମଷ୍ଟି | ୬୩୫୯୧ | ୨୧୬୮୧ | ୨୧୬୬୧ | -୦.୧ |

***ସୂତ୍ର : ବୟନ ଆୟୋଗ ଦପ୍ତର, ମୁମ୍ବଇ***

ଟେବୁଲ -୩

| କ୍ରମିକ | ବୟନ ସାମଗ୍ରୀ | ବୟନ ରପ୍ତାନୀ - ୨୦୧୭ (ଆମେରିକୀୟ ଡଲାରରେ ନିୟୁତ ହିସାବରେ) | | | | | |
|---|---|---|---|---|---|---|---|
| | | ଜୁନ୍ | ଜୁଲାଇ | % ପରିବର୍ତ୍ତନ ସ୍ତମ୍ଭ (୪)ର ସ୍ତମ୍ଭ (୩) ପର୍ଯ୍ୟନ୍ତ | ଅଗଷ୍ଟ | %ପରିବର୍ତ୍ତନ ସ୍ତମ୍ଭ (୬)ର ସ୍ତମ୍ଭ (୪) ପର୍ଯ୍ୟନ୍ତ | % ପରିବର୍ତ୍ତନ ସ୍ତମ୍ଭ (୬)ର ସ୍ତମ୍ଭ (୩) ଯାଏ |
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| ୧ | ରେଡିମେଡ୍ ପୋଷାକ | ୧୫୧୫.୯ | ୧୨୪୩.୮ | -୧୭.୯ | ୧୩୧୧.୪ | +୫.୪୩ | (-) ୧୩.୫ |
| ୨ | କାର୍ପାସ ବସ୍ତ୍ର | ୮୧୪.୬ | ୭୬୬.୬ | -୫.୯ | ୭୮୯.୭ | +୩.୦୧ | (-) ୩.୧ |
| ୩ | ହାତ ବୁଣା | ୪୨୫.୧ | ୪୩୦.୯ | +୧.୪ | ୪୬୨.୫ | +୭.୩୩ | (-) ୮.୮ |
| ୪ | ଉଲ୍ ଓ ଉଲେନ ବସ୍ତ୍ର | ୦.୦ | ୩୦.୮ | - | ୩୧.୪ | +୧.୯୫ | - |
| ୫ | ରେଶମ ବସ୍ତ୍ର | ୧୮.୮ | ୧୬.୬ | -୧୧.୭ | ୧୪.୫ | -୧୨.୬୫ | (-) ୨୨.୯ |
| ୬ | ହସ୍ତତନ୍ତ ଉତ୍ପାଦ | ୩୩.୪ | ୩୨.୩ | -୩.୨ | ୩୨.୮ | +୧.୫୫ | (-) ୧.୮ |
| ୭ | ଗାଲିଚା | ୧୧୩.୦ | ୧୦୫.୭ | -୬.୫ | ୧୩୧.୮ | +୨୪.୬୯ | (+)୧୬.୬ |
| ୮ | ଝୋଟଜାତ ଦ୍ରବ୍ୟ | ୨୭.୯ | ୩୦.୭ | +୧୦.୦ | ୩୬.୧ | +୧୭.୫୯ | (+)୨୯.୪ |
| ୯ | କତାଜାତ ସାମଗ୍ରୀ | ୨୬.୯ | ୨୯.୩ | +୮.୯ | ୨୯.୯ | +୨.୦୪ | (+) ୧୧.୨ |
| | ମୋଟ କପଡ଼ା ଓ ବୟନ ସମାଗ୍ରୀ | ୩୦୦୮.୭ | ୨୬୮୬.୮ | -୧୦.୭ | ୨୮୪୦.୩ | +୫.୭୧ | (-)୫.୬ |

*ଉତ୍ସ : ଜିଡିସିଆଇ ଆଣ୍ଡ ଏସ୍, କଲକାତା*

ଟେବୁଲ -୪

| କ୍ରମିକ | ବୟନ ସାମଗ୍ରୀ | ବୟନ ଆମଦାନୀ - ୨୦୧୭ (ନିୟୁତ ଡଲାରରେ) | | | | | |
|---|---|---|---|---|---|---|---|
| | | ଜୁନ୍ | ଜୁଲାଇ | % ପରିବର୍ତ୍ତନ ସ୍ତମ୍ଭ (୩)ର | ଅଗଷ୍ଟ | %ପରିବର୍ତ୍ତନ ସ୍ତମ୍ଭ (୪)ର | % ପରିବର୍ତ୍ତନ ସ୍ତମ୍ଭ (୩) ଅନୁସାରେ |
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| ୧ | ରେଡିମେଡ୍ ପୋଷାକ | ୪୯.୧୩ | ୫୦.୭୭ | (+) ୩.୩୪ | ୭୬.୯୫ | (+)୫୧.୫୬ | (+) ୫୬.୬ |
| ୨ | କାର୍ପାସ ବସ୍ତ୍ର | ୨୮୩.୯୫ | ୧୫୭.୪୪ | (-) ୪୪.୫୫ | ୨୬୮.୨୦ | (+)୭୦.୩୫ | (+) ୫.୫ |
| ୩ | ମନୁଷ୍ୟକୃତ ବୟନ | ୧୮୮.୯୪ | ୧୫୮.୩୯ | (-)୧୬.୧୭ | ୧୮୧.୭୭ | (+)୧୪.୭୬ | (-)୩.୮ |
| ୪ | ଉଲ ଓ ଉଲଜାତୀୟ ବୟନ | ୨୯.୭୨ | ୩୦.୧୧ | (+) ୧.୩୧ | ୩୯.୬୧ | (+) ୩୧.୫୮ | (-)୩୩.୩ |
| ୫ | ରେଶମ ସାମଗ୍ରୀ | ୧୯.୧୧ | ୧୮.୬୦ | (-) ୨.୬୦ | ୨୦.୯୨ | (+) ୧୨.୫୧ | (+) ୯.୫ |
| ୬ | ହସ୍ତତନ୍ତ | ୦.୯ | ୦.୩ | (-)୬୨.୫୭ | ୦.୮ | (+)୧୨୫.୪୧ | (-)୧୧.୧ |
| ୭ | ଗାଲିଚା | ୬.୫୨ | ୪.୭୩ | (-)୨୭.୩୮ | ୭.୧୧ | (+)୫୦.୨୪ | (-)୯.୦ |
| ୮ | ଝୋଟଜାତ ପଦାର୍ଥ | ୭.୨୩ | ୨୦.୯୭ | (+)୧୮୯.୯୭ | ୧୬.୬୬ | (-)୨୦.୫୬ | (+)୧୩୦.୪ |
| ୯ | କତାଜାତ | ୦.୫ | ୦.୬ | (+)୧୨.୫୧ | ୦.୬ | (+)୦.୫୭ | (+)୨୦ |
| | **ମୋଟ ବୟନ ଓ କପଡ଼ା** | **୫୮୬.୦୫** | **୪୪୧.୯୬** | **(-)୨୪.୫୯** | **୬୧୨.୬୨** | **(+)୩୮.୬୧** | **(+)୪.୪୫** |

*ଉତ୍ସ : ଜିଡିସିଆଇ ଆଣ୍ଡ ଏସ୍, କଲକାତା*

ଟେବୁଲ -୫

| ରକମ | ପ୍ରାକ୍ ଜିଏସ୍‌ଟି ମୂଲ୍ୟ | ଜିଏସ୍‌ଟି ପର ମୂଲ୍ୟ | | | |
|---|---|---|---|---|---|
| | ଜୁନ ୨୦୧୭ | ଜୁଲାଇ ୨୦୧୭ | ବୃଦ୍ଧି/ହ୍ରାସ ସ୍ତମ୍ଭ (୨) ତୁଳନାରେ | ଅଗଷ୍ଟ ୨୦୧୭ | ବୃଦ୍ଧି/ହ୍ରାସ ସ୍ତମ୍ଭ (୨) ତୁଳନାରେ |
| (୧) | (୨) | (୩) | (୪) | (୫) | (୬) |
| କଞ୍ଚା ରେଶମ ଉତ୍ପାଦନ (ଟନ୍‌ରେ) | ୫୪୭୪ | ୭୪୪୭ | (+)୧୯୭୩ (+୩୬%) | ୯୭୧୩ | (+) ୪୨୩୯ (+୭୭%) |
| ଆନୁମାନିକ ନିଯୁକ୍ତି ସୃଷ୍ଟି | ୧୫.୦୫ | ୨୦.୦୨ | (+) ୪.୯୭ (+୩୩%) | ୨୬.୨୫ | (+) ୧୧.୨ (+୭୪%) |
| ଲୋକ (ସଂଖ୍ୟାରେ) | | | | | |

*ସୂତ୍ର : ସିଏସ୍‌ବି, ବେଙ୍ଗାଲୁରୁ*

ଟେବୁଲ -୬

**କୋକୁନ (କୋଷା) ମୂଲ୍ୟର ଗତିବିଧି (ରାମନାବାନରମ କୋକୁନ ମାର୍କେଟ)**

| ରକମ | ପ୍ରାକ୍ ଜିଏସ୍‌ଟି ମୂଲ୍ୟ | ଜିଏସ୍‌ଟି ପରବର୍ତ୍ତୀ ମୂଲ୍ୟ | | | | | |
|---|---|---|---|---|---|---|---|
| | ଜୁନ ୧୦୧୭ | ଜୁଲାଇ ୨୦୧୭ | ବୃଦ୍ଧ/ହ୍ରାସ ସ୍ତମ୍ଭ (୨)ଅନୁସାରେ | ଅଗଷ୍ଟ ୨୦୧୭ | ବୃଦ୍ଧି/ହ୍ରାସ ସ୍ତମ୍ଭ (୨) ଅନୁସାରେ | ସେପ୍ଟେମ୍ବର ୨୦୧୭ | ବୃଦ୍ଧି/ହ୍ରାସ ସ୍ତମ୍ଭ(୨) ଅନୁସାରେ |
| (୧) | (୨) | (୩) | (୪) | (୫) | (୬) | (୭) | (୮) |
| ସଙ୍କର ଜାତୀୟ କୋକୁନ | ୩୮୭ | ୩୪୪ | (-)୪୩ (-୧୧%) | ୩୭୬ | (-)୧୧ (-୩%) | ୩୬୩ | (-)୨୪ (-୬%) |
| ବାଇଭୋଲ୍‌ଟାଇନ୍ | ୪୮୯ | ୪୦୮ | (-)୮୧ | ୪୫୯ | (-)୩୦ (-୬%) | ୪୬୨ | (-) ୨୭ (-୬%) |
| ଫିଲାଚର କଞ୍ଚା ରେସମ | ୩୨୯୬ | ୩୨୪୮ | (-)୪୮ | ୩୨୫୫ | (-)୪୧ (-)୧୫ | ୩୪୮୮ | (+)୧୯୨ (+୬%) |

*ସୂତ୍ର : କେନ୍ଦ୍ରୀୟ ରେସମ୍ ବୋର୍ଡ , ବେଙ୍ଗାଲୁରୁ*

ସମୟରେ କଣ୍ଡା ହୋଇଥିବା ଅଶୋଧିତ ରେଶମ ସୂତା (ଫିଲାଚରର ସିଲ୍‌କ) ମୂଲ୍ୟ ଅଗଷ୍ଟ-ସେପ୍ଟେମ୍ବରରେ ବୃଦ୍ଧି ପାଇଛି। ଟେବୁଲ ୬ରେ ଏହାର ସବିଶେଷ ତଥ୍ୟ ଉପସ୍ଥାପିତ ହୋଇଛି।

**ତୁଳା ଓ ଝୋଟ:**

ଭିଣା ହୋଇ ନ ଥିବା ତୁଳାର ମୂଲ୍ୟ ୨୦୧୭ ଜୁନ୍‌ରେ ଓ ସେପ୍ଟେମ୍ବର ୪ ଶତାଂଶ କମିଥିଲା। ଏହା ପଛରେ ଥିବା କାରଣଟି ହେଲା ଘରୋଇ ଓ ଆନ୍ତର୍ଜାତିକ ବଜାରର ଅସ୍ଥିରତା। ଜିଏସ୍‌ଟିର ପ୍ରଭାବ ଏହି ପ୍ରକ୍ରିୟାରେ ନ ଥିଲା। ସେହିଭଳି ଅଣପ୍ରଶୋଧିତ ଝୋଟ ଉପରେ ଜିଏସ୍‌ଟିର ପ୍ରଭାବ ମଧ୍ୟ ପଡ଼ିନାହିଁ। ଜୁଲାଇ ୨୦୧୭ରେ ତୁଳା ଓ ସିଲ୍‌କ ସୂତାର ଯୋଗାଣ ହ୍ରାସ ପାଇଥିଲା। ଅନେକ ଯୋଗାଣକାରୀ ସଂସ୍ଥା ଜିଏସ୍‌ଟିରେ ପଞ୍ଜୀକୃତ ହୋଇ ନ ଥିବାରୁ ଏହି ଅବସ୍ଥା ସୃଷ୍ଟି ହୋଇଥିଲା। ସେମାନେ ପଞ୍ଜୀକୃତ ହେବା ପରେ ଅଗଷ୍ଟ ୨୦୧୭ରେ ଯୋଗାଣ ବଢ଼ିଥିଲା। ହସ୍ତତନ୍ତ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁହେବା ପରେ ସେସବୁ ସାମଗ୍ରୀର ମୂଲ୍ୟ ଏହି ସମୟ ମଧ୍ୟରେ ୫ ରୁ ୧୨ ଶତାଂଶ ବଢ଼ିଥିଲା।

**ବୟନ ମହାସଂଘର ଉଦ୍‌ବେଗ:**

ବୟନ ଉତ୍ପାଦନ ଓ ବ୍ୟବସାୟୀ ମହାସଂଘର ଡାକରାରେ ୨୦୧୭ ଜୁଲାଇ ୧ ରୁ ୨୦ ଯାଏ ଭାରତର ବୟନ ଉଦ୍ୟୋଗରେ ପ୍ରତିବାଦ ଓ ଧର୍ମଘଟ କରାଯାଇ ଜିଏସ୍‌ଟି ଉଚ୍ଛେଦ ପାଇଁ ଦାବି କରାଯାଇଥିଲା। ଏହା ଫଳରେ ସାମୟିକ ଭାବେ ଉତ୍ପାଦନ ଓ କାରବାର ଗୁରୁତର ଭାବେ ପ୍ରଭାବିତ ହୋଇଥିଲା।

**ପ୍ରତିକାର ପରବର୍ତ୍ତୀ ସ୍ଥିତି:**

କେତେକ ବୟନ ସାମଗ୍ରୀ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଉଚ୍ଛେଦ ଓ ଆଉ କେତେକ ସାମଗ୍ରୀ ଉପରୁ ଟିକସ ହାର ହ୍ରାସ ଦାବିରେ ବୟନ ଉତ୍ପାଦକ/ ବ୍ୟବସାୟୀ ମହାସଂଘ ଯେଉଁ ଆନ୍ଦୋଳନ ଚଳାଇଥିଲା ସରକାରଙ୍କ ସହ ଆଲୋଚନା ପରେ ତାହାର ସମାଧାନ ହୋଇଥିଲା। ସେମାନଙ୍କର କିଛି ଦାବିକୁ ସରକାର ମାନିନେଇଥିଲେ। ଫଳରେ ସର୍ବନିମ୍ନ ବିକ୍ରିଯୋଗ୍ୟ (ଏମ୍‌ଏମ୍‌ଏଫ୍) ସାମଗ୍ରୀ ଉପରୁ ଜିଏସ୍‌ଟି ୧୮ ରୁ ୧୨ ଶତାଂଶକୁ ହ୍ରାସ କରାଯାଇଥିଲା। ଟେକ୍ସଟାଇଲ ଜବ୍‌ୱାର୍କ ଉପରୁ ଜିଏସ୍‌ଟି ୧୮ ରୁ ୫ ଶତାଂଶକୁ ହ୍ରାସ ହେବା ସହ ବୟନ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରାଗଲା। ସେହିଭଳି ହସ୍ତଶିଳ୍ପ ଓ ହସ୍ତତନ୍ତ ନିର୍ମିତ ସାମଗ୍ରୀ ଉପରୁ ଜିଏସ୍‌ଟି ୧୨ ରୁ ୫ ପ୍ରତିଶତକୁ କମିଲା। ଏହା ଛଡ଼ା ରପ୍ତାନୀକାରୀଙ୍କ ପାଇଁ ଟିକସ ରିଆତି ପ୍ରଦାନ ବ୍ୟବସ୍ଥା ମଧ୍ୟ କରାଗଲା। ଏହା ଫଳରେ ଏହି ଉଦ୍ୟୋଗରେ ସ୍ୱାଭାବିକତା





ପରିବହନ ଉପରେ ୧୮ ଶତାଂଶ ଜିଏସ୍‌ଟି ଏବଂ ସବୁ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀକୁ ଜିଏସ୍‌ଟି ପରିସରରୁ ମୁକ୍ତ କରା ନ ଯିବା ଆଦି ସମସ୍ୟା ରହିଛି।

**ଉପସଂହାର:**

ଜିଏସ୍‌ଟି ପ୍ରବର୍ତ୍ତନ ପରେ ବୟନ ଉଦ୍ୟୋଗରେ ଉତ୍‌ଥାନ ପତନ ଲାଗି ରହିଛି ଏବଂ ସ୍ଥିତି ସ୍ୱାଭାବିକ ହୋଇନାହିଁ। ଭାରତୀୟ ବୟନ ସାମଗ୍ରୀ ଓ ବଜାରକୁ ସୁରକ୍ଷିତ ରଖିବା ପାଇଁ ଶସ୍ତା ଆମଦାନୀକୁ ରୋକିବାର ଆବଶ୍ୟକତା ରହିଛି। ଆମଦାନୀ ସାମଗ୍ରୀ ଭାରତୀୟ ସାମଗ୍ରୀଠାରୁ ଯେପରି ଶସ୍ତା ନ'ହୁଏ ସେଥିପ୍ରତି ଦୃଷ୍ଟି ରଖାଯିବା ଉଚିତ। ମୋଟାମୋଟି ଭାବେ କହିବାକୁ ଗଲେ ଜିଏସ୍‌ଟି ପ୍ରବର୍ତ୍ତନ ସହିତ ବୟନ ଉଦ୍ୟୋଗରେ ନିମ୍ନଗତି ପରିଲକ୍ଷିତ ହୋଇଥିଲା। ପ୍ରାୟ ଦୁଇ ମାସ ପରେ ପରିସ୍ଥିତିରେ ସାମାନ୍ୟ ଉନ୍ନତି ଘଟିଛି। ଭବିଷ୍ୟତରେ ଜିଏସ୍‌ଟିର ଉତ୍ତମ ପ୍ରଭାବ ଏହି ଉଦ୍ୟୋଗକୁ ପ୍ରୋତ୍ସାହିତ କରିବ ବୋଲି ଆଶା। ଏହା ଫଳରେ ଉତ୍ପାଦନ ଓ ରପ୍ତାନୀ ବଢ଼ିବା ସହ ଅଧିକ ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରିବା ନିରର୍ଥକ ହେବ ନାହିଁ।



ଅନେକାଂଶରେ ଫେରିଛି। ତେବେ ଆଉ କେତେକ ଦାବି ପୂରଣ ହୋଇ ନ ଥିବାରୁ ଅସନ୍ତୋଷ ରହିଛି।

ଜିଏସ୍‌ଟି ହାରରେ ହ୍ରାସ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ପ୍ରଦାନ ଫଳରେ ବୟନ ଉଦ୍ୟୋଗରେ କିଛିଟା ଅନୁକୂଳ ପ୍ରଭାବ ପରିଲକ୍ଷିତ ହୋଇଛି। ଏମ୍‌ଏମ୍‌ଏଫ୍ ସୂତା ଓ କପଡ଼ା ଉପରେ ଜିଏସ୍‌ଟି ହାର ୧୮ରୁ ୫ ଶତାଂଶକୁ କରାଯିବା ଫଳରେ ଉଦ୍ୟୋଗ ଉପରୁ ଚାପ କମିଛି। ସେହିଭଳି ବୁଣାକାରମାନଙ୍କୁ କାର୍ଯ୍ୟକାରୀ ପୁଞ୍ଜି ଯୋଗାଣ ବ୍ୟବସ୍ଥାକୁ ସହଜ କରାଯାଇଛି। ଏହାଛଡ଼ା ରପ୍ତାନୀକାରୀଙ୍କ ନଗଦ (ଲିକ୍ୟୁଡିଟି) ସମସ୍ୟାର ସ୍ଥାୟୀ ସମାଧାନ କରାଯାଇଥିବାବେଳେ ଇନ୍‌ପୁଟ ଟିକସ ସମସ୍ୟା ନେଇ ଯେଉଁ ଦ୍ୱନ୍ଦ୍ୱ ଥିଲା ତାହା ସମାହିତ ହୋଇଛି। ଏହାଛଡ଼ା ଏହି ଉଦ୍ୟୋଗର ଆଉ କେତେକ ମୌଳିକ ସମସ୍ୟାର ସମାଧାନ ସରକାର କରିଛନ୍ତି। ଏହା ଫଳରେ ଏହି କ୍ଷେତ୍ରରେ ଅଧିକରୁ ଅଧିକ ଲୋକ, ବିଶେଷ କରି ମହିଳାଙ୍କ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଇପିସିଜି, ଇଓୟୁ, ଅଗ୍ରୀମ ଅଥରାଇଜେସନ ବ୍ୟବସ୍ଥା ଓ ବ୍ୟାଙ୍କ ଗ୍ୟାରେଣ୍ଟି ଆଦି ଏହି ଉଦ୍ୟୋଗ ପାଇଁ ଲାଭଦାୟକ ହୋଇପାରେ। ଏସବୁ ସତ୍ତ୍ୱେ ଏମ୍‌ଏମ୍‌ଏଫ୍ ସୂତା ଉପରେ ୧୮% ଜିଏସ୍‌ଟି, ଟେକ୍ସଟାଇଲ୍ ଆମଦାନୀ ସଂପୂର୍ଣ୍ଣ ନିଷିଦ୍ଧ ନ ହେବା, ଆକୁମୁଲେଟେଡ୍ ଆଇଟିସି ରିଫଣ୍ଡକୁ ଅନୁମତି ନମିଳିବା, ବୟନ

ଲେଖକ ହେଉଛନ୍ତି ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ଅର୍ଥନୈତିକ ପରାମର୍ଶଦାତା।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭିଯୋଗ ନିରାକରଣ ଏକ ଜରୁରୀ ଆବଶ୍ୟକତା

ଡଃ. ସଞ୍ଜୀବ କୁମାର

ସ୍ୱାସ୍ଥ୍ୟ ଅଧିକାରକୁ ସର୍ବୋଚ୍ଚ ଅଦାଲତ ସ୍ୱୀକୃତି ଦେଇଛନ୍ତି । ସମ୍ବିଧାନ ପ୍ରଦତ୍ତ ଜୀବନଧାରଣର ଅଧିକାର (ଧାରା-୨୨)ରେ ସ୍ୱାସ୍ଥ୍ୟସେବା ପାଇବା ନାଗରିକର ଏକ ଅବିଚ୍ଛେଦ୍ୟ ଅଧିକାର ଭାବେ ସାବ୍ୟସ୍ତ ହୋଇଛି । ସର୍ବୋଚ୍ଚ ଅଦାଲତଙ୍କ ସ୍ୱୀକୃତି ଓ ସାମ୍ବିଧାନିକ ବ୍ୟବସ୍ଥା ସତ୍ତ୍ୱେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ବ୍ୟବସ୍ଥା ଯଥେଷ୍ଟ ନୁହେଁ । ତେଣୁ ଅନେକ ଏହି ଅଧିକାରରୁ ବଞ୍ଚିତ । ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଯେଉଁସବୁ ବୈଧାନିକ ବ୍ୟବସ୍ଥା ହେବା କଥା ତାହା ଏଯାଏ ହୋଇପାରିନାହିଁ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆପତ୍ତି ଅଭିଯୋଗର ଦୂରୀକରଣ ଓ ଉତ୍ତମମାନର ଚିକିତ୍ସା ସେବା ପ୍ରଦାନର ଗୁରୁତ୍ୱ ଅଧିକ । ଉଭୟ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏ ନେଇ ବେଶ୍ କିଛି କାଳ ଧରି ନାନା ସମସ୍ୟା ଦେଖିବାକୁ ମିଳୁଛି । ତେବେ ସେ ଯା' ହେଉ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭିଯୋଗ ଗ୍ରହଣ ଓ ନିର୍ଦ୍ଧାରିତ ସମୟରେ ତାହାର ସମାଧାନ ପାଇଁ ଏବେ କେତେକ ପ୍ରୟାସ ଆରମ୍ଭ ହୋଇଛି । ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଶୋଷଣରୁ ମୁକ୍ତ କରିବା ସହ ସେବା ଯୋଗାଣରେ ଉନ୍ନତି ତଥା ଉତ୍ତରଦାୟିତ୍ୱ ଆଣିବା ଏହି ପ୍ରୟାସର ଲକ୍ଷ୍ୟ ।

ଏ କ୍ଷେତ୍ରରେ ପ୍ରମୁଖ ଅସୁବିଧାଟି ହେଲା ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଶୁଣି ତାହାର ନିରାକରଣ କରିବାକୁ ଦେଶରେ ଗୋଟିଏ ସଂସ୍ଥା, ବ୍ୟବସ୍ଥା ବା ଆଇନ ନାହିଁ । ଏହାଛଡ଼ା ଅଭିଯୋଗ କରିବାର ବାଟ ମଧ୍ୟ ସହଜ ନୁହେଁ । ବହୁ କଷ୍ଟରେ ଅଭିଯୋଗ ଦାଖଲ ହେଲେ ମଧ୍ୟ ତାହାର ତ୍ୱରିତ ଶୁଣାଣି ହୋଇ ନ ଥାଏ ଓ ନିରାକରଣ ସୁଦୂର ପରାହତ ହୁଏ ।

୨୦୧୭ର ଜାତୀୟ ସ୍ୱାସ୍ଥ୍ୟ ନୀତି (ଧାରା-୧୪.୨)ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଡାକ୍ତରୀ / ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକର ନିୟନ୍ତ୍ରଣ ପାଇଁ ଏକ ପ୍ରତିଷ୍ଠାନ ବା ନିୟାମକ ବ୍ୟବସ୍ଥା ରହିବ । ଏହି ନିୟମକୁ କାର୍ଯ୍ୟକାରୀ କରିବା ପାଇଁ ୨୦୧୦ରେ କେତେକ ରାଜ୍ୟ କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟସ୍ ଆଇନ ପ୍ରଣୟନ କରିଥିଲେ । ଏଥିରେ ରୋଗୀଙ୍କୁ ସର୍ବନିମ୍ନ ଚିକିତ୍ସାସେବା ଯୋଗାଣ ସହ ଶୋଷଣ ଏବଂ ଅନୈତିକ ଆଚରଣରୁ ସୁରକ୍ଷିତ ରଖିବାର ବ୍ୟବସ୍ଥା ରହିଛି । ଘରୋଇ ସମେତ ସବୁ ହସ୍‌ପିଟାଲ, କ୍ଲିନିକ ଓ ଚିକିତ୍ସାଳୟରେ ପ୍ରଦାନ କରାଯାଉଥିବା ଚିକିତ୍ସା ସୁବିଧାମାନ, ଚିକିତ୍ସକଙ୍କ ସୂଚନା, ସେବାପ୍ରଦାନର ବିଭିନ୍ନ ତଥ୍ୟ, ଦେୟ, ପରୀକ୍ଷାନିରୀକ୍ଷା ସୁବିଧା ଆଦି ବିଷୟରେ ଚିକିତ୍ସାକେନ୍ଦ୍ରର ପ୍ରବେଶ ପଥରେ ଉଲ୍ଲେଖ କରିବାର ବ୍ୟବସ୍ଥା ଅଛି । ଏହାଛଡ଼ା ରୋଗୀଙ୍କ ପାଇଁ ସୂଚନା ପାଇବାର ଅଧିକାର, ମେଡିକାଲ ରେକର୍ଡ ଦେଖିବାର ସୁବିଧା, ରୋଗୀର ପରାମର୍ଶ ଗ୍ରହଣ, ଦ୍ୱିତୀୟବାର ମତାମତ ସଂଗ୍ରହ, ବିଶ୍ୱାସନୀୟତା ଓ ଏକାନ୍ତତା ଆଦି ନିଶ୍ଚିତ କରିବାର ନିୟମ ରହିଛି । ଅନୈତିକ ବ୍ୟବହାର ଓ ଅବହେଳା ପାଇଁ ଚିକିତ୍ସାକେନ୍ଦ୍ର କର୍ତ୍ତୃପକ୍ଷ, ଡାକ୍ତର ଓ କର୍ମଚାରୀଙ୍କୁ ଦଣ୍ଡିତ କରିବାର ନିୟମ ରହିଛି । ଅଙ୍ଗ ପ୍ରତିରୋପଣ, ଅଙ୍ଗଦାନ, ଭ୍ରୂଣ ଲିଙ୍ଗ ନିରୂପଣ ଆଦି ପାଇଁ ନିର୍ଦ୍ଧାରିତ ନୀତି ନିୟମ ଓ କଠୋର ବ୍ୟବସ୍ଥା କରାଯାଇଛି । ଏସବୁ ସତ୍ତ୍ୱେ ଏହାର ରୂପାୟନ ବ୍ୟବସ୍ଥାର ତଦାରଖ ଓ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦଣ୍ଡବିଧାନ କରାଯିବା ବ୍ୟବସ୍ଥାଟି ଅତ୍ୟନ୍ତ ଦୁର୍ବଳ ।

କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆଇନ (ସିଇଏ) ୨୦୧୦ ଏକ କେନ୍ଦ୍ରୀୟ ନିୟମ ଯ'ଦ୍ୱାରା ଦେଶର ସରକାରୀ ଓ ବେସରକାରୀ ସବୁ ଚିକିତ୍ସାଳୟ ପଞ୍ଜୀକରଣ ଓ ନିୟନ୍ତ୍ରଣ ପାଇଁ ବାଧ୍ୟ । ଏହା ଚିକିତ୍ସାଳୟଗୁଡ଼ିକ ପାଇଁ ସର୍ବନିମ୍ନ ଚିକିତ୍ସା ସେବା, ମାନ, ବ୍ୟବସ୍ଥା ଆଦି ନିର୍ଦ୍ଧାରିତ କରିଛି । ରୋଗୀଙ୍କଠାରୁ ଚିକିତ୍ସା ବାବଦରେ ହସ୍‌ପିଟାଲ କର୍ତ୍ତୃପକ୍ଷ କେତେ ଅର୍ଥ ଆଦାୟ କରିବେ ହସ୍‌ପିଟାଲର ଚିକିତ୍ସା ଓ ସେବାର ମାନ ଦୃଷ୍ଟିରୁ ସିଇଏ ଧାର୍ଯ୍ୟ କରିଛି । ଏହି ନିୟମକୁ ନମାନିଲେ ସଂପୃକ୍ତ ହସ୍‌ପିଟାଲର ରେଜିଷ୍ଟ୍ରେସନ ଓ ଲାଇସେନ୍ସ ରଦ୍ଦ କରାଯିବାର ବ୍ୟବସ୍ଥା ଅଛି । ଆବଶ୍ୟକ ସ୍ଥଳେ ଆଇନ ଉଲ୍ଲଙ୍ଘନ ପାଇଁ ସଂପୃକ୍ତ ହସ୍‌ପିଟାଲ ଉପରେ ଆର୍ଥିକ ଦଣ୍ଡବିଧାନର ନିୟମ ମଧ୍ୟ ରହିଛି । ଏସବୁ ସତ୍ତ୍ୱେ ସବୁ ରାଜ୍ୟରେ ସିଇଏ ପ୍ରବର୍ତ୍ତନ ଏଯାଏ ହୋଇପାରିନାହିଁ । ଏହା ହିଁ ଏ କ୍ଷେତ୍ରରେ ସବୁଠୁ ବଡ଼ ଦୁର୍ବଳତା ପ୍ରମାଣିତ ହୋଇଛି । ସାରା ଦେଶରେ ସବୁ ଚିକିତ୍ସା ପ୍ରତିଷ୍ଠାନ ପାଇଁ ଏକକ ସର୍ବନିମ୍ନ ମାନ ନିର୍ଦ୍ଧାରିତ ହୋଇପାରିନି । କେତେକ ରାଜ୍ୟରେ ସିଇଏ ଲାଗୁ ହୋଇଥିଲେ ମଧ୍ୟ ସେଠାରେ ଏକକ ସର୍ବନିମ୍ନ ଚିକିତ୍ସା ସେବା ପ୍ରଦାନ ସମ୍ଭବ ହେଉନାହିଁ । ରୋଗୀଙ୍କର ଆପତ୍ତି ଅଭିଯୋଗ ଶୁଣିବାର

ବ୍ୟବସ୍ଥାର ଅଭାବ ଯୋଗୁଁ ସେମାନେ ଶୋଷିତ ହେଉଛନ୍ତି । କେତେକ ହସ୍‌ପିଟାଲ ସ୍ଥାୟୀ ପଞ୍ଜୀକରଣ ଓ ଲାଇସେନ୍ସ ଲାଭ କରିଥିବାରୁ ତାହାକୁ ବାତିଲ କରିବା ସହଜ ହେଉନାହିଁ । ଏହାର ସୁଯୋଗ ନେଇ ହସ୍‌ପିଟାଲ କର୍ତ୍ତୃପକ୍ଷ ରୋଗୀ ଶୋଷଣରେ ଲିପ୍ତ ରହୁଛନ୍ତି ।

କେତେକ ହସ୍‌ପିଟାଲ କର୍ତ୍ତୃପକ୍ଷ ରୋଗୀସେବା ଓ ଅଧିକାର ସଂକ୍ରାନ୍ତ ଚାର୍ଟର (ସନନ୍ଦ) ଜାରି କରିଛନ୍ତି । ଏହାକୁ ହସ୍‌ପିଟାଲ ପରିସରରେ ସମସ୍ତଙ୍କୁ ଦେଖାଯିବା ଭଳି ସ୍ଥାନରେ ଟଙ୍ଗା ଯାଉଛି । ତାହାର ଉଲ୍ଲଙ୍ଘନ ହେଲେ ରୋଗୀ କିମ୍ବା ତାଙ୍କର ସମ୍ପର୍କୀୟ ଅଭିଯୋଗ କରି ମଧ୍ୟ ନ୍ୟାୟ ପାଉନାହାନ୍ତି; କାରଣ ଅଭିଯୋଗ ଶୁଣାଣି ବ୍ୟବସ୍ଥା ନାହିଁ କିମ୍ବା ତାହା ଅତ୍ୟନ୍ତ ଦୁର୍ବଳ । ତେଣୁ କେନ୍ଦ୍ରୀୟ ସ୍ତରରେ ଆଇନର ବ୍ୟବସ୍ଥା ସତ୍ତ୍ୱେ ବ୍ୟକ୍ତିଗତ ସ୍ତରରେ ରୋଗୀ ଅଧିକାଂଶ ସମୟରେ ନିଜର ଅଧିକାର ସାବ୍ୟସ୍ତ କରିବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି ।

ଖାଉଟି ସୁରକ୍ଷା ଆଇନ (ସିପିଏ) ୧୯୮୬ ଏବେ ସଂଶୋଧିତ ହୋଇଛି । ତଦନୁସାରେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ଏହି ଆଇନ ବଳରେ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ସେବାରେ ତ୍ରୁଟି, ଶୋଷଣ ବା ଅନ୍ୟ ବେଆଇନ କାର୍ଯ୍ୟ ପାଇଁ ଅଭିଯୋଗ କରି ନ୍ୟାୟ ଲୋଡ଼ିପାରିବେ । ମାତ୍ର ଏ କ୍ଷେତ୍ରରେ କିଛି ଆଇନଗତ ଜଟିଳତା ରହିଛି । ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର କ୍ଷେତ୍ରରେ ଖାଉଟି ସୁରକ୍ଷା ଆଇନର କାର୍ଯ୍ୟକାରିତା ଏବେ ମଧ୍ୟ ବିତର୍କିତ ସ୍ଥିତିରେ ଅଛି । ଏ କ୍ଷେତ୍ରରେ 'ଖାଉଟି' ଓ 'ସେବା ପ୍ରଦାନକାରୀ'ଙ୍କ ଅର୍ଥ ବା ସ୍ୱରୂପ ନେଇ ବିଭିନ୍ନ ଅଦାଲତରେ ତର୍ଜମା ଚାଲିଛି । ଖାଉଟି ଆଇନ ଅନୁସାରେ ଯିଏ କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ କିଛି କିଣେ ବା କିଛି ସେବା ଗ୍ରହଣ କରେ ସେ ଉପଭୋକ୍ତା । ସେବାର ଅର୍ଥ ବିଭିନ୍ନ ପ୍ରକାର ସେବା ଯେଉଁଥିରେ ସ୍ୱାସ୍ଥ୍ୟସେବା ଅନ୍ତର୍ଭୁକ୍ତ । ତେବେ ଯେଉଁଠି ବିନା ମୂଲ୍ୟରେ (ମାଗଣା) ଚିକିତ୍ସା ସେବା ଯୋଗାଇ ଦିଆଯାଏ ତାହା ଖାଉଟି ସେବାର ଅନ୍ତର୍ଭୁକ୍ତ ନୁହେଁ । ତେଣୁ ମାଗଣା ଚିକିତ୍ସା ଦେଉଥିବା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଖାଉଟି ସୁରକ୍ଷା ଆଇନ ଲାଗୁ ହୋଇପାରିବ ନାହିଁ । ତେବେ ସୁପ୍ରିମକୋର୍ଟ ଓ ଜାତୀୟ ଖାଉଟି ଅଦାଲତରେ ଏଭଳି କିଛି ମାମଲା ବିଚାର ପାଇଁ ଗୃହୀତ ହୋଇଛି ।

ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ଏକ ହସ୍‌ପିଟାଲ ମାନୁଆଲ (ନିୟମାବଳୀ) ପ୍ରସ୍ତୁତ କରିଛନ୍ତି । ସରକାରୀ ହସ୍‌ପିଟାଲର ସୁପରିଚାଳନା ଏବଂ ଅନ୍ୟାନ୍ୟ ଚିକିତ୍ସାଳୟ ପରିଚାଳନା, ପ୍ରଶାସନ ଆଦି ପାଇଁ ଏହା ଏକ ମାର୍ଗଦର୍ଶିକା ଭାବେ କାର୍ଯ୍ୟ କରୁଛି । ଏଥିରେ ରୋଗୀ ବା ସେମାନଙ୍କ ସମ୍ପର୍କୀୟଙ୍କ ଆପତ୍ତି ଅଭିଯୋଗ ଶୁଣି ପ୍ରତିବିଧାନ କରିବାର ବ୍ୟବସ୍ଥା ରହିଛି । ଏହାଛଡ଼ା ସରକାରୀ ହସ୍‌ପିଟାଲଗୁଡ଼ିକରେ ମଧ୍ୟ ସେବାଯୋଗାଣ ନେଇ ନାଗରିକ ସଂହିତା (ସିଟିଜେନ ଚାର୍ଟର) ପ୍ରବର୍ତ୍ତନ ବ୍ୟବସ୍ଥା ଅଛି । ତଦନୁସାରେ ହସ୍‌ପିଟାଲ ପକ୍ଷରୁ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଇଥାଏ । ସେବା ଯୋଗାଣରେ ତ୍ରୁଟି ବା ଶୋଷଣ ଆଦି ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଆବେଦନ କରିବାର ବିଧି ବ୍ୟବସ୍ଥା ସିଟିଜେନ୍ ଚାର୍ଟର ଯୋଗାଇଥାଏ ।

ଏ କ୍ଷେତ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜାତୀୟ ସ୍ୱାସ୍ଥ୍ୟ ପୋର୍ଟାଲରେ ପ୍ରଦତ୍ତ 'ମେରା ହାସ୍‌ପାତାଲ' ଆମ ହସ୍‌ପିଟାଲ ବ୍ୟବସ୍ଥା ଉଲ୍ଲେଖନୀୟ । ଏହା ଲୋକଙ୍କ ମତାମତ ଓ ଅଭାବ ଅଭିଯୋଗ ସଂଗ୍ରହ ପାଇଁ ଏକ ଉତ୍ତମ ବ୍ୟବସ୍ଥା । ଏହା ବ୍ୟବହାର ପାଇଁ ସହଜ ଏବଂ ବିବିଧ ବ୍ୟବସ୍ଥା ମାଧ୍ୟମରେ ନାନାବିଧ ସେବା ଯୋଗାଇଥାଏ । ଏଥିରେ ଏସ୍‌ଏମ୍‌ଏସ୍, ଆଉଟ୍ ବାଉଣ୍ଡ ଡାଏଲିଂ (ଓବିଡି) ମୋବାଇଲ ଆପ୍ଲିକେସନ ଓ ୱେବ୍‌ପୋର୍ଟାଲ ରହିଛି । ରୋଗୀ ସାତଟି ବିଭିନ୍ନ ଭାଷାରେ ଏହା ମାଧ୍ୟମରେ ନିଜର ଆପତ୍ତି ଅଭିଯୋଗ ଓ ମତାମତ ଜଣାଇପାରିବେ । ହସ୍‌ପିଟାଲକୁ ଆସିବା ବା ଛାଡ଼ିବାର ସାତ ଦିନ ମଧ୍ୟରେ ଏହି ମତାମତ ଦେବାକୁ ପଡ଼ିବ । ପୂର୍ବରୁ ସଂପୃକ୍ତ ରୋଗୀ ଯଦି କିଛି ମତାମତ ଦେଇଥାନ୍ତି, ତାହାକୁ ମଧ୍ୟ ଚାହିଁଲେ ଖୋଜି ତାକୁ ଦେଖିହେବ । ସେ ବିଷୟରେ ହସ୍‌ପିଟାଲ କର୍ତ୍ତୃପକ୍ଷ ବା ଅଭିଯୋଗ ଗ୍ରହଣକାରୀ କି ପଦକ୍ଷେପ ନେଇଛନ୍ତି ସେ ବିଷୟରେ ମଧ୍ୟ ବୁଝିହେବ । ଏହି ଆପ୍ ମାଧ୍ୟମରେ ସମଗ୍ର ଦେଶର ଆପତ୍ତି ଅଭିଯୋଗ ଓ ମତାମତର ସ୍ଥିତି ଜାଣିପାରିବାର ବ୍ୟବସ୍ଥା ଅଛି ।

'ମୋ ହସ୍‌ପିଟାଲ' ବ୍ୟବସ୍ଥା ସରକାରଙ୍କୁ ଉତ୍ତମମାନର ରୋଗୀ ସେବା ଯୋଗାଣ ଏବଂ ରୋଗୀଙ୍କ ଅଭାବ ଅସୁବିଧା ଦୂରୀକରଣରେ ବିଶେଷ ସହାୟକ ହେଉଛି । ଏହା ଫଳରେ ସେବା ଯୋଗାଣକାରୀ ଓ ଗ୍ରହଣକାରୀଙ୍କ ମଧ୍ୟରେ ଏକ ସଫଳ ଯୋଗାଯୋଗ ସମ୍ଭବ ହେଉଛି । ରୋଗୀ



ଉପଯୁକ୍ତ ଚିକିତ୍ସା ଓ ଯତ୍ନ ପାଉଛନ୍ତି। ଏହାଦ୍ୱାରା ଶେଷରେ ରୋଗୀଙ୍କଦ୍ୱାରା ପରିଚାଳିତ, ଉତ୍ତରଦାୟୀ ଓ ଦାୟିତ୍ୱବାନ୍ ରୋଗୀସେବା ବ୍ୟବସ୍ଥାଟିଏ ତିଆରି ହେବ, ଯେଉଁଥିରେ ଅଭିଯୋଗ ବା ଆପତ୍ତି ହାର କ୍ରମଶଃ ହ୍ରାସ ପାଇବ। ଏହି ଆପ୍ର ଡ୍ୟାସ୍ କୋଡରେ ମତାମତ, ହସ୍ପିଟାଲ, ସନ୍ତୋଷ, ଅସନ୍ତୋଷଙ୍କ ସଂଖ୍ୟା ଆଦି ଉଲ୍ଲେଖ କରିବାର ବ୍ୟବସ୍ଥା ରହିଛି।

**ଉତ୍କର୍ଷ ଚିହ୍ନ:**

ଭାରତୀୟ ମାନକ ପରିଷଦ ଅଧୀନରେ ହସ୍ପିଟାଲ ସେବା ଯୋଗାଣକାରୀଙ୍କ ପାଇଁ ଏକ ଜାତୀୟ ଅଧିସ୍ୱୀକୃତି ପରିଷଦ ରହିଛି। ଏହି ପରିଷଦ ସ୍ୱାସ୍ଥ୍ୟସେବା ଯୋଗାଣକାରୀଙ୍କୁ ସେବାଯୋଗାଣ ପାଇଁ ସ୍ୱୀକୃତି ପ୍ରଦାନ କରିଥାଏ। ଏହାର ଲକ୍ଷ୍ୟ ହେଲା ରୋଗୀ ବା ଖାଉଟିଙ୍କ ଆବଶ୍ୟକତା ପୂରଣ ପାଇଁ ନିର୍ଦ୍ଦିଷ୍ଟ ମାନ ରକ୍ଷା ଏବଂ ଏ କ୍ଷେତ୍ରରେ ଉତ୍କର୍ଷ ପ୍ରଦାନ କରୁଥିବା ସଂସ୍ଥା, ସଂଗଠନକୁ ମାନ୍ୟତା ପ୍ରଦାନ। ଏଥିରେ ସେବା ଯୋଗାଣକାରୀ, ଉପଭୋକ୍ତା, ସରକାରଙ୍କ ପ୍ରତିନିଧି ସଭ୍ୟ ରହିବାର ବ୍ୟବସ୍ଥା ଅଛି। ଏହା ସ୍ୱାଧୀନଭାବେ କାର୍ଯ୍ୟ କରିଥାଏ।

ଭାରତୀୟ ମେଡିକାଲ କାଉନ୍ସିଲ ଆଇନ ୧୯୫୬ ଅନୁସାରେ ସେବା ଓ ଚିକିତ୍ସା ଯୋଗାଣ କ୍ଷେତ୍ରରେ ହସ୍ପିଟାଲଗୁଡ଼ିକ ପାଇଁ ଭାରତୀୟ ମେଡିକାଲ କାଉନସିଲ ସର୍ବନିମ୍ନ ମାନ ନିର୍ଦ୍ଧାରଣ କରିଛନ୍ତି। ଏହି ମାନର ତଳକୁ କୌଣସି ହସ୍ପିଟାଲ ଯାଇପାରିବେ ନାହିଁ। ଏହା ମଧ୍ୟ ୨୦୦୨ ମସିହାରେ ଏକ ନୈତିକ ନିୟମାବଳୀ ବା କୋଡ୍ ଅଫ୍ ଏଥିକ୍ସ ପ୍ରବର୍ତ୍ତନ କରିଛି ଯାହାକୁ ମାନିବାକୁ ସବୁ ହସ୍ପିଟାଲ ବାଧ୍ୟ। ଏଥିରେ ରୋଗୀଙ୍କୁ ଚିକିତ୍ସକ, ଚିକିତ୍ସାରେ ସହାୟକ କର୍ମଚାରୀ, ହସ୍ପିଟାଲ କର୍ତ୍ତୃପକ୍ଷ କିପରି ପେସାଦାର ବ୍ୟବହାର ପ୍ରଦର୍ଶନ କରିବେ, କି ପ୍ରକାର ସମ୍ମାନ ଓ ମର୍ଯ୍ୟାଦା ଦେଖାଇବେ ତାହା ଉଲ୍ଲେଖ କରାଯାଇଛି। ବିଶେଷତଃ ଡାକ୍ତରମାନଙ୍କ ପାଇଁ ଏଥିରେ ଏକ ସ୍ପଷ୍ଟ ଆଚରଣ ବିଧି ରହିଛି ଯାହାକୁ ପାଳନକରିବାକୁ ସେମାନେ ବାଧ୍ୟ। ଏହାର ବିରୋଧାଚରଣ କଲେ ସେମାନଙ୍କ ବିରୋଧରେ ଏମ୍ସିଆଇ ଦଣ୍ଡବିଧାନ କରିପାରିବ। ରୋଗୀଙ୍କୁ ଅବହେଳା, ଖରାପ ବ୍ୟବହାର ପ୍ରଦର୍ଶନ, ରୋଗୀଙ୍କ କଥାକୁ ନ'ଶୁଣି ତାଙ୍କ ସ୍ୱାର୍ଥ ବିରୋଧରେ ପଦକ୍ଷେପ ନେବା, ଭ୍ରୂଣର ଲିଙ୍ଗ ନିରୂପଣ କରିବା, ରୋଗୀଙ୍କଠାରୁ ବେଆଇନ ଭାବେ ଅର୍ଥ ଆଦାୟ କରିବା ଏବଂ ରୋଗୀ ବା ତାଙ୍କ ସମ୍ପର୍କୀୟଙ୍କ ସହ ଯୌନସମ୍ପର୍କ ରଖିବା ବା ଆପତ୍ତିଜନକ ବ୍ୟବହାର କରିବା ଆଦି ଡାକ୍ତରମାନଙ୍କ ପାଇଁ ଦଣ୍ଡନୀୟ ଅପରାଧ ଘୋଷିତ ହୋଇଛି। ଭାରତୀୟ ଚିକିତ୍ସକ ସଂଘ (ଆଇଏମ୍ଏ) ଏକମାତ୍ର ସଂଗଠନ ଯାହା ଜାତୀୟ ସ୍ତରରେ ଚିକିତ୍ସକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରୁଛି। ଆଇଏମ୍ଏ ମଧ୍ୟ ରୋଗୀଙ୍କ ସ୍ୱାର୍ଥ ରକ୍ଷା ଏବଂ ଉଚିତ ସେବା ଯୋଗାଣ ଘେନି ଚିକିତ୍ସକଙ୍କ ପାଇଁ ଆଚରଣ ବିଧି ପ୍ରସ୍ତୁତ କରିଛି। ଏହା ବିଭିନ୍ନ କ୍ଷେତ୍ରରେ ମଧ୍ୟସ୍ଥତା କରିବା ସହ ଆପତ୍ତି ଅଭିଯୋଗ ଗ୍ରହଣ କରି ତାହାର ପ୍ରତିବିଧାନ କରୁଛି। ବିଭିନ୍ନ ରାଜ୍ୟର ସଦର ମହକୁମାରେ ସଂଗଠନର ପ୍ରାଦେଶିକ ଶାଖାମାନ ମାସକରେ ଥରେ ରୋଗୀଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରି ସଂଗଠନର କେନ୍ଦ୍ରୀୟ କାର୍ଯ୍ୟାଳୟକୁ ପଠାଇଥାନ୍ତି। କେନ୍ଦ୍ରୀୟ କାର୍ଯ୍ୟାଳୟରେ କର୍ମକର୍ତ୍ତାମାନେ ପ୍ରତି ମାସରେ ଥରେ ଏକାଠି ହୋଇ ଏସବୁ ଅଭିଯୋଗ ଶୁଣିବା ସହ ପ୍ରତିକାର ବ୍ୟବସ୍ଥା କରିଥାନ୍ତି। ଆଇଏମ୍ଏ ଏ ପର୍ଯ୍ୟନ୍ତ ୧୬୨ଟି ଅଭିଯୋଗ ପାଇ ସେଥିମଧ୍ୟରୁ ୮୮ଟିର ସମାଧାନ ନିମନ୍ତେ ସଂପୃକ୍ତ ରାଜ୍ୟ ଶାଖାମାନଙ୍କୁ ପ୍ରେରଣ କରିସାରିଛି। କେନ୍ଦ୍ରୀୟ ଦପ୍ତରରେ ୫୫ଟିର ସମାଧାନ କରାଯାଇଛି। ଏବେ ୧୯ଟି ବିଚାରାଧୀନ ଅବସ୍ଥାରେ ଅଛି। ଚିକିତ୍ସା ଅବହେଳା ସଂକ୍ରାନ୍ତ ଅଭିଯୋଗମାନ ଜାତୀୟ ଖାଉଟି ହେଲ୍ପ ଆଇନ ମାଧ୍ୟମରେ ମଧ୍ୟ ଦରଜ କରିହେବ। ଚିକିତ୍ସା ସେବା ଏକ ମହତ୍ ବୃତ୍ତି ହୋଇଥିବାରୁ ଚିକିତ୍ସକମାନେ ରୋଗୀ ଚିକିତ୍ସା କ୍ଷେତ୍ରରେ ଯଥାସମ୍ଭବ ନିଜର ଜ୍ଞାନ ଓ ଦକ୍ଷତା ବିଚାରବନ୍ତ ଭାବେ ଉପଯୋଗ କରିବାର ଆବଶ୍ୟକତା ରହିଛି। ସବୁ କ୍ଷେତ୍ରରେ ଚିକିତ୍ସକମାନେ ରୋଗୀ ପ୍ରତି ଅତ୍ୟଧିକ ସମର୍ପିତ ଭାବ କିମ୍ବା ନ୍ୟୁନତମ ଗୁରୁତ୍ୱ ଦେବାର କୌଣସି ଆବଶ୍ୟକତା ନାହିଁ। ଆଇନ୍ କହୁଛି ରୋଗୀର ଆବଶ୍ୟକତା ଦେଖି ତାକୁ ଚିକିତ୍ସା କରାଯିବା ଉଚିତ।

ନିକଟ ଅତୀତରେ ଦିଲ୍ଲୀ ଓ ଗୁରୁଗ୍ରାମ ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା କିଛି ପ୍ରମୁଖ ହସ୍ପିଟାଲର ରୋଗୀ ସେବା ଅବହେଳା ଘେନି ଚର୍ଚ୍ଚିତ ଘଟଣାମାନ ଘଟିଛି ଓ ମକଦ୍ଦମାମାନ କୋର୍ଟରେ ବିଚାରାଧୀନ ଅଛି। ଏଭଳି ପରିସ୍ଥିତିରେ ସଂପୃକ୍ତ ହସ୍ପିଟାଲ ଓ ଚିକିତ୍ସକ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏସବୁ ଦୃଷ୍ଟିରୁ ରୋଗୀଙ୍କ ଆପତ୍ତି ଅଭିଯୋଗ ଶୁଣି ତାହାର ଆଶୁ ସମାଧାନ କରିବା ଏବଂ ସେମାନେ ଚିକିତ୍ସାରେ ଅବହେଳିତ କିମ୍ବା ଠକାମୀର ଶିକାର ଯେପରି ନ ହୁଅନ୍ତି ସେଥିପାଇଁ ବିଧିବଦ୍ଧ ବ୍ୟବସ୍ଥା ବାହାର କରିବାର ଆବଶ୍ୟକତା ରହିଛି। ସେ ବ୍ୟବସ୍ଥା ଏପରି ହେବା ଉଚିତ ଯ'ଦ୍ୱାରା ରୋଗୀ ଉପଯୁକ୍ତ ଚିକିତ୍ସା ପାଇବେ ତଥା ଚିକିତ୍ସକମାନେ ଆଇନଗତ ଓ ଅନ୍ୟାନ୍ୟ ଅସୁବିଧାର ସମ୍ମୁଖୀନ ନ'ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ସେଥିପାଇଁ ଚିକିତ୍ସାଳୟର ସୁବିଧା ସୁଯୋଗ ସବୁକୁ ମଧ୍ୟ ବିଚାରକୁ ନେବାକୁ ପଡ଼ିବ। ତେବେ ସେ ଯା'ହେଉ ଉଭୟ ସରକାରୀ ଓ ଘରୋଇ ଚିକିତ୍ସା ପ୍ରତିଷ୍ଠାନ ସମୂହରେ ଏକ ସଫଳ ଅଭିଯୋଗ ନିରାକରଣ ବ୍ୟବସ୍ଥା କାର୍ଯ୍ୟକାରୀ ନ'ହେବା ଦୁର୍ଭାଗ୍ୟର ବିଷୟ। ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ନୀତିରେ ଚିକିତ୍ସାଳୟ ପାଇଁ ଯେଉଁ ନିୟାମକ ଗଠନ ବ୍ୟବସ୍ଥା ରହିଛି ତାହା କାର୍ଯ୍ୟକାରୀ ହେଲେ ଉତ୍ତମ ରୋଗୀ ସେବା ଓ ଚିକିତ୍ସକ-ରୋଗୀ ସୁସମ୍ପର୍କ କ୍ଷେତ୍ରରେ ଏହାର ପ୍ରଭାବ ସୁଦୂରପ୍ରସାରୀ ହେବ।

ଲେଖକ ହେଉଛନ୍ତି ଜଣେ ଗଣମାଧ୍ୟମ ବିଶେଷଜ୍ଞ।

# ସ୍ୱଚ୍ଛତା-୨୦୧୭ର ଉଲ୍ଲେଖନୀୟ ଉପଲବ୍ଧି
# ସ୍ୱଚ୍ଛଭାରତ ମିଶନ

୨୦୧୪ ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀରେ ପ୍ରଧାନମନ୍ତ୍ରୀ ଦେଶରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାର ଲକ୍ଷ୍ୟ ଥିଲା ସମଗ୍ର ଦେଶରେ ସାର୍ବଜନୀନ ସ୍ୱଚ୍ଛତା ହାସଲ ଓ ସମସ୍ତଙ୍କୁ ପରିମଳ, ପରିଚ୍ଛନ୍ନତାର ସୁବିଧା ଯୋଗାଣ। ୨୦୧୯ ଅକ୍ଟୋବର ୨ରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସାରା ଦେଶକୁ ଖୋଲାମଳ ତ୍ୟାଗରୁ ମୁକ୍ତ କରି ଜାତିର ଜନକଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏହି ଅଭିଯାନର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ରଖାଯାଇଛି। ଖୋଲାରେ ମଳତ୍ୟାଗ ବ୍ୟବସ୍ଥାରୁ ମୁକ୍ତି (ଓଏଫ୍ଡି) ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହାର ମୌଳିକ ମାଧ୍ୟମଟି ହେଲା ଲୋକଙ୍କ ଅଭ୍ୟାସରେ ପରିବର୍ତ୍ତନ। ସେଥିପାଇଁ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ସୂଚନା, ଶିକ୍ଷା ଓ ଗଣସଂଚାର ଉପରେ ଗୁରୁତ୍ୱ ପ୍ରଦାନ କରୁଛି। ଏହା ଲିଙ୍ଗଗତ ସମ୍ବେଦନଶୀଳ ସୂଚନା, ବ୍ୟବହାର ପରିବର୍ତ୍ତନ ନିର୍ଦ୍ଦେଶାବଳୀ ଓ ବିଭିନ୍ନ ଗଣ ଶିକ୍ଷା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରୁଛି। ୨୦୧୭ରେ ମନ୍ତ୍ରଣାଳୟ ଲିଙ୍ଗୀୟ ନିର୍ଦ୍ଦେଶାବଳୀ ଜାରି କରିବା ସହ ୨୦୧୫ରେ ଋତୁସ୍ରାବ ପରିଚାଳନା ଓ ନିର୍ଦ୍ଦେଶାବଳୀ ଜାରି କରିଥିଲା।

**ସ୍ୱଚ୍ଛତା ରକ୍ଷା ସମସ୍ତଙ୍କ ଦାୟିତ୍ୱ:**

ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର କାର୍ଯ୍ୟକାରିତା, ଏହାର ପ୍ରଗତି ଓ ଲକ୍ଷ୍ୟ ସାଧନ ଆଦି ପ୍ରସଙ୍ଗରେ ସମସ୍ତ ସମନ୍ୱୟ ରକ୍ଷା କରିବାକୁ ଅଧିକୃତ। ଏହାଛଡ଼ା ଗ୍ରାମୀଣ ସ୍ୱଚ୍ଛଭାରତ ମିଶନର କାର୍ଯ୍ୟକାରିତା ଦାୟିତ୍ୱ ଏହା ଉପରେ ନ୍ୟସ୍ତ। ଏହି ସବୁ ଲକ୍ଷ୍ୟ ପୂରଣ ପାଇଁ ଏହି ମନ୍ତ୍ରଣାଳୟ ଅନ୍ୟାନ୍ୟ ମନ୍ତ୍ରଣାଳୟ ଓ ବିଭାଗ ସହ ନିରନ୍ତର ସମନ୍ୱୟ ରକ୍ଷା କରି କାର୍ଯ୍ୟକରୁଛି। ଏହାଛଡ଼ା ଏହା ରାଜ୍ୟ ସରକାର, ସ୍ଥାନୀୟ ସଂସ୍ଥା, ଏନ୍‌ଜିଓ, ଧାର୍ମିକ ସଂଗଠନ, ଗଣମାଧ୍ୟମ ଓ ଅନ୍ୟାନ୍ୟ ସଂପୃକ୍ତ ଲୋକଙ୍କ ସହ ନିରନ୍ତର ଯୋଗାଯୋଗ ଓ ସମନ୍ୱୟ ରଖିଛି। ଏହି ସ୍ୱଚ୍ଛତା କାର୍ଯ୍ୟଟି କେବଳ କେନ୍ଦ୍ର ପରିମଳ ବିଭାଗର ଦାୟିତ୍ୱ ନୁହେଁ, ଏହା ସମସ୍ତଙ୍କର ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଦେବା ପରେ ମନ୍ତ୍ରଣାଳୟ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏହି ପ୍ରକ୍ରିୟାରେ ମଧ୍ୟ ଖୁବ୍ କମ୍ ସମୟରେ ବିଭିନ୍ନ ପ୍ରକଳ୍ପ ଓ ପ୍ରୟାସ ହାତକୁ ନିଆଯାଇଛି। ବିଭିନ୍ନ ସଂପୃକ୍ତ ପକ୍ଷ ଏହି କାର୍ଯ୍ୟକ୍ରମରେ ଯେଉଁ ଆଗ୍ରହ ଓ ସହଯୋଗ ପ୍ରଦର୍ଶନ କରୁଛନ୍ତି ତାହା ବେଶ୍ ଉତ୍ସାହଜନକ।

**ସ୍ୱଚ୍ଛତା ପକ୍ଷ:**

ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ ୨୦୧୬ ଏପ୍ରିଲ ମାସରେ ଆରମ୍ଭ ହୋଇଥିଲା। ଏହାର ଉଦ୍ଦେଶ୍ୟ ହେଲା କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗ ସମୂହକୁ ସଂପୃକ୍ତ କରି ନିଜ ଅଧିକାର କ୍ଷେତ୍ରରେ ସ୍ୱଚ୍ଛତା ସଂକ୍ରାନ୍ତ ନିର୍ଦ୍ଦିଷ୍ଟ ପ୍ରଥା ଓ ପ୍ରସଙ୍ଗ ଉପରେ ଗଭୀର ଭାବେ ଆଲୋକପାତ କରିବା। ଏସବୁ ପାଇଁ କାର୍ଯ୍ୟକ୍ରମ ସ୍ଥିର କରି ବିଭିନ୍ନ ପ୍ରସଙ୍ଗଙ୍କୁ ଭିନ୍ନଭିନ୍ନ ପକ୍ଷ ପାଇଁ ଚିହ୍ନଟ କରିବାକୁ ଏକ ବାର୍ଷିକ କ୍ୟାଲେଣ୍ଡର ମଧ୍ୟ ପ୍ରସ୍ତୁତ ହୋଇଛି।

**ନମାମି ଗଙ୍ଗେ:**

ନମାମି ଗଙ୍ଗେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରଣାଳୟର ଏକ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ପବିତ୍ର ଗଙ୍ଗାନଦୀର ଉଭୟ ପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକୁ ଖୋଲା ମଳ ତ୍ୟାଗ ବ୍ୟବସ୍ଥାରୁ ମୁକ୍ତ କରିବା। ଏଥିପାଇଁ ଯେଉଁ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ସେଥିରେ ତରଳ ଓ କଠିନ ବର୍ଜ୍ୟବସ୍ତୁ, ମଇଳା, ଆବର୍ଜନା ପରିଚାଳନା ଅନ୍ୟତମ।

ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଗଙ୍ଗା କୂଳରେ ଥିବା ୫୨ଟି ଜିଲାର ସବୁ ୪୪୭୦ ଗାଁକୁ ସଂପୃକ୍ତ ରାଜ୍ୟ ସରକାରଙ୍କ ସହାୟତାରେ ଖୋଲା ମଳ ତ୍ୟାଗ ମୁକ୍ତ ଘୋଷଣା କରାଯାଇଛି। ଏବେ କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ଗଙ୍ଗାକୂଳରେ ଥିବା ୨୪ଟି ଗାଁ ଗଙ୍ଗା ସଫେଇ ଅଭିଯାନ (ଏନ୍ଏମ୍‌ସିଜି) କାର୍ଯ୍ୟକ୍ରମର ସହଯୋଗରେ ଗଙ୍ଗା ଗ୍ରାମ ଭାବେ ମାନ୍ୟତା ପାଇଛନ୍ତି।

**ସ୍ୱଚ୍ଛତା କାର୍ଯ୍ୟକ୍ରମ:**

ଆନ୍ତଃ ମନ୍ତ୍ରଣାଳୟ ପ୍ରୟାସରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ନାମରେ ଏକ ଯୋଜନା ହାତକୁ ନିଆଯାଇଛି। ସ୍ୱଚ୍ଛତା ରକ୍ଷା ସମସ୍ତଙ୍କର ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି ଏହା ଠିକ୍ ସେହି ଢ଼ଙ୍ଗରେ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ସବୁ ମନ୍ତ୍ରଣାଳୟ ଓ କେନ୍ଦ୍ରୀୟ ବିଭାଗ ନିଜ ନିଜ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା ପାଇଁ କାର୍ଯ୍ୟକ୍ରମମାନ ହାତକୁ ନେବା ସହ ବଜେଟରେ ଅର୍ଥ ବରାଦ କରିଛନ୍ତି। ଅର୍ଥମନ୍ତ୍ରଣାଳୟ ଏଥି ପାଇଁ ୨୦୧୭-୧୮ ବଜେଟରେ ଏକ ସ୍ୱତନ୍ତ୍ର ବ୍ୟୟ ବରାଦ କରିଛି। ଏବାବଦରେ ସବୁ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗ ନିଜ ନିଜ କ୍ଷେତ୍ରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଇଁ ମୋଟ୍ ୧୨୪୬୮ କୋଟି ୬୨ ଲକ୍ଷ ଟଙ୍କା ପାଇବାର ବ୍ୟବସ୍ଥା ହୋଇଥିଲା। ୨୦୧୭ ଏପ୍ରିଲ ପହିଲାରୁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

**ସ୍ୱଚ୍ଛ ପ୍ରସିଦ୍ଧ ସ୍ଥାନ:**

ବିଭିନ୍ନ ଦୃଷ୍ଟିରୁ ଦେଶର ୧୦୦ଟି ପ୍ରସିଦ୍ଧ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ଏକ ବହୁପାକ୍ଷିକ ପ୍ରୟାସ ହାତକୁ ନେଇଛି। ଏସବୁ ମଧ୍ୟରେ ଧାର୍ମିକ, ଐତିହାସିକ, ସାଂସ୍କୃତିକ ଓ ଐତିହ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନ ରହିଛି। ଏସବୁ ସ୍ଥାନର ପରିଚ୍ଛନ୍ନତା ସ୍ତର ଅତି ଉଚ୍ଚସ୍ତରର କରିବାର ଲକ୍ଷ୍ୟ ଥିବାବେଳେ

ସହରାଞ୍ଚଳ ବିକାଶ ଓ ପର୍ଯ୍ୟଟନ ତଥା ସଂସ୍କୃତି ମନ୍ତ୍ରଣାଳୟକୁ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟ ଏହି ପ୍ରୟାସରେ ଅଂଶୀଦାର କରିଛି। ପ୍ରଥମ ଦୁଇ ପର୍ଯ୍ୟାୟରେ ଏହି ଯୋଜନାରେ ଦେଶର ୨୦ଟି ପ୍ରସିଦ୍ଧ ସ୍ଥାନକୁ ଚିହ୍ନଟ କରାଯାଇଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ କର୍ପୋରେଟ ସଂସ୍ଥା ଏଥିପାଇଁ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇଦେବେ।

**ସ୍ୱଚ୍ଛଶକ୍ତି ୨୦୧୭ ମାର୍ଚ୍ଚ ୮:**

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଗାନ୍ଧିନଗରର ମହାତ୍ମା ମନ୍ଦିରରେ ୨୦୧୭ ମାର୍ଚ୍ଚ ୮ ତାରିଖରେ ସ୍ୱଚ୍ଛଶକ୍ତି ଆୟୋଜିତ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ। ଏଥିରେ ସମଗ୍ର ଦେଶରୁ ୬୦୦୦ ବଛା ବଛା ମହିଳା ସରପଞ୍ଚ, ତୃଣମୂଳ ସ୍ତରର କର୍ମୀ ଅଂଶଗ୍ରହଣ କରିଥିଲେ। ଗ୍ରାମାଞ୍ଚଳରେ ସ୍ୱଚ୍ଛ ଭାରତର ବାସ୍ତବାୟନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ସ୍ୱଚ୍ଛତା ପ୍ରବୀଣମାନଙ୍କୁ ସମ୍ମାନିତ କରାଯାଇଥିଲା।

**ସ୍ୱଚ୍ଛ ସଂକଳରୁ ସ୍ୱଚ୍ଛ ସିଦ୍ଧି ପ୍ରତିଯୋଗିତା:**

ସଂକଳରୁ ସିଦ୍ଧିର ଆହ୍ୱାନ ଦେଇ ୨୦୨୨ ସୁଦ୍ଧା ଏକ ନୂଆ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ସମୟ ମଧ୍ୟରେ ଦେଶରୁ ସବୁ ଅଳିଆ ଆବର୍ଜନାକୁ ହଟାଇ ଏହାକୁ ପରିଷ୍କାର କରିବାର ସଂକଳ୍ପ ନେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ତାହାକୁ ଦୃଷ୍ଟିରେ ରଖି ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ୨୦୧୭ ଅଗଷ୍ଟ ୧୭ରୁ ସେପ୍ଟେମ୍ବର ୧୭ ଏକ ମାସ ବ୍ୟାପୀ ସମଗ୍ର ଦେଶରେ ସ୍ୱଚ୍ଛଭାରତ ସମ୍ପର୍କରେ ଚଳଚ୍ଚିତ୍ର, ପ୍ରବନ୍ଧ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଆୟୋଜନ କରିଥିଲା। ସ୍ୱଚ୍ଛ ଭାରତକୁ ଏକ ଗଣ ଅଭିଯାନରେ ପରିଣତ କରିବାକୁ ଏହି ପ୍ରୟାସ କରାଯାଇଛି।

**'ଦରୱାଜା ବନ୍ଦ' ଗଣମାଧ୍ୟମ ଅଭିଯାନ:**

ଲୋକଙ୍କ ବ୍ୟବହାର ପରିବର୍ତ୍ତନ ଲକ୍ଷ୍ୟରେ 'ଦରୱାଜା ବନ୍ଦ' ନାମକ ଏକ ବଡ଼ ଧରଣର ଗଣମାଧ୍ୟମ ଅଭିଯାନ ଆରମ୍ଭ ହୋଇଛି। ନିରନ୍ତର ଶୌଚାଳୟ ବ୍ୟବହାର କରିବାକୁ, ବିଶେଷ କରି ପୁରୁଷ ଲୋକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଶିଷ୍ଟ ଅଭିନେତା ଅମିତାଭ ବଚ୍ଚନ ଏଥିରେ ଅଭିନୟ କରିଛନ୍ତି। ଏହି ଅଭିଯାନରେ ପାଞ୍ଚଟି ଟିଭି ଓ ରେଡିଓ ସ୍ପଟ୍ ହିନ୍ଦି ସମେତ ୧୯ଟି ଭାଷାରେ ପ୍ରସ୍ତୁତ କରାଯାଇ ସାରା ଦେଶରେ ପ୍ରଦର୍ଶିତ ହେଉଛି।

**ସ୍ୱଚ୍ଛ ହିଁ ସେବା:**

୨୦୧୭ ଅଗଷ୍ଟ ୨୭ ତାରିଖରେ ପ୍ରଧାନମନ୍ତ୍ରୀ ତାଙ୍କ ମନ୍ କି ବାତ୍ ମାସିକ ରେଡିଓ କାର୍ଯ୍ୟକ୍ରମରେ ଶ୍ରମଦାନ ପୂର୍ବକ ପରିଚ୍ଛନ୍ନତା ପାଇଁ ନିଜ ଭିତରେ ଚେତନା ସୃଷ୍ଟି କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ୨୦୧୭ ସେପ୍ଟେମ୍ବର-୧୫ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ସବୁ ସ୍ୱେଚ୍ଛାସେବୀ ସଂଗଠନ, ସ୍କୁଲ, କଲେଜ, ସାମାଜିକ, ସାଂସ୍କୃତିକ ଓ ଉଦ୍ୟୋଗଜଗତର ନେତା, ସରକାରୀ ଅଧିକାରୀ, ଜିଲାପାଳ ଓ ସରପଞ୍ଚଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଜେ ଉତ୍ତରପ୍ରଦେଶର ସାହାରାନପୁର ଓ ବାରାଣସୀ ଜିଲ୍ଲାରେ ଶୌଚାଳୟ ନିର୍ମାଣ ପାଇଁ ଶ୍ରମଦାନ କରିଥିଲେ। ସେ କହିଥିଲେ - "ସ୍ୱଚ୍ଛତା ଏକ ସ୍ୱଭାବ ହେବା ଉଚିତ - ଦେଶକୁ ପରିଚ୍ଛନ୍ନ ରଖିବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ।"

| ସ୍ୱଚ୍ଛଭାରତ ମିଶନର ନୂଆ ଉପଲବ୍ଧି | | |
|---|---|---|
| ୩୦୦ ଜିଲ୍ଲା | ତିନି ଲକ୍ଷ ଗ୍ରାମ | ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ |
| ଖୋଲା ମଳମୁକ୍ତ | | |
| ୨୦୧୪ ଅକ୍ଟୋବର ୨ ତାରିଖଠାରୁ ୫.୯୨ କୋଟି ଶୌଚାଳୟ ନିର୍ମାଣ ହୋଇଛି | | |



# ଅର୍ଥନୀତିର ଊର୍ଦ୍ଧ୍ୱ ଗତି : ଭବିଷ୍ୟତ ବେଶ୍ ଉତ୍ସାହଜନକ

ଡି. ଏସ୍. ମଲ୍ଲିକ

ଭାରତୀୟ ଅର୍ଥନୀତିର ଆକାର ୨.୫ ଟ୍ରିଲିୟନ ଡଲାର। ଏହା ବିଶ୍ୱର ଅନ୍ୟତମ ବୃହତ୍ ଦ୍ରୁତତମ ଅର୍ଥନୀତି ଭାବେ ଅଭିବୃଦ୍ଧିଶୀଳ। ଆଶା କରାଯାଉଛି ଯେ ଏହି ଅଭିବୃଦ୍ଧି ହାର ଜାରି ରହିଲେ ଭାରତ ଆସନ୍ତା ୧୦-୧୫ବର୍ଷ ମଧ୍ୟରେ ବିଶ୍ୱର ତିନି ଶୀର୍ଷ ଅର୍ଥନୈତିକ ଶକ୍ତି ମଧ୍ୟରେ ସ୍ଥାନ ହାସଲ କରିବ। ବର୍ତ୍ତମାନର ସରକାରଙ୍କ ପ୍ରଥମ ତିନିବର୍ଷ - ୨୦୧୪-୧୫, ୨୦୧୫-୧୬ ଓ ୨୦୧୬-୧୭ରେ ଭାରତୀୟ ଅର୍ଥନୀତି ଅତି ଦ୍ରୁତ ଅଭିବୃଦ୍ଧି ହାସଲ କରିଥିଲା। ସେହି ସମୟରେ ଅର୍ଥନୀତିର ବାର୍ଷିକ ଅଭିବୃଦ୍ଧି ହାର ଥିଲା ୭.୫ ଶତାଂଶ। ସେଥିମଧ୍ୟରୁ ୨୦୧୫-୧୬ରେ ଏହି ଅଭିବୃଦ୍ଧି ହାର ଅତି ଉଲ୍ଲେଖନୀୟ ହୋଇ ୮ଶତାଂଶରୁ ଅଧିକ ରହିଥିଲା। ବିମୁଦ୍ରାୟନ ଓ ଜିଏସ୍‌ଟି ପ୍ରବର୍ତ୍ତନ ଭଳି ଯୁଗାନ୍ତକାରୀ ଅର୍ଥନୈତିକ ପଦକ୍ଷେପ ସରକାର ଗ୍ରହଣ କରିବା ପରେ ଏହାର କିଛି ପ୍ରାରମ୍ଭିକ ପ୍ରତିକୂଳ ପ୍ରଭାବ ଅର୍ଥନୀତି ଉପରେ ପଡ଼ିଥିଲା। ଫଳରେ ସାମୟିକ ଭାବେ ଅଭିବୃଦ୍ଧି ହାର କମିବା ସହ ଜିଡିପିରେ ହ୍ରାସ ପରିଲକ୍ଷିତ ହୋଇଥିଲା। ତେବେ ସେ ଯା'ହେଉ ସେ ପ୍ରଭାବ ଆଉ ନାହିଁ ଏବଂ ଅଭିବୃଦ୍ଧିର ଲକ୍ଷଣ ବିଭିନ୍ନ କ୍ଷେତ୍ରରେ ପୁନର୍ବାର ଦୃଶ୍ୟମାନ। ଆଇଇନ୍‌ଆଇପି, କୋର୍ ସେକ୍ଟର, ଅଟୋମୋବାଇଲ, ଇଣ୍ଡେକ୍ସ ଏବଂ ଖାଉଟିଙ୍କ ବ୍ୟକ୍ତିଗତ ବ୍ୟୟରୁ ଏହି ଉତ୍ତମ ଅଭିବୃଦ୍ଧିର ଲକ୍ଷଣ ସ୍ପଷ୍ଟ ଜାଣି ହେଉଛି। ଆଶା କରାଯାଉଛି ଯେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଅର୍ଥନୀତିର ଅଭିବୃଦ୍ଧି ବେଶ୍ ଭଲ ହେବ। ଦେଶର ଜିଡିପି ମଧ୍ୟ ଠିକଣା ରାସ୍ତାରେ ଗତି କରୁଛି ଏବଂ ଏହା ଯେଉଁ ଅଭିବୃଦ୍ଧି ହାର ହାସଲ କରୁଛି ତାହା ଠିକ୍‌ଠାକ୍ ଅଛି। ଏବେ ଏହା ବାର୍ଷିକ ୭ ରୁ ୮ ଶତାଂଶ ହାରରେ ଅଭିବୃଦ୍ଧି ହାସଲ କରିବାକୁ ନିଜକୁ ସକ୍ଷମ କରିପାରିଛି।




ବିଗତ ତିନିବର୍ଷ ମଧ୍ୟରେ ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଏକ ମାତ୍ର ତ୍ରୈମାସିକ ଯେଉଁଥିରେ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧି ହ୍ରାସ ପାଇଁ ୬ ଶତାଂଶ ତଳକୁ ଆସିଛି। ଅନେକ ଲୋକଙ୍କର ମତ ଯେ ଜିଡିପିର ଏହି ଅଭିବୃଦ୍ଧି ହ୍ରାସ ବିଭିନ୍ନ କାରଣରୁ ଘଟିଛି ଏବଂ ସେଥିମଧ୍ୟରୁ ଜିଏସ୍‌ଟି ଓ ବିମୁଦ୍ରାୟନ ଦୁଇଟି ଘଟଣା। ତେବେ ଅର୍ଥଶାସ୍ତ୍ରୀମାନଙ୍କ ଦୃଢ଼ ମତ ହେଲା ଯେ ଏହି ଅଭିବୃଦ୍ଧି ହ୍ରାସ ପାଇଁ ବିମୁଦ୍ରାୟନ ଓ ଜିଏସ୍‌ଟି ପ୍ରବର୍ତ୍ତନ ଭଳି ଆର୍ଥିକ ସଂସ୍କାର ଏକମାତ୍ର କାରଣ ନୁହେଁ। ଏଥିପାଇଁ ଅର୍ଥନୀତିର ଆଠଟି ପ୍ରମୁଖ ବୁନିଆଦି କ୍ଷେତ୍ର ମଧ୍ୟରୁ ଚାରିଟିର ଖରାପ ପ୍ରଦର୍ଶନ ମୁଖ୍ୟତଃ ଦାୟୀ। ମାନୁଫାକଚରିଙ୍ଗ ବା ବିନିର୍ମାଣ କ୍ଷେତ୍ରର ଖରାପ ପ୍ରଦର୍ଶନ ସେଥିମଧ୍ୟରୁ ଗୋଟିଏ। ଏହାର ଅଭିବୃଦ୍ଧି ହାର ଖରାପ ଥିଲା। ଏହି କ୍ଷେତ୍ରର ଅଭିବୃଦ୍ଧି ହାର (ଏପ୍ରିଲ-ଜୁନ-୨୦୧୬) ୧୦.୭ ଶତାଂଶ ଥିବାବେଳେ ୨୦୧୭-୧୮ର ଏହି ସମୟରେ ଏହା ୧.୨ ଶତାଂଶ ହ୍ରାସ ପାଇ ୯.୫ରେ ପହଞ୍ଚିଥିଲା।

ଜିଡିପି ଅଭିବୃଦ୍ଧିର ନିମ୍ନଗତିକୁ ଦେଖି ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥା ଭାରତର ଭବିଷ୍ୟତ ଅଭିବୃଦ୍ଧି ହାର କମ୍ ହେବ ବୋଲି ଆକଳନ କରିଥିଲେ। ବିଶ୍ୱବ୍ୟାଙ୍କ ଭାରତର ଜିଡିପି ଅଭିବୃଦ୍ଧି ହାର ୨୦୧୭-୧୮ରେ ୭.୨ ଶତାଂଶରୁ ୭ ଶତାଂଶକୁ ହ୍ରାସ ପାଇବ ବୋଲି ଆକଳନ କରିଥିଲା। ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) ଓ ଅର୍ଥନୈତିକ ସହଯୋଗ ଓ ବିକାଶ ସଂଗଠନ (ଓଇସିଡି) ମଧ୍ୟ ଭାରତର ଅଭିବୃଦ୍ଧି ହାର କମିବ ବୋଲି ଆକଳନ କରିଥିଲେ। ୨୦୧୭-୧୮ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୭ ଶତାଂଶ ରହିବ ବୋଲି ଏଡିବି ଅନୁମାନ କରିଥିବା ବେଳେ ଓଇସିଡି କହିଥିଲା ଏହା ଅତିବେଶୀରେ ୬.୭ ଶତାଂଶ ରହିବ।

ତେବେ ସେ ଯା' ହେଉ ଏହା ଭିତରେ ଭାରତର ଅର୍ଥନୀତିରେ ସୁଧାର ଆସିବା ସହ ଏହା ପୁନର୍ବାର ଅଭିବୃଦ୍ଧି ପଥକୁ ଫେରିଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଏହା ୬.୩ ଶତାଂଶ ଅଭିବୃଦ୍ଧି ହାର ହାସଲ କରିଛି। ଏହାର କାରଣ ହେଲା ଅର୍ଥନୀତିର କୋର ସେକ୍ଟର (ବୁନିଆଦି କ୍ଷେତ୍ର) ପ୍ରଦର୍ଶନରେ ଉନ୍ନତି ଘଟିଛି। ୨୦୧୭ ଜୁନ୍‌ରେ ଏହାର ଅଭିବୃଦ୍ଧି ହାର ମାତ୍ର ୦.୮ ଶତାଂଶ ଥିବାବେଳେ ସେବର୍ଷ ଜୁଲାଇରେ ଏହା ୨.୪ ଶତାଂଶକୁ ବୃଦ୍ଧି ପାଇଥିଲା। ଏହି ବୁନିଆଦି କ୍ଷେତ୍ରଗୁଡ଼ିକ ମଧ୍ୟରେ ମାନୁଫାକଚରିଙ୍ଗ, ଖଣି, ପରିବହନ, ଯୋଗାଯୋଗ ଓ ସେବା କ୍ଷେତ୍ରର ପ୍ରଦର୍ଶନ ଭଲ ହୋଇଛି। ସେହିଭଳି ଦେଶର ମୋଟ ସ୍ଥାୟୀ ପୁଞ୍ଜି ନିର୍ମାଣ ବା ଜମା (ଗ୍ରସ୍ ଫିକ୍ସଡ୍ କ୍ୟାପିଟାଲ ଫର୍ମେସନ)ର ହାର ମଧ୍ୟ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୧.୬ ଶତାଂଶ ଥିବାବେଳେ ଏହା ବଢ଼ି ଦ୍ୱିତୀୟ ତ୍ରୈମାସିକରେ ୪.୭ ଶତାଂଶରେ ପହଞ୍ଚିଛି। ବାସ୍ତବ ଘରୋଇ ଉପଭୋଗର ଅର୍ଥ ବୃଦ୍ଧି ମଧ୍ୟ ମୋଟାମୋଟି ୬.୫ ଶତାଂଶରେ ସ୍ଥିର ନିରନ୍ତର ଭାବେ ଗତି କରୁଛି।

ବିଶ୍ୱବ୍ୟାଙ୍କ ଏବେ କହିଛି ଯେ ଭାରତର ଅଭିବୃଦ୍ଧି ହାରରେ କ୍ରମଶଃ ଦ୍ରୁତ ଉନ୍ନତି ପରିଲକ୍ଷିତ ହେଉଛି ଓ ଏହା ଅବ୍ୟାହତ ରହିଲେ ୨୦୧୯-୨୦ ସୁଦ୍ଧା ଅର୍ଥନୀତିର ଅଭିବୃଦ୍ଧି ହାର ୭.୪ରେ ପହଞ୍ଚି ପାରିବ। ଆନ୍ତର୍ଜାତିକ ରେଟିଂ ସଂସ୍ଥା ମୁଡିସ୍ ମଧ୍ୟ ଭାରତ ସରକାରଙ୍କ ସ୍ଥୁଳ ଅର୍ଥନୈତିକ ସ୍ଥିରତା ରକ୍ଷା ପ୍ରୟାସକୁ ଯଥାର୍ଥ ସ୍ୱୀକୃତି ଦେଇ କହିଛି ଯେ ଏହାଦ୍ୱାରା ମୁଦ୍ରାସ୍ଫୀତି ନିୟନ୍ତ୍ରଣାଧୀନ ରହିବ ଏବଂ ନିଅଣ୍ଟ ହ୍ରାସ ପାଇ ବୈଦେଶିକ ବାଣିଜ୍ୟ କ୍ଷେତ୍ରରେ ସମତା ରକ୍ଷା କରାଯାଇପାରିବ। ବର୍ତ୍ତମାନର ସରକାରଙ୍କ ବିଜ୍ଞ ବିତ୍ତୀୟ ଶୃଂଖଳା ଓ ସୁଦୃଢ଼ୀକରଣ କାର୍ଯ୍ୟକ୍ରମକୁ ଏହା ମଧ୍ୟ ସ୍ୱୀକାର କରିଛି। ଏହା ଫଳରେ ଦେଶର ବିତ୍ତୀୟ ନିଅଣ୍ଟ ହ୍ରାସ ଯାଇଛି। ୨୦୧୩-୧୪ରେ ଏହି ବିତ୍ତୀୟ ନିଅଣ୍ଟ ଜିଡିପିର ୪.୫ ଶତାଂଶ ଥିବାବେଳେ ୨୦୧୬-୧୭ରେ ଏହା ୩.୫ ଶତାଂଶକୁ କମିଆସିଛି। ଏହା ଫଳରେ ମୁଡିସ୍ ଭାରତ ସରକାରଙ୍କ ସ୍ଥାନୀୟ ଓ ବୈଦେଶିକ ମୁଦ୍ରା ଇସ୍ୟୁୟର ରେଟିଙ୍ଗକୁ ବିଏଏ ୩ ରୁ ବିଏଏ ୨କୁ ଉନ୍ନୀତ କରିଛି। ଏହାର ମୋଟମୋଟି ଅର୍ଥ ହେଲା ଭାରତର ବିତ୍ତୀୟ ଶୃଙ୍ଖଳା, ଆର୍ଥିକ ସଂସ୍କାର ଓ ଅଭିବୃଦ୍ଧି ଠିକଣା ବାଟରେ ଚାଲିଛି ଏବଂ ଆନ୍ତର୍ଜାତିକ ସଂସ୍ଥାରୁ ଭାରତ ଋଣ ଆଣି ତାହାକୁ ଠିକଣା ସମୟରେ ପରିଶେଶଧ କରିବାକୁ ସକ୍ଷମ। ତେଣୁ ମୁଡିସ୍ ରେଟିଂରେ ଉନ୍ନତି ଅର୍ଥ ଭାରତ ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥାରୁ କୋହଳ ହାରରେ ଋଣ ପାଇବାକୁ ଯୋଗ୍ୟତା ହାସଲ କରିଛି। ଏଠାରେ ସୂଚନାଯୋଗ୍ୟ ଯେ ଦୀର୍ଘ ୧୩ବର୍ଷ ପରେ ମୁଡିସ୍ ସଂସ୍ଥା ଭାରତକୁ ରେଟିଂରେ ପ୍ରଥମ ଥର ଉଚ୍ଚ ଅଙ୍କ ଦେଇଛି; ଯାହା ଦେଶର ଅର୍ଥନୀତି ପାଇଁ ଏକ ଶୁଭସୂଚନା।

ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ଗତ ୧୩ଟି ତ୍ରୈମାସିକ ମଧ୍ୟରୁ ଆଠଟିରେ ଜିଡିପି ଅଭିବୃଦ୍ଧି ହାର ୭ଶତାଂଶରୁ ଅଧିକ ନିରନ୍ତର ରହିଆସିଛି। ଅନ୍ୟ ଚାରିଟି ତ୍ରୈମାସିକରେ ଏହା ୬ ରୁ ୭ ଶତାଂଶ ମଧ୍ୟରେ ରହିଛି। ୨୦୧୪-୧୫ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଏହା ରେକର୍ଡ ୮.୪% ଅଭିବୃଦ୍ଧି ହାସଲ କରିପାରିଛି। ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ଭାରତର ଅଭିବୃଦ୍ଧିରେ କେବଳ ନିମ୍ନଗତି ପରିଲକ୍ଷିତ ହୋଇ ଏହା ୬ ଶତାଂଶକୁ ହ୍ରାସ ପାଇଛି। ଏହାର କାରଣ ପୂର୍ବରୁ ଉଲ୍ଲେଖ କରାଯାଇଛି। ବିମୁଦ୍ରାୟନ ଓ ଜିଏସ୍‌ଟି ପ୍ରବର୍ତ୍ତନ ଭଳି ନୂଆ ଆର୍ଥିକ ସଂସ୍କାର ଏବଂ ବୁନିଆଦି କ୍ଷେତ୍ର ସମୂହର ଖରାପ ପ୍ରଦର୍ଶନ ଯୋଗୁଁ ଏହା ଘଟିଛି।

ଏବେ ଅର୍ଥନୀତି ପୁନର୍ବାର ଶକ୍ତିଶାଳୀ ହୋଇଛି ଏବଂ ଉର୍ଦ୍ଧ୍ୱମୁଖୀ ହେବାକୁ ଶକ୍ତି ସଂଗ୍ରହ କରୁଛି। ବିମୁଦ୍ରାୟନ ଓ ଜିଏସ୍‌ଟି ପ୍ରବର୍ତ୍ତନ ଜନିତ ପ୍ରାରମ୍ଭିକ ସମସ୍ୟା ଓ ପ୍ରତିକୂଳ ପରିସ୍ଥିତି ସୁଧୁରି ଯାଇଛି। ବୁନିଆଦି କ୍ଷେତ୍ରର ପ୍ରଦର୍ଶନରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହେଉଛି। ଦେଶରେ ବିଦେଶୀ ପୁଞ୍ଜି ନିବେଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଉପଭୋକ୍ତାବାଦରେ ଅଗ୍ରଗତି ଘଟିଛି। ଏସବୁ ଅନୁକୂଳ ଆର୍ଥିକ ଲକ୍ଷଣକୁ ବିଚାରକୁ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ଅର୍ଥନୀତି ଖୁବ୍ ଶୀଘ୍ର ବାର୍ଷିକ ୭ ରୁ ୮ ଶତାଂଶର ଏକ ହାରାହାରି ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହେବ। ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ତାହାର ସର୍ବଶେଷ ମୁଦ୍ରାନୀତି ରିପୋର୍ଟରେ କହିଛି ଯେ ୨୦୧୭-୧୮ ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୬.୭ ଶତାଂଶ ହେବ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ଦେଶର ଅର୍ଥନୀତିର ବିଭିନ୍ନ ଲକ୍ଷଣ ଏବେ ଯାହା ରହିଛି ସେଥିରେ ଆଗାମୀ ଦିନରେ ଭାରତ ଉଚ୍ଚ ଅଭିବୃଦ୍ଧି ହାସଲ ପାଇଁ ସକ୍ଷମ। ଭାରତୀୟ ଅର୍ଥନୀତିର ଏହି ସଫଳ ଲମ୍ଫ ଲମ୍ଫ ପ୍ରଦାନକୁ ଆସନ୍ତୁ ଅପେକ୍ଷା କରିବ।

ଲେଖକ ଅର୍ଥ ମନ୍ତ୍ରଣାଳୟର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ମହାନିର୍ଦ୍ଦେଶକ।

# ଆପଣ ଜାଣନ୍ତି କି ?

ନାରୀ (NARI) (ନେଶନାଲ ରିପୋଜିଟରୀ ଅଫ୍ ଇନ୍‌ଫର୍ମେସନ୍ ଫର ଓମେନ୍) ଏକ ପୋର୍ଟାଲର ନାମ। ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ନିକଟରେ ନାରୀ ନାମରେ ଏକ ପୋର୍ଟାଲ ସେବା ଆରମ୍ଭ କରିଛନ୍ତି। ଏହା ବାସ୍ତବରେ ଏକ ଇଂରାଜୀ ନାମର ସଂକ୍ଷିପ୍ତ ପରିଚୟ। ଇଂରାଜୀରେ ଏହାକୁ ନେଶନାଲ ରିପୋଜିଟରୀ ଅଫ୍ ଇନ୍‌ଫର୍ମେଶନ ଫର ଓମେନ ପୋର୍ଟାଲ କୁହାଯାଉଛି। ଏଥିରେ ମହିଳାଙ୍କ କଲ୍ୟାଣ ପାଇଁ ସବୁ ପ୍ରକାର ତଥ୍ୟ ଓ ସୂଚନା ରହିଛି।

ଏହି ପୋର୍ଟାଲରେ ମହିଳା କଲ୍ୟାଣ ସଂକ୍ରାନ୍ତ ୩୫୦ ପ୍ରକାରର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ ଅଛି। ମହିଳାମାନେ ଏହାକୁ ନିଜର କଲ୍ୟାଣ ପାଇଁ ବ୍ୟବହାର କରିପାରିବେ। ଏହି ପୋର୍ଟାଲଟିକୁ ଉପଯୁକ୍ତ ଭାବେ ସମୟକୁ ସମୟ ଅପଡେଟ୍ କରାଯାଉଛି। ପରବର୍ତ୍ତୀ ସମୟରେ ଏହି ପୋର୍ଟାଲ କେନ୍ଦ୍ର ଓ ସବୁ ରାଜ୍ୟ ସରକାରଙ୍କ ମହିଳା ବିକାଶ ଓ ସଶକ୍ତୀକରଣ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବ। http://www.nari.nic.inରେ ଏହାକୁ ଲଗ୍ ଅନ୍ କରିହେବ। ଏହାକୁ ଲଗ୍‌ଅନ୍ କରିବା ଅତି ସହଜ।

ନାରୀ ପୋର୍ଟାଲରେ ପ୍ରଦତ୍ତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ମୁଖ୍ୟତଃ ଆଠଟି ବୃହତ୍ ବର୍ଗରେ ବିଭକ୍ତ କରାଯାଇଛି। ନିଜର ବୟସ ଅନୁସାରେ ମହିଳାମାନେ ନିଜ ପାଇଁ ଏଥିରୁ ଯୋଜନା / କାର୍ଯ୍ୟକ୍ରମ ବାଛି ପାରିବେ। ବୟସ ଅନୁସାରେ ଏଥିରେ ଚାରିଟି ଗୋଷ୍ଠୀ ରହିଛି। ସେଗୁଡ଼ିକ ହେଲା, ୫ ରୁ ୬ ବର୍ଷ, ୭ ରୁ ୧୭ ବର୍ଷ, ୧୮ରୁ ୬୦ବର୍ଷ ଓ ୬୦ବର୍ଷରୁ ଅଧିକ। ସେହିଭଳି ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଯେଉଁ ଆଠଟି ପ୍ରମୁଖ ବର୍ଗ ବା ବିଭାଗ ବ୍ୟବସ୍ଥା ହୋଇଛି ସେଗୁଡ଼ିକ ହେଲା ୧) ଶିକ୍ଷା, ୨) ସ୍ୱାସ୍ଥ୍ୟ, ୩) ନିଯୁକ୍ତି, ୪) ଆବାସ ଓ ଆଶ୍ରୟ, ୫) ମହିଳା ବିରୋଧୀ ହିଂସାର ମୁକାବିଲା, ୬) ନିଷ୍ପତ୍ତି ଗ୍ରହଣରେ ମହିଳା, ୭) ସାମାଜିକ ସହାୟତା, ୮) ଆଇନଗତ ସହାୟତା।

ସଂକ୍ଷେପରେ କହିଲେ, ଏହି ପୋର୍ଟାଲ ମହିଳାଙ୍କୁ ସେମାନଙ୍କ ସମସ୍ୟାବଳୀର ସମାଧାନ ପାଇଁ ଆବଶ୍ୟକ ସମସ୍ତ ସୂଚନା ଯୋଗାଇବ। କେନ୍ଦ୍ର ଓ ରାଜ୍ୟ ସରକାର ମହିଳାଙ୍କ ଉନ୍ନତି କଳ୍ପେ ବିଭିନ୍ନ ଆଇନ ପ୍ରଣୟନ କରି ତାହାକୁ କାର୍ଯ୍ୟକାରୀ କରୁଛନ୍ତି। ସେମାନଙ୍କୁ ସମାନ ଅଧିକାର, ଆର୍ଥିକ ସୁଯୋଗ, ସାମାଜିକ ସହାୟତା, ଆଇନଗତ ସହାୟତା, ଆବାସ ଆଦି ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି। ଏସବୁ ସତ୍ତ୍ୱେ ସଚେତନତାର ଅଭାବ ଓ ବିଭିନ୍ନ ପ୍ରତିବନ୍ଧକ ତଥା ଅସୁବିଧା ଯୋଗୁଁ ବହୁ ସଂଖ୍ୟକ ମହିଳା ଏହିସବୁ ସରକାରୀ ଯୋଜନା / କାର୍ଯ୍ୟକ୍ରମର ଲାଭ ପାଇପାରୁ ନାହାନ୍ତି। ଅନେକ ହୁଏତ ଜାଣି ନ ଥିବେ ଯେ ଦେଶର ୧୬୮ଟି ଜିଲ୍ଲାରେ ଅସୁବିଧାର ସମ୍ମୁଖୀନ ହେଉଥିବା ମହିଳାଙ୍କୁ ସହାୟତା ପ୍ରଦାନ ପାଇଁ ୱାନ ଷ୍ଟପ୍ ସେଣ୍ଟରମାନ ଖୋଲାଯାଇଛି। ଏହି କେନ୍ଦ୍ରରେ ଦୁର୍ଦ୍ଦଶାଗ୍ରସ୍ତ ମହିଳାଙ୍କୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳାଙ୍କ ନାମରେ ଘର ପଞ୍ଜୀକରଣ ପାଇଁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ଅନେକ ରାଜ୍ୟ ସରକାର କନ୍ୟା ସନ୍ତାନଙ୍କ ପାଠପଢ଼ା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ମହିଳା ଶକ୍ତି କେନ୍ଦ୍ର, ବେଟି ବଚାଓ ବେଟି ପଢ଼ାଓ, ଜନନୀ ସୁରକ୍ଷା ଯୋଜନା ଭଳି ବିଭିନ୍ନ କାର୍ଯ୍ୟକ୍ରମର ସବିଶେଷ ତଥ୍ୟ ଏହି ପୋର୍ଟାଲରୁ ସହଜରେ ମିଳିପାରିବ।

ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ସ୍ୱୟଂଶାସିତ ସଂସ୍ଥା ସହ ସମ୍ପର୍କ ସ୍ଥାପନ ଓ ସବିଶେଷ ତଥ୍ୟ ଯୋଗାଇବା ବ୍ୟତୀତ ଏହି ପୋର୍ଟାଲ ମଧ୍ୟ ଅନ୍ ଲାଇନ୍ ଆବେଦନ, ଆପତ୍ତି ଅଭିଯୋଗର ସମାଧାନ, ଉପଯୁକ୍ତ ପୁଷ୍ଟିସାଧନ, ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ସୂଚନା, ବିଭିନ୍ନ ବ୍ୟାଧି ସମ୍ପର୍କରେ ତଥ୍ୟ ପ୍ରଦାନ, ନିଯୁକ୍ତି ଖବର, ସାକ୍ଷାତକାର, ସଞ୍ଚୟ ଓ ପୁଞ୍ଜି ନିବେଶ ଆଦି ସମ୍ପର୍କରେ ତଥ୍ୟ ଦେଇଥାଏ। ମହିଳାଙ୍କ ନିରାପତ୍ତା, ପୋଷ୍ୟ ସନ୍ତାନ ଗ୍ରହଣ ଓ ସରକାରୀ ଯୋଜନାର ପ୍ରତ୍ୟକ୍ଷ ଲାଭ ଆଦି ସମ୍ପର୍କରେ ଆବଶ୍ୟକ ତଥ୍ୟ ଯୋଗାଉଛି।

ଏହି ପୋର୍ଟାଲର ଏକ 'ନଲେଜ କର୍ଣ୍ଣର' ରହିଛି। ଅନ୍ୟତ୍ର ଚିତ୍ରରେ ଉଲ୍ଲେଖ କରାଯାଇଥିବା ପଦ୍ଧତି ଅନୁସରଣ କରି ବ୍ୟବହାରକାରୀ ବିଭିନ୍ନ ବିଷୟରେ ତଥ୍ୟ ହାସଲ କରିପାରିବ। ଏହି ପୋର୍ଟାଲରୁ ଭୋଟର ପରିଚୟପତ୍ର, ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ପାସପୋର୍ଟ ପାଇଁ ଆବେଦନ କରିବା, ଅର୍ଥ ଜମା ଓ ନିବେଶ ସଂକ୍ରାନ୍ତ ତଥ୍ୟ ଏବଂ ମାତୃତ୍ୱଜନିତ ଛୁଟି ଓ ଅନ୍ୟାନ୍ୟ ମୌଳିକ ମହିଳା ଅଧିକାର ସଂକ୍ରାନ୍ତ ତଥ୍ୟାବଳୀ ମିଳିପାରିବ।

ବେଟି ବଚାଅ ବେଟି ପଢ଼ାଅ, ପୋଷ୍ୟ ସନ୍ତାନ ଓ ସେମାନଙ୍କ ଯତ୍ନ ଆଦି ସରକାରୀ କାର୍ଯ୍ୟକ୍ରମ ବିଷୟରେ ଜାଣିବା ପାଇଁ ପୋର୍ଟାଲରେ 'ଗେଟ୍ ଇନଭଲଭ୍ଡ' ନାମକ ଏକ ବିଭାଗ ରହିଛି। ସେହିଭଳି ମହିଳା ବିରୋଧୀ ଅପରାଧ ସଂକ୍ରାନ୍ତ ସବିଶେଷ ତଥ୍ୟ, ରିପୋର୍ଟିଂ ଧାରା, ଲିଗାଲ୍ ଏଡ୍ ସେଲ ସହିତ ଯୋଗାଯୋଗ ଆଦି ପାଇଁ ସହଜ ବ୍ୟବହାର ସୁବିଧା ରହିଛି।

**ସାମ୍ପ୍ରତିକୀ**

# ଶିଖରଚଣ୍ଡୀ ନଗରରେ ସାଧାରଣ ଜନତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଶୁଣିଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ରାଜଧାନୀ ଭୁବନେଶ୍ୱର ପଟିଆସ୍ଥିତ ଶିଖରଚଣ୍ଡୀ ଅଞ୍ଚଳରେ ସାଧାରଣ ଜନତାଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଶୁଣିଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମନ କି ବାତ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ଦେଶକୁ ସକାରାତ୍ମକ ମନୋବୃତ୍ତି ତିଆରି କରିବାକୁ ନେତୃତ୍ୱ ନେଇଛନ୍ତି ବୋଲି ସେ କହିଛନ୍ତି।

ତେଣୁ ଜନସାଧାରଣ ତାଙ୍କୁ ସଂପୂର୍ଣ୍ଣ ସହଯୋଗ ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି। ଏହି ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମହିଳା ସଶକ୍ତିକରଣ, ଲୋକମାନଙ୍କର ପଦ୍ମ ସମ୍ମାନ ଆଦି ବିଷୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଓଡିଶାର ପାଂଚ ଜଣଙ୍କୁ ଏଥର ପଦ୍ମ ସମ୍ମାନ ପାଇଁ ଚୟନ କରାଯାଇଛି। ଏଥିପାଇଁ ଶ୍ରୀ ପ୍ରଧାନ ଓଡିଶା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସରକାରରେ ଉତ୍ତମ କାର୍ଯ୍ୟ ପାଇଁ ସାଧାରଣ ଲୋକମାନଙ୍କୁ ମଧ୍ୟ ପଦ୍ମ ପୁରସ୍କାର ପ୍ରଦାନ କରାଯାଉଛି ବୋଲି ସେ କହିଥିଲେ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶକୁ ଆଗକୁ ନେବାକୁ ହେଲେ ସେମାନଙ୍କୁ ଏକ ସୂତ୍ରରେ ବାନ୍ଧିବାକୁ ପଡିବ। ଭାରତୀୟ ଜନତା ପାର୍ଟି ପକ୍ଷରୁ ୩୬ ହଜାର ବୁଥରେ ଓ ଆଗାମୀ ଦିନରେ ରାଜ୍ୟର ୫୦ ହଜାର ଗାଁରେ ଏକାଠି ମିଶି ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଶୁଣିବାର ଅଭିଯାନ ଆରମ୍ଭ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ସାମ୍ପ୍ରତିକୀ

# ଡାଭୋସରେ ବିଶ୍ୱ ଆର୍ଥିକ ସମ୍ମିଳନୀ



ସ୍ୱିଜରଲ୍ୟାଣ୍ଡର ଡାଭୋସଠାରେ ଦକ୍ଷତା ବିକାଶ ପାଇଁ ଭାରତରେ ଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ୱିଜରଲ୍ୟାଣ୍ଡର ଡାଭୋସ ଠାରେ ବିଶ୍ୱ ଆର୍ଥିକ ସମ୍ମିଳନୀରେ ଦକ୍ଷତା ବ୍ୟବଧାନକୁ କମ କରିବା ଶୀର୍ଷକ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତର ଜନସଂଖ୍ୟା ମଧ୍ୟରେ ଯୁବଗୋଷ୍ଠୀଙ୍କ ସଂଖ୍ୟା ଖୁବ ଅଧିକ । ଭାରତ ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କରିଛି ଓ ଯୁବ ଶକ୍ତିର ଦକ୍ଷତା ବିକାଶ କରା ଯାଉଛି । ଭାରତ ସରକାର ସ୍କିଲ ଇଣ୍ଡିଆ କାର୍ଯ୍ୟକ୍ରମରେ ୫ କୋଟି ଲୋକଙ୍କର ଦକ୍ଷତା ବିକାଶ ପାଇଁ ହାତକୁ ନେଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଡେନମାର୍କର ପ୍ରଧାନମନ୍ତ୍ରୀ, ଯୁକ୍ତରାଷ୍ଟ୍ର ଆମେରିକା, ନେଦରଲ୍ୟାଣ୍ଡ, ସିଙ୍ଗାପୁର, ୟୁଏଇ, ଓମାନ ଓ ଦକ୍ଷିଣ ଆଫ୍ରିକାର ଦକ୍ଷତା, ଶ୍ରମ ଓ ଯୋଜନା ମନ୍ତ୍ରୀମାନଙ୍କ ସହ ଭାରତ ସରକାର ହାତକୁ ନେଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଶ୍ୱ ଆର୍ଥିକ ସମ୍ମିଳନୀ ଅବସରରେ 'ଇନଭେଷ୍ଟ ଇଣ୍ଡିଆ' ପକ୍ଷରୁ 'ସ୍କିଲିଂ ଇନ ଡିଜିଟାଲ ୱର୍ଲ୍ଡ' ଶୀର୍ଷକ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଉଦ୍‌ବୋଧନ ଦେଇ ସମାଜର ସମସ୍ତ ବର୍ଗଙ୍କ ପାଇଁ ଡିଜିଟାଲ ସ୍କିଲ ଡେଭ୍‌ଲପ୍‌ମେଣ୍ଟ୍ କାର୍ଯ୍ୟକ୍ରମ ସମ୍ପର୍କରେ ସରକାରଙ୍କ ନୀତି ଓ ସଫଳତା ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ନେତୃତ୍ୱରେ ଏହି ବିଶାଳ କାର୍ଯ୍ୟ ପୂରା ହେଉଛି ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଥିଲେ।

# ସାଧାରଣତନ୍ତ୍ର ଦିବସରେ ଦୁଃସାହସିକ କଳାପ୍ରଦର୍ଶନ କରିଥିବା ଓଡିଆ ଝିଅମାନଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସାଧାରଣତନ୍ତ୍ର ଦିବସରେ ମୋଟର ସାଇକେଲ ଚଲାଇ ଦୁଃସାହସିକ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିବା ସୀମା ଭବାନୀ ଗ୍ରୁପର ୬ ଜଣ ଓଡିଆ ଝିଅ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ବିଏସଏଫରେ କାମ କରୁଥିବା ଓଡିଆ ଝିଅ ମୀତା, ଅନୁସୟା, ସୁକାମିନି, କ୍ରିଷ୍ଣା, ସୁବନ୍ତୀ ଓ ବନୀତାଙ୍କୁ ସାକ୍ଷାତ କରି ଏହି ଝିଅମାନେ ସେମାନଙ୍କର ଦୁଃସାହସିକ କଳା ନୈପୁଣ୍ୟ ମାଧ୍ୟମରେ ଗଣତନ୍ତ୍ର ଦିବସରେ ଯେଉଁ ଇତିହାସ ରଚିଛନ୍ତି ତାହା ଆମ ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଓଡିଆ ଝିଅମାନେ ସେମାନଙ୍କର କଠିନ ପରିଶ୍ରମ, ସାହସ ଓ ଦୁଃସାହସିକ କଳା, ନୈପୁଣ୍ୟ ଦ୍ୱାରା ରାଜଧାନୀ ରାଜରାସ୍ତାରେ ସମଗ୍ର ଭାରତ ଓ ବିଶ୍ୱର ଯେଉଁ ଦୃଷ୍ଟି ଆକର୍ଷଣ କରିଛନ୍ତି ତାହା ଅତ୍ୟନ୍ତ ସାହସିକତାର ପରିଚୟ ପ୍ରଦାନ କରିଛି। ଶ୍ରୀ ପ୍ରଧାନ କହିଛନ୍ତି ଓଡିଶାର ଏହି ସୁଯୋଗ୍ୟା ଝିଅ ମାନେ ଦେଶର ସୀମାକୁ ସୁରକ୍ଷା ଦେବା ପାଇଁ ଅନନ୍ୟ ସାହାସର ପ୍ରଦର୍ଶନ କରିଛନ୍ତି। ସେମାନଙ୍କର ସାହାସ ଓ ଦେଶ ପାଇଁ ତ୍ୟାଗ କରିବାର ସତସାହାସ ପାଇଁ ଶ୍ରୀ ପ୍ରଧାନ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସାମ୍ପ୍ରତିକୀ

# ସାହସୀ ଓଡିଆ ପିଲା ପଙ୍କଜ ଓ ମମତାଙ୍କୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବର୍ଦ୍ଧନା



ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସାହସିକତା ପୁରସ୍କାରରେ ସମ୍ମାନିତ ହୋଇଥିବା ଦୁଇ ଛୋଟ ପିଲା କେନ୍ଦୁଝରର ପଙ୍କଜ କୁମାର ମହାନ୍ତ ଓ କେନ୍ଦ୍ରାପଡାର ମମତା ଦଳାଇଙ୍କୁ ସମ୍ମାନିତ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ସାହସୀ ଦୁଇ ଓଡିଆ ପିଲା ସାରା ଦେଶରେ ଓଡ଼ିଶାର ସମ୍ମାନ ବଢାଇବା ସହ ରାଜ୍ୟ ଓ ଦେଶର ସବୁ ପିଲା ମାନଙ୍କ ପାଇଁ ଆଦର୍ଶ ଓ ଅନୁକରଣର କେନ୍ଦ୍ରବିନ୍ଦୁ ହୋଇପାରିଛନ୍ତି ବୋଲି ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୩ ବର୍ଷର ପଂକଜ ବୈତରଣୀ ନଦୀରେ ବୁଡି ଯାଉଥିବା ତିନି ଜଣ ମହିଳାଙ୍କ ଜୀବନ ବଂଚାଇଥିବା ବେଳେ ୬ ବର୍ଷୀୟା ମମତା କୁମ୍ଭୀର ମୁହଁରୁ ନିଜ ଭଉଣୀକୁ ବଂଚାଇବା ଭଳି ସାହସିକ କାର୍ଯ୍ୟ କରିଥିଲେ ।

# କେନ୍ଦ୍ର ସରକାରଙ୍କ ବଜେଟରୁ ସବୁଠାରୁ ଅଧିକ ଲାଭବାନ ହେବ ଓଡ଼ିଶା: ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ସରକାରଙ୍କ ବଜେଟରୁ ସବୁଠାରୁ ଅଧିକ ଓଡ଼ିଶା ଲାଭବାନ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅର୍ଥମନ୍ତ୍ରୀ ଶ୍ରୀ ଅରୁଣ ଜେଟଲୀଙ୍କ ଦ୍ୱାରା ଆଗତ ବଜେଟ ସମୟ ଉପଯୋଗୀ ଓ ଭାରତର ମୂଳ ସମସ୍ୟାକୁ ସମାଧାନ ପାଇଁ ଉଦ୍ଦିଷ୍ଟ ଥିବା ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାଗ ଚାଷୀଙ୍କୁ ସରକାରୀ ଋଣ ମିଳିବା, ଓଡିଶା ଭଳି ରାଜ୍ୟରେ ଏକ ପ୍ରମୁଖ ସମସ୍ୟା । ମାତ୍ର କେନ୍ଦ୍ରଅର୍ଥ ଶ୍ରୀ ମନ୍ତ୍ରୀ ଅରୁଣ ଜେଟଲୀ ଭାଗଚାଷୀଙ୍କୁ ସରକାରୀ ଋଣ ମିଳିବାର ବ୍ୟବସ୍ଥା ଏହି ବଜେଟରେ କରି ଓଡିଆ ଭାଗ ଚାଷୀଙ୍କୁ ସହଯୋଗର ହାତ ବଢାଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଯେ କୃଷି, ଗ୍ରାମୀଣ ବିକାଶ, ଲଘୁ, ମଧ୍ୟମ ଶିଳ୍ପ, ରୋଜଗାର, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଶ୍ରୀ ଅରୁଣ ଜେଟଲୀଙ୍କ ବଜେଟରେ ପ୍ରାଥମିକତା ଦିଆ ଯାଇଛି । କୃଷି, ଗ୍ରାମୀଣ ବିକାଶ କ୍ଷେତ୍ରରେ ଚଳିତ ବଜେଟରେ ସାଢେ ୧୪ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହେବା ଏକ ସାର୍ବଜନୀନ ରେକର୍ଡ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କୃଷି ଓ କୃଷକଙ୍କୁ ପ୍ରାଥମିକତା ଦେଇ କୃଷି ଜାତ ଦ୍ରବ୍ୟର ଉତ୍ପାଦନ ମୂଲ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ ଗୁଣ କରିବା ପାଇଁ ନିଷ୍ପତ୍ତି ଯୁଗାନ୍ତକାରୀ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଅନୁସୂଚିତ ଜାତି, ଜନଜାତି,ଗ୍ରାମୀଣ ଭିତିଭୂମି ପାଇଁ ଥିବା ଅର୍ଥ ବ୍ୟୟବରାଦ ଓଡିଶା ଭଳି କୃଷି ଭିତିକ ଗ୍ରାମୀଣ ଅର୍ଥନୀତି ପାଇଁ ବିଶେଷ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।


ପ୍ରକାଶନ ବିଭାଗ ପାଖରେ ରହିଛି ୨୦୦ରୁ ଊର୍ଦ୍ଧ୍ୱ ଇ-ପୁସ୍ତକ
ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ
ବିକ୍ରୟ :
play. google.com
kobo.com
amazon.in
BUILDERS OF MODERN INDIA
Lokmanya Bal Gangadhar Tilak
THE GOSPEL OF BUDDHA
SARDAR PATEL
A PICTORIAL BIOGRAPHY
GREAT MEN GREAT DEEDS
AFTER PARTITION
ऐसे थे बापू
विवेकानन्द चित्रावली
BELIEF IN THE BALLOT
LEGENDS OF INDIAN SILVER SCREEN
Art & Science of PLAYING TABLA
Vijay Shanker Mishra
ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଇ-ପୁସ୍ତକ ସମ୍ପର୍କିତ ସମ୍ପୂର୍ଣ୍ଣ ସୂଚୀ: Publicationsdivision.nic.inରେ ଉପଲବ୍ଧ

**YOJANA (Odia) : Monthly** **February 2018** **RNI No. 57203/93**
ISSN 0971-8346 Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

*ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

*ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash